
Volume : 1 • Issue : 5 • July 2022 • Monthly • Price : ₹ 30 • Bhubaneswar
ଭାଗ : ୧ • ସଂଖ୍ୟା : ୫ • ଜୁଲାଇ ୨୦୨୨ • ମାସିକ • ମୂଲ୍ୟ : ₹ ୩୦ • ଭୁବନେଶ୍ୱର

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA



Vol-1 • Issue-5 • July 2022 • Monthly • Rs. 30 • 64 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା
SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

www.sahityacharcha.com

ଭାଗ-୧ • ସଂଖ୍ୟା-୫ • ଜୁଲାଇ ୨୦୨୨ • ମାସିକ • ଟ.୩୦ • ୬୪ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥୀ**
**ପ୍ରଶାନ୍ତ ଭୂୟାଁ**

ପରିଚାଳନା ନିର୍ବାହୀ
**ବିକାଶ ମହାପାତ୍ର**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ୍ଟ
**ବଳଦେବ ମହାରଥୀ**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail : info@sahityacharcha.com**

**RNI Regd. No. : ODIODI/2022/81590**

**ମୂଲ୍ୟ : ଟ. ୩୦/-**

## ।। ସୂଚୀ ।।


ପାଠକଙ୍କ ମତାମତ : ୦୨
ସାହିତ୍ୟ ସେବା - ଜଗନ୍ନାଥ ସେବା (ସଂପାଦକୀୟ) ୦୩
ସାହିତ୍ୟର ଅନ୍ଦରମହଲ (ବ୍ୟଙ୍ଗ ଚିତ୍ର) : ଅମର ସ୍ୱାଇଁ ୦୪
ପଞ୍ଚସଖା ସାହିତ୍ୟରେ ଜଗନ୍ନାଥ ତତ୍ତ୍ୱ (ପ୍ରବନ୍ଧ) : ରମାକାନ୍ତ ନାୟକ ୦୫
ନିଷ୍ପ୍ରତିଭ ସ୍ୱର (ଗଳ୍ପ) : ସୁଶୀଳ କୁମାର ନନ୍ଦ ୧୦
ଷାଠିଏ ପଉଟି ଭୋଗରୁ ତୁମର (ରମ୍ୟରଚନା) : ଡ. ଧର୍ମଚ୍ଛଡା ୧୨
ଦିବ୍ୟ ଦର୍ଶନ (କବିତା) : କୁଳମଣି ଓଝା ୧୫
ରଥୋତ୍ସବର ଆଦ୍ୟରୂପ (ପ୍ରବନ୍ଧ): ଦୋଳଗୋବିନ୍ଦ ବିଶୀ ୧୬
ସିଏ ପରା ଜଗନ୍ନାଥ ! (ବ୍ୟଙ୍ଗ): ଅଭୟ ଦାଶ ୨୧
'ଜଗଦୀଶ୍ ବିଲାସ୍' କାବ୍ୟ (ସମାଲୋଚନା): ଭବାନୀଶଙ୍କର ମିଶ୍ର ୨୩
ସମୁଦ୍ର କୂଳରେ ସେ କିଏ ? (ଅନୁଭୂତି): ସନ୍ତୋଷ ପଟ୍ଟନାୟକ ୨୬
ପୁରାତନ ଓଡ଼ିଆ କାବ୍ୟରେ ଶ୍ରୀଜଗନ୍ନାଥ (ପ୍ରବନ୍ଧ): ପ୍ରଫୁଲ୍ଲ କୁମାର ସାହୁ ୩୦
ଦେହାନ୍ତର (କବିତା) : ଜାନକୀ ବଲ୍ଲଭ ଦାଶ ୩୫
ଭାଷା ପରମ୍ପରା ଓ ଓଡ଼ିଆ ଭାଷା (ପ୍ରବନ୍ଧ): ବିଜୟଲକ୍ଷ୍ମୀ ମହାନ୍ତି ୩୬
ଫିଟିଗଲା ଆଲୁଅ (ଗଳ୍ପ): ଦ୍ୱିତୀ ଚନ୍ଦ୍ର ସାହୁ ୪୧
ମଧ୍ୟଯୁଗୀୟ କବି ନରସିଂହ ସେଣଙ୍କ କାବ୍ୟ (ପ୍ରବନ୍ଧ): ଅଶୋକ ପଣ୍ଡା ୪୫
ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସହ ଏକ ଆଳାପ (ସାକ୍ଷାତକାର) ୪୯
କେଇପଦ ସମ୍ବଲପୁରୀ (କବିତା): ପ୍ରଫୁଲ୍ଲ କୁମାର ତ୍ରିପାଠୀ ୫୩
ପ୍ରାଚୀନ ଓ ଆଧୁନିକ ଭଜନରେ ଶ୍ରୀଜଗନ୍ନାଥ (ପ୍ରବନ୍ଧ): କୃଷ୍ଣ ଚନ୍ଦ୍ର ରଥ ୫୪
ହଜିଯାଇଥିବା ମାନଚିତ୍ର (ଗଳ୍ପ): ଚୌଧୁରୀ ବରଦାପ୍ରସନ୍ନ ଦାସ ୫୭
ଶିକାରୀ ବୁଢ଼ା ବଦଳିଗଲା (ଶିଶୁ ଗଳ୍ପ): ପ୍ରେମାନନ୍ଦ ନାୟକ ୬୦
ଦିବ୍ୟ ଅନୁଭୂତି (ପୁସ୍ତକ ସମୀକ୍ଷା): ନିହାର ଶତପଥୀ ୬୨
ସାହିତ୍ୟ ସମାଚାର ୬୩
କୁମ୍ଭିଳକ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୪

# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା'ର ଜୁନ ୨୦୨୨ ସଂଖ୍ୟାକୁ ପଢି ମୁଁ ମୋର ଅନୁଭୂତି ପ୍ରକାଶ ନ କରି ରହି ପାରୁ ନାହିଁ। ବାସ୍ତବରେ ଏହି ପତ୍ରିକାରେ ଭାଷା-ସାହିତ୍ୟ, ଗଳ୍ପ, ପ୍ରବନ୍ଧ, ଶିଶୁ ସାହିତ୍ୟ, ଭ୍ରମଣ କାହାଣୀ, ଆତ୍ମ ଜୀବନୀ ଆଦିର ଏକ ସାରସ୍ୱତ ସଂଗମ ଘଟିଛି। ସମସ୍ତ ଲେଖା ଅତ୍ୟନ୍ତ ହୃଦୟସ୍ପର୍ଶୀ। ଏଥି ମଧ୍ୟରେ 'ଓଡ଼ିଆ ସାହିତ୍ୟର ସାଂପ୍ରତିକ ସ୍ଥିତି ପାଇଁ ଦାୟୀ କିଏ?' (ପ୍ରବନ୍ଧ), 'ଚିତ୍ରକାର' (ଗଳ୍ପ), 'ଚତୁର୍ଥ ଶ୍ରେଣୀ ର ସେହି ଝିଅଟି' (ଶିଶୁ ଗଳ୍ପ), ଏବଂ 'ସାରସ୍ୱତ ସାଧକ ରଜତ କର' (ପ୍ରବନ୍ଧ), ବିଶେଷ ଭାବରେ ଉଲ୍ଲେଖନୀୟ। ଏଭଳି ସ୍ତରର ଲେଖା ମାଧ୍ୟମରେ ଆମେ ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଜାତିକୁ ବିଶ୍ୱ ଦରବାରରେ ପରିଚିତ କରାଇ ପାରିବା, ତଥା ଆମର ଆଗାମୀ ପିଢ଼ିକୁ ଓଡ଼ିଆ ଭାଷାର ଉନ୍ନତି ପାଇଁ ପଥ ପ୍ରଦର୍ଶନ କରାଇ ପାରିବା।

ବନ୍ଦେ ଉତ୍କଳ ଜନନୀ।

**ଅମରେନ୍ଦ୍ର ମହାପାତ୍ର**
amarendra883@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ଏହି ପତ୍ରିକାର ମୁଁ ଜଣେ ନିୟମିତ ପାଠକ ହୋଇଥିବାରୁ ଗର୍ବିତ। ଏଥର ଜୁନ୍ ମାସର ସଂଖ୍ୟାଟି ଅତ୍ୟନ୍ତ ମନଛୁଆଁ ହୋଇଛି। ଓଡ଼ିଆ ସାହିତ୍ୟର ସାଂପ୍ରତିକ ସ୍ଥିତି ସମ୍ପର୍କରେ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କର ପ୍ରବନ୍ଧ ଆମ ସାହିତ୍ୟ ଜଗତର ଆଖି ଖୋଲିଦେବା ଉଚିତ୍। ପ୍ରଫେସର ଉଦୟନାଥ ସାହୁଙ୍କର 'ସୃଜନଶୀଳତା ଓ ମାନବବାଦ' ପ୍ରବନ୍ଧ ମଧ୍ୟ ଉଚ୍ଚମାନର। ଓଡ଼ିଶାରେ କିସାନ ନାମକ ଏକ ଭାଷା ଓ ସାହିତ୍ୟ ଥିବା କଥା ଆମେ ଜାଣି ନ ଥିଲୁ। ଏହି ବିଷୟରେ ଲେଖିଥିବାରୁ ଶ୍ରୀ ରମେଶଚନ୍ଦ୍ର କିସାନ୍‌ଙ୍କୁ ଅନେକ ଧନ୍ୟବାଦ। ଡ. ଅଶୋକ କୁମାର ପଣ୍ଡା ପ୍ରତି ମାସରେ ଓଡ଼ିଆ ସାହିତ୍ୟର ବିସ୍ମୃତ ସାରସ୍ୱତ ସ୍ରଷ୍ଟାମାନଙ୍କ ବିଷୟରେ ଧାରାବାହିକ ପ୍ରବନ୍ଧମାନ ଲେଖି ସେମାନଙ୍କ ବିଷୟରେ ସଚେତନତା ସୃଷ୍ଟି କରୁଛନ୍ତି। ଏହି ସଂଖ୍ୟାରେ ପ୍ରକାଶିତ ଗଳ୍ପ ଓ କବିତାଗୁଡ଼ିକ ମଧ୍ୟ ବେଶ୍ ହୃଦୟଗ୍ରାହୀ ହୋଇପାରିଛି।

**ରାକେଶ କୁମାର ମହାପାତ୍ର**
mohapatrarakeshkumar7@gmail.com

ଚର୍ଚ୍ଚା କହିଲେ ବିଭିନ୍ନ ଅର୍ଥ ବୁଝାଏ। ମାତ୍ର ମୁଁ ଏଠାରେ ସେହି ଚର୍ଚ୍ଚାର କଥା କହୁଛି ଯାହା ଆମେ ପ୍ରତି ମାସ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ପୃଷ୍ଠାରେ ପଢିବାକୁ ପାଉ। ଏହା କେବଳ ଗୋଟେ ପତ୍ରିକା ନୁହେଁ ଓଡ଼ିଶାର ସାହିତ୍ୟ, ପରମ୍ପରା, ଐତିହ୍ୟ ଏବଂ ଓଡ଼ିଆ ଭାଷା ପ୍ରତିଥିବା ଲୋକଙ୍କର ଭାବନାର ଏକ ସାର୍ଥକ ପ୍ରତିଫଳନ। ତେବେ ଏହି ଭଲ ପାଇବାକୁ ସମସ୍ତଙ୍କ ମନରେ ଉଦ୍‌ଜୀବିତ କରି ରଖିବାପାଇଁ ସାହିତ୍ୟ ଚର୍ଚ୍ଚା ପତ୍ରିକାର ଏ ଯେଉଁ ଅଭିନବ ପ୍ରୟାସ ତାହା ନିଶ୍ଚିତ ଭାବରେ ଆହୁରି ଲୋକପ୍ରିୟତା ହାସଲ କରିବ, ଏହା ମୋର ଦୃଢ ବିଶ୍ୱାସ।

ଏଭଳି ଉଚ୍ଚକୋଟୀର ଲେଖାକୁ ଆପଣ ନିଜର ପତ୍ରିକାରେ ସ୍ଥାନ ଦେଉଥାନ୍ତୁ ଏବଂ ପ୍ରତ୍ୟେକ ପାଠକ ଏହା ସବୁ ପଢି ଅନୁପ୍ରାଣିତ ହୁଅନ୍ତୁ।

**ଦିପ୍ତିମୟୀ ନାୟକ**
diptimayeenayak306@gmail.com

ଓଡ଼ିଆ ସାହିତ୍ୟ ଜଗତରେ ୨୦୨୧ ମସିହାରେ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ପ୍ରବେଶ ଏକ ଶୁଭ ସଂକେତ। କ୍ଷୁଦ୍ର କଳେବର ବିଶିଷ୍ଟ ଏହି ପ୍ରତିକାରେ ପ୍ରାଚୀନ ଯୁଗଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ କ୍ଷୁଦ୍ର କ୍ଷୁଦ୍ର ପ୍ରବନ୍ଧ-ସମାଲୋଚନା ପ୍ରକାଶିତ ହେଉଛି। ଏବଂ ଏହା ପତ୍ରିକାର ଗୁଣାତ୍ମକ ବିଚାରବୋଧକୁ ପ୍ରତିପାଦିତ କରେ। ଗଳ୍ପ, କବିତା, ସାଲୋଚନା, ପୁସ୍ତକ ସମୀକ୍ଷା, ସାହିତ୍ୟ ସମାଚାର ଏବଂ ପ୍ରାୟ ପ୍ରତିଟି ସଂଖ୍ୟାରେ ସ୍ଥାନିତ ଜଣେ ଜଣେ ବିଶିଷ୍ଟ ଲେଖକଙ୍କ ସହ ସାକ୍ଷାତକାର ଏହାର ରୁଚିବୋଧକୁ ସାହିତ୍ୟାନୁରାଗୀ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବାକୁ ସାମର୍ଥ୍ୟ ରଖେ।

**ଡ. ବ୍ରହ୍ମାନନ୍ଦ ଖୁଣ୍ଟିଆ**
khuntia.brahmananda56@gmail.com

# ସାହିତ୍ୟ ସେବା - ଜଗନ୍ନାଥ ସେବା

ସଂପାଦକୀୟ

ଓଡିଆ ଜାତି ଯେ ସ୍ୱଭାବତଃ ଜଗନ୍ନାଥ-ମନସ୍କ, ଏଥିରେ ଦ୍ୱିମତ ନାହିଁ। ଆମର ତନ, ମନ, ଆଚାର, ବିଚାର, ନୃତ୍ୟ, ସଂଗୀତ, ଭାବ ଓ ସ୍ୱଭାବ ଆଦି ସମସ୍ତ ସ୍ତରରେ ଶ୍ରୀ ଜଗନ୍ନାଥ, ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ, ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇରହିଥାଆନ୍ତି। ଓଡ଼ିଆ ସ୍ୱୟଂ ଜଗନ୍ନାଥଙ୍କୁ ନିଜର ନେତା ବୋଲି ସ୍ୱୀକାର କରିଥାଏ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଭାଷାରେ, 'ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ।'

ରାଜସ୍ଥାନ ପ୍ରଦେଶରେ ଜନ୍ମିତ ଜଣାଶୁଣା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ (ବର୍ତ୍ତମାନର ରେଳବାଇ ମନ୍ତ୍ରୀ), ନିଜ ଚାକିରୀ ଜୀବନର ସ୍ୱଳ୍ପ କାଳ ଓଡିଶାରେ କଟାଇବା ପରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଏପରି ପ୍ରଗାଢ଼ ଭାବରେ ଭଲ ପାଇବସିଲେ ଯେ କିଛି ବର୍ଷ ତଳେ ଯେତେବେଳେ ସେ ନିର୍ବାଚିତ ହୋଇ ରାଜ୍ୟସଭାକୁ ଗଲେ ସେତେବେଳେ ଜାତୀୟ ପାର୍ଲିଆମେଣ୍ଟରେ ନିଜର ପ୍ରଥମ ଅଭିଭାଷଣରେ ଦୃପ୍ତ କଣ୍ଠରେ ଘୋଷଣା କରିଥିଲେ, 'ମୁଁ ଏଭଳି ଏକ ରାଜ୍ୟରୁ ନିର୍ବାଚିତ ହୋଇ ଆସିଥିବାରୁ ଗର୍ବିତ ଯାହାର ଭାଷା ହେଉଛି ସ୍ୱୟଂ ଜଗନ୍ନାଥଙ୍କର ଭାଷା। ଓଡ଼ିଆ ସାଧାରଣ ଭାଷାଟିଏ ନୁହେଁ, ବରଂ ଏକ ଦେବ-ଭାଷା।'




ଆଜିର ରଥଯାତ୍ରା ଅବସରରେ ତାଙ୍କର ଏହି ବକ୍ତବ୍ୟକୁ ସ୍ମରଣକୁ ଆଣିବା ବେଳେ ଆମର ହୃଦବୋଧ ହେଉଛି ଯେ କେବଳ ଭାଷା କାହିଁକି, ଆମର ତତ୍ ସଂଶ୍ଳିଷ୍ଟ ସାହିତ୍ୟ ମଧ୍ୟ ଜଗନ୍ନାଥଙ୍କର; ଏବଂ ଏବେ ଯେଉଁ ଅଗଣିତ କବି ଓ ଲେଖକମାନେ ଓଡ଼ିଆ ସାହିତ୍ୟର ସେବାରେ ବ୍ରତୀ ଅଛନ୍ତି ସେମାନେ ସମସ୍ତେ ଏତଦ୍ୱାରା ସେହି ପରମ କାରୁଣିକ ମହାପ୍ରଭୁଙ୍କ ସେବାରେ ହିଁ ବିନିଯୁକ୍ତ ଅଛନ୍ତି।

ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଆ ସାହିତ୍ୟର ପରିଚୟ ନାହିଁ। ପଞ୍ଚଦଶ ଶତାବ୍ଦୀରେ ଆଦିକବି ସାରଳା ଦାସ ଯେତେବେଳେ ଓଡ଼ିଆ ଭାଷାରେ ମହାଭାରତ ଗ୍ରନ୍ଥର ରୂପାୟନ କଲେ ସେତେବେଳେ ସେ ପୁରାତନ ସଂସ୍କୃତ ମହାଭାରତରେ ବର୍ଣ୍ଣିତ କେତେକ ପ୍ରକରଣରେ ସାମାନ୍ୟ ପରିବର୍ତ୍ତନ ଆଣି ସେଥିରେ ଜଗନ୍ନାଥପ୍ରାଣତାର ସଂଯୋଗ ଘଟାଇଥିଲେ। ଶ୍ରୀକୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ ସମୁଦ୍ର ଗର୍ଭରେ ନିପତିତ ହେବାପରେ ପୁରୀର ମହୋଦଧିକୁ ଦାରୁ ରୂପରେ ଭାସିଆସି ଉତ୍କଳରେ ଶ୍ରୀ ଜଗନ୍ନାଥ ତତ୍ତ୍ୱର ସୂତ୍ରପାତ ଘଟାଇଥିବା କଥା ସେ ନିଜର ରଚନାରେ ବର୍ଣ୍ଣନା କରିଛନ୍ତି। ସେହିପରି ପରବର୍ତ୍ତୀ କାଳରେ ପଞ୍ଚସଖା ଯୁଗର କବିମାନେ ମଧ୍ୟ ନିଜସ୍ୱ ଭକ୍ତିମାର୍ଗରେ ସେହି ଦାରୁବ୍ରହ୍ମଙ୍କ ମହିମାଗାନରେ ଶତମୁଖ ହୋଇଉଠିଛନ୍ତି। ଅବଧି ଆମର କାବ୍ୟ, କବିତା, ପ୍ରବନ୍ଧ, ଗଳ୍ପ ଆଦିରେ ମଧ୍ୟ ସେହି ଜଗନ୍ନାଥ-ମନସ୍କତାର ପ୍ରଭାବ ବହୁବିଧ ରୂପରେ ଦେଖିବାକୁ ମିଳେ। ଓଡ଼ିଆ ଭଜନ ଓ ଜଣାଣ ଆମର କଳା ଠାକୁରଙ୍କ ପରମ ପ୍ରିୟ। ଭକ୍ତର ଭାବନା ତାଙ୍କ ସମୀପରେ ପହଞ୍ଚେ ଆମର ଭାଷା ଓ ସାହିତ୍ୟ ଜରିଆରେ। ଏଣୁ କୁହାଯାଏ ଯେ ଓଡ଼ିଆ ଭାଷା ହେଉଛି ତାହାଙ୍କର ଅତି ପ୍ରିୟ।

ଏହି ପ୍ରେକ୍ଷାପଟରେ ସାହିତ୍ୟର ରଚନା ଓ ପ୍ରସାରରେ ନିମଗ୍ନ ଓଡିଶାର ସାରସ୍ୱତ ସ୍ରଷ୍ଟାମାନେ ନିଜର ସାହିତ୍ୟ ସାଧନାକୁ ଜଗନ୍ନାଥ ଉପାସନାର ଏକ ପନ୍ଥା ଭାବରେ ବରି ନେବା ବିଧେୟ। ଯେତେବେଳେ ସାହିତ୍ୟ ଐଶ୍ୱରୀୟ ଅନୁପ୍ରେରଣାର ଏକ ମାଧ୍ୟମ ହୋଇଯାଏ ସେତେବେଳେ ଅନ୍ତର୍ହିତ ହୁଏ ମନୁଷ୍ୟର ଅଭ୍ୟନ୍ତର ଓ ବାହ୍ୟ ଆଚରଣର ସମଗ୍ର ଆବିଳତା ଓ ଭେଦଭାବ।

ଆଜି ଯେତେବେଳେ ଆମ ସାହିତ୍ୟର ଦୃଶ୍ୟପଟରେ କେତେକ ଗୋଷ୍ଠୀବିବାଦ ଓ ପରଶ୍ରୀକାତରତାର ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହେବାରେ ଲାଗିଛି, ସେତେବେଳେ ଆମର ଲେଖକ କୁଳ ବିଶୁଦ୍ଧ ଚିତ୍ତରେ ନିଜର ସାହିତ୍ୟ ସାଧନାକୁ ଜଗନ୍ନାଥ-ମନସ୍କତାରେ ନିମଗ୍ନ କରି ସାହିତ୍ୟରେ ସହାବସ୍ଥାନର ସକାରାତ୍ମକ ଧାରା ପ୍ରବାହିତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି।

*- ନିହାର ଶତପଥୀ*

## ସାହିତ୍ୟର ଅନ୍ଦର ମହଲ

ଅମର ସ୍ୱାଇଁ




*ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ସାଧାରଣ ସାହିତ୍ୟାନୁରାଗୀଙ୍କ ପଠନ ପାଇଁ ଉଦ୍ଦିଷ୍ଟ ଏକ ନିରୁତା ସାହିତ୍ୟ ପତ୍ରିକା । ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ ।

୨. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି ।

୩. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ ।

୪. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ ।

୫. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ ।

୬. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ ।

୭. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି ।

୮. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି ।

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ଗ୍ରାହକମାନେ ବାର୍ଷିକ ଗ୍ରାହକ ଦେୟ ଟ. ୪୮୦/- ମାତ୍ର (ଡାକ ଖର୍ଚ୍ଚ ସହ) ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍‌ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* : CNRB0018007

*Account No.* : 120000048648

*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କରେ ମଧ୍ୟ ଉପଲବ୍ଧ ଅଛି ।
**www.sahityacharcha.com/subscription**


ପ୍ରବନ୍ଧ

# ପଞ୍ଚସଖା ସାହିତ୍ୟରେ ଜଗନ୍ନାଥ ତତ୍ତ୍ୱ



ଡ. ରମାକାନ୍ତ ନାୟକ

ଗଜପତି ପ୍ରତାପରୁଦ୍ରଙ୍କ ରାଜତ୍ୱକାଳରେ ଓଡ଼ିଶାର ରାଜନୈତିକ ଆକାଶକୁ ଦୁର୍ଦ୍ଦିନର କଳାବାଦଲ ଘୋଟି ଆସିଥିଲା। ଏହାପରେ ସାମନ୍ତ ରାଜାମାନଙ୍କ ମଧ୍ୟରେ କ୍ଷମତା ହାସଲ ପାଇଁ ତୁମୂଳ ସଂଘର୍ଷ, ମୁସଲମାନମାନଙ୍କ ଅବାରିତ ବର୍ବରୋଚିତ ଆକ୍ରମଣର ଲୋମହର୍ଷଣକାରୀ ଆତଙ୍କ, ତୀବ୍ର ରାଜନୈତିକ ସଙ୍କଟ, ମରହଟ୍ଟା ଓ ଇଂରେଜମାନଙ୍କର ଓଡ଼ିଶାକୁ କାମଧେନୁ ସଦୃଶ ନିର୍ଦ୍ଦୟ ଶୋଷଣ ସହିତ ବାତ୍ୟା, ବନ୍ୟା ଓ ଦୁର୍ଭିକ୍ଷର କରାଳ ବିଭୀଷିକା ଓଡ଼ିଶାର ଜାତୀୟ ଅସ୍ମିତାକୁ ବିଧ୍ୱସ୍ତ କରିଦେଇଥିଲା। ଓଡ଼ିଶାର ଏପରି ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ତଥା ବିପର୍ଯ୍ୟୟ ମଧ୍ୟରେ ଭାରସାମ୍ୟ ହରାଇ ବସିଥିବା ଏହି ଗୌରବମୟ ଜାତିକୁ ଏକତା ଓ ଭ୍ରାତୃତ୍ୱର ସୂତ୍ରରେ ଆବଦ୍ଧ କରିରଖିବାରେ ସକ୍ଷମ ହୋଇଥିଲେ ଓଡ଼ିଆ ଜାତିର ଇଷ୍ଟ ଦେବତା ଶ୍ରୀ ଜଗନ୍ନାଥ ଓ ଇଷ୍ଟକବି ଜଗନ୍ନାଥ ଦାସଙ୍କ ସମେତ ପଞ୍ଚସଖା ଭକ୍ତ ପ୍ରବର କବିଗଣ। ଉତ୍କଳୀୟ ଧର୍ମ ଓ ସାହିତ୍ୟ କ୍ଷେତ୍ରରେ ବିପ୍ଳବର ସୂତ୍ରପାତ କରି ବୈଷ୍ଣବଧର୍ମକୁ ଓଡ଼ିଶାର ଜାତୀୟଧର୍ମ ଓ ଜଗନ୍ନାଥଙ୍କୁ ଜାତୀୟ ଦେବତା ଭାବରେ ପ୍ରତିଷ୍ଠିତ କରିବାରେ ଏମାନଙ୍କର ମହାର୍ଘ ଅବଦାନ ଓଡ଼ିଶାର ସାରସ୍ୱତ ଇତିହାସରେ ଚିରଦିନ ଅବିସ୍ମରଣୀୟ ହୋଇରହିବ। ଅବିଶ୍ରାନ୍ତ ଲେଖନୀ ଚାଳନାକରି ଓଡ଼ିଶାର ଗଣଜୀବନରେ ପଞ୍ଚସଖା ଯେପରି ନୂତନ ପ୍ରାଣସ୍ପନ୍ଦନ ଓ ଉନ୍ମାଦନା ସଞ୍ଚାରକରି ସମଗ୍ର ଓଡ଼ିଆ ଜାତିକୁ ଗୋଟିଏ ଅଭିନବ ପଞ୍ଚସଖା ଧର୍ମରେ ଦୀକ୍ଷିତ କରାଇବା ସହିତ ଉତ୍କଳୀୟ ଧର୍ମଚେତନାକୁ ଯେପରି ଅଭୂତପୂର୍ବ ଭାବରେ ଆଲୋଡ଼ିତ କରିଛନ୍ତି ସେଥିପାଇଁ ଓଡ଼ିଶା ଭୂଖଣ୍ଡ ଜଗନ୍ନାଥ ଦେଶ ଭାବରେ ବିଶ୍ୱବିଶ୍ରୁତ ହୋଇପାରିଛି।



**ଶ୍ରୀ ଚୈତନ୍ୟଙ୍କ ପ୍ରଭାବ**

ପଞ୍ଚସଖା ଭାବରେ ପରିଗଣିତ କବି ତଥା ସାଧକ ବଳରାମ, ଜଗନ୍ନାଥ, ଅଚ୍ୟୁତ, ଅନନ୍ତ ଓ ଯଶୋବନ୍ତ ଶ୍ରୀଚୈତନ୍ୟଙ୍କର ସମକାଳୀନ ଏବଂ ପରିକର ରୂପେ ଅଭିହିତ ହୁଅନ୍ତି ବୋଲି ଅଚ୍ୟୁତାନନ୍ଦଙ୍କ "ଶୂନ୍ୟ ସଂହିତା" ଓ ଯଶୋବନ୍ତଙ୍କ "ଚୌରାଶୀ ଆଜ୍ଞା"ରୁ ଏହା ପ୍ରମାଣିତ ହୁଏ। ଅଚ୍ୟୁତାନନ୍ଦ ଦାସ ତାଙ୍କ ରଚିତ "ଉଦୟ କାହାଣୀ" ବା "ବର୍ଣ୍ଣଟୀକା"ରେ କହନ୍ତି; 'ଭେକରେ ବ୍ରାହ୍ମଣ ଜାତି ଆମ୍ଭର, ପାଦପଦ୍ମ ସେବି ଦାସଟି ସାର।

ଦ୍ୱିଜ ସୂର୍ଯ୍ୟ ଆଦି କ୍ଷତ୍ରିୟ ହେଲୁ,<br>
କରଣ ଶୂଦ୍ର କୁଳ ଉଦ୍ଧାରିଲୁ।<br>
ଆମ୍ଭେ ପଞ୍ଚସଖା ପଞ୍ଚକୁଳରେ,<br>
ଜନମ ହୋଇଲୁ କୃଷ୍ଣ ଆଜ୍ଞାରେ।

ଏହି ପଞ୍ଚମହାତ୍ମାଙ୍କ ମଧ୍ୟରେ କେତେକ ଆଦର୍ଶଗତ ଭିନ୍ନତା ଥିବା ସତ୍ତ୍ୱେ, ସେମାନେ ନିଜକୁ ଶ୍ରୀଚୈତନ୍ୟଙ୍କ କଳ୍ପବୃକ୍ଷର ପାଞ୍ଚଶାଖା ରୂପେ ବିବେଚନା କରୁଥିଲେ। ଏମାନେ ପୁରାଣଶାସ୍ତ୍ର ଉପରେ ଆଧାରିତ ଗୀତା, ସଂହିତା, ମାହାତ୍ମ୍ୟ, ମାଳିକା, ପଟଳ, ଓଗାଳ, ସ୍ତୁତି, ଜଣାଣ, ଚଉତିଶା, ଟୀକା ଇତ୍ୟାଦି ରଚନାକରି ଓଡ଼ିଆ ଭାଷା, ସାହିତ୍ୟ, ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ଏକ କ୍ରାନ୍ତିକାରୀ ଯୁଗର ଉନ୍ମୋଚନ କରିଥିଲେ।

ଷୋଡ଼ଶ ଶତାବ୍ଦୀର ଆଦ୍ୟ ସୋପାନରେ ପଞ୍ଚସଖାଙ୍କର ଆବିର୍ଭାବ ଓଡ଼ିଆ ସାହିତ୍ୟରେ ଏକ ଯୁଗାନ୍ତକାରୀ ଅଧ୍ୟାୟର ଉନ୍ମେଷ କଲା। ଗଜପତି ପ୍ରତାପରୁଦ୍ରଦେବଙ୍କ ବଳିଷ୍ଠ ପୃଷ୍ଠପୋଷକତା ଯୋଗୁଁ ଓଡ଼ିଆ ସାହିତ୍ୟ ଓ ଧର୍ମଭାବନା ପାରମ୍ପରିକ ରୀତିରୁ ମୁକ୍ତ ହୋଇ ଏହି ଯୁଗ ସନ୍ଧିରେ ନିଜର

ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟିକଲା। ଗଙ୍ଗ ଅଧୀଶ୍ୱର ଚୋଡ଼ଗଙ୍ଗଦେବଙ୍କ କାଳରୁ ଜଗନ୍ନାଥଙ୍କୁ କେନ୍ଦ୍ରକରି ବିକଶିତ ହୋଇଥିବା ଉତ୍କଳୀୟ ବୈଷ୍ଣବ ଧର୍ମର ମତବାଦ ମଧ୍ୟରେ ଜ୍ଞାନମିଶ୍ରା ଭକ୍ତିଧର୍ମ ଓ ଶୁଦ୍ଧାନୁରାଗ ପ୍ରେମଧର୍ମର ଅଙ୍କୁରୋଦ୍‌ଗମ ଘଟିଥିଲା। ପଞ୍ଚସଖାଗଣ ଏହି ମତବାଦକୁ ସ୍ୱୀୟ ବିଚାରଧାରା ଓ ଦାର୍ଶନିକ ଚିନ୍ତନରେ ପରିପୁଷ୍ଟ କରିବାପୂର୍ବକ ମାର୍ଜିତ ରୂପ ପ୍ରଦାନ କରି ସେମାନଙ୍କ ବାଙ୍ମୟ କୀର୍ତ୍ତିଭଣ୍ଡାର ମାଧ୍ୟମରେ ଏହାକୁ ଏକ ବିଶାଳକାୟ ମହାଦ୍ରୁମରେ ପରିଣତ କରିଦେଲେ।

ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଓଡ଼ିଶାରେ ବୌଦ୍ଧ ଦାର୍ଶନିକ ନାଗାର୍ଜୁନଙ୍କ ଧର୍ମପ୍ରଚାର ଏବଂ ଏହାପରେ ବଜ୍ରଯାନ ଓ ସହଜଯାନର ପ୍ରସାର ସହିତ "ଶୂନ୍ୟବାଦ" ଓଡ଼ିଆ ସାହିତ୍ୟରେ ସଂଶ୍ଳିଷ୍ଟ ହୋଇଥିଲା। ପରବର୍ତ୍ତୀ କାଳରେ ପଞ୍ଚସଖାଗଣ ଏହି ତତ୍ତ୍ୱ ପ୍ରବର୍ଦ୍ଧିତ କରିଥିଲେ। ଶୂନ୍ୟରେ ଗୁଣର ଆରୋପକରି ବ୍ରହ୍ମଙ୍କୁ ସ୍ୱୀକାର କରିବା ସହ ସେଥିରେ ଜଗନ୍ନାଥଙ୍କର ସ୍ୱରୂପକୁ ସେମାନେ ପ୍ରତିପାଦିତ କରିଥିଲେ। ଯଶୋବନ୍ତ ଦାସଙ୍କ "ବ୍ରହ୍ମଗୀତା" ଓ "ଶୂନ୍ୟ ସଂହିତା" ଏବଂ ଜଗନ୍ନାଥ ଦାସଙ୍କ "ତୁଳାଭିଣା"ରୁ ଏହାର ପ୍ରମାଣ ମିଳେ। ଶିଶୁ ଅନନ୍ତ ତାଙ୍କ 'ହେତୁ ଉଦୟ ଭାଗବତରେ' ଲେଖିଛନ୍ତି,

> "ପରମ ପୁରୁଷ ଦେଉଳ। ନୀଳଚକ୍ର ଯେ ଶୂନ୍ୟଠୁଳ॥
> ନେତ ଯେ ବ୍ରହ୍ମା ବିଷ୍ଣୁ ହର। ଉଡୁଣ ଅଛି ଫର ଫର॥
> ଦେଉଳେ ବ୍ରହ୍ମାଣ୍ଡ ଗୋସାଇଁ। ବୁଦ୍ଧ ସ୍ୱରୂପେ ବିହରଇ॥
> ମାୟାକୁ ଦିଶଇ ସ୍ୱରୂପ। ସକଳ ରୂପ ଯହିଁ ଗୋପ୍ୟ॥
> ଅଲେଖ ଅରୂପ ଅଚ୍ୟୁତ। ଅକ୍ଷର କ୍ଷର ସର୍ବଜାତ॥
> ଏମନ୍ତ ନୀଳାଦ୍ରି ମହିମା। ଦେବାକୁ ନାହିଁ ତା' ଉପମା॥"

ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱକୁ ଓଡ଼ିଶାର ପଞ୍ଚସଖା କବିମାନେ ଗ୍ରହଣକରି ଶ୍ରୀ ଜଗନ୍ନାଥଙ୍କ ଦାରୁପିଣ୍ଡ ମଧ୍ୟରେ ସମଗ୍ର ବ୍ରହ୍ମାଣ୍ଡର ପରିକଳ୍ପନା କରିଛନ୍ତି। ଜଗନ୍ନାଥଙ୍କୁ ଶୂନ୍ୟମୟ ଓ ପୁରୁଷୋତ୍ତମ ତଥା ବହୁ ବିଭିନ୍ନତାର ସମନ୍ୱୟ ଭାବରେ ଚିତ୍ରଣ କରିଛନ୍ତି। ଶୂନ୍ୟପୁରୁଷ ଜଗନ୍ନାଥ ସର୍ବଘଟରେ ବିରାଜମାନ କରନ୍ତି। କବି ଅଚ୍ୟୁତାନନ୍ଦ ତାଙ୍କ 'ଶୂନ୍ୟ ସଂହିତା'ରେ ବର୍ଣ୍ଣନା କରିଛନ୍ତି, "ଉର୍ଦ୍ଧ୍ୱେ କରଯୋଡ଼ି କର ତୁ ଲୟେ। ଉର୍ଦ୍ଧ୍ୱ ମୁଖ କରି କରତୁ ଲୟେ॥
ଉର୍ଦ୍ଧ୍ୱମୁଖ କରି ଚିତାକୁ ଧ୍ୟାୟି। ତ୍ରିକୁଟ ସନ୍ଧି ଅଲେଖକୁ ଚାହିଁ॥
ନିରାକାର ମନ୍ତ୍ର କଣ୍ଠ ଚକ୍ରରେ। ବୋଲିବାକୁ ସ୍ୱର ଅର୍ଦ୍ଧ ମୁଖରେ॥
ଦ୍ୱାତ୍ରିଂଶ ଅକ୍ଷର ଉଚ୍ଚାର କର। ନୟନ ନଚଳୁ ଚିତା ଚକ୍ରର॥"

## ଉତ୍କଳୀୟ ଧର୍ମ ଚେତନା

ଉତ୍କଳୀୟ ଧର୍ମ ଚେତନାରେ ଶ୍ରୀକ୍ଷେତ୍ର ବିହାରୀ ଶ୍ରୀଜଗନ୍ନାଥ ଷୋଳକଳାରେ ପରିପୂର୍ଣ୍ଣ ଅବତାରୀ ଭାବରେ ଅଧିଷ୍ଠିତ ହୋଇଛନ୍ତି। ତେଣୁ ପୁରୁଷୋତ୍ତମ କ୍ଷେତ୍ର ହେଉଛି ନିତ୍ୟ କ୍ଷେତ୍ର ଏବଂ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରର ଏହା ଉତ୍ପତ୍ତିସ୍ଥଳ। ଯୋଗବଳରେ ଷଟଚକ୍ର ଭେଦକରି ପରଂବ୍ରହ୍ମଙ୍କୁ ଉପଲବ୍ଧି କରିବାର ଉପାୟ ଏବଂ ନାମସଂକୀର୍ତ୍ତନ ଓ ଯୋଗମୂଳକ ଧ୍ୟାନ ସମାଧିର ଆବଶ୍ୟକତା ପଞ୍ଚସଖା ସାଧକଗଣ ସେମାନଙ୍କ ରଚନାରେ ବିସ୍ତାରିତ ଭାବରେ ବ୍ୟକ୍ତ କରିଛନ୍ତି। ଅଚ୍ୟୁତାନନ୍ଦ ତାଙ୍କ "ଶୂନ୍ୟ ସଂହିତା"ରେ ଜଗନ୍ନାଥଙ୍କୁ ଶୂନ୍ୟ ପୁରୁଷ ଏବଂ ବ୍ରହ୍ମସ୍ୱରୂପ ଅବତାରୀ ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କ ଭାଷାରେ, "ଅବତାର ଯେତେ ଯେହି ଜଗନ୍ନାଥ ଅଙ୍ଗରୁ କ୍ଷରି ମିଶନ୍ତି।

**ଯୋଗବଳରେ ଷଟଚକ୍ର ଭେଦକରି ପରଂବ୍ରହ୍ମଙ୍କୁ ଉପଲବ୍ଧି କରିବାର ଉପାୟ ପଞ୍ଚସଖା ସାଧକଗଣ ସେମାନଙ୍କ ରଚନାରେ ବିସ୍ତାରିତ ଭାବରେ ବ୍ୟକ୍ତ କରିଛନ୍ତି।**

ନୀଳା ନିମନ୍ତେ ସେ ନୀଳାଦ୍ରି ନାୟେକେ ନିର୍ବିକାରେ ବସିଛନ୍ତି।"

ପୁନଶ୍ଚ "ଅବତାର ଦଶ, ଏହି ଦାରୁ ରୂପ, ଏହି ଦାରୁରେ ସେ ଲୀନ।

ଈଶ୍ୱର ସାକ୍ଷାତେ ପ୍ରକାଶ ନିମନ୍ତେ, ବିଜେ ରତ୍ନ ସିଂହାସନ।"

ତାଙ୍କ ରଚିତ "ହରିବଂଶ"ରେ ଲେଖିଛନ୍ତି,

> "ଜୟ ନୀଳାଚଳ ନାଥ ନୀଳାଦ୍ରି ବିହାରୀ, ଅବିକାର
> ବ୍ରହ୍ମ ତୁମ୍ଭେ ପ୍ରାଣ ଅଧିକାରୀ।
> ଯୋଗୀଜନ ମାନସରେ ଅଟ ଆଦିମୂଳ, ତୁମ୍ଭ ରୂପ ରେଖ
> ବର୍ଣ୍ଣ ନାହିଁ ଶୂନ୍ୟଠୁଳ।"

ଶ୍ରୀ ଜଗନ୍ନାଥ ପ୍ରଣବ-ବ୍ରହ୍ମ, ଏକାକ୍ଷର ବ୍ରହ୍ମ ନିରଞ୍ଜନ ଓ ଜ୍ୟୋତିବ୍ରହ୍ମ ଅଟନ୍ତି। ଅଚ୍ୟୁତାନନ୍ଦ ଏହି ପ୍ରସଙ୍ଗରେ "ଆକାର ବ୍ରହ୍ମଯନ୍ତ୍ର" ଗ୍ରନ୍ଥରେ ଲେଖିଛନ୍ତି, "ଜଗନ୍ନାଥ ବଳଭଦ୍ର ସୁଭଦ୍ରା

ଯେ ସୁଦର୍ଶନ ରୂପ ଚାରି।

ଚତୁର୍ଦ୍ଧାମୂର୍ତ୍ତି ଯେ ଏକ ଆତ୍ମା ଭିନ୍ନ ଭିନ୍ନରେ ସେ ରୂପ ଧରି।

ସିଂହାସନ ଘେନି ପଞ୍ଚଆତ୍ମା ସେହୁ ଭିନ୍ନ ଭିନ୍ନ ପଞ୍ଚ ନାମ।

ପଞ୍ଚ ଆତ୍ମା ପଞ୍ଚ ରୂପରେ ବିଜୟ ନିଳାଚଳେ ଦାରୁବ୍ରହ୍ମ।"


ଯଶୋବନ୍ତ ଦାସ ତାଙ୍କ ପ୍ରଣିତ "ଶିବ ସ୍ୱରୋଦୟ" ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି,

"ଜୟ ଜୟ ଜଗନ୍ନାଥ ଜଗତ ଧାରଣ। ଜୟ ବଳଭଦ୍ର ଭଦ୍ରା ଜୟ ସୁଦର୍ଶନ।

କୋଟି କୋଟି ପତିତପାବନ ଦେବ ହରି। ତ୍ରିଭୂବନରେ ନାଥ ନୀଳାଦ୍ରି ବିହାରୀ।"

## ଜଗନ୍ନାଥ ଆରାଧନା

ଓଡ଼ିଶୀ ବୈଷ୍ଣବଧର୍ମର ପ୍ରଧାନ ବୈଶିଷ୍ଟ୍ୟ ହେଉଛି ଜଗନ୍ନାଥ ଆରାଧନା। ସଭ୍ୟତାର ଉଷାକାଳରୁ ପୁରୁଷୋତ୍ତମ କ୍ଷେତ୍ରକୁ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଯଶସ୍ୱୀ ଧର୍ମପ୍ରଚାରକ ମହାମନୀଷୀଗଣ ଆସି ସେମାନଙ୍କର ମତବାଦର ପ୍ରଚାର ପାଇଁ ଏହି କ୍ଷେତ୍ରକୁ ପ୍ରକୃଷ୍ଟତମ ପୀଠ ଭାବରେ ବିବେଚନା କରି ଆଗମନ କରିଛନ୍ତି। ଶଙ୍କରାଚାର୍ଯ୍ୟ, ରାମାନୁଜ, ଜୟଦେବ, ମାଧବାଚାର୍ଯ୍ୟ, ନରସିଂହ ମୁନି, ନରସିଂହ ତୀର୍ଥ, ନରସିଂହ ଭାରତୀ, ବାସୁଦେବ ଭାରତୀ, ରାଘବ, ବିଷ୍ଣୁସ୍ୱାମୀ ପ୍ରମୁଖ ସମୟାନୁକ୍ରମେ ନିଜର ମତବାଦ ଅନୁସାରେ ଜଗନ୍ନାଥ ମନ୍ଦିରରେ ସେମାନଙ୍କର ପୂଜାପଦ୍ଧତି ପ୍ରବର୍ତ୍ତନ କରିବାକୁ ପ୍ରୟାସ କରିଛନ୍ତି ଏବଂ କେତେକାଂଶରେ ମଧ୍ୟ ସଫଳ ହୋଇଛନ୍ତି। ଏହାର ପରିଣାମରେ ଜଗନ୍ନାଥ ଧର୍ମ ସର୍ବଧର୍ମର ସମନ୍ୱୟ ରୂପେ ଆବିର୍ଭାବ ହୋଇଛି।




ଓଡ଼ିଆ ସାହିତ୍ୟର ଇତିହାସ (ମଧ୍ୟପର୍ବ)ରେ ସୁରେନ୍ଦ୍ର ମହାନ୍ତି ଉଲ୍ଲେଖ କରିଛନ୍ତି, "ସମଗ୍ର ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ତଥା ଆଧାତ୍ମିକ ଭାବନାକୁ ଜଗନ୍ନାଥ ହିଁ ସର୍ବତୋଭାବେ ସମାଚ୍ଛନ୍ନ କରି ରଖିଥିଲେ। ଚୈତନ୍ୟଙ୍କ ପରଠାରୁ ସେହି ଜଗନ୍ନାଥ ଅବଶ୍ୟ କୃଷ୍ଣାଭିମୁଖୀ ହୋଇ କ୍ରମେ ମହାବୈଷ୍ଣବରେ ପରିଣତ ହୋଇଥିଲେ। ମାତ୍ର ଚୈତନ୍ୟଙ୍କ ପୂର୍ବରୁ ସେ ଥିଲେ ମହାବୌଦ୍ଧ। ତାଙ୍କ ଆରାଧନା ପଦ୍ଧତି ଥିଲା ଜ୍ଞାନମିଶ୍ରା ଭକ୍ତି ମାର୍ଗ ଅଥବା ଯୋଗଭିତ୍ତିକ ସାଧନା।" ବାସ୍ତବରେ ଓଡ଼ିଶାରେ ରାଧାକୃଷ୍ଣ ଭକ୍ତିର ପ୍ରବାହ ବଳିଷ୍ଠ ହୋଇଥିଲା ଶ୍ରୀ ଚୈତନ୍ୟଙ୍କ ପ୍ରଚାର ଓ ଗଜପତି ପ୍ରତାପରୁଦ୍ରଙ୍କ ସଭକ୍ତି ପୃଷ୍ଠପୋଷକତା ଯୋଗୁଁ। ଏହି ମତବାଦ ଅଧିକ ପରିପୁଷ୍ଟ ହୋଇଥିଲା ପଞ୍ଚସଖାଙ୍କ ରଚିତ ସାହିତ୍ୟ ମାଧ୍ୟମରେ। ସ୍ୱୟଂ ଜଗନ୍ନାଥ ରାଧାକୃଷ୍ଣଙ୍କର ଯୁଗଳମୂର୍ତ୍ତି ଭାବରେ ଓଡ଼ିଶାର କବି ଦାର୍ଶନିକମାନଙ୍କ ରଚନାବଳୀରେ ବିମ୍ବିତ ହୋଇ ଜନସାଧାରଣଙ୍କର ହୃଦୟକୁ ଗଭୀରଭାବରେ ସ୍ପର୍ଶ କରିଥିଲେ। ଏଥିଯୋଗୁଁ ରାଧାକୃଷ୍ଣ ପ୍ରେମ-ପନ୍ଥୀଙ୍କ ନିମନ୍ତେ ଜଗନ୍ନାଥ କ୍ଷେତ୍ରର ଗୌରବ ଓ ମହିମା ସୁଦୂରପ୍ରସାରୀ ହୋଇ ପାରିଥିଲା।

## ଶ୍ରୀକ୍ଷେତ୍ରର ଶ୍ରେଷ୍ଠତ୍ୱ

ପଞ୍ଚସଖାଙ୍କ ଦୃଷ୍ଟିରେ ଜଗନ୍ନାଥ ହେଉଛନ୍ତି ମହାବିଷ୍ଣୁ। ତେଣୁ ଜଗନ୍ନାଥକ୍ଷେତ୍ରକୁ ନିତ୍ୟ ରାସସ୍ଥଳୀ ରୂପେ ଗ୍ରହଣ କରିବା ସହିତ ଶ୍ରୀକ୍ଷେତ୍ରକୁ ସକଳ ତୀର୍ଥମାନଙ୍କ ମଧ୍ୟରେ ଶ୍ରେଷ୍ଠ କ୍ଷେତ୍ର ହିସାବରେ ବର୍ଣ୍ଣନା କରିଛନ୍ତି। କବି ଯଶୋବନ୍ତ ଦାସ ତାଙ୍କ 'ପ୍ରେମ ଭକ୍ତି ଗୀତା'ରେ ଉଲ୍ଲେଖ କରିଛନ୍ତି,

"କହିଲୁ ସେ ପୁରୁଷୋତ୍ତମ। ନିତ୍ୟ ରାହାସ ଅନୁପମ॥

ଦେଖ ଯେ ନିତ୍ୟ ନୀଳାଚଳ। ସକଳ ତୀର୍ଥଙ୍କର ଆଳ॥

ଗୋପ ମଧୁରା ବୃନ୍ଦାବନ। ଦ୍ୱାରିକା ଆଦି ଯେତେ ସ୍ଥାନ॥

ସକଳ ଯେହି ସ୍ଥାନ ପାଇ। ଆବର କାଶୀ ମଧ ହୋଇ॥

କୋଟିଏ ତୀର୍ଥ ଏ କ୍ଷେତ୍ରରେ। ମହିମା କହିଲେ ନସରେ॥"

ପୁନଶ୍ଚ ଭକ୍ତକବି ଜଗନ୍ନାଥ ଦାସ ତାଙ୍କ "କ୍ଷେତ୍ରବର ଚଉତିଶା"ରେ ଶ୍ରୀକ୍ଷେତ୍ରର ମହତ୍ତ୍ୱ ପ୍ରକାଶ କରିବାକୁ ଯାଇ ଏହାକୁ କ୍ଷେତ୍ରଶ୍ରେଷ୍ଠ ଏବଂ ବୃନ୍ଦାବନ ସହିତ ତୁଳନୀୟ ବୋଲି ବର୍ଣ୍ଣନା କରିଛନ୍ତି,

"ଜଗନ୍ନାଥ ବିନୁ ଆନ ନଜାଣଇ ମୁହିଁ,

କ୍ଷେତ୍ରବରକୁ ଗୋକୁଳ ବୋଲି ବିଚାରଇ॥

ପଞ୍ଚ ତୀର୍ଥ ପଞ୍ଚଧାରା ରାଧାଶ୍ୟାମ କୁଣ୍ଡ ।ନୀଳ
ଶଇଳ ଅଟଇ ଗୋବର୍ଦ୍ଧନଖଣ୍ଡ ।"

ପଞ୍ଚସଖା ଅନ୍ତର୍ଗତ ଅନ୍ୟତମ କବି ଅଚ୍ୟୁତାନନ୍ଦ ତାଙ୍କ ରଚିତ "ଶୂନ୍ୟ ସଂହିତା"ରେ ମହାମନ୍ତ୍ରର ଅର୍ଥ ପ୍ରକାଶ କରି ଲେଖିଛନ୍ତି,

"ହରେ ରାମ ଅଷ୍ଟ ନାମ, କୃଷ୍ଣ ନାମ ଚାରି ।
ରାମନାମ ଚାରିଗୋଟି ଷୋଳନାମ ହରି ।"

ଏହି ମହାମନ୍ତ୍ରରେ ଯିଏ କୃଷ୍ଣ ସିଏ ହିଁ ଜଗନ୍ନାଥ, ତେଣୁ କବି ବର୍ଣ୍ଣନା କରିଛନ୍ତି, "ମହାମନ୍ତ୍ରେ କୃଷ୍ଣ ଯେହୁ ଜଗନ୍ନାଥ ସେହି, ଦ୍ୱିତୀୟ କୃଷ୍ଣଙ୍କୁ କାମ ଦାମ ବୋଲି କହି ।" ପୁନର୍ବାର ଅଚ୍ୟୁତାନନ୍ଦ ଏହି ଗ୍ରନ୍ଥରେ ପଞ୍ଚତତ୍ତ୍ୱ ବା ପଞ୍ଚବୀଜ ମଧ୍ୟରୁ କ୍ଲୀଁ ବୀଜରୁ ହିଁ କିଶୋର ବୟସର କୃଷ୍ଣ ଜଗନ୍ନାଥ ରୂପେ ଆବିର୍ଭାବ ହେବା ବିଷୟ ଉଲ୍ଲେଖ କରିଛନ୍ତି ।

"କିଶୋର ବୟସରେ କୃଷ୍ଣ
ଜଗନ୍ନାଥ ସେହି
ରସାନନ୍ଦ ସ୍ୱରୂପେ ସେ
ଆପେ ଭାବଗ୍ରାହୀ ।"

ଶ୍ରୀ ଜଗନ୍ନାଥଙ୍କ ଠାରୁ ସୃଷ୍ଟିର ପ୍ରାରମ୍ଭ ହୋଇଛି ବୋଲି ପଞ୍ଚସଖାଗଣ ବିଶ୍ୱାସ କରୁଥିଲେ । ସେମାନେ ଜଗନ୍ନାଥଙ୍କୁ ଅବତାରୀ ଭାବରେ ଗ୍ରହଣ କରି କୃଷ୍ଣଙ୍କୁ ଜଗନ୍ନାଥଙ୍କର ଷୋଳକଳାରୁ ଏକ କଳାରୂପେ ବର୍ଣ୍ଣନା କରୁଥିଲେ ।

**ଜଗନ୍ନାଥଙ୍କୁ କେନ୍ଦ୍ରକରି ନିତ୍ୟ ଗୋଲକ ଲୀଳାର ପରିକଳ୍ପନା ଥିଲା ଓଡ଼ିଆ ବୈଷ୍ଣବଧର୍ମ ବା ଜଗନ୍ନାଥ ଧର୍ମର ମୂଳଭିତ୍ତି ।**

## ଅଭିନବ ଭକ୍ତିମାର୍ଗ

ଭକ୍ତକବି ପଞ୍ଚସଖାମାନେ ଜଗନ୍ନାଥଙ୍କୁ କେନ୍ଦ୍ରକରି ନିତ୍ୟ ଗୋଲକ ଲୀଳାର ପରିକଳ୍ପନା କରି ଏକ ଅଭିନବ ଭକ୍ତିମାର୍ଗ ଓ ଆଧାତ୍ମିକ ଚିନ୍ତନର ପ୍ରବର୍ତ୍ତନ କରିଛନ୍ତି, ଯାହାଥିଲା ଓଡ଼ିଆ ବୈଷ୍ଣବଧର୍ମ ବା ଜଗନ୍ନାଥ ଧର୍ମର ମୂଳଭିତ୍ତି । "ଗୁରୁଭକ୍ତି ଗୀତା"ରେ ଅଚ୍ୟୁତାନନ୍ଦ ଲେଖିଛନ୍ତି,

"ଶୁଣ ଆହେ ଗୋପ ସୂତ ଭଗତିର କଥା । ସଗୁଣ
ନିର୍ଗୁଣ ଦୁଇ ଯେବଣ ବ୍ୟବସ୍ଥା ।
ଦୁଇ ସେ ଡେଣାରେ ପକ୍ଷୀ ଉଡ଼ିକରି ଯାଇ । ଦୁଇ ସେ
ଚକ୍ଷୁରେ ସେହି ସଂସାର ଖେଳଇ ।
ଏକ ଯେ ନଥିଲେ କଣା, ଦୁଇଗଲେ ଅନ୍ଧ । ଏଣୁ କରି
ନିର୍ଗୁଣ ସଗୁଣ ପାଶେ ବନ୍ଧା ।।"

ପ୍ରେମପୁରୁଷ ଶ୍ରୀକୃଷ୍ଣ ଏବଂ ପ୍ରକୃତି ସ୍ୱରୂପା ଶ୍ରୀରାଧାଙ୍କର ନିତ୍ୟ ରାସକାଳୀନ ଯୁଗବନ୍ଧରୂପେ ହିଁ ରତ୍ନସିଂହାସନାରୂଢ଼ ହୋଇଛନ୍ତି ଶ୍ରୀଜଗନ୍ନାଥ । "ଶୂନ୍ୟ ସଂହିତା"ରେ କବି ଅଚ୍ୟୁତାନନ୍ଦ ଉଲ୍ଲେଖ କରିଛନ୍ତି,

"ଐଶ୍ୱର୍ଯ୍ୟ ମାଧୁର୍ଯ୍ୟ ଘେନି ସିଂହାସନ ପରେ । ବିଜୟ
କରି ଅଛନ୍ତି ଚତୁର୍ଦ୍ଧାରୂପରେ ।"

କବି ବଳରାମ ଦାସ "ବେଦାନ୍ତସାର ଗୁପ୍ତଗୀତା"ରେ ନୀଳଗିରିକୁ ନିତ୍ୟ ଗୋଲକ ଧାମ ସ୍ୱରୂପେ କଳ୍ପନା କରିଛନ୍ତି ଏବଂ ଏଠାରେ ନିରାକାର ଜଗନ୍ନାଥ ନିତ୍ୟ ରାଧା ଓ ନିତ୍ୟକୃଷ୍ଣଙ୍କ ଏକାଙ୍ଗ ସ୍ୱରୂପ ବିହାରଲୀଳା କରୁଛନ୍ତି ବୋଲି ବର୍ଣ୍ଣନା କରିଛନ୍ତି । ସେ ଲେଖିଛନ୍ତି,

"ଏ ନୀଳଗିରି ନିତ୍ୟ ସମ । ତେଣୁ ଶ୍ରୀକୃଷ୍ଣ ନିତ୍ୟଧାମ ।।
ଏ ନୀଳଗିରି ନିତ୍ୟ ଦୁଇ ।
ଅଭିନ୍ନ ଅଭେଦ ଅଟଇ ।।
ଗୋପ ମଧୁରା ଦ୍ୱାରାବତୀ ।
ଶ୍ରୀକୃଷ୍ଣ ଅଯୋଧ୍ୟାର ପତି ।
ଏମାନେ ନିତ୍ୟସ୍ଥଳୁ ଜାତ ।
ଅଭିନ୍ନ ନକର ହୋ ପାର୍ଥ ।।
ସେହି ରୂପରେ ନିରାକାର । ଶ୍ରୀ ନୀଳଗିରିରେ ବିହାର ।।"

ଜଗତକୁ ଉଦ୍ଧାର କରିବା ନିମନ୍ତେ ସେ ହୋଇଛନ୍ତି ଦାଶରଥି ଏବଂ ଦେବକୀ ନନ୍ଦନ ତଥା ବୌଦ୍ଧ, କଳକୀ ଆଦି ଦଶ ଅବତାରୀ । ତାଙ୍କ ରଚିତ ମହାକାବ୍ୟ 'ରାମାୟଣ'ରେ ଏହି ବିଷୟ ବର୍ଣ୍ଣନା କରି କହନ୍ତି,

"ବନ୍ଦଇ ଶ୍ରୀଜଗନ୍ନାଥ କମଳାର ପତି, ସର୍ବଦେବ
ନିସ୍ତାରୀ ପ୍ରସନ୍ନ ମୂରତି ।
ମତ୍ସ୍ୟ କୂର୍ମ ବରାହ ନୃକେଶରୀ, ବାମନ,
ଶ୍ରୀରାମ ରୂପୀ ଯେ ତୁ ରେ ଦେବକୀ ନନ୍ଦନ ।।
ବଉଦ କଳକି ଯେ ହୋଇଲୁ ଦେବ ହରି,
ଦଶ ଅବତାର ତୁହି ଦଇତ ସଂହାରୀ ।।"


ଜଗନ୍ନାଥ ଦାସଙ୍କ ଭାଷାରେ,

"ଶୁଣ ହେ ସୁଜନ ଜନେ, ଶ୍ରୀକୃଷ୍ଣ ଲୀଳା ଆଖ୍ୟାନେ
ନିତ୍ୟସ୍ଥାନେ ନିତ୍ୟ ଖେଳ଼ ଖେଳନ୍ତି ହରି,
କୋଟିବ୍ରହ୍ମ ନଜାଣନ୍ତି ଅନନ୍ତ ଶେଷ ମୂରତି
ହେ ପ୍ରଭୁ ବିଜେ ଏ ନିତ୍ୟ ନୀଳଗିରି ।।"

## ଜଗନ୍ନାଥଙ୍କର ନାମ ସ୍ମରଣ

ପଞ୍ଚସଖା ସାଧକଗଣ ପ୍ରତି ନିୟତ ଜଗନ୍ନାଥଙ୍କର ନାମ ସ୍ମରଣ କରିବା ସହିତ ନିଜର ଶରୀରକୁ ପ୍ରଭୁ ଜଗନ୍ନାଥଙ୍କର ମନ୍ଦିର ଭାବରେ ବିବେଚନା କରନ୍ତି। ଏ ସମ୍ବନ୍ଧରେ ପ୍ରମାଣ ମିଳେ ବଳରାମ ଦାସକୃତ "ବିରାଟ ଗୀତା"ରେ। ସେଥିରେ ଉଲ୍ଲେଖ ଅଛି,

"ବଡ଼ ଦେଉଳ ବୋଲି ଯାହା, ନିଶ୍ଚୟ ଏ ତୋହର କାୟା,
ବଡ଼ ଦାଣ୍ଡଟି ମାୟା କହି, ଅର୍ଜୁନ ତୋର ମୁଖସେହି,
ବାଇଶି ପାହାଚଟି ପୁଣ, କଣ୍ଠ ତଳକୁ ହେ ଅର୍ଜୁନ।
ଅଠର ନଳା ଯାହା କହି, ତୋହର ଗଳା ସେ ଅଟଇ॥



ଭକ୍ତ ପ୍ରବର ପଞ୍ଚସଖାଗଣ ନିର୍ମଳଭକ୍ତିରେ ଉଦ୍‌ବୁଦ୍ଧ ହୋଇ ନିଜକୁ ଜଗନ୍ନାଥଙ୍କଠାରେ ସମର୍ପଣ କରିଦେଇ ନିଜର ସମସ୍ତ କବି ପ୍ରତିଭା ହିଁ ଯେ ଜଗନ୍ନାଥଙ୍କର କୃପା ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି। ବଳରାମ ଦାସ "ଜଗମୋହନ ରାମାୟଣ"ରେ ଜଗନ୍ନାଥଙ୍କ ସ୍ତୁତିଗାନ କରିବା ବେଳେ ପ୍ରକାଶ କରିଛନ୍ତି,

"ଜଗମୋହନ ବୋଲି ସେ ରାମାୟଣ ଗ୍ରନ୍ଥ,
ଯେଥର କବି ସେ ନୀଳଗିରି ଜଗନ୍ନାଥ,
ସେ ହରି ମୋହର କର୍ଣ୍ଣେ ବିଜେ କରିଛନ୍ତି,
ଆପଣା ଚରିତ ଯେ ଆପେ ବଖାଣନ୍ତି।"

ସେହିପରି ଜଗନ୍ନାଥ ଦାସଙ୍କର ଭକ୍ତପ୍ରାଣରୁ ଉଦ୍‌ଗତ ଭାବକୁ ପ୍ରକାଶ କରିବାକୁ ଯାଇ ଲେଖିଛନ୍ତି,

"ନମସ୍ତେ ପ୍ରଭୁ ଜଗନ୍ନାଥ ଅନାଥ ଲୋକଙ୍କର ନାଥ ହୋଇଲୁ ଦଶ ଅବତାର,
ନାଶିଲୁ ଅବନୀରୁ ଭାର, ସେହି ପ୍ରକାରେ ମୋର ମନ। ତୋ ପାଦେ ରହୁ ଭଗବାନ।"

ସାହିତ୍ୟରଥୀ ପଞ୍ଚସଖାଗଣ ଯୋଗୀ ହେଲେ ମଧ୍ୟ ସେମାନେ ଥିଲେ ଜଗନ୍ନାଥଙ୍କ ପାଦପଦ୍ମରେ ପୂର୍ଣ୍ଣ ସମର୍ପିତ ପରମଭକ୍ତ। ଭଗବତ ପ୍ରାପ୍ତି ନିମିତ୍ତ ଯୋଗସାଧନ ସଙ୍ଗେ ସଙ୍ଗେ ନବଧା ଭକ୍ତିର ଉପାଦେୟତାକୁ ମଧ୍ୟ ସେମାନେ ଉପଲବ୍ଧ କରିଥିଲେ। ସେମାନେ ଜ୍ଞାନମିଶା ଭକ୍ତିଯୋଗ ଅନୁସରଣ କରି ସିଦ୍ଧସାଧକ ହୋଇଥିବାରୁ ଅନେକ ଅଲୌକିକ କ୍ଷମତାର ଅଧିକାରୀ ଥିଲେ। ସେମାନଙ୍କର ପ୍ରଜ୍ଞାଦୀପ୍ତ ସାରସ୍ୱତ ପ୍ରତିଭା ଓ ଆଧ୍ୟାତ୍ମିକ ଚିନ୍ତନ ସାଧାରଣ ଲୋକଙ୍କର ହୃଦୟକୁ ସ୍ପର୍ଶ କରିବାରେ ସମର୍ଥ ହୋଇଥିଲା। ଏପରିକି ସେମାନଙ୍କର ଅଲୌକିକ କାର୍ଯ୍ୟକଳାପ ପାଇଁ ରାଜଦରବାରରେ ସେମାନଙ୍କୁ ଅନେକ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେମାନଙ୍କର ଛନ୍ଦୋବଦ୍ଧ ସରଳ ସାବଲୀଳ ଭାଷାରେ ରଚିତ ଅଥଚ ଗୁଢ଼ତତ୍ତ୍ୱପୂର୍ଣ୍ଣ ଦର୍ଶନ ଚର୍ଚ୍ଚା ଓଡ଼ିଆ ଜନଜୀବନକୁ ବହୁଳ ଭାବରେ ପ୍ରଭାବିତ କରିଥିଲା। ପଞ୍ଚସଖା ଯୁଗର ଅନ୍ତିମ ଭାଗରେ ବିପ୍ରନାରାୟଣ ଦାସ, ରାୟ ରାମାନନ୍ଦ, ମାଧବୀ ଦାସୀ, ଦିବାକର ଦାସ, କପିଳେଶ୍ୱର ଦାସ, ଶିଶୁ ଶଙ୍କର ଦାସ, ଅର୍ଜୁନ ଦାସ, ଦେବଦୁର୍ଲଭ ଦାସ, କାର୍ତ୍ତିକ ଦାସ ପ୍ରଭୃତି କବିମାନେ ଆବିର୍ଭାବ ହୋଇ ଓଡ଼ିଆ ସାହିତ୍ୟର ଏହିଧାରାକୁ ସମୁଜ୍ଜ୍ୱଳ କରିଛନ୍ତି। ମୁଖ୍ୟତଃ କାବ୍ୟକାର ଭାବରେ ବିଖ୍ୟାତ ଏହି ମନୀଷୀଗଣ ପ୍ରଧାନତଃ ପୌରାଣିକ ଆଖ୍ୟାନମାନ ସୃଷ୍ଟି କରି ଓଡ଼ିଆ କାବ୍ୟ ସାହିତ୍ୟ ଓ ଚେତନାକୁ ନୂତନ ଦିଗ୍‌ଦିଗନ୍ତ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ରୀତି ଯୁଗର ବାର୍ତ୍ତାବାହକ ସୃଜନଶିଳ୍ପୀ ଭାବରେ ଏମାନଙ୍କର ତେଜୋଦୀପ୍ତ ପ୍ରତିଭାରେ ଓଡ଼ିଆ ସାହିତ୍ୟାକାଶ ଉଦ୍ଭାସିତ ହୋଇଛି। ଶ୍ରୀ ଜଗନ୍ନାଥ ଧର୍ମ ଓ ତତ୍ତ୍ୱ ସମ୍ପ୍ରତି କେବଳ ନୀଳାଚଳରେ ସୀମିତ ନରହି ଏହା ବିଶ୍ୱବ୍ୟାପକତା ଲାଭ କରିଛି। ଏହାର ଜନପ୍ରିୟ ପ୍ରସାରଣଶୀଳତା ବିଶ୍ୱ ସଂସ୍କୃତିରେ ଏକ ଗଣଧର୍ମ ସ୍ୱରୂପରେ ପ୍ରତିଭାତ ହୋଇ ସମଗ୍ର ମାନବଜାତିକୁ ବିଶ୍ୱଭ୍ରାତୃତ୍ୱ, ଶାନ୍ତି, ମୈତ୍ରୀ, ପ୍ରେମ ଓ ଶ୍ରଦ୍ଧାରେ ଉଦ୍‌ବୁଦ୍ଧ କରିଛି। ଏଥିନିମିତ୍ତ ପଞ୍ଚସଖାଯୁଗର ଲେଖକ ଓ କବିମାନଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ।

□□

ଲେଖକଙ୍କ ଇ-ମେଲ ଠିକଣା:
rknprincipalbbm@gmail.com



ଗଳ୍ପ

# ନିଷ୍ପ୍ରତିଭ ସ୍ୱର

ସୁଶୀଳ କୁମାର ନନ୍ଦ

କାଲିଠାରୁ ମହାରାଜାଙ୍କ ମନ ଭଲ ନାହିଁ। ଗୁପ୍ତଚରଙ୍କ ପ୍ରଦତ୍ତ ଖବର ଏହାର କାରଣ। ନିଜ ସମ୍ପର୍କରେ ଜନଭାବନା କେମିତି ରହିଛି, ସେ ଖବର ଜାଣିବା ପାଇଁ ସେ ଏକାଧିକ ଗୁପ୍ତଚରଙ୍କୁ କାମରେ ଲଗାଇଥିଲେ। ଯାହା ତଥ୍ୟ ପ୍ରାପ୍ତ ହୋଇଛି, ତାହା ଚିନ୍ତାଜନକ। କିଛି ଆଗ ଧାଡିର ଉଚ୍ଚ ସ୍ୱରଧାରୀ ନାଗରିକ ତାଙ୍କ ଉପରେ ଲମ୍ପଟତାର ଆରୋପ ଲଗାଉଛନ୍ତି ଯାହା ତରଙ୍ଗ ଭଳି ପ୍ରସାରିତ ହେବାରେ ଲାଗିଛି ରାଜ୍ୟର କୋଣ ଅନୁକୋଣରେ। ସେ କୁଆଡେ ରୂପବତୀ, ଗୁଣବତୀ, ବିବାହ କରିଥିବା ସାତ ରାଣୀ ଥାଉ ଥାଉ ଅନ୍ୟ ଜଣେ ପରମା ସୁନ୍ଦରୀ ନାରୀ ପ୍ରତି ଆସକ୍ତ ହୋଇ ତା ସହ ରାତ୍ରିଯାପନ କରୁଛନ୍ତି। ରାଜ୍ୟର ରାଜା ହୋଇ ଏପରି ଚରିତ୍ରହୀନ ହେଲେ ରାଜ୍ୟ ରହିବ?

ଏଇଟା କ'ଣ ଗୋଟେ କଥା? ରାଜା ସେ। ରାଜ୍ୟଗୋଟାର ଦାୟିତ୍ୱ ତାଙ୍କ ମୁଣ୍ଡରେ। ନିଜର ଭାରି ମସ୍ତିଷ୍କକୁ ଟିକିଏ ହାଲ୍‌କା କରିବାର ଅଧିକାର ତାଙ୍କର ଅଛି ନା ନାହିଁ? ତାଙ୍କର ବ୍ୟକ୍ତିଗତ ଜୀବନ ଉପରେ ଦଖଲ ଦେବାକୁ ପ୍ରଜାମାନେ କିଏ? ସେମାନଙ୍କର ସମସ୍ୟା ବୁଝିବାରେ ତ ସେ କେବେ କାର୍ପଣ୍ୟ କରି ନାହାନ୍ତି। କିନ୍ତୁ ସାଧାରଣ ପ୍ରଜା ଏ କଥା ବୁଝିଲେ ତ! ସେମାନେ ତ ମେଣ୍ଢା। ଏଇ ମୁଷ୍ଟିମେୟ ଚତୁର, କୁଟିଳ ଅପପ୍ରଚାରକାରୀମାନଙ୍କ କଥାରେ ସେମାନେ ଭାସିଯିବା କିଛି ବିଚିତ୍ର ନୁହେଁ। ସେମିତି ହେଲେ ତାହା ଏକ ଘୂର୍ଣ୍ଣିଝଡ ପାଲଟି ତାଙ୍କୁ ସିଂହାସନରୁ ଉଠାଇ ନେଇ କେଉଁଠି ଫୋପାଡି ଦେଇପାରେ।

ସେଦିନ ରାତିରେ ସେ ପୂର୍ବ ପରି ତାଙ୍କର ସେଇ ପ୍ରିୟ ନାରୀ ଗୃହରେ ପାଦ ଥାପିଲେ ଶେଷ ଅଭିସାର ପାଇଁ। ତାଙ୍କୁ ତାଙ୍କ ସିଂହାସନ ରକ୍ଷା କରିବାକୁ ହେବ। ତେଣୁ ସେ ରାତିଟିକୁ ସେ ଶେଷ ଅଭିସାର ରାତ୍ରି କରିବେ।



ସେ ଲୋଭନୀୟା ନାରୀଙ୍କର ନାମ ଥିଲା ମନ୍ଦାକିନୀ। ଖାଲି ରୂପବତୀ ନୁହେଁ, ସେ ନୃତ୍ୟ ବିଶାରଦା ଏବଂ କାମ ବିଶାରଦା ବି ଥିଲେ। ସର୍ବୋପରି ଖୁବ୍ ଚତୁରୀ ଆଉ ବୁଦ୍ଧିମତୀ ବି ଥିଲେ। ପୁରୁଷ ମାନଙ୍କର ମନସ୍ତତ୍ତ୍ୱ ସେ ଖୁବ୍ ସୁନ୍ଦର ପଢି ପାରୁଥିଲେ। ରାଜାଙ୍କର ମୁଖରେ ବିରସତା ଅବଲୋକନ କରି ସେ ତା'ର କାରଣ ପୁଚ୍ଛା କରନ୍ତେ, ରାଜା ମନଦୁଃଖରେ କହିଲେ, 'ପ୍ରିୟେ! ତୁମ ସହ ମୋର ମିଳନର ଆଜି ବୋଧେ ଶେଷ ରାତ୍ରି। ନିଜର ଭାବମୂର୍ତ୍ତି ରକ୍ଷା ପାଇଁ, ପ୍ରକାରାନ୍ତରେ ଗାଦି ରକ୍ଷା ପାଇଁ ମୋତେ ଏବେ ତୁମକୁ ତ୍ୟାଗ କରିବାକୁ ପଡ଼ିବ। ମୋ ପାଇଁ ଏହା ବହୁତ କଷ୍ଟକର ଅବଶ୍ୟ ହେବ। ତୁମ ସହ ମୋର ସମ୍ପର୍କକୁ ନେଇ ଏବେ ରାଜ୍ୟର କିଛି ମୁଖିଆ ପ୍ରଜା ଟୁପୁର ଟାପର ହେଉଛନ୍ତି। କାଲିକୁ ଏହା ଏକ ବିପଦଜନକ ରୂପ ଧାରଣ କରିପାରେ। ଓଃ, କି କଷ୍ଟକର କଥା, ମୁଁ ତୁମକୁ ତଥା ନିଜକୁ ଶୁଣାଉଛି!'

ମନ୍ଦାକିନୀଙ୍କ ଓଠରେ ହାସ୍ୟ ଛଟା। ରାଜା ପ୍ରଶ୍ନ କଲେ, 'ତୁମେ ହସୁଛ ଯେ। କ'ଣ ମୋତେ ତ୍ୟାଗ କରିବା ତୁମ ପାଇଁ ଆନନ୍ଦ ଦାୟକ ହେବ?' ମନ୍ଦାକିନୀ କିଛି ସମୟ ନିରବ ରହି କହିଲେ, 'ମହାରାଜ! ଏଭଳି ପ୍ରଶ୍ନ କରିବା ବା ତା'ର ଉତ୍ତର ଦେବା ଅନାବଶ୍ୟକ। କାରଣ ଆପଣ ମୋତେ କିମ୍ବା ମୁଁ ଆପଣଙ୍କୁ ତ୍ୟାଗ କରିବା ଭଳି ପରିସ୍ଥିତି ଆଦୌ ଉପୁଜିବାର ନାହିଁ। ଆପଣଙ୍କୁ ମୋ'ର ସବିନୟ ଅନୁରୋଧ, ଆପଣଙ୍କ

ରାଜମହଲର ରଙ୍ଗଶାଳାରେ ମୋ'ର ଏକ ନୃତ୍ୟ ରାତ୍ରିର ଆୟୋଜନ କରି ସେ ମୁଖିଆ ମାନଙ୍କୁ ନିମନ୍ତ୍ରଣ କରନ୍ତୁ। ସବୁଠାରୁ ଉତ୍କୃଷ୍ଟ ମଦ୍ୟର ବ୍ୟବସ୍ଥା ଅବଶ୍ୟ ରଖିବେ ତହିଁରେ। ବାକି କାମ ମୋ'ର।'

ମହାରାଜ ରାଗିଯାଇ କହିଲେ, 'ଏ କି କଥା କହୁଛ? ବିବାହ ନକଲେ ବି ତୁମେ ମୋ'ର ହୋଇ ସାରିଛ। ନଗରବଧୂ ନୁହଁ ତୁମେ। ତୁମକୁ କ'ଣ ମୁଁ ସେମାନଙ୍କ ସହ ଭାଗ କରିବି?'

**ନିଜ ରାଜ୍ୟରେ ଆଗ ଅପେକ୍ଷା ସେ ବେଶ୍ ଅଧିକ ପ୍ରତିଭାତ ହେଉଛନ୍ତି ଏକ ନିଷ୍କଳଙ୍କ, ଚରିତ୍ରବାନ, ସୁପୁରୁଷ, ମହନୀୟ ରାଜା ହିସାବରେ।**

ମନ୍ଦାକିନୀ କହିଲେ, 'ଆପଣ କ'ଣ ସେଇ ଶ୍ଳୋକଟି ଭୁଲିଗଲେ ମହାରାଜ! ସର୍ବନାଶ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜନ୍ତି ପଣ୍ଡିତାଃ। ମୋ'ର ଏ ସମଗ୍ର ଶରୀର ତଥା ଅନ୍ତର ଏକାନ୍ତ ଭାବେ ଆପଣଙ୍କର। ଆଉ ସେହିପରି ହିଁ ରହିବ। ସେମାନେ କେବଳ ଦୂରରେ ନିଜ ନିଜ ଆସନରେ ବସି ରହି ମୋର ନୃତ୍ୟ ସହ ସାମାନ୍ୟ ଜାନୁ ଯୌବନ ଦର୍ଶନ କରିବେ। ତା ପୁଣି ବସ୍ତ୍ର ଉହାଡରୁ। ଅବଶ୍ୟ ଟିକିଏ ପାରଦର୍ଶୀ ରେଶମ ବସ୍ତ୍ର। ମୋ'ର ସୁନ୍ଦରୀ ଷୋଡଶୀ ସହଚରୀ ମାନେ ସେମାନଙ୍କୁ ମଦ୍ୟ ପରିବେଷଣ କରିବେ। ତା ପରଦିନ ଦେଖିବେ, ସେହି କତିପୟ ସମାଜର ଉଚ୍ଚସ୍ୱରଧାରକମାନେ କିପରି ଆପଣଙ୍କର ଅନୁଗତ ହୋଇଯିବେ, ବା ଅନୁଗତ ହେବାକୁ ବାଧ୍ୟ ହେବେ। ଆପଣଙ୍କୁ ଆଜି ଲମ୍ପଟର ଆଖ୍ୟା ଦେଉଥିବା ସେ କତିପୟମାନେ ଆପଣଙ୍କୁ ମହାଚରିତ୍ରବାନ୍ ବୋଲି କାଲି ସମାଜରେ ପ୍ରଚାର କରିବେ। ନା ଆପଣ ମୋତେ ହରାଇବେ, ନା ଆପଣଙ୍କର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେବ। ଆପଣଙ୍କର ସିଂହାସନ ଆହୁରି ଦୃଢୀଭୂତ ହେବ। ଶେଷରେ ସେପରି ହିଁ ହେଲା।

ରଙ୍ଗଶାଳା ମଝିରେ ମଝିରେ ଚାଲିଛି। ସମାଗମ ହେଉଛି ପ୍ରମୁଖ ସ୍ୱରଧାରୀ ମାନଙ୍କର। ମହାରାଜାଙ୍କର ମନ୍ଦାକିନୀଙ୍କ ସହ ପ୍ରୀତି ଅଧିକ ନିବିଡ଼ ହେଉଛି। ହେଲେ କିଛି ଫରକ ପଡୁନି। ବରଂ ନିଜ ରାଜ୍ୟରେ ଆଗ ଅପେକ୍ଷା ସେ ବେଶ୍ ଅଧିକ ପ୍ରତିଭାତ ହେଉଛନ୍ତି ଏକ ନିଷ୍କଳଙ୍କ, ଚରିତ୍ରବାନ, ସୁପୁରୁଷ, ମହନୀୟ ରାଜା ହିସାବରେ।

□□

ଲେଖକଙ୍କ ଇ-ମେଲ ଠିକଣା:
sushilnanda06@gmail.com



ରମ୍ୟରଚନା

# ଷାଠିଏ ପଉଟି ଭୋଗରୁ ତୁମର କାଢ଼ି ତ ନେଇନି ହରି



ବିଭୁ ପ୍ରସାଦ ନାୟକ (ଡ. ଧର୍ମଛଡା)

ମଣିଷ ହେଉ କି ପଶୁପକ୍ଷୀ ଅବା ବୃକ୍ଷଲତା, ଯେଉଁମାନେ ଜୀବନର ଅଧିକାରୀ, ସେମାନଙ୍କର ପ୍ରାଥମିକ ଆବଶ୍ୟକତା ହେଉଛି ପେଟ ପାଇଁ ଖାଦ୍ୟ। ଆମ ଜଗନ୍ନାଥ ସଂସ୍କୃତିରେ ଖାଦ୍ୟ ଉପରେ ବେଶ୍ ଗୁରୁତ୍ୱ ଦିଆଯାଇଛି। ଖାଇବା ପାଇଁ ଜୀବନର ସୃଷ୍ଟି, ଖାଦ୍ୟ ଖାଇ ସଜୀବ ବଞ୍ଚେ, ବଢ଼େ ଓ ପୁଣି କାଳକ୍ରମେ ନିଃଶେଷ ହୋଇଯାଏ। ଏ ସଂସାରରେ ସବୁ ନାଟର ମୂଳରେ ପେଟ! ଯେଉଁମାନେ କୁହନ୍ତି ଆମର ମହାପ୍ରଭୁ ଶ୍ରୀଜଗନ୍ନାଥ କାଷ୍ଠରେ ନିର୍ମିତ ପ୍ରତିମା, ସିଏ ଯଦି ପ୍ରକୃତରେ ଖାଉଥାଆନ୍ତେ, ଲୋକେ କଣ ଭୋଗ ଲଗାନ୍ତେ! କିନ୍ତୁ ସେମାନେ ଯଦି ଥରେ ଶ୍ରୀମନ୍ଦିରର ରୋଷଶାଳାରେ ପ୍ରସ୍ତୁତ ଷାଠିଏ ପଉଟି ରନ୍ଧନ ଏବଂ ମହାପ୍ରଭୁଙ୍କ ପାଖରେ ଲାଗି ହେଉଥିବା ଭୋଗ ଏବଂ ସେହି ମହାପ୍ରସାଦକୁ ଆନନ୍ଦ ବଜାରରେ ଆନନ୍ଦର ସହିତ ନରନାରାୟଣ ଖାଉଥିବାର ଦେଖିବେ, ନିଶ୍ଚୟ ଅନୁଭବ କରିବେ ଯେ ମହାପ୍ରଭୁ ହେଉଛନ୍ତି ସେହି କାଷ୍ଠ ଭିତରେ ଏକ ଜୀବନ ସତ୍ତା। ଏହି ଷାଠିଏ ପଉଟି ମାଧ୍ୟମରେ ଲୁଚି ରହିଛି ଆମ ସାହିତ୍ୟ, ଦର୍ଶନ, ପରମ୍ପରା, ଇତିହାସ ତଥା ବୈଦିକ ଯୁଗର ଭେଷଜ ବିଜ୍ଞାନ। ମହାପୁରୁଷ ବଳରାମ ଦାସଙ୍କ କୃତ ଲକ୍ଷ୍ମୀ ପୁରାଣ ବର୍ଣ୍ଣିତ ଅଛି ଲକ୍ଷ୍ମୀଛଡ଼ା ଦୁଇଭାଇ ବଡ଼ଦେଉଳର ଜଗନ୍ନାଥ ଓ ବଳଭଦ୍ରଙ୍କ କଥା। କ'ଣ ନଥିଲା ସେ ଦୁହିଁଙ୍କର! ଜଗତର କର୍ତ୍ତା ସର୍ବମାନ୍ୟ ଜଗନ୍ନାଥ, ଚିରମାନ୍ୟ ଅଗ୍ରଜ ବଳରାମ। ଉକ୍ତ ଦୁର୍ଭାଗ୍ୟ ମଧ୍ୟରେ ପରିସ୍ଥିତି ଏମିତି ହୋଇଗଲା ଯେ, ଷାଠିଏ ପଉଟି ସୁସ୍ୱାଦୁ ବ୍ୟଞ୍ଜନ ଦୂରେ ଥାଉ, ଦୁଇ ମୁଠା ସାଧାରଣ ଅନ୍ନ ବି ସେମାନଙ୍କ ପାଇଁ ଦୁର୍ଲଭ ହୋଇପଡିଥିଲା। ସଂସାରର ସବୁଠାରୁ ସ୍ୱଚ୍ଛଳ ଦେବତା ଦୁହିଁଙ୍କ ପାଇଁ ଅସହ୍ୟ ଭୋକର ଜ୍ୱାଳା ଅଭିଶପ୍ତ ଅନୁଭବ ମଧ୍ୟରୁ ଗୁଞ୍ଜରିତ ହେଉଥିଲା।' ଓଡ଼ିଶାର ଭଜନ ସମ୍ରାଟ ଭିକାରୀ ଚରଣ ବଳଙ୍କ କଣ୍ଠରୁ ଯିଏ ଥରେ ଶୁଣିଥିବ, *ଷାଠିଏ ପଉଟି ଭୋଗରୁ ତୁମର – କାଢ଼ି ତ ନେଇନି ହରି। କୁହ ତେବେ କେଉଁ ଅପରାଧେ ମୋତେ, କଲ ଦାଣ୍ଡର ଭିକାରୀ,* ସିଏ ଷାଠିଏ ପଉଟି ଭୋଗର ବିଶେଷତ୍ୱ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାର ମହତ୍ତ୍ୱ ସେ ନିଶ୍ଚୟ ଉପଲବ୍ଧି କରି ପାରୁଥିବ।

**ଯେଉଁମାନେ କୁହନ୍ତି ଆମର ମହାପ୍ରଭୁ ଶ୍ରୀଜଗନ୍ନାଥ କାଷ୍ଠରେ ନିର୍ମିତ ପ୍ରତିମା, ସିଏ ଯଦି ପ୍ରକୃତରେ ଖାଉଥାଆନ୍ତେ, ଲୋକେ କଣ ଭୋଗ ଲଗାନ୍ତେ!**

ପେଟରେ ଯଦି ଭୋକ ନଥାନ୍ତା, ତେବେ ସଜୀବ ଓ ନିର୍ଜୀବ ମଧ୍ୟରେ କିଛି ପ୍ରଭେଦ ନଥାନ୍ତା। କରୋନାର ପ୍ରଥମ ଲହର କାଳରେ ସଂଘଟିତ ହୋଇଥିବା ଗଣଦୁର୍ଭାଗ୍ୟର ସେହି ଆଖିଦେଖା କଥା। ସମଗ୍ର ଦେଶରେ ଜୀବନକୁ ପ୍ରାଧାନ୍ୟ ଦେଇ ଜୀବିକାକୁ ଯେତେବେଳେ ତାଲାବନ୍ଦ ନାମରେ ନିର୍ବାସନରେ ପଠା ଯାଇଥିଲା, ସେତେବେଳେ ଖୋଲା ଆକାଶ ତଳେ ଖାଲି ପେଟରେ ନିଜ ନିଜର ଜୀବିକା ହରାଇ ପିଲା ପରିବାର ଧରି ନିଜ ଭିଟାମାଟିକୁ ଫେରୁଥିବା ଲମ୍ବା ପଟୁଆର ମୂଳରେ ଗୁଞ୍ଜରଣ କରୁଥିଲା, *ଷାଠିଏ ପଉଟି ଭୋଗରୁ ତୁମର – କାଢ଼ି ତ ନେଇନି ହରି। କୁହ ତେବେ କେଉଁ ଅପରାଧେ ମୋତେ, କଲ ଦାଣ୍ଡର ଭିକାରୀ।* ପରିବହନ ବ୍ୟବସ୍ଥା ବନ୍ଦ ଥିବା ସତ୍ତ୍ୱେ ପାଦରେ ଚାଲିଚାଲି ଶହଶହ ମାଇଲ ଅତିକ୍ରମ କରୁଥିବା ପ୍ରବାସୀ ଶ୍ରମିକଙ୍କ ପଟୁଆରର ସେହି ହୃଦୟବିଦାରକ ଦୃଶ୍ୟ ଯିଏ ଦେଖିଛି, ସିଏ ହିଁ ଜାଣିଛି ବଞ୍ଚିବା ପାଇଁ ଖାଦ୍ୟର କେତେ ଆବଶ୍ୟକତା ରହିଛି ? ପ୍ରକୃତରେ ନିଜ କର୍ମସ୍ଥଳରେ ମୁଠାଏ ଯଦି ଖାଇବାର ବ୍ୟବସ୍ଥା ହୋଇଥା'ନ୍ତା, ତେବେ ପ୍ରଚଣ୍ଡ ରୌଦ୍ରତାପରେ ଶିଝି ପଥଚାରୀ ସେହି ପଥ ଉପରେ ଟଳିପଡ଼ି ନଥା'ନ୍ତେ କି ଅବିରତ

ପଥଶ୍ରମର କ୍ଲାନ୍ତି ମେଣ୍ଟାଇବା ପାଇଁ ରେଳଧାରଣା ଉପରେ ଶୋଇ ଯାଇଥିବା ହତଭାଗ୍ୟ ପ୍ରବାସୀଙ୍କ ଉପରେ ଟ୍ରେନ ମାଡ଼ିଯାଇ ନ ଥା'ନ୍ତା !

ପେଟର ଭୋକ ମଣିଷକୁ କେମିତି ପଶୁର ପ୍ରତିଦ୍ୱନ୍ଦ୍ୱୀ ଭୂମିକାରେ ଅବତୀର୍ଣ୍ଣ କରିପାରେ, ତାହାର ଏକ ସ୍ୱଷ୍ଟ ଚିତ୍ର ଏଇ କେଇଦିନ ତଳେ ଘୂରି ବୁଲୁଥିଲା ସାମାଜିକ ଗଣମାଧ୍ୟମରେ । ଗୋଟିଏ ଡଷ୍ଟବିନ୍‌ରେ ଫିଙ୍ଗା ଯାଇଥିବା କିଛି ବଳକା ଅଇଁଠା ଖାଦ୍ୟକୁ ଖାଇବା ପାଇଁ ପ୍ରତିଯୋଗିତାରେ ଲାଗି ପଡ଼ିଥିଲେ ଦୁଇଟି ଜୀବନ, ଗୋଟିଏ ପଟେ ଏକ ବୁଲା କୁକୁର ତ ଅନ୍ୟ ପଟେ ଦଶ ବାର ବର୍ଷର ଜଣେ ଭୋକିଲା ବାଳକ । ଦାରିଦ୍ର୍ୟର ଏହି ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟକୁ ଟିକେ ଗମ୍ଭୀର ଭାବେ ଅବଲୋକନ କଲେ ମାନବୀୟ ସଂସ୍କୃତିରେ ବିଶ୍ୱାସ ରଖୁଥିବା ଯେକୌଣସି ଲୋକ ମାନବତାର ପ୍ରକୃତ ପରିଭାଷାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯିବେ । କେଉଁଠି ନଗଡ଼ାର ଶିଶୁ ମଡ଼କ କଥା ମନକୁ ଆସିଲେ, ଆପେ ଆପେ ମନରେ ଉଙ୍କିମାରେ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଡାଲିକୁ ଖାଇ ପ୍ରସିଦ୍ଧି ଅର୍ଜନ କରିଥିବା ସର୍ବଗିଳା ମନ୍ତ୍ରୀମାନଙ୍କ କଥା । ପୁଣି ଉଙ୍କିମାରେ ଖଣିଜ ପଦାର୍ଥ ସମେତ ଅଭିଶପ୍ତ କଳା କୋଇଲାକୁ ଖାଇ ହଜମ କରୁଥିବା ମହାପୁରୁଷଙ୍କ କଥା । ବଡ଼ଦାଣ୍ଡର ନବୀକରଣ ପାଇଁ ଆସିଥିବା ଲକ୍ଷକୋଟୀ ଟଙ୍କାର ବାଲି, ଗୋଡ଼ି, ସିମେଣ୍ଟ ଭଳି ଅଖାଦ୍ୟକୁ ଖାଇ ହଜମ କରିପାରୁଥିବା ଦିବ୍ୟ ଆତ୍ମାଙ୍କ କଥା ମଧ୍ୟ । ସେମାନେ କୌଣସି ଅଲୌକିକ ବ୍ୟକ୍ତି ବିଶେଷଙ୍କ ଠାରୁ କମ୍ ନୁହନ୍ତି ? ଓଭରବ୍ରିଜର ବାଲି ଗୋଡ଼ି ସିମେଣ୍ଟ ଓ ଲୁହା ଛଡ଼ ଖିଆ ଲୌହ ମାନବ ତଥା ପୁଳା ପୁଳା ଟଙ୍କା ଖାଇ ହାଇ ମାରୁଥିବା ବ୍ୟକ୍ତି ସଜୀବ ପୁରୁଷ, ମହାପୁରୁଷ ନା ନିର୍ଜୀବ ସକଟାସୁରଙ୍କ ପରି ପୁରାଣର କଳ୍ପିତ ଆତ୍ମା, ତାହା ବିଚାର କରିବାର କଥା ।



ଲକ୍‌ଡାଉନ୍ କଟକଣାକୁ ଅମାନ୍ୟ କରି ଶତାଧିକ ଲୋକଙ୍କୁ ଖାଇବାକୁ ଦେଉଥିଲେ କିଛି ଗୃହସ୍ୱାମୀ । କିଏ ନିଜର ବାପା ତଥା ମାଆଙ୍କର ଏକାଦଶାହ ଶୁଦ୍ଧି ପାଇଁ ଗଣଭୋଜିର ଆୟୋଜନ କରିଥିଲେ ତ କିଏ ନିଜର ପୁଅ ଝିଅଙ୍କ ବିବାହ ଭୋଜି ଆଳରେ ଦରିଦ୍ର ନାରାୟଣ ସେବା କରିବାକୁ ମନସ୍ଥ କରିଥିଲେ । ସେଠାରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଅଚାନକ ଚଢ଼ାଉ କରି ଏହା କୋଭିଡ୍ ବୋଲି ଆଇନର ଉଲ୍ଲଂଘନ କହି ଶତାଧିକ ଲୋକଙ୍କ ପାଇଁ ପ୍ରସ୍ତୁତ ସମସ୍ତ ଖାଦ୍ୟକୁ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ସମସ୍ତ ଖାଦ୍ୟକୁ ଅଳିଆ ଗଦା ଉପରେ ଢାଳି ଦେଉଥିଲା ବେଳେ କିଛି ଭୋକିଲାଙ୍କ କଣ୍ଠରୁ ସ୍ୱତଃପ୍ରବୃତ୍ତ ଭାବେ ବାହାରି ଆସୁଥିଲା, *ଛାଠିଏ ପଉଟି ଭୋଗରୁ ତୁମର - କାଢ଼ି ତ ନେଇନି ହରି । କୁହ ତେବେ କେଉଁ ଅପରାଧେ ମୋତେ, କଲ ଦାଣ୍ଡର ଭିକାରୀ ।*

କରୋନା ସମୟରେ ଏଇ ପେଟ ଚାଖଣ୍ଡକ ମଧ୍ୟରେ ରାଜୁତି କରୁଥିବା ଭୋକ ରାକ୍ଷସର ଆବଶ୍ୟକତାକୁ ପୂରଣ କରିବା ପାଇଁ ସମାଜର ସବୁ ବର୍ଗର ଲୋକ ଯିଏ ଯାହା ବାଟରେ ଉଦ୍ୟମରତ ଥିଲେ । କିଏ ଉଚିତ ମାର୍ଗରେ ଯାଇ ନିଜ ପେଟ ପୂରାଇବା ପାଇଁ ଉଦ୍ୟମ କରୁଥିଲେ ତ ଅନ୍ୟ କେହି ଅସାଧୁ ଓ ଅନୁଚିତ ବାଟରେ ପେଟ ପାଇଁ ଖାଦ୍ୟ ଅର୍ଜନ କରୁଥିଲେ । ପୂର୍ବରୁ ମଣିଷ ସଭ୍ୟତା ବିକଶିତ ହୋଇ ନଥିବାବେଳ ନିଜ ପେଟ ପୂରାଇବା ପାଇଁ ଅନ୍ୟ ମୁହଁରୁ ବଳ ପ୍ରୟୋଗ କରି ଖାଦ୍ୟ ଛଡ଼ାଇ ଆଣୁଥିଲା ମଣିଷ । ମାତ୍ର ଏବେ ତ ଏକ ସମୃଦ୍ଧ ସଭ୍ୟତା ମଧ୍ୟରେ ବି ନିଜ ପେଟ ଭରିବା ପରେ ବି ନିଜ ବୁଦ୍ଧି ଓ ଶକ୍ତି ପ୍ରୟୋଗ କରି ଅନ୍ୟମାନଙ୍କ ଭାଗର ଆହାର ନିଜ ପଟକୁ ଟାଣି ଆଣୁଛି ସଭ୍ୟ ବୋଲାଉଥିବା ବୁଦ୍ଧିମାନ୍ ଓ କ୍ଷମତାଶୀଳ ମଣିଷ ! ପଞ୍ଚାୟତରେ କୋଭିଡ଼ ସେଣ୍ଟରର ମାନଙ୍କରେ ଅସ୍ଥାୟୀ କଲେକ୍ଟର ବା ଶକଟାସୁର ମାନେ କୋଭିଡ଼ ସେଣ୍ଟରର ଅନ୍ତେବାସୀଙ୍କ ମୁହଁରୁ ଖାଦ୍ୟ ଛଡ଼ାଇ ଖାଉଥିବାର ଦୃଶ୍ୟ

ଗଣମାଧ୍ୟମରେ ଶିରୋନାମା ମଣ୍ଡନ କରୁଥିବା ଦେଖାଗଲା। କୋଭିଡ୍ ସେଣ୍ଟରରେ ଭୋକ ଉପାସରେ ଛଟପଟ ହେଉଥିବା ଅନ୍ତେବାସୀଙ୍କ ମୁହଁରୁ ବାହାରି ଆସୁଥିଲା, *ଷାଠିଏ ପଉଟି ଭୋଗରୁ ତୁମର - କାଢ଼ି ତ ନେଇନି ହରି। କୁହ ତେବେ କେଉଁ ଅପରାଧେ ମୋତେ, କଲ ଦାଣ୍ଡର ଭିକାରୀ।*

ଭୋକ କିଛି ମାନେନା, କେଉଁଠି ପ୍ରଭାବଶାଳୀ ବ୍ୟକ୍ତି ଭୋକ ପାଇଁ ଗୋରୁ ଓ ଗାଇଙ୍କ ମୁହଁରୁ ଦାନା ଛଡ଼ାଇ ଖାଇଯାଉଛନ୍ତି ତ ପୁଣି କେଉଁଠି ପ୍ରଧାନମନ୍ତ୍ରୀ ଆବାସ, ନରେଗା, ବୃଦ୍ଧ ବିଧବାଭତ୍ତା ସମେତ ପ୍ରଧାନମନ୍ତ୍ରୀ ସଡ଼କକୁ ଜଳଖିଆ ଭଳି ଖାଇବା ପରେ ଚିଟଫଣ୍ଡ ଏବଂ ଜାବତୀୟ ଦୁର୍ନୀତିକୁ ଲଞ୍ଚ ଓ ଡିନର କରୁଛନ୍ତି। ଆମର ଏଠି ଶ୍ରମିକ ମାନେ ଆଠଘଣ୍ଟା ଜାଗାରେ ୧୨ ଘଣ୍ଟା କାମକରି ଉଚିତ ମୂଲ୍ୟ ନପାଇ ନେତା ଓ ମନ୍ତ୍ରୀଙ୍କ ଭାଷାରେ ଠକ ବୋଲି ସମ୍ବୋଧିତ ହେଉଥିବା ବେଳେ, ମନ୍ତ୍ରୀ, ବିଧାୟକ ଏବଂ ସାଂସଦ ମାନେ ବିଧାନସଭା କିମ୍ବା ଲୋକସଭାକୁ ଅଚଳ କରାଉଥିଲେ ମଧ୍ୟ ଦରମା ସହିତ ସମସ୍ତ ଭତ୍ତା ନେଇ ଭାଷଣ ମାଧ୍ୟମରେ ନିଜକୁ ସଚ୍ଚୋଟ ବୋଲି କୁହାଇବା ପାଇଁ କିଛି କୁତ୍ତା ପାଳନ କରିଛନ୍ତି। ଏଠାରେ ସଚ୍ଚୋଟର ସଂଜ୍ଞା ହେଲା, 'ସଦାବେଳେ ଯିଏ ଚୋଟ ମାରିଥାଏ' ସିଏ ସଚ୍ଚୋଟ। ହେଲେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ସମସ୍ତ ଯୋଗ୍ୟତା ଥିଲେ ମଧ୍ୟ ଖଣ୍ଡିଆ ଛପର ଘରେ ଭୋକ ଉପାସରେ ଶୋଇ ବର୍ଷା ପାଣି ପିଇ ଅଭାଗା ମଣିଷ କହୁଛି, *ଷାଠିଏ ପଉଟି ଭୋଗରୁ ତୁମର - କାଢ଼ି ତ ନେଇନି ହରି। କୁହ ତେବେ କେଉଁ ଅପରାଧେ ମୋତେ, କଲ ଦାଣ୍ଡର ଭିକାରୀ।*

**ଏଠାରେ ସଚ୍ଚୋଟର ସଂଜ୍ଞା ହେଲା, 'ସଦାବେଳେ ଯିଏ ଚୋଟ ମାରିଥାଏ' ସିଏ ସଚ୍ଚୋଟ।**

□□

ଲେଖକଙ୍କ ଇ-ମେଲ ଠିକଣା:
bibhuprasad.nayak27@gmail.com

PROZOSYS
TECHNOLOGIES PVT. LTD.
+91 9777060101
Call us now!

DESIGN, DEVELOPMENT & MARKETING SERVICES

Contact for :

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com

କବିତା

# ଦିବ୍ୟ ଦର୍ଶନ



ଡ. କୁଳମଣି ଓଝା

ଘନଘୋର ଅଂଧାରରୁ
ଆଲୋକିତ ଅନଂତ ଆହ୍ଲାଦ...
ପାଦେ ମାତ୍ର ପ୍ରସ୍ଥର ଦୂରତା
ସ୍ୱର୍ଣ୍ଣରେଣୁ ସରଣିରେ ଦିବ୍ୟତାର ସ୍ପର୍ଶ
ଚରାଚର, କୀଟ, ବ୍ରହ୍ମ ଅପେକ୍ଷା ମୁଦ୍ରାରେ
ଗତିଷ୍ମାନ୍ ଢଳଢଳ ସୁଢଳ ସେ ଛଂଦ
ଚାଲି ନୁହେଁ, ଦଉଡ଼ ବି ନୁହେଁ ;
ଗତିମୟ ଆଗମନ ଭିନ୍ନ ଏକ ଧାରା
ପାଦେ ପାଦେ ଆବାହନ ଓଁକାର ନିକ୍ୱଣ
ଦିବ୍ୟ ଦିବ୍ୟ ଭାବସ୍ନାତ ପହଂଡ଼ିରେ
ଜୀବ ଆଉ ପରମଂକ ଅପୂର୍ବ ନର୍ତ୍ତନ ।

ସତେ କେଉଁ ମହଲୋକ ଉନ୍ମୀଳନ
କକ୍ଷ କକ୍ଷାନ୍ତରର : ଦେବ, ନର, ଗଂଧର୍ବ, କିନ୍ନର
ପଶୁ, ପକ୍ଷୀ, ଗଛଲତା, ଦୂବ ଓ ଧାନ୍ୟ
ସବୁରି ଆଖିରେ ଆରଣ୍ୟକ-ସାମୁଦ୍ରିକ ତୃଷ୍ଣା
କେବେ ପୁଣି ଝଟକିବେ ସିଂହଦ୍ୱାରେ ଟାହିଆ ଶୋଭିତ
ନୀଳ ନୀଳ ଜୀମୂତ ବର୍ଣ୍ଣର ମହାମୋକ୍ଷ ଦେବ
କୋଟି ସୂର୍ଯ୍ୟ ଦିବ୍ୟ କାନ୍ତି ପୀୟୂଷ ପ୍ରତ୍ୟୟ
ଅପ୍ରତିମ ଟାହିଆର ଲାସ୍ୟଝରା ଲଳିତ ପ୍ରଭାରେ
ଶୋଭାମୟ ଦାରୁଦିଅଁ 'ସୃଷ୍ଟି-ସ୍ଥିତି-ପ୍ରଳୟ' ପ୍ରତୀକ
ଲୀଳାମୟ ଜଗତ ଜୀବନ ମାନବୀୟ ଲୀଳାର ଲହରେ
ପହୁଂଡ଼ିବେ ଏକ ପରେ ଏକ ଚତୁର୍ଦ୍ଧା ମୂରତି
ଏକ ଏକ ଅନେକରେ ଏକ, ଏକରେ ଅନେକ
ଘଂଟ, ଘଂଟା, ଭେରୀ, ତୁରୀ, ମହୁରୀ ନିନାଦେ
ଅଂଗେ ଅଂଗେ ଦିବ୍ୟ ନୂଆ ଯଉବନ ଆଭା,
ଶୋଭାତୀତ ମୃଣ୍ମୟ ପୃଥ୍ୱୀରେ ବିଚିତ୍ର ସେ ଶୋଭା ।



କିଏ ସେ ବିଚିତ୍ରକର୍ମା ବିଶ୍ୱଦେବ ବିଶ୍ୱକର୍ମା
କେଉଁ ମଂତ୍ରେ, କେଉଁ ତନ୍ତ୍ରେ ଚାରୁକାରୁ କଳା
ଏକୀଭୂତ ସୌନ୍ଦର୍ଯ୍ୟର ଉର୍ଦ୍ଧ୍ୱତନ ଏକତମ ବିନ୍ଦୁ
ଦେହ ପୁଣି ଦେହୀ, ଅଦେହୀ, ବିଦେହୀ
ପୂର୍ଣ୍ଣତମ ଦାରୁବ୍ରହ୍ମ ପୂର୍ଣ୍ଣବ୍ରହ୍ମ ବିଶାଳ ମୂରତି
ପହଂଡ଼ିର ସବା ଶେଷେ ଶ୍ରୀପୁରୁଷୋତ୍ତମ
କୋଟି ପୁଣ୍ୟ, କୋଟି ତୀର୍ଥ,
କୋଟି କୋଟି ସାଧନାର ଫଳ
ଶ୍ରୀଅଂଗରେ ଶ୍ରୀଟାହିଆ ଅତି ଶୋଭାବନ
ବାରେ ମାତ୍ର ସେ ଦିବ୍ୟ ଦର୍ଶନେ
ଧନ୍ୟ-ଧନ୍ୟ-ଧନ୍ୟ ଏଇ ମଣିଷ ଜନମ ।

*(ଆମର ଚଳିତ ସଂଖ୍ୟାର ପ୍ରଚ୍ଛଦପଟରେ ସ୍ଥାନିତ ଶ୍ରୀଜଗନ୍ନାଥଙ୍କ ପହଣ୍ଡି-କାଳୀନ ଚିତ୍ରଟି ପ୍ରତ୍ୟକ୍ଷ କରିବା ପରେ ଏହା ହେଉଛି କବି ଡ. କୁଳମଣି ଓଝାଙ୍କର ଏକ କାବ୍ୟିକ ଉଚ୍ଛ୍ୱାସ ।*

*- ସଂପାଦକ)*

□□

କବିଙ୍କ ଇ-ମେଲ ଠିକଣା:
ojhakulamani1966@gmail.com



ପ୍ରବନ୍ଧ

# ରଥୋତ୍ସବର ଆଦ୍ୟ ରୂପ

ଡ. ଦୋଳଗୋବିନ୍ଦ ବିଶୀ

ଭାରତୀୟ ସଂସ୍କୃତି ଗବେଷକମାନେ ଐତିହାସିକ ଦୃଷ୍ଟିରୁ ବିବେଚନା କରି ରଥଯାତ୍ରା ଉତ୍ସବ ଅୟମାରମ୍ଭ କରିବାର ଶ୍ରେୟ ମହାଯାନ ମତବାଦୀ ବୌଦ୍ଧମାନଙ୍କୁ ଦିଅନ୍ତି। ଲୋକୋତ୍ସବ ମାଧ୍ୟମରେ ଆପଣାର ନୂତନ ବୌଦ୍ଧମତର ପ୍ରଚାର ପ୍ରସାର ଘଟାଇ ମହାଯାନକୁ ଭାରତବର୍ଷରେ ଆଦୃତ କରାଇବା ଉଦ୍ଦେଶ୍ୟରେ ଏପ୍ରକାର ଅଭିନବ ପରିକଳ୍ପନା ମହାଯାନୀ ମାନେ କରିଥିବାର ସମ୍ଭାବନା ବ୍ୟକ୍ତ କରାଯାଏ। ବିନୋଦ ପ୍ରିୟ ସାମୁହିକ ଜନତାର ମନକୁ କୌଣସି ଏକ ଉତ୍ସବ ମାଧ୍ୟମରେ ବାନ୍ଧି ରଖିବା - ଶାସନ କୌଶଳର ଏକ ବିଶେଷସୂତ୍ର ଅଟେ। ଏହାଦ୍ୱାରା ପ୍ରଜାଙ୍କ ମଧ୍ୟରେ ଏକତା, ସଂହତି, ସମଭାବ ଓ ଭ୍ରାତୃବୋଧ ମଧ୍ୟ ସୃଷ୍ଟି ହୁଏ। ଶାସନର ସ୍ଥିରତା ପାଇଁ ଏହା ନିତାନ୍ତ ଆବଶ୍ୟକ। ଐତିହାସିକଙ୍କ ମତରେ ଚିତ୍ତବିନୋଦନ ମାଧ୍ୟମରେ ପ୍ରଜାକୁଳର ମନୋହରଣ କରିବା ଉଦ୍ଦେଶ୍ୟରେ ଅଶୋକଙ୍କ ଶାସନକାଳରୁ ବୌଦ୍ଧମତ ଓ ଧର୍ମାଚାର ସହ ସମନ୍ୱିତ କରି ଅନେକ ପ୍ରକାର ଅନୁଷ୍ଠାନ ଓ ଉତ୍ସବାଦିର ସୃଷ୍ଟି କରାଯାଇଥିଲା।



ଗୁପ୍ତଯୁଗରେ ହିଁ ଭାରତୀୟ ଲୋକ ଅନୁଷ୍ଠାନ ଗୁଡ଼ିକର ବ୍ୟାପକ ବିକାଶ ଘଟି ଲୋକୀକରଣ ହୋଇଥିଲା। କନିଷ୍କଙ୍କ ରାଜତ୍ୱ ବେଳକୁ ଏହି ପ୍ରବୃତ୍ତି ବିକାଶ ଓ ବ୍ୟାପକତାର ଚରମ ସୀମାରେ ପହଞ୍ଚିଥିଲା। ମୂଳରୁ ଅନାଡ଼ମ୍ବର ରହିଆସିଥିବା ବୌଦ୍ଧମତ ଏହି ସମୟ ବେଳକୁ ଆଡ଼ମ୍ବର ପୂର୍ଣ୍ଣ ହୋଇସାରିଥିଲା। ଯେଉଁସବୁ ଉତ୍ସବ ଓ ଅନୁଷ୍ଠାନ ମାଧ୍ୟମରେ ଜନସମୁଦାୟର ଭାବାବେଗକୁ ଆକର୍ଷିତ କରାଯାଉଥିଲା, ସେ ମଧ୍ୟରୁ ରଥଯାତ୍ରା ଥିଲା ଅନ୍ୟତମ। ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ଭାରତ ଭ୍ରମଣରେ ଆସିଥିବା ଚୀନ୍ ପରିବ୍ରାଜକ ଫାହିୟାନ ନିଜର ଭ୍ରମଣ ବୃତ୍ତାନ୍ତରେ ଅନେକ ମୂଲ୍ୟବାନ ତଥ୍ୟକୁ ଲିପିବଦ୍ଧ କରିଯାଇଛନ୍ତି। ମଧ୍ୟଏସିଆର 'ଖୋତନ'ଏବଂ ରାଜଧାନୀ 'ପାଟଳୀପୁତ୍ର'ରେ ତାଙ୍କ ଆଗମନ କାଳରେ ଯେଉଁପରି ଭାବରେ ରଥୋତ୍ସବକୁ ଲୋକୋତ୍ସବ ରୂପରେ ପାଳନ କରାଯାଉଥିଲା, ତାର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ନିଜ ଭ୍ରମଣ ବୃତ୍ତାନ୍ତରେ ସେ ଉଲ୍ଲେଖ କରିଛନ୍ତି।

## 'ଖୋତନ'ର ରଥଯାତ୍ରା

ଫାହିୟାନ ତାଙ୍କ ବିବରଣୀରେ ପ୍ରଥମେ 'ଖୋତନ'ର ରଥଯାତ୍ରା ବିଷୟ ବର୍ଣ୍ଣନା କରିଛନ୍ତି। ଖୋତନର ରଥଯାତ୍ରା ଉତ୍ସବ ଦେଖିବା ନିମନ୍ତେ ସେ ସେଠାକାର 'ଗୋମତୀ' ସଂଘାରାମରେ ତିନିମାସ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ଚତୁର୍ଥ ମାସ ବା ଆଷାଢ଼ ମାସର ପ୍ରଥମଦିନରୁ ନଗରର ସଡ଼କ, ଗଳି, ଉପଗଳି ଓ ଜନ ସମାଗମ ସ୍ଥାନମାନଙ୍କୁ ସଫାସୁତୁରା କରିବା ଆରମ୍ଭ ହୋଇଗଲା। ସମଗ୍ର ନଗରକୁ ଜଳସିଞ୍ଚନ କରି ସଫା କରିବା ସାଙ୍ଗେସାଙ୍ଗେ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ କରିଦିଆଗଲା। ପୁନଶ୍ଚ ନଗରୀକୁ ଅତି ମନୋରମ ଭାବରେ ସଜାଗଲା। ନଗରର ମୁଖ୍ୟ ପ୍ରବେଶଦ୍ୱାର ବାହାରେ ଏକ ବିଶାଳତମ୍ବୁ ସ୍ଥାପନ କରାଗଲା। ରାଜ କର୍ମଚାରୀ ମାନେ ଏହିତମ୍ବୁକୁ ଆକର୍ଷଣୀୟ କରି ସଜାଇଥିଲେ। ଏହି ତମ୍ବୁ ରାଜା ଓ ରାଣୀମାନେ ରହିବା ପାଇଁ ଉଦ୍ଦିଷ୍ଟ ଥିଲା। ସେତେବେଳେ 'ଖୋତନ'ରେ ଚାରିଟି ବଡ଼ ବିହାର ସମେତ ଅସଂଖ୍ୟ ଛୋଟଛୋଟ ବିହାରମାନ

ରହିଥିଲା । ଧାର୍ଯ୍ୟଦିବସ ଅନୁସାରେ ପ୍ରତ୍ୟେକ ସଂଘାରାମରୁ ଗୋଟିଏ ଲେଖାଏଁ ରଥ ସଜବାଜ ହୋଇ ବାହାରୁଥିଲା । ପ୍ରମୁଖ ବିହାର ହୋଇଥିବା ହେତୁ, 'ଗୋମତୀ ସଂଘାରାମ'ର ରଥ ସର୍ବପ୍ରଥମେ ବାହାରୁଥିଲା । ଏହିପରି ପ୍ରତି ଦିବସରେ ରଥମାନ ବାହାରି ଚଉଦଦିନ ପର୍ଯ୍ୟନ୍ତ ରଥ-ଉତ୍ସବ ଲାଗି ରହୁଥିଲା । ନଗରରୁ ୩/୪ ମାଇଲ ଦୂରତାରେ ଏକ ଖୋଲାସ୍ଥାନରେ ଚାରିଚକ ବିଶିଷ୍ଟ ରଥଟିଏ ନିର୍ମାଣ କରାଯାଉଥିଲା । ଏହାର ଉଚ୍ଚତା ଥିଲା ୩୦ହାତ ବିଶିଷ୍ଟ ଏବଂ ଏହା ଏକ ଭବ୍ୟ ଭ୍ରାମ୍ୟମାଣ ପ୍ରାସାଦ ତୁଲ୍ୟ ଦେଖାଯାଉଥିଲା । ଏହି ରଥଟିର ସାଜସଜ୍ଜା ଅତି ଚିତ୍ତାକର୍ଷକ ଥିଲା । ରଥର ତୋରଣ ଥିଲା ମଣି ଓ ରତ୍ନ ଜଡ଼ିତ । ରଥ ଉପରେ ରେଶମର ଧ୍ୱଜା ଓ ଚାନ୍ଦୁଆ ଶୋଭା ପାଉଥିଲା । ରଥ ଉପରକୁ ପ୍ରଥମେ ସ୍ୱର୍ଣ୍ଣ ନିର୍ମିତ ବୁଦ୍ଧମୂର୍ତ୍ତୀକୁ ଶୋଭାଯାତ୍ରା ମାଧ୍ୟମରେ ନିଆ ଯାଉଥିଲା, ତାଙ୍କ ଦୁଇପାର୍ଶ୍ୱରେ ବୋଧିସତ୍ତ୍ୱଙ୍କର ଦୁଇଟି ମୂର୍ତ୍ତୀ ରହୁଥିଲା । ଏହା ବ୍ୟତିତ ସ୍ୱର୍ଣ୍ଣ, ରୌପ୍ୟ ଓ ସ୍ଫଟିକରେ ନିର୍ମିତ ଅନେକ ମୂର୍ତ୍ତୀମାନ ରଖାଯାଉଥିଲା ।

**ପ୍ରାଚୀନ କାଳରେ ବୌଦ୍ଧମାନଙ୍କ ପରି ସନାତନ ଧର୍ମର ସମସ୍ତ ଅନୁଗାମୀ ଓ ଜୈନମାନେ ମଧ୍ୟ ନିଜ ନିଜର ଦେବଦେବୀ ମାନଙ୍କ ଉଦ୍ଦେଶ୍ୟରେ ରଥୋତ୍ସବ ଆୟୋଜନ କରୁଥିଲେ ।**

ରଥ ଶହେପାଦ ଗତି କରିଗଲା ପରେ, ରାଜା ଶିରରୁ ମୁକୁଟ ଉତାରି, ନବବସ୍ତ୍ର ପରିଧାନ କରି, ହାତରେ କୁସୁମମାଳା ଓ ଧୂପାଦି ନେଇ ରଥକୁ ବନ୍ଦାପନ କରିବା ସକାଶେ ଆଗଭର ହେଉଥିଲେ । ରାଜାଙ୍କର ଉଭୟ ପାର୍ଶ୍ୱରେ ରାଜକର୍ମଚାରୀ ମାନେ ଶୃଙ୍ଖଳିତ ଭାବେ ଧାଡ଼ିବାନ୍ଧି ଚାଲୁଥିଲେ । ରଥ-ସମ୍ମୁଖରେ ପହଂଚିବା କ୍ଷଣି ରାଜା ସାଷ୍ଟାଙ୍ଗ ପ୍ରଣିପାତହୋଇ ପୁଷ୍ପମାଳା ଚଢ଼ାଉଥିଲେ ଏବଂ ଧୂପଦ୍ୱାରା ଆରତୀ କରୁଥିଲେ । ରଥ ନଗର ଭିତରେ ପ୍ରବେଶ ହେବା ପରେ ରାଜଭବନର ମୁଖ୍ୟଦ୍ୱାର ଉପରୁ ମହାରାଣୀ ଆପଣା ଦାସୀ ଓ ସଖୀ ମାନଙ୍କସହ ମିଶି ରଥଉପରକୁ କୁସୁମ-ବୃଷ୍ଟି କରୁଥିଲେ । ପୁଷ୍ପବୃଷ୍ଟି ଫଳରେ ସମଗ୍ର ରାଜଦାଣ୍ଡ ପୁଷ୍ପାଚ୍ଛାଦିତ ହୋଇପଡୁଥିଲା । ଏହିପରି ମହାସମାରୋହରେ ରଥଯାତ୍ରା ଉତ୍ସବ ପାଳନକରିବା ପରେ ରାଜା ଓ ରାଣୀ ରାଜ-ଭବନକୁ ବାହୁଡ଼ି ଯାଉଥିଲେ ।

'ଖୋତନ'ର ରଥଯାତ୍ରା ପରେ ଫାହିୟାନ'ପାଟଳୀପୁତ୍ର'ର ରଥଯାତ୍ରାକୁ ପ୍ରତ୍ୟକ୍ଷ ଭାବେ ଅବଲୋକନ କରିଥିଲେ । ତାଙ୍କ ବୃତ୍ତାନ୍ତରୁ ଜଣାପଡ଼େ ଯେ, ପାଟଳୀପୁତ୍ରରେ ପ୍ରତିବର୍ଷ ବର୍ଷର ଦ୍ୱିତୀୟ ମାସର ଅଷ୍ଟମ ଦିନରେ ରଥଯାତ୍ରା ପାଳିତ ହେଉଥିଲା । ଏହି ରଥ ଚାରିଚକ ଓ କୋଡ଼ିଏହାତ ଉଚ୍ଚତା ବିଶିଷ୍ଟ ଥିଲା । ଏହାର ନିର୍ମାଣଶୈଳୀ ଥିଲା ସ୍ତୂପାକାର । ରଥର ଉପରିଭାଗକୁ ଧଳାରଙ୍ଗର ଉନବସ୍ତ୍ର ସାହାଯ୍ୟରେ ମଣ୍ଡଣି କରାଯାଉଥିଲା । ରଥର ବିଭିନ୍ନଅଙ୍ଗ ଓ ଉପାଙ୍ଗକୁ ବିବିଧରଙ୍ଗରେ ରଙ୍ଗାଇ ଦିଆଯାଉଥିଲା । ରଥଉପରେ ରେଶମୀ ବସ୍ତ୍ରର ଧ୍ୱଜ ଉଡୁଥିଲା ଓ ସେହି ବସ୍ତ୍ରର ଚାନ୍ଦୁଆ ଲଗାଯାଉଥିଲା । ରଥର ମୂର୍ତ୍ତୀମାନ ସୁବର୍ଣ୍ଣ, ରୌପ୍ୟ ଓ ସ୍ଫଟିକ ରେ ନିର୍ମିତ ହେଉଥିଲା । ପାର୍ଶ୍ୱଭାଗରେ ବୋଧିସତ୍ତ୍ୱଙ୍କୁ ରଖି ରଥର ମଧ୍ୟଭାଗରେ ଭଗବାନ ବୁଦ୍ଧଙ୍କୁ ବିରାଜମାନ କରାଯାଉଥିଲା । ସମସ୍ତ ରଥକୁ ଅତ୍ୟନ୍ତ ଆକର୍ଷଣୀୟ କରି ସଜାଯାଉଥିଲା । ରଥଯାତ୍ରା ପାଇଁ ଧାର୍ଯ୍ୟଦିନରେ ଆଖପାଖର ଭିକ୍ଷୁ ଓ ଉପାସକ ମାନେ ଗୀତ ବାଦ୍ୟ ସହିତରେ ଆସି ଏକତ୍ରିତ ହେଉଥିଲେ । ବିବିଧଫୁଲ ଓ ଧୂପ ଅର୍ପଣକରି ଭଗବାନ ବୁଦ୍ଧଙ୍କୁ ପୂଜା କରାଯିବାର ବିଧି ରହିଥିଲା । ଏହାପରେ ନଗରରେ ଥିବା ବ୍ରାହ୍ମଣଜାତିର ପ୍ରମୁଖ ନାଗରୀକ ରଥ ନିକଟକୁ ଆଗମନ କରୁଥିଲେ ଏବଂ ନଗରଭିତରେ ପ୍ରବେଶ କରିବାପାଇଁ ଦିବ୍ୟରଥକୁ ଆମନ୍ତ୍ରଣ କରୁଥିଲେ। ଏହାପରେ କ୍ରମାନୁସାରେ ଅନ୍ୟ ରଥମାନେ ନଗରମଧ୍ୟରେ ପ୍ରବେଶ କରୁଥିଲେ । ଏହି ଉତ୍ସବରେ ଦୁଇଟି ରାତି ବିତିଯାଉଥିଲା । ରାତିଯାକ ଆଲୋକର ସୁବ୍ୟବସ୍ଥା କରାଯାଉଥିଲା । ଦୀପ ଜଳୁଥିଲା ଏବଂ ସଙ୍ଗୀତ ଆସର ଜମୁଥିଲା । ସମସ୍ତ ବସତି ମାନଙ୍କରେ ଏହି ଶୈଳୀରେ ରଥଯାତ୍ରା ଉତ୍ସବ ପାଳିତ ହେଉଥିଲା । ରଥଯାତ୍ରା କେବଳ ବୌଦ୍ଧମାନଙ୍କର ସାଂସ୍କୃତିକ ସଂପତ୍ତି ନଥିଲା, ପ୍ରାଚୀନ କାଳରେ ବୌଦ୍ଧମାନଙ୍କ ପରି ସନାତନ ଧର୍ମର ସମସ୍ତ ଅନୁଗାମୀ ଓ ଜୈନମାନେ ମଧ୍ୟ ନିଜ ନିଜର ଦେବଦେବୀ ମାନଙ୍କ ଉଦ୍ଦେଶ୍ୟରେ ରଥୋତ୍ସବକୁ ଗଭୀର ନିଷ୍ଠା ଓ ଉତ୍ସାହର ସହ ଆୟୋଜନ କରୁଥିଲେ ।

## ଜୈନ ପରମ୍ପରା

ଜୈନ ଧର୍ମାବଲମ୍ବୀ ମାନେ ପରବର୍ତ୍ତୀ କାଳରେ ପାର୍ଶ୍ୱନାଥ, ମହାବୀର ଆଦି ତୀର୍ଥଙ୍କରଙ୍କ ଉଦ୍ଦେଶ୍ୟରେ ରଥଯାତ୍ରା ଉତ୍ସବର

ଆୟୋଜନ ପ୍ରତିବର୍ଷ ମହା ଆଡ଼ମ୍ବର ସହ କରୁଥିଲେ । ଜୈନ ଅଙ୍ଗ ଓ ଉପାଙ୍ଗ ଗ୍ରନ୍ଥାଦିରେ ଏହାର ସୂଚନା ନ ଥିବାରୁ ଗବେଷକମାନେ ଜୈନ ରଥଯାତ୍ରାକୁ ପରବର୍ତ୍ତୀ କାଳର ପ୍ରଭାବ ବୋଲି ମତ ଦିଅନ୍ତି । ଜୈନମାନେ ବର୍ଷମଧ୍ୟରେ ତିନିଥର ଆଷାଢ଼, କାର୍ତ୍ତିକ ଏବଂ ଫାଲଗୁନ ମାସରେ ନିଜ ଉପାସନା ପୀଠ (ଜୈନ ମନ୍ଦିର) ରେ ଅଷ୍ଟାହ୍ନିକ ପୂଜା-ପାର୍ବଣ ପାଳିଥାନ୍ତି । ଏହି ପର୍ବୋତ୍ସବ ଅଷ୍ଟମୀରୁ ପୂର୍ଣ୍ଣିମା ଯାଏଁ ଆଠଦିନ ବ୍ୟାପୀ ଚାଲେ । ଶେଷଦିବସ ବା ପୂର୍ଣ୍ଣିମା ଦିନରେ କୌମୁଦୀ ମହୋତ୍ସବ ନାମକ ପର୍ବ ବଡ଼ ଆଡ଼ମ୍ବର ସହିତ ପାଳିତ ହୁଏ । ଏହି ଦିନ ଆମୋଦ-ପ୍ରମୋଦ ସହ ପାର୍ବଣ ଅବସରରେ ବିଶେଷ ବିନୋଦ ବ୍ୟବସ୍ଥା ମାନ ହୋଇଥାଏ । ଏହି ଅବସରରେ ଜୈନ ମାନେ ତୀର୍ଥଙ୍କରମାନଙ୍କ ଉଦ୍ଦେଶ୍ୟରେ ରଥଯାତ୍ରାର ଆୟୋଜନ କରିଥାନ୍ତି ।



ସନାତନ ହିନ୍ଦୁଧର୍ମରେ ରଥଯାତ୍ରା ଉତ୍ସବ ଏକ ପ୍ରମୁଖ ଅନୁଷ୍ଠାନ । ସାଂପ୍ରତିକ ସମୟରେ ରଥଯାତ୍ରା ବୋଲି କହିଲେ ଯଦିଓ ପୁରୁଷୋତ୍ତମ ପୁରୀର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ହିଁ ବୁଝାଇଥାଏ, ହିନ୍ଦୁଧର୍ମର ଅନ୍ୟାନ୍ୟ ପ୍ରମୁଖ ଦେବଦେବୀଙ୍କୁ କେନ୍ଦ୍ରକରି ମଧ୍ୟ ରଥଯାତ୍ରାର ଉତ୍ସବ ଅନୁଷ୍ଠିତ ହୋଇଥାଏ । ଅବଶ୍ୟ ସେ ସଂପର୍କରେ ଆମେ ବହୁତ କମ ଜାଣୁ । ଗବେଷକ ମନ୍ମଥ ରାୟଙ୍କ ମତ ଏହି ପରିପ୍ରେକ୍ଷୀରେ ପ୍ରଣିଧାନ ଯୋଗ୍ୟ । ସେ କହନ୍ତି- "ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ, କଂସ ମହାରାଜାଙ୍କ ଡ଼ାକରା (ନିମନ୍ତ୍ରଣ) ପାଇ, ବୃନ୍ଦାବନକୁ ଶୂନ୍ୟକରି ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଓ ବଳରାମ ରଥ ଆରୋହଣ କରି ମଥୁରା ଗମନକଲେ, ସେହି ଘଟଣାର ସ୍ମୃତିରେ ରଥଯାତ୍ରାର ଉତ୍ସବ ପାଳନ କରିବା ଏକ ପରଂପରାରେ ପରିଣତ ହୋଇଯାଇଛି । ଏହାର ପ୍ରଭାବ ଫଳରେ କାଳକ୍ରମେ ଅନ୍ୟାନ୍ୟ ଦେବତାମାନଙ୍କ ଉଦ୍ଦେଶ୍ୟରେ ରଥଯାତ୍ରା ଉତ୍ସବର ଭିଆଣ ହୋଇଛି । ଏପରି ଭାବରେ ଜଗନ୍ନାଥଙ୍କ ରଥଯାତ୍ରା ବ୍ୟତୀତ ପୁରାଣରେ ଶିବ, ସୂର୍ଯ୍ୟ ଭଗବାନ, ବ୍ରହ୍ମା ପ୍ରଭୃତି ଅନେକ ଦେବତାଙ୍କ ଉଦ୍ଦେଶ୍ୟରେ ଭବ୍ୟ-ଆଡ଼ମ୍ବର ସହକାରେ ରଥଯାତ୍ରା ପାଳନ କରିବା ନିମନ୍ତେ ଅନୁଜ୍ଞା ରହିଛି । ସେଥିପାଇଁ ସ୍ଥାନେ ସ୍ଥାନେ ଏହି ଉତ୍ସବ ଏବେ ମଧ୍ୟ ପାଳନ କରାଯାଉଛି ।" ଖାସ ଓଡ଼ିଶାରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ବ୍ୟତୀତ ଲିଙ୍ଗରାଜଙ୍କ ରଥଯାତ୍ରା (ଭୁବନେଶ୍ୱର) ଓ ବିରଜାଙ୍କ ରଥଯାତ୍ରା (ଯାଜପୁର)ର ପ୍ରାଚୀନତା ଐତିହାସିକ ଦୃଷ୍ଟିରୁ ସ୍ୱୀକୃତ ହୋଇ ସାରିଛି ଏବଂ ଏବେ ମଧ୍ୟ ଏହି ରଥଯାତ୍ରା ମହୋତ୍ସବ ଦ୍ୱୟ ଲକ୍ଷାଧିକ ଜନ ସମାଗମ ସହିତ ପାଳିତ ହେଉଛି । ଏହିଦୃଷ୍ଟିରୁ ଓଡ଼ିଶାର ତିନୋଟି ରଥଯାତ୍ରା ବିଶେଷ ପ୍ରସିଦ୍ଧି ଲାଭ କରିଛି । ବିଦ୍ୱାନ ମନ୍ମଥ ରାୟ ପୁନଶ୍ଚ କହନ୍ତି ଯେ:- "ପୀତାମ୍ବର ନାମ ଉଚ୍ଚାରଣ କଲେ ଯେପରି କେବଳ ଭଗବାନ ବିଷ୍ଣୁଙ୍କୁ ବୁଝାଇଥାଏ, ଠିକ ସେପରି ରଥଯାତ୍ରା କହିଲେ ଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରାକୁ ହିଁ ଆମେ ବୁଝିଥାଉଁ ।"

## ରଥଯାତ୍ରାର ଐତିହାସିକତା

ମୋକ୍ଷଦାୟିନୀ ମର୍ତ୍ତ୍ୟ ବୈକୁଣ୍ଠପୁରୀ ଧାମରେ ଅନୁଷ୍ଠିତ ହେଉଥିବା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରାର ଐତିହାସିକତା ବହୁ ପ୍ରାଚୀନ । ଏପରିକି ବହୁ ପ୍ରାଚୀନ ଗ୍ରନ୍ଥାଦିରେ ଏହି ଯାତ୍ରାର ବର୍ଣ୍ଣନା ଦେଖିବାକୁ ମିଳେ । ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତୀ ଓ ବିଶେଷ ଭାବରେ ଜଗନ୍ନାଥଙ୍କର ବାମନରୂପ ଦର୍ଶନରେ ସାକ୍ଷାତ ମୋକ୍ଷପ୍ରାପ୍ତିର ବିଶ୍ୱାସ ରହିଥିବାରୁ ଏହି ଯାତ୍ରାରେ ରୁଣ୍ଡ ହେଉଥିବା ଭକ୍ତମାନଙ୍କର ସଂଖ୍ୟା ଗଣି ହୁଏନାହିଁ । ଜଗନ୍ନାଥଙ୍କ ରଥଯାତ୍ରାର ପ୍ରାଞ୍ଜଳ ବିବରଣୀ ଆମେ 'ସ୍କନ୍ଦମହାପୁରାଣ'ରୁ ପାଇଥାଉଁ । 'ସ୍କନ୍ଦପୁରାଣ'ର ରଚନାକାଳ ପ୍ରାୟ ସପ୍ତମଶତାବ୍ଦୀ । ଏଥିରୁ ଜଣାପଡ଼େ ଯେ ସପ୍ତମଶତାବ୍ଦୀ ବେଳକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଉତ୍ସବ ସମଗ୍ର ଭାରତବର୍ଷରେ ବିଦିତ ହୋଇସାରିଥିଲା । ସ୍କନ୍ଦପୁରାଣର ଏହି ବର୍ଣ୍ଣନା ତତ୍କାଳୀନ ରଥଯାତ୍ରାର ଏକ ବାସ୍ତବ ବିବରଣୀ ବୋଲି ମନେହୁଏ । କେହି କେହି ବିଦ୍ୱାନ ସ୍କନ୍ଦପୁରାଣର ବର୍ଣ୍ଣନା ଅପେକ୍ଷା ବ୍ରହ୍ମପୁରାଣର ରଥଯାତ୍ରା ବର୍ଣ୍ଣନାକୁ ଅଧିକ ବିଶ୍ୱସନୀୟ ମନେକରନ୍ତି, କିନ୍ତୁ ବ୍ରହ୍ମପୁରାଣର ବର୍ଣ୍ଣନା ଅସଂପୂର୍ଣ୍ଣ ଅଟେ ।

ସ୍କନ୍ଦପୁରାଣ ମତରେ ସତ୍ୟଯୁଗରେ ଅବନ୍ତୀ ବା ମାଳବଦେଶରେ ଇନ୍ଦ୍ରଦ୍ୟୁମ୍ନ ନାମକ ଜଣେ ପରମ ବୈଷ୍ଣବ

ରାଜପଦ ଲାଭକଲେ । ଦିନେ ତୀର୍ଥାଟନ କରୁଥିବା ଏକ ବ୍ରାହ୍ମଣ ତାଙ୍କ ରାଜସଭାକୁ ଆସି ଉତ୍କଳ ବା ଉଡ୍ରଦେଶରେ ଥିବା ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ସଂପର୍କରେ ରାଜାଙ୍କୁ ଶୁଣାଇଲେ । ବ୍ରାହ୍ମଣ ରାଜାଙ୍କୁ କହିଲେଯେ- "ପୁରୁଷୋତ୍ତମ କ୍ଷେତ୍ରରେ ଭଗବାନ ବିଷ୍ଣୁଙ୍କର ପ୍ରତ୍ୟକ୍ଷଦର୍ଶନ ଲାଭ ହୋଇଥାଏ ।" ଏହା ଶୁଣିବାପରେ ରାଜା ସେହିକ୍ଷେତ୍ର ଦର୍ଶନ ନିମନ୍ତେ ଅସ୍ଥିର ହୋଇ ପଡ଼ିଲେ । ପ୍ରଥମେ ସେ ନିଜ ରାଜପୁରୋହିତଙ୍କ ଭାଇଙ୍କୁ ବର୍ଣ୍ଣିତ ସ୍ଥାନର ବିବରଣୀ ଓ ସତ୍ୟାସତ୍ୟ ସଂଗ୍ରହ କରିବା ପାଇଁ ପଠାଇଲେ । ରାଜାଙ୍କ ଦ୍ୱାରା ପ୍ରେରିତ ସାମ୍ବାଦିକଙ୍କୁ ଭଗବାନ ବିଷ୍ଣୁ ଦର୍ଶନ ଦେଇ ହଠାତ ଅନ୍ତଃର୍ଦ୍ଧାନ ହୋଇଗଲେ । ପୁରୋହିତଙ୍କ ଭାଇ (ବ୍ରାହ୍ମଣ) ସେଇଠି ଯାହା ଦେଖିଲେ ଓ ଶୁଣିଲେ (ଜନଶ୍ରୁତି) ସେ ସମସ୍ତ ଆସି ରାଜାଙ୍କୁ ଜଣାଇଲେ । ଏସବୁ ଶୁଣିବାପରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କୌତୁହଳ ଆହୁରି ବଢ଼ିଗଲା । ଫଳରେ ନାରଦ ଆଦି ପ୍ରମୁଖ ଆସ୍ତିକ ବିଦ୍ୱାନମାନଙ୍କର ଏକଗୋଷ୍ଠୀକୁ ସାଙ୍ଗରେନେଇ ଉତ୍କଳ ପହଂଚିଲେ । ଉତ୍କଳର ରାଜା ଅତ୍ୟନ୍ତ ଆଗ୍ରହର ସହିତ ଇନ୍ଦ୍ରଦ୍ୟୁମ୍ନ ଓ ତାଙ୍କଦଳଙ୍କୁ ସ୍ୱାଗତ କଲେ । ସେଠାରେ ପହଂଚିବା ପରେ ଭଗବାନ ଶିବଙ୍କର ଆଦେଶପାଇ ରାଜା ଅତି ଆଡ଼ମ୍ବର ସହକାରେ ଏକହଜାର ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କଲେ । ଯେଉଁଦିନ ଯଜ୍ଞର ପରିସମାପ୍ତି ହେଲା, ସେହିଦିନ ରାଜା ଚତୁର୍ଶାଖା ବିଶିଷ୍ଟ ଏକ ଦାରୁବୃକ୍ଷ ସାଗରପ୍ରବାହରେ ଭାସି ଆସି ସ୍ନାନ ଘାଟରେ ଲାଗିଥିବାର ସମ୍ବାଦ ପାଇଲେ । ରାଜାଙ୍କ ଆଜ୍ଞାରେ ବୃକ୍ଷକୁ ଜଳ ମଧ୍ୟରୁ ବାହାର କରି ଅଣାଗଲା । ଏହାପରେ ଏକ ବୃଦ୍ଧ ବଢ଼େଇ ପନ୍ଦର ଦିନଯାଏଁ ବନ୍ଦ ନିର୍ମାଣଗୃହ ମଧ୍ୟରେ ରହି ଚକ୍ର ସମେତ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ନିର୍ମାଣକଲେ । ମୂର୍ତ୍ତୀ ନିର୍ମାଣ ସରିବା ଯାଏଁ 'ଘଟନାଗୃହ' ବା ନିର୍ମାଣଗୃହ ବାହାରେ ବାଦ୍ୟନାଦ ଜାରି ରହିଥାଏ ଓ କେହି ଗୃହଭିତରକୁ ଉଙ୍କିମାରି ନ ଦେଖିବା ନିମନ୍ତେ ରାଜାଦେଶ ରହିଥାଏ । ଭଗବାନଙ୍କର ଦାରୁମୟୀ ମୂର୍ତ୍ତୀର ନିର୍ମାଣକାର୍ଯ୍ୟ ସରିଯିବା ପରେ ରାଜା ଏକ ଭବ୍ୟମନ୍ଦିର ମଧ୍ୟରେ ନେଇ ପ୍ରତିଷ୍ଠାକଲେ । ମନ୍ଦିରରେ ମୂର୍ତ୍ତୀମାନେ ପ୍ରତିଷ୍ଠା ହେବାପରେ ବ୍ରହ୍ମାଙ୍କ ପରାମର୍ଶ କ୍ରମେ ବର୍ଷସାରା ପାଳିତ ହେବାକୁ ଥିବା ବିଗ୍ରହମାନଙ୍କ ଯାତ୍ରା, ମହୋତ୍ସବ ଆଦିର କ୍ରମ ନିର୍ଦ୍ଧାରିତ କରାଗଲା । ସେହି ଯାତ୍ରା ମହୋତ୍ସବ ମାନଙ୍କ ମଧ୍ୟରୁ ସ୍ନାନଯାତ୍ରା ଓ ରଥଯାତ୍ରାର ମହତ୍ତ୍ୱ ସବୁଠାରୁ ଅଧିକ । ବିଧି- ବ୍ୟବସ୍ଥା ଦୃଷ୍ଟିରୁ ଏ ଦୁଇଟି ଯାତ୍ରା ପରସ୍ପର ପରିପୂରକ ।

**ରଥର ସାଜସଜ୍ଜା**

କେତେକଙ୍କ ମତରେ ପ୍ରଥମେ ବିଶ୍ୱକର୍ମା ତିନୋଟିରଥ ନିର୍ମାଣ କରିଥିଲେ । କାଷ୍ଠ ଓ ବାଉଁଶ ସାହାଯ୍ୟରେ ନିର୍ମିତ ଏହି ରଥର ସାଜସଜ୍ଜା ସ୍ୱର୍ଗର ବିମାନ ଗୁଡ଼ିକଠାରୁ ମଧ୍ୟ ଅଧିକ ଆକର୍ଷଣୀୟ ଥିଲା । ଭିତିମାନଙ୍କରେ ମନୋହର ଚିତ୍ରମାନ ଅଙ୍କିତ ହୋଇଥିଲା ଏବଂ ରଥର ଖୁମ୍ବ ଗୁଡ଼ିକର ସମ୍ମୁଖ ଭାଗ ତଥା ପାର୍ଶ୍ୱରେ ପୁତ୍ତଳିକା ମାନ ଖଞ୍ଜା ଯାଇଥିଲା । ପ୍ରାଚୀନ କାଳରେ (ସ୍କ:ପୁ:ମତରେ) ରଥମାନଙ୍କର ଭିତର ଓ ବାହାର ସାଜସଜ୍ଜା ପରେ ତିନୋଟି ରଥର ଶୀର୍ଷରେ ଧ୍ୱଜାରୋପଣ କରାଯାଉଥିଲା । ଜଗନ୍ନାଥଙ୍କ ରଥରେ ଗରୁଡ଼-ଧ୍ୱଜ ଲଗାଯାଉଥିବା ବେଳେ, ବଳରାମଙ୍କ ଧ୍ୱଜାରେ ହଳ-ମୂଷଳ ଚିତ୍ର ଓ ଦେବୀ ସୁଭଦ୍ରାଙ୍କ ଧ୍ୱଜରେ କମଳ-ପୁଷ୍ପର ଚିତ୍ର ଅଙ୍କା ଯାଉଥିଲା । ରଥ ଟଣାହେବା ପାଇଁ ଅଶ୍ୱ ଓ ବଳିବର୍ଦ୍ଧ ମାନ ତୟାର କରି ରଖାଯାଉଥିଲା, ତେବେ ରଥଟାଣିବା ପାଇଁ ବିଷ୍ଣୁଭକ୍ତ ମାନେ ପ୍ରଥମେ ସୁଯୋଗ ପାଉଥିଲେ । ପୁରାଣ ମତ ଅନୁସାରେ ରଥନିର୍ମାଣ ହେବାପରେ (ପ୍ରଥମ) ଶାସ୍ତ୍ରୋକ୍ତ ବିଧିବିଧାନ ଅନୁସାରେ ନାରଦ ମହର୍ଷି ହିଁ ଏହାର ପ୍ରତିଷ୍ଠା କରିଥିଲେ । ମଙ୍ଗଳାଚରଣ ଉପରାନ୍ତ ପୂର୍ଣ୍ଣକୁମ୍ଭ ମଧ୍ୟରେ ରଖାଯାଇଥିବା ପବିତ୍ର ଜଳରେ ରଥକୁ ଶୋଧନ କରିବାପରେ, ହବନ, ବ୍ରହ୍ମ-ଘୋଷ, ଏବଂ ବ୍ରହ୍ମ-ଭୋଜ ଆଦି ପ୍ରଧାନପ୍ରଧାନ ଧର୍ମାଚାର ଅନୁଷ୍ଠାନ ମାନ ସଂପନ୍ନ କରାଯାଉଥିଲା ।

**ପୁରାଣ ମତ ଅନୁସାରେ ରଥନିର୍ମାଣ ହେବାପରେ ଶାସ୍ତ୍ରୋକ୍ତ ବିଧିବିଧାନ ଅନୁସାରେ ନାରଦ ମହର୍ଷି ହିଁ ଏହାର ପ୍ରତିଷ୍ଠା କରିଥିଲେ ।**

ଏପରି ଶାସ୍ତ୍ରୀୟ ରୀତିରେ ରଥମାନଙ୍କର ସଂପୂର୍ଣ୍ଣ ପ୍ରତିଷ୍ଠା ହୋଇଯିବା ପରେ ବେଦପାଠ, ଜୟଘୋଷ ଓ ବାଦ୍ୟବାଜଣା ମାଧ୍ୟମରେ ବ୍ରାହ୍ମଣ, କ୍ଷତ୍ରୀୟ ଓ ବୈଶ୍ୟ ଜାତିର ସଦସ୍ୟମାନେ ସେହି ମୂର୍ତ୍ତୀ ମାନଙ୍କୁ ରଥଉପରେ ବିରାଜମାନ କରାଉଥିଲେ । ବିଧି ଅନୁସାରେ ପୂଜାଦି କର୍ମ ସମାପନ ପରେ ରଥମାନଙ୍କୁ ଟାଣିଟାଣି ନେଇ 'ଗୁଣ୍ଡିଚା ମଣ୍ଡପ'ପର୍ଯ୍ୟନ୍ତ ପହଂଚାଉଥିଲେ । ସେଠାରେ ରାଜା ଇନ୍ଦ୍ରଦ୍ୟୁମ୍ନ ଯେଉଁ ସହସ୍ର ଅଶ୍ୱମେଧ ଯଜ୍ଞ ସଂପନ୍ନ କରିଥିଲେ

ତହିଁର ମହାବେଦୀ ନିର୍ମିତ ହୋଇଥିଲା। ଆଠଦିନ ଯାଏଁ ଏଠାରେ ରହିବାପରେ ନବମଦିନରେ ମୂର୍ତ୍ତୀ ମାନଙ୍କୁ ଶୋଭାଯାତ୍ରାରେ ଆଣି ଏକ ପୁଷ୍କରିଣୀ ତଟରେ (ଇନ୍ଦ୍ରଦ୍ୟୁମ୍ନ ସରୋବର) ସାତଦିନ ପର୍ଯ୍ୟନ୍ତ ରଖାଯାଉଥିଲା। ପୁରାଣ ମତରେ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ଅଶ୍ୱମେଧ ଯଜ୍ଞ ଉପଲକ୍ଷେ ଯେଉଁ କୋଟିଏ ଗାଈ ଅଣା ହୋଇଥିଲେ, ସେମାନଙ୍କ ଖୁରାମାଡ଼ରେ ଭୂମି ଦବିଯାଇ ଏହି ସରୋବର ସୃଷ୍ଟି ହୋଇଥିଲା ଏବଂ ଏହାର ନାମ ରଖାଯାଇଥିଲା ଇନ୍ଦ୍ରଦ୍ୟୁମ୍ନ ସରୋବର। ଏହି ସରୋବର ସମସ୍ତତୀର୍ଥ ମଧ୍ୟରେ ସାରରୂପେ ବିବେଚିତ ହୋଇଥାଏ। ପରିଶେଷରେ ମୂର୍ତ୍ତୀ ମାନଙ୍କୁ ପୁଣି ଶୋଭାଯାତ୍ରା ସହ ରଥରେ ଟାଣିଟାଣି ଆଣି ରଥରୁ ଓହ୍ଲାଇ ମନ୍ଦିର ଭିତରେ ରଖି ଦିଆଯାଉଥିଲା।

**ଅଶ୍ୱମେଧ ଯଜ୍ଞରେ ଯେଉଁ କୋଟିଏ ଗାଈ ଅଣା ହୋଇଥିଲେ, ସେମାନଙ୍କ ଖୁରାମାଡ଼ରେ ଭୂମି ଦବିଯାଇ ଏକ ସରୋବର ସୃଷ୍ଟି ହୋଇଥିଲା।**

ଏସବୁ ରଥଯାତ୍ରାର ପ୍ରାଥମିକ କାଳର ବିବରଣୀ। ଏସବୁକୁ ସ୍କନ୍ଦପୁରାଣର ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ଓ ବ୍ରହ୍ମପୁରାଣରେ ପ୍ରତ୍ୟକ୍ଷ ଧାରାବିବରଣୀ ଭାବରେ ବର୍ଣ୍ଣନା କରାଯାଇଛି।

ପୁନଶ୍ଚ ବିଶ୍ୱାସ କରାଯାଏ ଯେ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଅଶ୍ୱମେଧ ଯଜ୍ଞ ପ୍ରଭାବରୁ ଜଗନ୍ନାଥ ମହାପ୍ରଭୁଙ୍କର ଆବିର୍ଭାବ ଜ୍ୟେଷ୍ଠପୂର୍ଣ୍ଣିମା ତିଥିରେ ହୋଇଥିଲା। ତେଣୁ ପ୍ରତିବର୍ଷ ଏହି ଦିବସରେ ମହା ଆଡ଼ମ୍ବର ସହକାରେ ମହାପ୍ରଭୁଙ୍କର ଜନ୍ମୋତ୍ସବ ପାଳନ କରାଯାଏ। ଏହିଦିନ ମଧ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ସ୍ନାନବେଦୀ ନାମରେ ବିଦିତ ଏକ ସୁଉଚ୍ଚ ଦିବ୍ୟମଣ୍ଡପ ଉପରେ ଉପବେଶନ କରାଇ ଏକନିର୍ଦ୍ଦିଷ୍ଟ କୂପର ଜଳଆଣି ବିଧିପୂର୍ବକ ସ୍ନାନ କରାଯାଏ। ଏହାକୁ ସ୍ନାନଯାତ୍ରା କହନ୍ତି। ଶ୍ରୀ ଜଗନ୍ନାଥଙ୍କର ପ୍ରସିଦ୍ଧ ଓ ପ୍ରମୁଖ ଦ୍ୱାଦଶ ଯାତ୍ରା ବିନୋଦ ମଧ୍ୟରେ ସ୍ନାନଯାତ୍ରାକୁ ପ୍ରଥମଯାତ୍ରା ଭାବରେ ଗ୍ରହଣ କରାଯାଏ। ଏହି ଯାତ୍ରା ରଥଯାତ୍ରାର ଉପୋଦ୍‌ଘାତ ଭାବରେ ପାଳିତ ହେଉଥିଲା ଓ ଏବେ ମଧ ହେଉଛି। ସ୍କନ୍ଦପୁରାଣ ଓ ବ୍ରହ୍ମପୁରାଣରେ ଏସବୁ ପ୍ରାଚୀନ ତଥ୍ୟ ପ୍ରାଞ୍ଜଳଭାବେ ସଂରକ୍ଷିତ ରହିଛି।

□□

ଲେଖକଙ୍କ ଇ-ମେଲ୍ ଠିକଣା:
dgbkoshalayana@gmail.com

## ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ






ଆପଣଙ୍କ **ଆଣ୍ଡରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'ରେ** ଉପଲବ୍ଧ ଅଛି।

ପତ୍ରିକାର ସମସ୍ତ ନୂତନ ଲେଖା ତୁରନ୍ତ ପଢ଼ିବା ପାଇଁ ଏହାକୁ ଡାଉନଲୋଡ୍ କରି ବ୍ୟବହାର କରନ୍ତୁ।

Search **Sahitya Charcha** on **Play Store**.

ବ୍ୟଙ୍ଗ

# ସିଏ ପରା ଜଗନ୍ନାଥ !



ଡା. ଅଭୟ ଦାଶ

ଆମେ ଓଡିଆଟି! ଆମ ଠାକୁର ଜଗନ୍ନାଥ! ଏକଥାକୁ ନେଇ ଆମେ ଗର୍ବ କରୁ! କରି ଆସିଛୁ! କାହିଁ କେତେଦିନ ହେଲାଣି। ବାରମାସରେ ତେର ଯାତ। ପିଲାଦିନରୁ ପୁରୀରେ ଦେଖିଛୁ ରିକ୍ସାବାଲା ସାଙ୍ଗରେ ଦର ଛିଣ୍ଡାଇଲେ, ଶୁଣିବେ, 'ଯାତ୍ରା ଦାଣ୍ଡ ଆଜ୍ଞା!' ସତରେ ଯାତ୍ରା ଦାଣ୍ଡ ସବୁବେଳେ। ଗରିବ କେତେ କଷ୍ଟ କରେ, ପେଟ ପୋଷିବାକୁ। ତାର ବିଶ୍ୱାସ, ମହାପ୍ରଭୁ ତାର ଡାକ ଶୁଣେ! ଯେମିତି ରଖିଛି, ଭଲରେ ରଖିଛି ବୋଲି ସିଏ ଭାବିନିଏ। ସେହି ବିଶ୍ୱାସକୁ ନେଇ ବଞ୍ଚି ରହେ। ପୁରୀବାଲା ମାନେ ସେଇଠି କହନ୍ତି, ଆମକୁ କଣ ଯାତ୍ରୀ କରି ପାଇଛୁକି? ଆମେ ପରା ପୁରୀବାଲା! ତା ମାନେ କଣ? ତୁମେ ଗୋଟାଏ ଗରିବ ରିକ୍ସାବାଲାକୁ ତାର ମଜୁରି ଦେବନାହିଁ? ସେ ବଳିତା ବିକୁଥିବା ବିଧବା ସ୍ତ୍ରୀ ଲୋକଟି ସାଙ୍ଗରେ ମୁଲଚାଲ କରି ତାର ଆଠଣା ପଇସା କାଟି ଦେବ? କଣ ନା ତୁମେ ପୁରୀବାଲା! ବଡଦେଉଳରେ କେବେ କେହି ମନ୍ତ୍ର ପଦେ ଶୁଣିଛ କାହା ମୁହଁରୁ? ପକା ପକା! ଦେ! ବେ ..ପୋ ..! କି ସୁନ୍ଦର ସମ୍ଭାଷଣ! ବେ.. ପୋ.. ଚଖାଟାଏ ରେ! ଶୁଦ୍ଧ ଓଡିଆ ଭାଷାରେ କି ଦକ୍ଷତା! ସେଇଠି ମନକୁ ଆସେ, ଜଗନ୍ନାଥ କଣ ଏକା ତୁମର?

ସେ ଯାହାହେଉ, ରଥଯାତ୍ରା ଆସୁଛି! କରୋନା ଆସି ବେଦମ କରିଦେଲା। ସ୍ନାନ ଯାତ୍ରା, ଚନ୍ଦନ ଯାତ୍ରା ସବୁ ଦର୍ଶନ ରୁ ବଞ୍ଚିତ ରହି, ଭକ୍ତମାନେ ମନଦୁଃଖରେ ଥିଲେ, କୋର୍ଟ କେଶ ହେଲା, ରଥଯାତ୍ରା ଅନଲାଇନ ହୋଇଗଲା। ଭକ୍ତି ସହ ଟେକ୍ନୋଲୋଜିର ମିଶ୍ରଣ। ଆହା ଏତିକି ବେଳକୁ ସାଲବେଗ ବଞ୍ଚି ଥାଆନ୍ତେ କି! ତାଙ୍କୁ ବିକଳହୋଇ 'ସାତଶ ପଚାଶ କୋଶ ଚାଲି ନପାରଇ, ମୋହ ଯିବାଯାଏ ପ୍ରଭୁ ରଥେ ଥିବ ରହି' ଆକୁଳ ନିବେଦନ କରିବାକୁ ହୋଇ ନଥାନ୍ତା। ରାସ୍ତାରେ କେଉଁ ଚାହାଦୋକାନରେ ହେଲେ ଦେଖି ଦେଇଥାଆନ୍ତେ!

ସେବକ ମାନେ ରଥ ଟାଣିଲେ, ଭାବର ଠାକୁର ପରା! ଠିକ୍ ବୁଝିଛି ସିଏ! ସିଏ ଯାଣିଛି କାହାଠାରୁ କେମିତି କାମ ଆଦାୟ କରିବାକୁ ହେବ! ଏମିତି ସମୟ ଆସିଲା ଯେ, ଯେଉଁ ଉତ୍ପାତ ହେଉଥିଲେ ଏକାଠି ବସି 'ଆହେ ନୀଳ ଶଇଳ' ଭଜନ ତ ଗାଇଲେ! ଆମେ ସବୁ ବାନ୍ଧି ହୋଇଗଲୁ, ଚାହିଁ ରହିଲୁ ରଥ କେଉଁଠି ପହଞ୍ଚିଲେଣି? ଏକ ଭାବର ବନ୍ଧନ।



ଖାଲି ଭାବରେ କଣ ପେଟ ପୁରିବ? ଏଡେ ବଡ ଠାକୁର! ଏଡେ ବଡ ଦେଉଳ! ମେଣ୍ଟେନାନ୍ସ ତ ଦରକାର! କେବେ ପଇସାଟାଏ ଦେଇଛ ସେ ହୁଣ୍ଡିରେ? ମହାପ୍ରଭୁଙ୍କ ଅମୃତମଣୋହି ଜମି ସବୁତ ବିକି ଖାଇଗଲ! ଭକ୍ତି ଯେ ସୀମା ନାହିଁ! ସେ ସେବକ ସେବାୟତଙ୍କୁ ତ କିଛି ହେବନାହିଁ, ସେମାନେ ଯଦି 'ଦିଦି ଆସୁନ୍ ଏଖାନେ! ମା ବିମଳା! ଚୁଡି ସିନ୍ଦୁର! ମାଁ ର ଆଶିଷ' କହି ଡାକ ଦିଅନ୍ତି, ଉତ୍ତର ମିଳେ 'ତୁମର କାହିଁକି ହୃଦୟ ଜଳୁଛି?' ଓଡିଆ ପ୍ରାଣ ଖାଲି ଛଟପଟ ହେଉଛି। ଓଡିଆ କୁହ! ତୁମ ଓଡିଆ ସ୍କୁଲ ଭୁବନେଶ୍ୱରରେ ଖୋଲିବ ଯେ, ଘରେ ହିନ୍ଦି କହୁଥିବା ବାବୁ ବାବୁଆଣୀମାନେ ଓଡିଆ ଭାଷାର କୁଳ ଉଜ୍ଜ୍ୱଳ କରିବେ! 'ବନ୍ଦ କର ବାବୁ ଏ ସବୁ ଛଳନା- ହିପୋକ୍ରାସୀ! ହଁ! ଆମେ ଯେଉଁ

ମହାପ୍ରଭୁଙ୍କ ସେବକ, ତାଙ୍କରି ନାଆଁନେଇ ଦି ପଇସା କମେଇଲେ ତ ସଂସାର ଚଳିବ? ଆମ ପୁର୍ବ ପୁରୁଷରୁ ଏ ସେବା ନେଇ ଆସିଛୁ ବାବୁ! ଛାଡିବୁ କେମିତି?’

ମଠ ଭାଙ୍ଗିଲା ଯେ ବହୁତ ହଟଗୋଳ କଲ! ଚାରିପଟ ସଫାହେଲା, କଣ ଖରାପ ଦିଶୁଛି? ସେତେବେଳେ ତ ବିରୋଧ ଯେ ନାହିଁ ନଥିବା! ଆଜି କିଛି ତିଆରି ହେଉଛି ଯେ ସେଥିରେ ବିରୋଧ! କୋର୍ଟ ସିଏ, ପୁଣି ସୁପ୍ରିମକୋର୍ଟ! କଣ ହେଲା? କିଛିତ ଗୋଟାଏ ହଉଚି! ଧୈର୍ଯ୍ୟ ଧର! ରଥ ପାଖେଇ ଆସୁଛି ମହାପ୍ରଭୁ ବଡଦାଣ୍ଡକୁ ଓହ୍ଲାଇ ଆସିବେ, ଗରିବଙ୍କୁ ଦର୍ଶନ ଦେବେ! କେତେ କଷ୍ଟ କରି ବଡଦାଣ୍ଡରେ ପଡି ରହିଲୁ ଟିକିଏ ଦର୍ଶନ ପାଇଁ! ତୁମେ ସେବାୟତେ ଘେରିଗଲ ମହାପ୍ରଭୁମାନଙ୍କୁ, ବଡ ବଡ ପେଟ ଦେଖେଇ ସୁନାହାର ସୁନାମୁଦି ଲଦିହୋଇ ଠିଆ ହୋଇ ଗଲଯେ, ଆମେ ଟିକିଏ ଠାକୁରଙ୍କୁ ଦେଖିପାରିଲୁ ନାହିଁ। ଆମେ କଣ ତୁମ ସୁନା ହାର ଦେଖିବାକୁ ଆସି ଥିଲୁ? ଯାହାହେଉ ଯେ ନିଜ ଯାତ୍ରୀମାନଙ୍କୁ ଉଠେଇନେଇ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗ ଛୁଆଁଇ ଯାହା ଯାହା କରୁଥିଲ, ବନ୍ଦ ଏବେ ହୋଇଯାଇଛି ବୋଧହୁଏ!

**କେତେ କଷ୍ଟ କରି ବଡଦାଣ୍ଡରେ ପଡି ରହିଲୁ ଟିକିଏ ଦର୍ଶନ ପାଇଁ! ତୁମେ ସେବାୟତେ ଘେରିଗଲ ମହାପ୍ରଭୁମାନଙ୍କୁ। ଆମେ କଣ ତୁମ ସୁନା ହାର ଦେଖିବାକୁ ଆସି ଥିଲୁ?**

ସରକାର ଯାହା କଲେ ଲୋକଙ୍କ ପାଇଁ, ସବୁ କଣ ଭୁଲ୍? ସବୁଥିରେ ବିରୋଧ? ଭାବନା ଯେ ସେ ମହାପ୍ରଭୁ କିଛି ଜାଣୁନି! ସବୁ ଦେଖି, ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବ। ତାକୁ ତୁମେ ଶିଖାଇବ? କଣ ହେଲା? କରୋନା ବେଳେ ସୁପ୍ରିମକୋର୍ଟ ଆଦେଶ କେମିତି ବଦଳି ଗଲା? କେତେ ସମୟ ଲାଗିଲା ବଦଳି ବାକୁ? ଆମେ କିଛି ମନକୁ କହିନାହୁଁ! ପଚାର ହରିଶ ସାଲଭେଙ୍କୁ! ପଚାର ମାନ୍ୟବର ସୁପ୍ରିମକୋର୍ଟଙ୍କୁ! ଆରେ ସିଏ ପରା ଜଗନ୍ନାଥ!

□□


ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com


*ଶୁଭେଚ୍ଛା ସହ:*

ଓଡିଶାର ପ୍ରମୁଖ ପୁସ୍ତକ ପ୍ରକାଶନ ଓ ବିତରଣ ସଂସ୍ଥା

**ଧାରା ଶ୍ରୀରାଧା ଟ୍ରଷ୍ଟ**

DHARA SHREE RADHA TRUST Regd. No.: 4108170538 Bhubaneswar, Odisha



**DHARA SHREE RADHA TRUST**
**(A Literary & Cultural Organisation)**
**Email - dharashreeradha2017@gmail.com**


ସମାଲୋଚନା

# 'ଜଗଦୀଶ୍ ବିଲାସ୍' କାବ୍ୟ ଏବଂ ଶ୍ରୀଜଗନ୍ନାଥ



ଡ. ଭବାନୀଶଙ୍କର ମିଶ୍ର 'ବିରଂଚି'

ଲୀଳା ଶ୍ରୀପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତିର ଦେବତା ଅଟନ୍ତି। ତେଣୁ ଓଡ଼ିଆ କାବ୍ୟସାହିତ୍ୟ ତାଙ୍କର ଗୁଣ ଓ ମହିମା ବଖାଣି ଆସୁଛି ହଜାର-ହଜାର ବର୍ଷରୁ। ଭଗବାନ ଜଗନ୍ନାଥ ଓଡ଼ିଆ ସାହିତ୍ୟ, ବିଶେଷ କରି କାବ୍ୟ ସାହିତ୍ୟର ନାୟକ ଭାବରେ ଚିତ୍ରିତ। ତାଙ୍କର ଭକ୍ତବତ୍ସଳତାର ଅନନ୍ୟ ଉଦାହରଣମାନ ଏଥିରେ ଖୁବ୍ ବର୍ଣ୍ଣିତ। ସେ ସର୍ବଧର୍ମ ସମନ୍ୱୟର ପ୍ରତୀକ। ସେ ଶୈବମାନଙ୍କର ଶିବ, ଶାକ୍ତମାନଙ୍କର ଶକ୍ତି, ବୈଷ୍ଣବମାନଙ୍କର ବିଷ୍ଣୁ(କୃଷ୍ଣ), ସୌରମାନଙ୍କ ପାଇଁ ସୂର୍ଯ୍ୟ, ଜୈନମାନଙ୍କର ମହାବୀର ଜୈନ, ବୌଦ୍ଧମାନଙ୍କର ବୁଦ୍ଧ, ପୁଣି ସେ ଅକ୍ଷର ବ୍ରହ୍ମ। କିନ୍ତୁ ଜଗନ୍ନାଥ ଧାମ ପୁରୀରେ ସେ ଦାରୁଦେବତା ରୂପେ ବିରାଜମାନ କରି ଭକ୍ତମାନଙ୍କୁ ଚତୁର୍ବିଧ ଫଳ ପ୍ରଦାନ କରନ୍ତି।




ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାଖେଳା ଅନନ୍ତ। ଓଡ଼ିଆ ଭକ୍ତକବିଗଣ ତାଙ୍କରି ଲୀଳାକୁ ନେଇ ରଚିଛନ୍ତି ଅଜସ୍ର କାବ୍ୟକବିତା। ଓଡ଼ିଶାର ସଂସ୍କୃତ କାବ୍ୟକାରମାନଙ୍କ ସାହିତ୍ୟରେ ମଧ୍ୟ ସେ ଖୁବ୍ ବର୍ଣ୍ଣିତ। କିନ୍ତୁ ଶ୍ରୀଜଗନ୍ନାଥ ଙ୍କୁ ନେଇ ହାତଗଣତି ହିନ୍ଦୀ କାବ୍ୟ ସୃଷ୍ଟି ହୋଇଛି। ତନ୍ମଧ୍ୟରୁ ଭକ୍ତକବି ଯୋଗେଶ୍ୱର ତ୍ରିପାଠୀ ଯୋଗୀଙ୍କ ଦ୍ୱାରା ରଚିତ 'ଜଗଦୀଶ ବିଳାସ' କାବ୍ୟ ଏକ ଏବଂ ଅନନ୍ୟ।

'ଜଗଦୀଶ ବିଳାସ' ଏକ ଭକ୍ତି କାବ୍ୟ ଅଟେ। ଅବଧୀ ଭାଷାରେ ରଚିତ ଏହି କାବ୍ୟଟି ସଂପୂର୍ଣ୍ଣ ଭାବରେ ଶ୍ରୀଜଗନ୍ନାଥଙ୍କ ଲୀଳା ଉପରେ ପର୍ଯ୍ୟବେସିତ। ଜଗନ୍ନାଥଙ୍କ ମହିମାରେ ମହିମାନ୍ୱିତ ଏହି କାବ୍ୟଟି ୨୦୧୫ ରେ ପ୍ରକାଶିତ ହୋଇଛି। ଶ୍ରୀ ଯୋଗୀ ଜଣେ ଓଡ଼ିଆ ପ୍ରେମୀ ଅଟନ୍ତି। ତାଙ୍କ ଦ୍ୱାରା ଅନେକ ଓଡ଼ିଆ କାବ୍ୟ ସାହିତ୍ୟ ହିନ୍ଦୀ ଭାଷାରେ ଅନୁଦିତ ଓ ପ୍ରକାଶିତ। ତନ୍ମଧ୍ୟରୁ 'ତପସ୍ୱିନୀ'ର କାବ୍ୟାନୁବାଦ ପ୍ରମୁଖ।

**ଜଗନ୍ନାଥଙ୍କର ମହିମା**

ଶ୍ରୀ ଯୋଗୀ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ ମଧ୍ୟ। ତେଣୁ ତାଙ୍କ ଦ୍ୱାରା ରଚିତ 'ଜଗଦୀଶ ବିଳାସ' ଏକ ଅତୀବ ସୁନ୍ଦର ସୃଷ୍ଟି। ସେ ଗ୍ରନ୍ଥାରମ୍ଭରେ ସ୍ୱୋକ୍ତି ରେ ଜଗନ୍ନାଥ ଧାମ ଓ ଜଗନ୍ନାଥଙ୍କର ମହିମା ବିଷୟରେ ଲେଖିଛନ୍ତି –

*ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ସମ କ୍ଷେତ୍ର ନ ଏହି ସଂସାର*
*ମୁକ୍ତି ଦେତ ସଚରାଚର ହିଁ, ଦାରୁବ୍ରହ୍ମ ସାକାର।*
*ଶଙ୍ଖନାଭି ମଣ୍ଡଳ ବସତ୍, ଜଗନ୍ନାଥ ସର୍ବେଶ୍*
*ମୂର୍ତି ଚତୁଷ୍ଟୟ ରୂପ ଧରି ମେଟତ ସକଲ କଲେଶ୍।*

ସେ ଜଗନ୍ନାଥଙ୍କ ବିଷୟରେ କହୁଛନ୍ତି – *ଜଗପତି ଚରିତ୍ର ବିଚିତ୍ର ଅତି, ପାର ନ ପାବଇ କୋୟ।*

ଏହି କାବ୍ୟଟିକୁ ସେ ସନ୍ଥଙ୍କ ପ୍ରସାଦ କହି ତାର ବିତରଣ ନିମନ୍ତେ କାବ୍ୟଟି ରଚନା କରିଛନ୍ତି। ଭଗବାନଙ୍କ ଏହି ପବିତ୍ର କଥା ଏହି କଳିକାଳରେ ଦୈହିକ, ଦୈବିକ ଓ ଭୌତିକ ସନ୍ତାପ ତ୍ରୟକୁ ନାଶ କରିଦିଏ। କାହିଁକି ନ ହେବ ଏପରି ? ମହାପ୍ରଭୁ ଶ୍ରୀଜଗନ୍ନାଥ ପୂର୍ଣ୍ଣକାମ ଅଟନ୍ତି ନା –

*ଗଦା ଚକ୍ର ଶଙ୍ଖାଦି ଲୈ, ନୀଲ୍ ଜଲଦ୍ ତନ ଶ୍ୟାମ୍,*

*ନିତ୍ୟ ବାସ ମେରୋ ତହାଁ, ପୁରବୌ ସବ ମନ କାମ।*

ଏହି କାବ୍ୟରେ ଭକ୍ତିର ମଧୁର ବର୍ଣ୍ଣନା କରା ହୋଇଛି। ଯଥା-

*ନେମ୍ ପ୍ରେମ୍ ସେ ଭାବ କରି, ହୋଯ ଜୋ ଅନ୍ତର ଯାଗ୍*
*ଭଗତ ବଛଲ୍ ଭଗବାନ ପଦ, ଉପଜଇ ନବ ଅନରାଗ୍*
*ଶ୍ରୀ ରଘୁନାଥ ଜଗତ ଗୁରୁ, ତିହ୍ନକୀ କୃପା ପସାଉ*
*ଜଗତ ପୂଜ୍ୟ ପଦ ପାଇହୌଂ, ନାହିନ ଆନ ଉପାଉ।*

ଭଗବାନ ଜଗନ୍ନାଥ ମନୁଷ୍ୟଙ୍କ ପରି ଜନ୍ମ ନିଅନ୍ତି, ପ୍ରାଣ ତ୍ୟାଗ କରନ୍ତି। ସେ ରୋଗରେ ପଡ଼ନ୍ତି, ଔଷଧ ସେବନ କରି ସ୍ୱସ୍ଥ ହୁଅନ୍ତି ପୁଣି ଜଗତ କଲ୍ୟାଣ ପାଇଁ ରଥଯାତ୍ରା କରନ୍ତି –

*ମନୁଜ ରୂପ ଧରି ଜଗତପତି ଭୋଗ ରୋଗ ମାୟା ଦେହ*
*ଅସମ୍ପୂର୍ଣ୍ଣ ମହଁ ପୂର୍ଣ୍ଣତା, ବ୍ୟଂଜିତ ଭାବ ସନେହ।*
*ମନୁଜ ସରିସ ପ୍ରଭୁ ତନ ତଜହିଁ*
*ପୁନି ଧାରହିଂ ନବ ରୂପ୍*
*ଅତି ବିଚିତ୍ର ଭଗବନ୍ତ ଗତି,ଦିବ୍ୟ*
*ଅଖଣ୍ଡ ଅନୂପ୍।*

**ସାଗର ତଟରେ ଅବସ୍ଥିତ ଏହି କ୍ଷେତ୍ରର ଅନ୍ୟ ନାମ ହେଉଛି ନୀଳାଚଳ। କାରଣ ଏହି ନୀଳାଚଳ ପର୍ବତ ଉପରେ ନୀଳମାଧବ ଲୀଳାରତ ଅଛନ୍ତି।**

ତେଣୁ କୁହାଯାଇଛି ସ୍ୱୟଂ ନାରାୟଣ ଏଠାରେ ଦାରୁବ୍ରହ୍ମ ରୂପେ ମାନବୀୟ ଲୀଳା କରୁଛନ୍ତି-

*ଜୋ ପୁରୁଷୋତ୍ତମ ସୁହାଇ, କୀରତି ଜାସୁ ଅଲୌକିକ ଗାଇ।*
*ଦାରୁରୂପ ନାରାୟଣ ଲିହ୍ନା, ମାନବ ଚରିତ ବିବିଧ ବିଧି କୀହ୍ନା।*

ସେହି କ୍ଷେତ୍ରର ନିବାସୀଙ୍କ ବିଷୟରେ କୁହାଯାଇଛି –

*ବସହିଁ ସୁଖେନ ନେହ ନିଧି ପ୍ରାନୀ,ଦେଶ ଅଠାରହ ବିଦ୍ୟା ଖାନୀ।*
*ସଙ୍ଗ ବୈଠି ସବ୍ ହରି ଗୁନ୍ ଗାବହିଁ, ନାଇ ଦେବ ମନ୍ଦିର ସିର ନାବହିଁ।*

ଏହି କ୍ଷେତ୍ର ର ମହିମାଗାନ କରିଛନ୍ତି ବେଦପୁରାଣମାନ। କ୍ଷେତ୍ରର ମହିମା ବିଷୟରେ କୁହାଯାଇଛି-

*ଯହ ପାବନ ଥଲ୍ ଦିବ୍ୟ ଅତି,ବରନତ୍ ବେଦ ପୁରାନ୍*
*ଦେତ ମୁକ୍ତି ଧର୍ମ କୋ, ମହିମା ତ୍ରିଭୁବନ ଜାନ୍।*

ସାଗର ତଟରେ ଅବସ୍ଥିତ ଏହି କ୍ଷେତ୍ରର ଅନ୍ୟ ନାମ ହେଉଛି ନୀଳାଚଳ। କାରଣ ଏହି ନୀଳାଚଳ ପର୍ବତ ଉପରେ ନୀଳମାଧବ ଲୀଳାରତ ଅଛନ୍ତି। ସେ ବିଷୟରେ କୁହାଯାଇଛି-

*ସାଗର ନୀଲ ନୀଲ ନଭ ସୋହା, ନୀଲ ବଦନ ପ୍ରଭୁ ଜନ ମନ ମୋହା।*
*ଜହାଁ ବସହିଁ ସୋଉ ଗିରି ନୀଲା, କରହିଁ ନୀଲ ମାଧବ ବହୁ ଲୀଲା।*

## ମାନବବାଦୀ ସଂସ୍କୃତି

ଜଗନ୍ନାଥ ସଂସ୍କୃତି ମାନବବାଦୀ ସଂସ୍କୃତି ଅଟେ। ଏହା ବିଶ୍ୱ ଶାନ୍ତିର ବାର୍ତ୍ତା ମଧ୍ୟ ଦିଏ। ଏକତା,ସମନ୍ୱୟ ,ଶାନ୍ତି ଏବଂ ମୈତ୍ରୀ ଭାବନା ବୃଦ୍ଧି ପାଇଁ ଏ ସଂସ୍କୃତି ସତତ୍ ପ୍ରୟନ୍ଶୀଳ। ତିନି ଦେବତାଙ୍କର ତିନି ରଙ୍ଗ ସଂସାରର ତିନି ବର୍ଣ୍ଣର ଲୋକଙ୍କ ପ୍ରତୀକ ଅଟନ୍ତି –

*ଗୌର କୃଷ୍ଣ ଔର ପୀତ୍ ରଂଗ ତୀନ ବରନ୍ କେ ଲୋଗ୍*
*ତିନକେ ପ୍ରତିନିଧି ରୂପ ମେଁ ୟେ ଦରସନ କେ ଜୋଗ୍।*
*ବିଶ୍ୱ ଏକତା ଶାନ୍ତି କେ ସଗୁଣ୍ ରୂପ ଯେ ତୀନ୍*
*ଧର୍ମ ଜାତି କୋ ସମନ୍ୱୟ ଦେଖତ୍*
*ପରମ ପ୍ରବୀନ୍।*

ଏ ସଂସ୍କୃତିର ଲକ୍ଷ୍ୟ ହେଲା ସମସ୍ତଙ୍କ ସହ ମିଳିମିଶି ରହିବା ଏବଂ ମାନବ ହିତରେ କର୍ମ କରିବା। ଯାହା କବି କହିଛନ୍ତି –

*ଜଗପତି ସଂସ୍କୃତି ପୂର୍ଣ୍ଣତଃ ସବ କର ମେଲ ମିଲାପ୍,*
*ମାନବ ହିତ୍ ସାଧନ କରତ୍ ମେଟତ୍ ଭବଭୟ ତାପ୍।*

ମହାପ୍ରଭୁ ଜଗନ୍ନାଥ ସେଥିପାଇଁ ହିଁ ତ ରଥଯାତ୍ରା ରେ ଆସି ଭ୍ରାତୃଭାବ, ମୈତ୍ରୀ, ସମାନତା, ସମଦର୍ଶୀତାର ପାବନ ଆଦର୍ଶକୁ ଜଗତବାସୀ ଙ୍କ ସମ୍ମୁଖରେ ପ୍ରମାଣିତ କରିଥାନ୍ତି –

*ଭ୍ରାତୃଭାବ ମୈତ୍ରୀ ସମାନତା ସମଦର୍ଶୀଧାରା ଅମାନତା*
*ମନ୍ଦିର ତଜି ପ୍ରଭୁ ବାହର୍ ଆବହିଁ, ମିଲହିଁ ପରସ୍ପର ଦର୍ଶନ ପାବହିଁ।*
*ଜାତି ପାଁତି ସବ୍ କଛୁ ବିସରାଇ ମୌସୀ ଗୃହ ସବ୍ ଜାବହିଁ।*

ତେଣୁ ଏହି ପାବନ କ୍ଷେତ୍ରରେ କେବଳ ପ୍ରେମ ଏବଂ ଭକ୍ତିକୁ ମହତ୍ତ୍ୱ ଦିଆଯାଇଛି –

*ପୁରୁଷୋତ୍ତମ କ୍ଷେତ୍ର ଅନୂପା, ବ୍ରହ୍ମ ନୀଲମାଧବ କେ ରୂପା।*
*ପ୍ରେମ ତରଙ୍ଗାଇତ ଥଲ୍ ସୋଇ, ମହିମା ବରନି ସକଇ ନହିଁ କୋଇ।*
*ପରମ ରମ୍ୟ କଛୁ ଜାଇ ନ ବରନା,ଧୋବତ୍ ସଦା ମହୋଦଧି ଚରନା।*
*ସାଗର ତଟ ପର ରମ୍ୟ ପ୍ରଦେଶା, ନହିଁ ତହଂ ରହଇ ଦୁଖ୍ ଅଘ ଲେସା।*

ଏହି କାବ୍ୟରେ ଜଗନ୍ନାଥଙ୍କର ସମସ୍ତ ଲୀଳାମାନଙ୍କର ବର୍ଣ୍ଣନା ହୋଇଛି। ତଥା ତାଙ୍କର ମହିମାଗାନ ସହିତ ତାଙ୍କର ଦୀନବନ୍ଧୁତ୍ୱକୁ ପ୍ରମାଣିତ କରାଯାଇଛି। ସେ କିପରି ଦୀନ, ଦୁଃଖୀମାନଙ୍କ ଆର୍ତ୍ତ ଡାକ ଶୁଣି ସେମାନଙ୍କ ଉପରେ କିପରି କୃପା ବର୍ଷା କରିଛନ୍ତି ତାହା ମଧ୍ୟ ଦର୍ଶାଯାଇଛି। ଶ୍ରୀଜଗନ୍ନାଥଙ୍କ ନବକଳେବର ଲୀଳାର ବର୍ଣନା ମଧ୍ୟ ଅତି ସୁନ୍ଦର ଭାବରେ କରାଯାଇଛି। କହିବାକୁ ଗଲେ କାବ୍ୟଟି ଦୋହା ଚୌପାଇ ରେ ଭରପୂର ରାମଚରିତମାନସ କାବ୍ୟ ଶୈଳୀରେ ରଚିତ ହୋଇଥିବା ଯୋଗୁଁ ଭକ୍ତ ହୃଦୟକୁ ଆହୁରି ରସାଣିତ କରି ପକାଉଛି।



**ଭକ୍ତି ରସାତ୍ମକ**

ମହାପ୍ରଭୁଶ୍ରୀ ଜଗନ୍ନାଥଙ୍କ ଉପରେ ରଚିତ ଏହି ସ୍ୱୟଂ ସମ୍ପୂର୍ଣ୍ଣ କାବ୍ୟଟି ଭକ୍ତିରସରେ ପରିପୂର୍ଣ୍ଣ। ଏଥିରେ ଭଗବାନଙ୍କୁ ଶ୍ରୀକୃଷ୍ଣ ରୂପରେ ମଧ୍ୟ ବର୍ଣନା କରାଯାଇଛି। କାରଣ ଜଗନ୍ନାଥ ଙ୍କୁ ଓଡ଼ିଶାରେ ଶ୍ରୀକୃଷ୍ଣ ରୂପରେ ମଧ୍ୟ ପୂଜା କରାଯାଏ। ଜଗନ୍ନାଥ ସଂସ୍କୃତିର ମହିମାଗାନ ମଧ୍ୟ କାବ୍ୟଟିରେ ପ୍ରକଟିତ। ଜଗନ୍ନାଥ ସଂସ୍କୃତିର ଉଚ୍ଚାଦର୍ଶକୁ ଜଗନ୍ନାଥଙ୍କ ଲୀଳା ଦ୍ୱାରାଏହି କାବ୍ୟରେ ସୁନ୍ଦର ଭାବରେ ଦର୍ଶାଯାଇଛି। କବି ଯୋଗେଶ୍ୱର ଜଗନ୍ନାଥଙ୍କ ଭକ୍ତ ହୋଇଥିବା ହେତୁ କାବ୍ୟଟିରେ ଜଣେ ଭକ୍ତର ଭାବକୁ ସେ ଅତି ନିଖୁଣ ଭାବରେ ଚିତ୍ରଣ କରିବାରେ ସମର୍ଥ ହୋଇଛନ୍ତି। ଜଗନ୍ନାଥ ସଂସ୍କୃତିର ମହନୀୟତା ର ସୁଗନ୍ଧକୁ ସେ ଭଗବାନଙ୍କର ମାନବୀୟ ଲୀଳାମାନଙ୍କର ଦୃଷ୍ଟାନ୍ତ ସହିତ ମହକିତ କରି ଦେଇଛନ୍ତି। କାବ୍ୟଟିରେ ଏକ ପ୍ରକାର ନବଧା ଭକ୍ତିର ଧାରା କୁ ପ୍ରବାହିତ କରି କବି ଯୋଗେଶ୍ୱର କାବ୍ୟଟିକୁ ଆହୁରି ମଂଜୁଳ କରି ଦେଇଛନ୍ତି। କାବ୍ୟଟି ରାମଚରିତମାନସ ଶୈଳୀରେ ରଚିତ ହୋଇଥିବା ଯୋଗୁଁ ତାହା ପାଠକର ମନକୁ ଆହୁରି ଆକର୍ଷିତ କରିପାରୁଛି। କାରଣ ତାହା ଗାୟନ କରିବାରେ ଭାରି ଆନନ୍ଦ ଆସିଥାଏ। ବିଭିନ୍ନ କାବ୍ୟାଳଙ୍କାରରେ ମଣ୍ଡିତ କାବ୍ୟଟିକୁ ପାଠ କଲେ ଭକ୍ତିରସର ସ୍ୱାଦ ଦ୍ୱିଗୁଣିତ ହୋଇଯାଏ। ବିଶେଷକରି ସ୍ଥାନେ ସ୍ଥାନେ ଅନୁପ୍ରାସଗୁମ୍ଫିତ କାବ୍ୟପଂକ୍ତିଗୁଡ଼ିକ ପାଠକ ମନକୁ ରୋମାଂଚିତ କରି ଦେଉଛନ୍ତି। କାବ୍ୟଟି ଦୁଇ ଭାଗରେ ବିଭକ୍ତ ଯଥା ପୂର୍ବାର୍ଦ୍ଧ ଏବଂ ଉତ୍ତରାର୍ଦ୍ଧ। ପୂର୍ବାର୍ଦ୍ଧରେ ପୁରୁଷୋତ୍ତମ କ୍ଷେତ୍ର ବର୍ଣ୍ଣନ ଦାରୁବ୍ରହ୍ମଙ୍କ ଲୀଳାରମ୍ଭ ଠାରୁ ସ୍ନାନଯାତ୍ରା ଯାଏଁ ଏବଂ ଉତ୍ତରାର୍ଦ୍ଧରେ ରଥଯାତ୍ରା ମହୋତ୍ସବ ପ୍ରାରମ୍ଭିକ କର୍ମ କାଷ୍ଠ ସଂଗ୍ରହ ଠାରୁ ନବକଳେବର ଉତ୍ସବ ଯାଏଁ ବର୍ଣ୍ଣିତ। ତତ୍ ସହିତ ଜଗନ୍ନାଥଙ୍କ ବିଭିନ୍ନ ଭକ୍ତଙ୍କ ଗାଥା ଓ କଥାକୁ ସମାହିତ କରିବା ସହିତ ଶେଷରେ ବିଶ୍ୱ ଚେତନା ଏବଂ ଜଗନ୍ନାଥଙ୍କୁ ନେଇ ଏକ ଅଧ୍ୟାୟ ରହିଛି। ଜଗନ୍ନାଥ ବିଳାସ କାବ୍ୟଟି ଜଗନ୍ନାଥ ପ୍ରେମୀ ହିନ୍ଦୀ ପାଠକମାନଙ୍କ ପାଇଁ ଏକ ଅମୂଲ୍ୟ ରତ୍ନ ସଦୃଶ କହିଲେ ଅତ୍ୟୁକ୍ତି ହେବ ନାହିଁ। ପରମାତ୍ମା ପରଂବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଲୀଳାକୁ ନେଇ ରଚିତ ଏହି ହିନ୍ଦୀ କାବ୍ୟଟି ସମୟକ୍ରମେ ଜନାଦୃତି ପାଇ ଜଗନ୍ନାଥ ସଂସ୍କୃତିର ଉନ୍ନତ ଏବଂ ମାନବୀୟଚେତନାକୁ ଉଦବୁଦ୍ଧ କରି ଭାରତବାସୀଙ୍କୁ ମହାଭାରତୀୟ ଆଧ୍ୟାତ୍ମିକ ଚେତନାରେ ସାମିଲ କରାଇବାରେ ମହତ୍ ଭୂମିକା ନିର୍ବାହ କରିବ ଏହା ନିଃସନ୍ଦେହ।

ଶେଷରେ ଏତିକି କୁହାଯାଇ ପାରେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାଖେଳାକୁ ନେଇ ରଚିତ ଏଇ ସୁନ୍ଦର କାବ୍ୟଟି ସମୟକ୍ରମେ ରାମଚରିତମାନସ କାବ୍ୟ ପରି ଜନପ୍ରିୟ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତିରେ ସମସ୍ତ ମାନବବାସୀଙ୍କୁ ମାନବତାର ରକ୍ଷା ନିମନ୍ତେ ପ୍ରୟତ୍ନଶୀଳ ହେବା ନିମନ୍ତେ ପ୍ରେରିତ କରିବ।

□□

ଲେଖକଙ୍କ ଇ-ମେଲ ଠିକଣା:
bhawanishankar_viranchi@yahoo.com



ଅନୁଭୂତି

# ସମୁଦ୍ର କୂଳରେ ସେ କିଏ ? ଦେବୀ ନା ମାନବୀ

ସନ୍ତୋଷ କୁମାର ପଟ୍ଟନାୟକ

ମୋର ଆଈ, ଷାଠିଏ ଦଶକରେ ରଥଯାତ୍ରା ପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଇ କଟକରେ ଥିବା ଆମ ଘରକୁ ଫେରୁଥିଲା। ଆଈ ପ୍ରତି ମୋର ସ୍ୱାଭାବିକ ଶ୍ରଦ୍ଧା ଓ ଭକ୍ତି ଛଡ଼ା ଆଉ ଗୋଟିଏ ସ୍ୱତନ୍ତ୍ର ଆକର୍ଷଣ ଥିଲା, ତାହା ହେଲା ପୁରୀ ଭୋଗ। ଆଈ କଟକ ଆସିବା ବେଳେ ଆମ ସମସ୍ତଙ୍କ ପାଇଁ ପ୍ରଚୁର ପରିମାଣରେ ମଗଜ ଲଡୁ ଓ ଖଜା ଆଣୁଥିଲା। ଭୋଗର ବାସ୍ନାରେ ଆମର ଘର ମହକି ଉଠୁଥିଲା। ବାଲ୍ୟ ସୁଲଭ ଚପଳତାରେ ମୁଁ ଆଈକୁ ରଥଯାତ୍ରା ସମ୍ବନ୍ଧରେ, ଶ୍ରୀଜଗନ୍ନାଥଙ୍କ ବିଷୟରେ ଅନେକ ପ୍ରାସଙ୍ଗିକ, ଅପ୍ରାସଙ୍ଗିକ ପ୍ରଶ୍ନ କରୁଥିଲି। ସେ ସ୍ମିତ ହସି ଧୈର୍ଯ୍ୟର ସହିତ ସମସ୍ତ ପ୍ରଶ୍ନର ଉତ୍ତର ଦେଉଥିଲା।

ଯାତ୍ରା ସମୟରେ ପୁରୀ ଜିଲ୍ଲା ପୁଲିସର କାର୍ଯ୍ୟଭାର ଓ କର୍ତ୍ତବ୍ୟର ପରିସର ଅନେକ ଗୁଣରେ ବଢ଼ି ଯାଇଥାଏ। କର୍ତ୍ତବ୍ୟ ପାଳନ କରିବାର କୌଣସି ସୀମା ନ ଥାଏ।

ସେତେବେଳେ ରଥଯାତ୍ରାର ଧାରା ବିବରଣୀ ପାଇଁ ଲୋକମାନେ ରେଡିଓ ଉପରେ ନିର୍ଭରଶୀଳ ଥିଲେ। "ଏ ବର୍ଷ ପ୍ରବଳ ଜନସମାଗମ ଓ ପ୍ରଚଣ୍ଡ ଗହଳି," ଧାରା ବିବରଣୀର ଏପରି କିଛି ଅଂଶ ମୁଁ ଶୁଣିବା ମୋର ମନେ ପଡୁଛି। ମତେ ଆଶ୍ଚର୍ଯ୍ୟ ଲାଗୁଥିଲା ଏତେ ଜନଗହଳିରେ ଆଈ କିପରି ପୁରୀ ଯାଇ ଠାକୁରଙ୍କୁ ଦର୍ଶନ କରି ଆମ ପାଖକୁ କଟକ ଆସିପାରୁଥିଲା। ଥରେ ମୁଁ ଆଈକୁ କହିଥିଲି ଯେ, "ଆଈ ସବୁଠାରେ ଶ୍ରୀଜଗନ୍ନାଥଙ୍କର ମନ୍ଦିର ଅଛି। ପାଖରେ ଦର୍ଶନ ନ କରି ତୁ ଏତେ ଗହଳିରେ ପୁରୀ କାହିଁକି ଯାଉଛୁ? ଆଈ ମୋ ପାଟିରେ ହାତ ଦେଇ କହିଥିଲା "ମୋ ବାପା, ମୋ ଧନ ମତେ ସେକଥା କହନା, ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ସ୍ୱର୍ଗରୁ ତେତିଶ କୋଟି ଦେବତା ଓହ୍ଲାଇ ଆସନ୍ତି। କେତେ କେତେ ମହାପାପୀ, ପାତକୀ ରଥରେ ଶ୍ରୀଠାକୁରଙ୍କୁ ଦର୍ଶନ କରିବା ମାତ୍ରେ ପାପରୁ ମୁକ୍ତି ପାଇଯାଆନ୍ତି।" ମୁଁ ପଚାରିଥିଲି "ଆଈ ତୁ ଏତେ ଥର ପୁରୀ ଯାଉଛୁ, ଏତେ ଦେବ, ଦେବୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସନ୍ତି ବୋଲି କହୁଛୁ, ଆଜି ପର୍ଯ୍ୟନ୍ତ କାହାକୁ ଦେଖିଛୁ?" ସେ ଧୀର ସ୍ୱରରେ ଉତ୍ତର ଦେଇଥିଲା "ନାଇଁରେ ମୋ ଧନ, ଦେଖିଥିବି କିନ୍ତୁ ଚିହ୍ନି ପାରିନଥିବି। କିନ୍ତୁ ପଣ୍ଡା ପଢ଼ିଆରୀମାନେ ଦେଖିଛନ୍ତି ବୋଲି ଆମକୁ କହନ୍ତି।" ଯେଉଁ ଠାକୁରଙ୍କର ଦର୍ଶନ ପାଇଁ ସ୍ୱର୍ଗରୁ ଦେବଦେବୀମାନେ ଓହ୍ଲାଇ ଆସନ୍ତି, ସେମାନଙ୍କ ଏକତ୍ରିତ ଦୃଶ୍ୟ କିପରି ହୋଇଥିବ? ମୋର ତତ୍କାଳୀନ ଶିଶୁମାନସର ପରିକଳ୍ପନାରେ ଦେବ, ଦେବୀଙ୍କର ସମାବେଶର ସକଳ ଅପୂର୍ବ ଚିତ୍ର ମୋ ମନକୁ ଆଚ୍ଛନ୍ନ କରିରଖୁଥିଲା।

ପୁଲିସ ବିଭାଗର ପ୍ରଶିକ୍ଷଣ ପରେ ମୋର ପୁରୀ ଜିଲ୍ଲାରେ ଚାକିରୀର ଆରମ୍ଭ ହୋଇଥିଲା। ତାର କେତେ ବର୍ଷ ଆଗରୁ ଆଈ ସ୍ୱର୍ଗାରୋହଣ କରିଥିଲା। ପ୍ରତିବର୍ଷ ରଥଯାତ୍ରା ସମୟରେ ମୋର ଆଈ କଥା ମନେ ପଡ଼େ। ଯାତ୍ରା ସମୟରେ ପୁରୀ ଜିଲ୍ଲା ପୁଲିସର କାର୍ଯ୍ୟଭାର ଓ କର୍ତ୍ତବ୍ୟର ପରିସର ଅନେକ ଗୁଣରେ ବଢ଼ି ଯାଇଥାଏ। କର୍ତ୍ତବ୍ୟ ପାଳନ କରିବାର କୌଣସି ସୀମା ନ ଥାଏ। ଡ୍ୟୁଟି କଲାବେଳେ ଘଡି ଦେଖିବା ଦରକାର ପଡିନଥାଏ। ଅବିରାମ ବାରଘଣ୍ଟାରୁ ଅଧିକ କାମ କଲା ପରେ ଶରୀର ଜବାବ ଦେବା ଆରମ୍ଭ କରିଥାଏ। ଆଖିପତା ଦୁଇଟି ଭାରୀ ହୋଇ କେଉଁଠି ଟିକେ ଆଉଜି ପଡିବା କିମ୍ବା ବସିପଡିବା ପାଇଁ ଇଚ୍ଛା ହୁଏ। ବିଶ୍ରାମ ନେବା ପାଇଁ ଅଫିସରଙ୍କ ଡ୍ୟୁଟିରୁମ୍‌କୁ ପଶିବା ମାତ୍ରେ ଜୋତାର ଲେସ ଖୋଲିବା ପରେ, ମୋଜା ଖୋଲିବା ପାଇଁ ଧୈର୍ଯ୍ୟ ରହେ ନାହିଁ। ବିଛଣାରେ ପଡୁ ପଡୁ କଳାହାଣ୍ଡିଆ ମେଘ ପରି ଘମାଘୋଟ ନିଦ ମାଡି ଆସି ଦୁଇ ଆଖିକୁ ଢ଼ାଙ୍କି ଦିଏ। ଗୋଟିଏ ମାତ୍ର ଶୟନ ମୁଦ୍ରାରେ ସକାଳ ହୋଇଯାଏ।

ଶ୍ରୀଗୁଣ୍ଡିଚା ପରେ ପରେ ବାହୁଡା ଓ ତା'ପରେ ସୁନାବେଶ ହୋଇଥାଏ। ଏସବୁ ସରିବା ପରେ ସର୍ବଦା ଚଳଚଞ୍ଚଳ ପୁରୀ ସହରର ବ୍ୟସ୍ତତାରେ ସାମାନ୍ୟ ଭଟ୍ଟା ପଡିଗଲା ପରି ମନେ ହୁଏ। ସରକାରୀ ଅଫିସରଙ୍କଠାରୁ ଆରମ୍ଭ କରି ପଣ୍ଡା ପଢ଼ିଆରୀ ଓ ସ୍ଥାନୀୟ ବ୍ୟବସାୟୀମାନେ କ୍ଲାନ୍ତି ମେଣ୍ଟାଇବାରେ କିଛି ଅଧିକ ସମୟ ଅତିକ୍ରାନ୍ତ କରିଥାନ୍ତି। ସୁନାବେଶ ସରିବାର କିଛି ଦିନ ହୋଇଥାଏ। ସେଦିନ ସକାଳୁ ଅବିଶ୍ରାନ୍ତ ବର୍ଷା ଓ ପବନ ଲାଗିରହିଥାଏ। ଅଫିସ କାମ ସାରି ଶୀଘ୍ର ଥାନାରୁ ଫେରିବି ବୋଲି ମୁଁ ମନସ୍ଥ କରିଥିଲି। ସେଦିନର ସବୁକାମ ସାରି ରାତିରେ ଘରକୁ ବାହାରିଛି, ହଠାତ୍ ମୋ ପାଖରେ ଖବର ପହଞ୍ଚିଲା, ସେଦିନ ରାତ୍ରି ପେଟ୍ରୋଲିଂ ଦାୟିତ୍ୱରେ ଥିବା ଅଫିସର ହଠାତ୍ ଅସୁସ୍ଥ ହୋଇଗଲେ। ଜିଲ୍ଲା ମୁଖ୍ୟାଳୟରୁ ନିର୍ଦ୍ଦେଶ ଆସିଥିଲା ଯେ ମତେ ତାଙ୍କର ଦାୟିତ୍ୱ ବହନ କରିବାକୁ ପଡିବ। ପ୍ରାୟ ସବୁ ପୁଲିସ ଅଫିସରଙ୍କୁ ଅନେକ ସମୟରେ ଏଭଳି ପରିସ୍ଥିତିର ସାମ୍ନା କରିବାକୁ ପଡିଥାଏ। କ୍ଲାନ୍ତ ଲାଗୁଥିଲେ ବି, ବାହାରକୁ ଆସି କିଛି ସମୟ ବୁଲାବୁଲି କରି ପୁଲିସ ମୋଟର ସାଇକେଲର ଇଞ୍ଜିନ ଚାଲୁ କରିଥିଲି। ମୁଣ୍ଡରେ ହେଲମେଟ୍ ପିନ୍ଧିଲି ସେଥିରେ ଭିଜର୍ ଲାଗିଥିଲା। ଭି.ଏଚ୍.ଏଫ ସେଟ୍‌ଟି ଅଣ୍ଟାରେ ପେଟ ସାମ୍ନାରେ ରହିଥିଲା ଓ ବାମପଟ ଅଣ୍ଟା ତଳକୁ ରିଭଲଭରଟା ଚମଡା ଖୋଳ ମଧରେ ଥିଲା। ମୋଟର ସାଇକେଲ ଚଳାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଗଲା ବେଳେ ବର୍ଷାର ବଡ ବଡ ଟୋପା ମୋର ହେଲମେଟ ଭିଜର୍ ଉପରେ ପଡିବାର ଦେଖିଲି। ଶ୍ରୀମନ୍ଦିର ସାମ୍ନାରେ ପହଞ୍ଚିଲା ବେଳକୁ ପ୍ରବଳ ବର୍ଷା। ଗୋଟିଏ ଦୋକାନ ବାରଣ୍ଡାରକୁ ଝୁଙ୍କି ଆସିଥିବା ଟିଣ ଛାତ ତଳେ ଠିଆ ହୋଇଗଲି। କିଛି ସମୟ ପରେ ବର୍ଷାର ପ୍ରକୋପ ସାମାନ୍ୟ କମିବା ପରେ ମୋଟର ସାଇକେଲ ପାଖକୁ ଯିବା ଆଗରୁ ହାତଘଣ୍ଟା ଉପରେ ନଜର ପକାଇଲି।

ରାତ୍ରି ଗୋଟାଏ ବାଜିବାକୁ ଯାଉଥିଲା। ମୋଟର ସାଇକେଲରେ ବସି ଦୋଳମଣ୍ଡପ ସାହି ଦେଇ ଦିଗବାରିଣୀ ଖମ୍ବ ସମୁଦ୍ର କୂଳ ରାସ୍ତାରେ ପହଞ୍ଚିବା ପାଇଁ ମୁଁ ଗାଡି ଚଲାଉଥିଲି। ବର୍ଷାର ତୀବ୍ରତା ସାମାନ୍ୟ କମ ହୋଇଥିଲେ ମଧ୍ୟ ସେ ପର୍ଯ୍ୟନ୍ତ ଲାଗି ରହିଥିଲା। ଭିଜର ଉପରେ ବର୍ଷାର ପାଣିଟୋପା ପଡି ସାମନାର ଦୃଶ୍ୟପଟ ଅସ୍ପଷ୍ଟ ଦେଖାଯାଉଥିବାରୁ, ଥରକୁ ଥର ହାତ ପାପୁଲିରେ ତାକୁ ପୋଛିବାକୁ ପଡୁଥିଲା। ମୋଚିସାହି ଛକ ଉପରେ ମୁଁ ମୋଟରସାଇକେଲ ଅଟକାଇ ବାମ, ଡାହାଣ ଓ ସାମ୍ନାକୁ ଦୃଷ୍ଟି ଘୁରାଇ ଆଣିଥିଲି। ଦୃଷ୍ଟିର ପରିସୀମା ପର୍ଯ୍ୟନ୍ତ ବର୍ଷା ଆଉ ବର୍ଷା, ଜଣେ ବି ରିକ୍ସା ବାଲା କିମ୍ବା ଗାଇଟେ ବା କୁକୁରଟିଏ ମଧ୍ୟ ମୋ ନଜରକୁ ଆସିନଥିଲା। ସେଇ ଛକରୁ ସିଧାଗଲେ ଦିଗବାରିଣୀ ଖୁଣ୍ଟ ଓ ଡାହାଣପଟକୁ ଘୁରି ଗଲେ ସମୁଦ୍ରକୂଳ ଓ ତତ୍ ସଂଲଗ୍ନ ପିଚୁରାସ୍ତା।



ମୋଟର ସାଇକେଲର ଇଞ୍ଜିନ ଚାଲୁ କରି ଆଗକୁ ଯିବାକୁ ବାହାରିଛି, ଦିଗବାରିଣୀକୁ ଯାଉଥିବା ରାସ୍ତା ଆଡୁ କିଛି ଗୋଟାଏ ଆଲୋକର ଚମକ ମୋର ଦୃଷ୍ଟିଗୋଚର ହେଲା ପରି ଲାଗିଲା। ନିରେଖି ଚାହିଁବା ପରେ କେହି ଜଣେ ସେଇକଡ଼ରୁ ଆସୁଥିବାର ଜାଣି ପାରିଥିଲି। ଚାଲି ଚାଲି ମୁଖ୍ୟ ଲାଇଟ ପୋଷ୍ଟ ତଳକୁ ଆସିବା ପରେ ମୁଁ ଦେଖିପାରିଲି ଗୋଟିଏ ନାରୀ ମୂର୍ତ୍ତି। ପରିଧାନ ଗାଢ଼ ନାରଙ୍ଗୀ ରଙ୍ଗର ଶାଢ଼ି। ବର୍ଷା ପାଣିରେ ଭିଜି ସେ ଶାଢ଼ିର ରଙ୍ଗ ଆହୁରି ଗାଢ଼ ଜଣାଯାଉଥାଏ। ଅତିଶୟ କ୍ଷୀଣ ଓ ଖର୍ବକାୟ ଶରୀର, ଦେହର ରଙ୍ଗ ଉଜ୍ଜ୍ୱଳ ହଳଦିଆ। ମୁଣ୍ଡରେ ଢ଼ିଲଢ଼ାଲ ସୁନେଲି ଜରିର ମୁକୁଟ ଯାହା ଅପେରା ପାର୍ଟିରେ ରାଣୀ କିମ୍ବା ରାଜଜେମା ମାନେ ପିନ୍ଧନ୍ତି। ଦୁଇ ହାତର ବାହୁରେ ବାହୁଟି ଓ ହାତର ମଣିବନ୍ଧରେ ଅନେକ ରଙ୍ଗର ଚୁଡି। କିନ୍ତୁ ସବୁ ଢ଼ିଲା ଢ଼ିଲା। କେଉଁଠୁ ମାଗିଆଣି କିମ୍ବା ଲୁଚାଇ ଆଣି ପିନ୍ଧିବା ପରି ଜଣାପଡୁଥିଲା। ବଡ ଅଦ୍ଭୁତ ଓ ବିଚିତ୍ର ସେ ଦୃଶ୍ୟ। ଆହୁରି ପାଖକୁ ଆସିବା ପରେ ହେଲମେଟର ଭିଜର ଉଠାଇ ତାର ମୁହଁକୁ ଭଲ ଭାବରେ ଦେଖିବାକୁ ଚେଷ୍ଟା କଲି। ଧାରୁଆ ମୁହଁରେ ବଡ ବଡ ଆଖି ଓ ବେଶ୍ ତୀକ୍ଷ୍ଣ ନାସିକା। ଓଠରେ ଆମୋଦିତ ସ୍ମିତହାସ୍ୟ। ମତେ ଲାଗୁଥିଲା କୌଣସି ଏକ କିନ୍ନରର ଆନିମେଟେଡ୍ ମୁହଁ ପରି। ପୁରା ପରିସ୍ଥିତି ଆଶ୍ଚର୍ଯ୍ୟ

ଜନକ ଓ ଗୋଟିଏ ପୁଲିସ ଅଫିସର ପାଇଁ ନିଶ୍ଚିତ କୌତୁହଳପ୍ରଦ ଥିଲା । ଏ କିଏ ହୋଇପାରେ ମୁଁ ଗଭୀର ଚିନ୍ତା କରୁଥିଲି । ତାର ଏ ବେଶ ପୋଷାକ, ଚେହେରା ଓ ବେପରୱା ଚାଲିରୁ ମୁଁ ଜାଣୁଥିଲି ଏ ସ୍ତ୍ରୀ ଲୋକଟି ନିଶ୍ଚିତ ଭାବରେ ଗୋଟିଏ ପାଗଳୀ । କୌଣସି ଅପେରାରୁ ଯେଉଁ ଉପାୟରେ ବି ହେଉ ଏ ପୋଷାକ ପତ୍ର ଆଣି ଲକ୍ଷ୍ୟହୀନ ଭାବରେ ଘୁରି ବୁଲୁଛି । ମୁଁ ବାମ ହାତ ଉପରକୁ ଉଠାଇ ତାକୁ ଅଟକିବା ପାଇଁ ସଂକେତ ଦେଲି । କୌଣସି ପ୍ରଭାବ ନାହିଁ । ହାତଗୋଡ ହଲାଇ ତାର ବେପରୱା ଚାଲିର କୌଣସି ପରିବର୍ତ୍ତନ ନାହିଁ । ଏଥର ମୁଁ ମୋଟରସାଇକେଲରେ ଲାଗିଥିବା ସାଇରନ ଓ ହର୍ଣ୍ଣକୁ ଏକାସାଙ୍ଗରେ ବଜାଇଦେଲି । କୌଣସି ପ୍ରତିକ୍ରିୟା ନାହିଁ । ତାର ଏପରି ବେଖାତିର ବ୍ୟବହାରରେ ମନେ ମନେ ମୁଁ ବହୁତ କ୍ଷୁବ୍ଧ ହୋଇଥିଲି ।

ଏମାନଙ୍କ ସୁରକ୍ଷା ପାଇଁ ଆମର ଦିନରାତି ଏତେ କଷ୍ଟ, କେତେ ଉଦ୍‌ବିଗ୍ନତା, ଅଥଚ ତାଙ୍କର ସାମାନ୍ୟତମ ସହଯୋଗ ନାହିଁ । ମୋଟରସାଇକେଲରୁ ଓହ୍ଲାଇ ଷ୍ଟାଣ୍ଡ ମାରି ଠିଆ ହେଲି । ଆଉ ଅଳ୍ପ କେତୋଟି ପାହୁଣ୍ଡ ପରେ ସେ ମତେ ଅତିକ୍ରମ କରି ଚାଲିଯିବ । ମୋ ପାଟିରୁ ବାହାରିଲା 'ଏ ରହ' । ବାସ ଏତିକି କଥା । ସେ ମତେ ଅତିକ୍ରମ କରି କେତୋଟି ପାହୁଣ୍ଡ ଆଗେଇ ସାରିଥିଲା । ହଠାତ୍ ଘୁରି ପଡି ମତେ କହିଲା 'ଏ ବୋଲି କ'ଣ ଡାକୁଛ ? ଏ ବୋଲି କାହାକୁ ଡକାଯାଏ ଜାଣିଛ ? ତମେ ତ ବାହା ହୋଇନ କେମିତି ଜାଣିବ ?' ତା'ପରେ କର୍ତ୍ତବ୍ୟ ସଂପର୍କିତ ଗୋଟିଏ ସଂସ୍କୃତ ଶ୍ଳୋକ ଆବୃତି କରି ସ୍ୱରକୁ ସାମାନ୍ୟ ନରମ କରି ମତେ କହିଥିଲା "କର୍ତ୍ତବ୍ୟ କରୁଛ କର, କିନ୍ତୁ ତା ସାଙ୍ଗେ ସାଙ୍ଗେ ସମସ୍ତଙ୍କୁ ସାମ୍ମାନର ସହିତ ବ୍ୟବହାର କରିବା ଶିଖ ।" ଏପରି ଅପ୍ରତ୍ୟାଶିତ ଉପଦେଶର କି ଉତ୍ତର ଦେବି ମୁଁ ଜାଣି ପାରୁନଥିଲି । ମୋର ଅଳ୍ପ କେତୋଟି ବର୍ଷର ଚାକିରୀ ମଧ୍ୟରେ ଏପରି ଉପଦେଶାତ୍ମକ ଭର୍ତ୍ସନା ମୋର ଉପରିସ୍ଥ ଅଫିସର ଅବା ଗୁରୁଜନ କାହାଠାରୁ ଶୁଣିନଥିଲି । ମୋର ମନ ଯୁଗପତ୍ ଲଜ୍ଜା ଓ ଗ୍ଳାନିରେ ଭରିଗଲା । ମତେ ଲାଗିଲା ମୋର ଏ ବୋଲି ଡାକିବାଟା ପ୍ରକୃତରେ ଅଭଦ୍ରାମୀ ହୋଇଗଲା । ପୁଣି ନିଜକୁ ନିଜେ ପ୍ରବୋଧନା ଦେଲି, କ'ଣ ଆଉ କରିଥାନ୍ତି ? ରାତି ଗୋଟାଏ ସମୟରେ ନାଟ ପୋଷାକ ପିନ୍ଧି ଇତସ୍ତତଃ ବୁଲୁଥିବାରୁ ତାକୁ ଅଟକିବାକୁ ସ୍ପଷ୍ଟ ସଂକେତ ଦେଲି, ଗାଡିର ହର୍ଣ୍ଣ ବଜାଇଲି ତଥାପି ଭ୍ରୁକ୍ଷେପ ନାହିଁ । ମୁଁ ତ ତାର ନାଁ ଜାଣିନି, ଆଉ କଣ ବୋଲି ଡାକିଥାନ୍ତି ? ମୋଟରସାଇକେଲର ଦର୍ପଣର ପ୍ରତିଫଳନରେ ଦେଖିଲି, ସେଇପରି ଦ୍ରୁତଗତିରେ ସେ ଦୋଳମଣ୍ଡପ ସାହି ଭିତରକୁ ଆଗେଇ ଚାଲିଛି । ମୋର ପେଟ୍ରୋଲିଂ ରାସ୍ତାରେ ସମୁଦ୍ରକୂଳ ରାସ୍ତା ଦେଇ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ବାହାରିଲି । ରାସ୍ତାରେ ନାନା ପ୍ରକାର ଚିନ୍ତା ମନକୁ ଆସିଲା । ହଉ ପଛେ ସେ ପାଗଳୀ, ଗାଳି ବି ଦେଉ କିନ୍ତୁ ତାକୁ ଏପରି ଏକଲା ଛାଡିବା ମୋର ଉଚିତ ନ ଥିଲା । ପୁରୀ ତୀର୍ଥକ୍ଷେତ୍ର ହେଲେ ମଧ୍ୟ ଏଠି ଅସାମାଜିକ ଲୋକ କିମ୍ବା ବିଭିନ୍ନ ପ୍ରକାର ଅପରାଧୀଙ୍କର ଅଭାବ ନ ଥିଲା । ଯେକୌଣସି ପ୍ରକାର ଅଘଟଣ ହେବା ଅସମ୍ଭବ ନ ଥିଲା ।

ସ୍ୱର୍ଗଦ୍ୱାରରେ ପହଞ୍ଚିଲା ବେଳକୁ ବର୍ଷା ସମ୍ପୂର୍ଣ୍ଣ କମି ଯାଇଥିଲା । ଭି.ଏଚ୍.ଏଫ ସେଟରେ ମୁଖ୍ୟ ପେଟ୍ରୋଲିଂ ଗାଡି ସାଙ୍ଗରେ ସଂପର୍କ ସ୍ଥାପନ କଲି । ଜବାବ ଆସିଲା ସେମାନେ ଲୋକନାଥ ରୋଡରେ ଅଛନ୍ତି । ସେମାନଙ୍କୁ ସିଂହଦ୍ୱାର ପର୍ଯ୍ୟନ୍ତ ଆସିବାକୁ ନିର୍ଦ୍ଦେଶ ଦେଇ ମୁଁ ପୁଣି ମୋଚିସାହି ଛକ, ଦୋଳମଣ୍ଡପ ସାହି ଦେଇ ସିଂହଦ୍ୱାରରେ ପହଞ୍ଚିଥିଲି । ଫେରିଲା ସମୟରେ ଦୋଳମଣ୍ଡପ ସାହିରେ ଗାଡିର ଗତି ଧୀମା କରି ସେଇ ସ୍ତ୍ରୀ ଲୋକ ଜଣଙ୍କୁ ଖୋଜିବାକୁ ଯଥାସମ୍ଭବ ଚେଷ୍ଟା କରିଥିଲି, କିନ୍ତୁ ତାର କୌଣସି ଚିହ୍ନବର୍ଣ୍ଣ ନ ଥିଲା । ସିଂହଦ୍ୱାର ସାମ୍ନାରେ ମୁଖ୍ୟ ପେଟ୍ରୋଲିଂ ଜିପ୍ ପହଞ୍ଚିବା ପରେ ଏ.ଏସ୍.ଆଇ ସିଂ ବାବୁଙ୍କ ସାଙ୍ଗରେ ଘଟଣାର ବିଶଦ ଆଲୋଚନା କରିଥିଲି । ପେଟ୍ରୋଲିଂ ଜିପ୍‌କୁ ଦୋଳମଣ୍ଡପ ସାହି ଭିତରକୁ ନେଇ ସେ ସ୍ତ୍ରୀ ଲୋକ ବିଷୟରେ ଭଲ ଭାବରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇ ମୁଁ ଟାଉନ୍ ଥାନାକୁ ଫେରିଥିଲି । ଡ୍ୟୁଟି ରୁମ୍‌ରେ କିଛି ସମୟ ବିଶ୍ରାମ ନେଇଛି, ପେଟ୍ରୋଲିଂ ଜିପ୍ ଫେରିବା ଶବ୍ଦରେ ମୋର ନିଦ ଭାଙ୍ଗିଯାଇଥିଲା । ଏ.ଏସ୍.ଆଇ ସିଂ ବାବୁ ଡ୍ୟୁଟି ରୁମ୍‌କୁ ଆସି ମତେ କହିଥିଲେ

**ଫେରିଲା ସମୟରେ ମୁଁ ଗାଡିର ଗତି ଧୀମା କରି ସେଇ ସ୍ତ୍ରୀ ଲୋକ ଜଣଙ୍କୁ ଖୋଜିବାକୁ ଯଥାସମ୍ଭବ ଚେଷ୍ଟା କରିଥିଲି, କିନ୍ତୁ ତାର କୌଣସି ଚିହ୍ନବର୍ଣ୍ଣ ନ ଥିଲା ।**

"ନାଇଁ ସାର ଦୋଳ ମଣ୍ଡପ ସାହିରେ ସେଭଳି ସ୍ତ୍ରୀ ଲୋକ ବୁଲିବାର ବା ରହିବାର କୌଣସି ଖବର ନାହିଁ। ଏମିତି ବହୁତ ପାଗଳା, ପାଗଳୀ ପୁରୀ ସହରରେ ବୁଲୁଛନ୍ତି। ମୋର ଏଠି ଟାଉନ୍ ଥାନାରେ ଆଠ ବର୍ଷ ହେଲା ଏସବୁ ଦେଖି ଆସିଛି। ସବୁଦିନ ସକାଳ ନଅଟା ସମୟରେ ପୁରୀ ସହରର ସମସ୍ତ ଲଜିଂ ଓ ଗେଷ୍ଟ ହାଉସ୍‌ର ରେଜିଷ୍ଟର ଯାଞ୍ଚ ପାଇଁ ଥାନାକୁ ଆସେ। ଅପମୃତ୍ୟୁ, ଚୋରୀ କିମ୍ବା ଯେକୌଣସି ପ୍ରକାରର ଅଘଟଣ ହୋଇଥିଲେ ତାର ପ୍ରାଥମିକ ରିପୋର୍ଟ ସେଥିରେ ଥାଏ। ଏଇ ଲଜିଂ ଓ ଗେଷ୍ଟହାଉସ୍‌ର ରେଜିଷ୍ଟରଗୁଡ଼ା ଆଜି ଟିକଏ ଭଲ କରି ଦେଖି ଦେବା ଆଜ୍ଞା ଯଦି କିଛି ଘଟଣା ହୋଇଥାଏ, ତା ହେଲେ ଜଣା ପଡ଼ିଯିବ।" ସିଂ ବାବୁଙ୍କ ପ୍ରସ୍ତାବ ପରେ ମୁଁ ଘଣ୍ଟେ ଦୁଇ ଘଣ୍ଟା ଟିକେ ନିଶ୍ଚିତ ହୋଇ ଶୋଇ ପଡ଼ିଥିଲି। ଡ୍ୟୁଟି ରୁମ୍ ସଂଲଗ୍ନ ସ୍ନାନାଗାରରେ ନିତ୍ୟକର୍ମ ସାରି ଥାନାର ଅଫିସରୁମ୍‌କୁ ଆସିଲି। ସେତେବେଳକୁ ବୋଧହୁଏ ନଅଟା ବାଜିଥିବ। ଏ.ଏସ୍.ଆଇ ସିଂ ବାବୁ ଥାନାକୁ ଆସିଥିବା ପୁରୀ ସହରର ସମସ୍ତ ଲଜିଂ ଓ ଗେଷ୍ଟ ହାଉସର ରେଜିଷ୍ଟରକୁ ତନଖି ଦେଖୁଥିଲେ। ମତେ ଦେଖି ହସି ହସି କହିଲେ "ନାଇଁ ସାର, ପୁଲିସ ସଂପର୍କିତ କୌଣସି ରିପୋର୍ଟ ନାହିଁ। ସବୁ ଠିକ୍‌ଠାକ୍ ଅଛି।" ମୁଁ ଟିକେ ଆଶ୍ୱସ୍ତ ହୋଇ ବସି ଖବର କାଗଜ ଉପରେ ଦୃଷ୍ଟି ପକାଉଛି, ଆମ ଥାନାର ପଣ୍ଡା ବଳିଆ ମହାପାତ୍ରଙ୍କର ପାଟି ଶୁଭିଲା। ସେ ସବୁଦିନ ସକାଳେ ଶ୍ରୀଜଗନ୍ନାଥଙ୍କ ମଙ୍ଗଳ ଆଳତୀ ପରେ ତୁଳସୀ ଓ କର୍ପୁର ନେଇ ଥାନାକୁ ଆସନ୍ତି। ସମସ୍ତଙ୍କୁ ତୁଳସୀ ଦେଇ ଓ ଆଖିରେ କର୍ପୁର ଲଗାଇ ଯତ୍‌କିଞ୍ଚିତ ଦକ୍ଷିଣା ନେଇ ପ୍ରସ୍ଥାନ କରନ୍ତି। ସେଦିନ ମୁଁ ବଳିଆ ମହାପାତ୍ରଙ୍କୁ ଟିକେ ସମୟ ବସିବାକୁ ଅନୁରୋଧ କରି ତାଙ୍କ ପାଇଁ ଗରମ ଚା' ଓ ଖିଲିପାନ ବରାଦ କରିଥିଲି। ସିଂ ବାବୁ ତାଙ୍କୁ ଚାହିଁ କହିଥିଲେ, "ବୁଝିଲେ ମହାପାତ୍ରେ, ସାରେ କାଲି ରାତି ପେଟ୍ରୋଲିଂରେ ଗଲା ବେଳେ ଗୋଟିଏ ପାଗଳୀ ହାବୁଡରେ ପଡିଗଲେ, ସିଏ ସାରଙ୍କୁ କଣ ଟିକେ ଯାଉ ସ୍ୟାଉ କହିଦେଲା ବୋଲି ସେ ଚିନ୍ତାରେ ଅଛନ୍ତି। ମହାପାତ୍ରେ ଟିକେ ହସି ମତେ ଚାହିଁ କହିଲେ, "ଆଜ୍ଞା କଣ ହେଇଛି କହିଲେ? ମୁଁ ଯଥାସମ୍ଭବ ସଂକ୍ଷିପ୍ତରେ ଘଟଣାଟି କହିଥିଲି। ସେ ମତେ କହିଥିବା ସଂସ୍କୃତ ଶ୍ଳୋକ ଓ ମତେ ଦେଇଥିବା ମୃଦୁ ଭତ୍ସନାକୁ ମଧ୍ୟ ଜଣାଇବାକୁ ଭୁଲି ନ ଥିଲି। ମହାପାତ୍ରେ କିଛି ସମୟ କଣ ଭାବିବା ପରେ ଗମ୍ଭୀର ହୋଇ ତାଙ୍କ ପୁରୀ ଭାଷାରେ କହିଥିଲେ, "ଆଗିଆଁ ସିଏ ହେଉଛନ୍ତି ହିଙ୍ଗୁଳା ଠାକୁରାଣୀ। ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଉଥିଲେ। କେତେ ବଡ କଥା ଆଗିଆଁ? ଆପଣ ଖାଲି ମଟର ସାଇକେଲରୁ ଓହ୍ଲାଇ ତାର ଗୋଡତଳେ ପଡିଯାଇଥାନ୍ତେ, ଯାହା ମାଗିଥାନ୍ତେ ତା ପାଇଥାନ୍ତେ ଆଜ୍ଞା।"



ଏତିକି ବେଳେ ସିଂ ବାବୁ ଲଘୁ ପରିହାସ କରି କହିଥିଲେ, "ଏ କି କଥା କହୁଛ ମହାପାତ୍ରେ? ଢ଼ିଲା ନାଟୁଆ ପୋଷାକ ପିନ୍ଧି ରାତି ବାରଟାରେ ବୁଲୁଥିବା ଗୋଟେ ପାଗଳୀ ଗୋଡତଳେ ବାବୁ ପଡିଯାଇଥାନ୍ତେ?"

ମହାପାତ୍ରେ ଜବାବ ଦେଇଥିଲେ "ନାଟୁଆ ପୋଷାକ କଣ ଆଜ୍ଞା, ଯେତେ ଠାକୁର ଠାକୁରାଣୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଯିବେ। ସମସ୍ତେ ବାହୁଟି, କଙ୍କଣ ଓ ମୁକୁଟ ପିନ୍ଧିକି ନିଶ୍ଚିତ ଯିବେ। ଆପଣଙ୍କ ଆଇଜି କି ଡିଜି ଆସିଲେ ଆପଣ କଣ କାନ୍ଧରେ ଚମଡା ବେଲ୍‌ଟ, ବେକରେ ଗଳାବନ୍ଧ ପିନ୍ଧୁନାହାନ୍ତି? ଆଉ ପାଗଳୀ କଣ ଆଜ୍ଞା? ଯଦି ପାଗଳୀ, ତା ହେଲେ ବାବୁ ବାହା ହୋଇ ନାହାନ୍ତି ବୋଲି ସେ କିମିତି ଜାଣିଲେ? କଣ ସେ ବାବୁଙ୍କ ଗାଁର ନାଁ ଆଉ ବାବୁଙ୍କୁ ଜାଣିଥିଲେ।?"

ଏ ପ୍ରଶ୍ନର ଉତ୍ତର ସିଂ ବାବୁ କିମ୍ବା ମୋ ପାଖରେ ନ ଥିଲା। ମୋର ପିଲାଦିନେ ଆଇଠାରୁ ଶୁଣିଥିବା ଶ୍ରୀଜଗନ୍ନାଥଙ୍କ ଦର୍ଶନାଭିଳାଷୀ ଦେବଦେବୀଙ୍କ କଥା ମନେ ପଡୁଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
santoshpatnaikcb@gmail.com



**ପ୍ରବନ୍ଧ**

# ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟକବିତାରେ ଶ୍ରୀଜଗନ୍ନାଥ

ଡ. ପ୍ରଫୁଲ୍ଲ କୁମାର ସାହୁ

ଶ୍ରୀଜଗନ୍ନାଥ କେବଳ ଉତ୍କଳୀୟ ଧର୍ମ ଦର୍ଶନର ମୂଳପିଣ୍ଡ ନୁହନ୍ତି, ସେ ଓଡ଼ିଆ ଜାତିର ସାଂସ୍କୃତିକ ଆତ୍ମା। ସାମାଜିକ ଓ ରାଜନୈତିକ ଚେତନାର ପ୍ରତିଭୂ। ସେ ସର୍ବମୟ ଓ ସର୍ବମାନ୍ୟ। ଚିଠି ଖଣ୍ଡେ ଲେଖିଲେ "ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ଶରଣ"ରୁ ଆରମ୍ଭ ହୁଏ ଲେଖା। ନୂଆ ସମ୍ବନ୍ଧଟିଏ ବାନ୍ଧିଲେ ପ୍ରଥମ ସାକ୍ଷୀ ହୁଅନ୍ତି ସର୍ବମଙ୍ଗଳ ଜଗନ୍ନାଥ। ଚଡକ ପଡ଼ିଲେ ଜଗନ୍ନାଥ, ମଡକ ପଡିଲେ ଜଗନ୍ନାଥ - ସୁଖରେ ଦୁଃଖରେ ସବୁକତାରେ ସେ ଆଦ୍ୟ ସ୍ମରଣୀୟ। ସେହି ଜଗନ୍ନାଥ କୈନ୍ଦ୍ରିକ ଭାବ ଓ ଭାବନାକୁ ଆଧାର କରି ସୁନ୍ଦର, ସମୃଦ୍ଧ ଓ ସୃଜନଶୀଳ ହୋଇଛି ଓଡ଼ିଆ ଜାତିର ଜୀବନଚର୍ଯ୍ୟା। ଗଢ଼ିଉଠିଛି ନିବେଦନ ଓ ସମର୍ପଣର ସ୍ଥାପତ୍ୟ। ଭକ୍ତି ଓ ଲୁହର ଛଳ ଛଳ ଆବେଗରେ ଝରିପଡୁଛି କବିତାର କମନୀୟ ପଂକ୍ତି।

ଓଡ଼ିଆ କାବ୍ୟ ସାହିତ୍ୟକୁ ତାର ଜନ୍ମ ଲଗ୍ନରୁ ଆଚ୍ଛନ୍ନ କରି ରଖିଛି ଜଗନ୍ନାଥ ଚେତନାର ଭିତ୍ତି ଓ ବ୍ୟାପ୍ତି। ଓଡ଼ିଆ ସାହିତ୍ୟର ଆଦିରୂପ 'ଚର୍ଯ୍ୟା ଗୀତିକା'ରେ ବୋଲାଯାଇଛି ମହାପ୍ରଭୁଙ୍କ ଯୌଗିକ ତତ୍ତ୍ୱର ମାହାତ୍ମ୍ୟ। ଶବରୀପା'ଙ୍କ ବୌଦ୍ଧଗାନ ଦୋହାରେ ନିହିତ ତାଙ୍କ ପରିଚୟ ଓ ପ୍ରତିଷ୍ଠାର ପ୍ରାକ୍ ଅଭିବ୍ୟକ୍ତି। ବାହାରକୁ ନଗ୍ନ ଶବ୍ଦର ସମୀକରଣ ପରି ଜଣାଗଲେ ବି ରଥବାହୁଡ଼ା ଗୀତ ଭାବରେ ଭକ୍ତମାନଙ୍କ ପାଇଁ ସେ ପଦାବଳୀରେ ରହିଛି ଏକ ନିଆରା ସମ୍ମୋହନ।

**ସାରଳା ଦାସ**

ଓଡ଼ିଆ ସାହିତ୍ୟରେ ଆଦିକବି ସାରଳା ଦାସ ଥିଲେ ମା' ଶାରଳାଙ୍କର ଜଣେ ନିଷ୍ଠାପର ଭକ୍ତ। ମାଆଙ୍କ ଭକ୍ତ ହେଲେ ବି ତାଙ୍କୁ କମ୍ ବିଭୋର କରିନି ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ। ତେଣୁ ଶ୍ରୀଜଗନ୍ନାଥଙ୍କ ଠାରେ ଶୂଦ୍ରମୁନି ସ୍ଥାପନା କରିଛନ୍ତି ଆସ୍ଥା ଓ ଆତ୍ମୀୟତା। ଶ୍ରୀଜଗନ୍ନାଥ ହିଁ ଓଡ଼ିଶାର ଜାତୀୟତା, ଆଧାତ୍ମିକତା ତଥା ଜନଜୀବନର ପ୍ରାଣବିନ୍ଦୁ। ମହାଭାରତରେ ବର୍ଣ୍ଣିତ ଶବରୀ ନାରାୟଣ ହିଁ ସ୍ୱୟଂ ଦାରୁଦେବତା ଜଗନ୍ନାଥ। ବିଶାଳକାୟ ମହାଭାରତର ବିଭିନ୍ନ ପର୍ବରେ ସେ ବାଢ଼ିଛନ୍ତି ଏହାର ବିସ୍ତୃତ ଅବତାରଣା। ମହାଭାରତର ଆଦି ପର୍ବରେ ପ୍ରଥମେ ଜଗନ୍ନାଥଙ୍କୁ ଭକ୍ତି ନିବେଦନ କରି ଗାଇଛନ୍ତି-




ବିଜୟ ରାମକୃଷ୍ଣ ସୁଭଦ୍ରା ନାମେ ବ୍ରହ୍ମା
ଚାରିଲକ୍ଷ ବତିଶ ସହସ୍ରକୁ ବଉଦ ରୂପେ
ମହାତମା।

ଶ୍ରୀକୃଷ୍ଣଙ୍କ ନାୟକ ଭାବେ ଗ୍ରହଣ କରି ସାରଳା ଦାସ ଲେଖିଛନ୍ତି ମହାଭାରତ। କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ଅବତାରୀ ପୁରୁଷ ଭାବରେ ବର୍ଣ୍ଣନା କରି ଗାଇଛନ୍ତି ବନ୍ଦନା। କବିଙ୍କ ମୁଗ୍ଧ କରିଛି ମହାପ୍ରଭୁଙ୍କ ଅକଳ୍ପନୀୟ ସୌନ୍ଦର୍ଯ୍ୟ। ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ସତ୍ତ୍ୱ, ରଜ, ତମଗୁଣ ତଥା ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ପ୍ରତୀକ ଭାବରେ ସେ ଅନୁଭବ କରିଛନ୍ତି ଏବଂ ତାହାକୁ ସୁନ୍ଦର ଭାବରେ ପ୍ରକାଶ କରି ଲେଖିଛନ୍ତି-

ପୁରୁଷୋତ୍ତମ କ୍ଷେତ୍ରଯେ ଗୋଟିଏ ତୀର୍ଥ ଘେନି
ବସିଲେ ହରି ବଳରାମ ସୁଭଦ୍ରା ଏ ତିନି
ସକଳ ତୀର୍ଥଟି ଗୋବିନ୍ଦର ନାମ

ଏଥି ଉପରେ ଆଉ କିଛି ନାହିଁ ଧର୍ମ
ଗତି ମୁକୁତିଯେ ଜଗନ୍ନାଥ ନାମ
ନାମ ସୁମରନ୍ତେ ନ ଥାଏ ଆଉ ଦୁଃଖ ଶ୍ରମ
ପୁରୁଷଙ୍କ ଉତ୍ତମ ତେଣୁ ଶ୍ରୀ ପୁରୁଷୋତ୍ତମ ନାମ
ପରମାନନ୍ଦ ସ୍ୱାମୀ ଅଧମ ଉଦ୍ଧାରଣ।

ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ 'ଜୟ ନୀଳାଚଳ ତୀର୍ଥ' ନାମକ ଭଜନ ରଚନା କରି ମହାପ୍ରଭୁଙ୍କ ପ୍ରତି ନିଜ ଭକ୍ତିମତ୍ତାର ଯଥାର୍ଥ ପରିଚୟ ଦେଇଛନ୍ତି ଶୁଦ୍ରମୁନୀ ସାରଳା ଦାସ। ସେ କେବଳ ଶ୍ରୀଜଗନ୍ନାଥଙ୍କ ଓ ଶ୍ରୀକ୍ଷେତ୍ରର ଶ୍ରେଷ୍ଠତ୍ୱ ପ୍ରତିବାଦନ କରି ନାହାନ୍ତି, ତାଙ୍କ ଲେଖନୀରେ ଗରୀୟାନ୍ ହୋଇ ଉଠିଛି ସମଗ୍ର ଉତ୍କଳ ଭୂଖଣ୍ଡ। ସାରଳା ଦାସଙ୍କ ପରେ ଓଡ଼ିଆ ସାହିତ୍ୟକୁ ଏପରି ଏକ ଯୁଗ ଆସିଲା ଯେଉଁ ଯୁଗକୁ କୁହାଯାଇ ପାରେ ନିରୁତା ଜଗନ୍ନାଥ ଯୁଗ। ପଞ୍ଚସଖା ଭାବରେ ପରିଚିତ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସ ପ୍ରମୁଖ ଥିଲେ ଜଗନ୍ନାଥଙ୍କ ଭକ୍ତିରେ ପ୍ରମତ୍ତ ଜଣେ ଜଣେ ପରମ ସାଧକ। ଜଗନ୍ନାଥ ହିଁ ଥିଲେ ସେମାନଙ୍କ ସାହିତ୍ୟର ସର୍ବମୂଳ ଓ ପରମ ଅଧିଷ୍ଠାତା।

**ସାରଳା ଦାସଙ୍କ ପରେ ଓଡ଼ିଆ ସାହିତ୍ୟକୁ ଏପରି ଏକ ଯୁଗ ଆସିଲା ଯେଉଁ ଯୁଗକୁ କୁହାଯାଇ ପାରେ ନିରୁତା ଜଗନ୍ନାଥ ଯୁଗ।**

## ମତ୍ତ ବଳରାମ ଦାସ

ମହାପ୍ରଭୁଙ୍କ ପ୍ରତି ଅନୁରାଗ ଓ ନିଷ୍ଠାର ଚରମ ସୋପାନରେ ଉପନୀତ ହୋଇଥବଲେ ପଞ୍ଚସଖା ଯୁଗର ବୟୋଜ୍ୟେଷ୍ଠ କବି ବଳରାମ ଦାସ। ପ୍ରଭୁଙ୍କ ନାମ ସଂକୀର୍ତ୍ତନରେ ସେ ସର୍ବଦା ମତ୍ତ ରହୁଥିବାରୁ ସେ ମତ୍ତ ବଳରାମ ଦାସ ଭାବରେ ପରିଚିତ। ଶ୍ରୀଜଗନ୍ନାଥଙ୍କ ଅନୁଗ୍ରହରୁ ସେ ରଚନା କରିଥିଲେ ରାମାୟଣ ଗ୍ରନ୍ଥ। ସେଥିପାଇଁ ଗ୍ରନ୍ଥର ନାମ ରଖିଥିଲେ ଜଗମୋହନ ରାମାୟଣ। କବିଙ୍କ ଭାଷାରେ – ଶ୍ରୀ ଜଗମୋହନ ଏହି ରାମାୟଣ ଗ୍ରନ୍ଥ।

ଏଥିରେ କବି ନୀଳଗିରି ଜଗନ୍ନାଥ ବଳରାମ ଦାସଙ୍କ ଭକ୍ତିଭାବର ଚରମ ଉଲ୍ଲାସ ହେଉଛି ତାଙ୍କ 'ଭାବ ସମୁଦ୍ର'। ଏଥବରେ ବ୍ୟଞ୍ଜନାମୟ ଭାଷାରେ ଫୁଟିଉଠିଛି ବିଶୁଦ୍ଧ କବି ପ୍ରାଣର ମାର୍ମିକ ଆବେଦନ। ସେବକମାନଙ୍କ ଦ୍ୱାରା ସେ ଅପମାନିତ ଓ ଲାଞ୍ଛିତ ହେବା ପରେ ବାଙ୍କି ମୁହାଣ ସମୁଦ୍ର ତଟରେ ନିର୍ମାଣ କରିଛନ୍ତି ବାଲିରଥ। ବାଲି ରଥ ଆଗରେ ଉଚ୍ଛୁଳି ଉଠିଛି କବିଙ୍କ ହୃଦୟର ଭାବ ସମୁଦ୍ର। ସେହି ଭାବ ସହିତ ଆପଣା କ୍ରୋଧ, ଅପମାନ, ବିଦ୍ରୋହକୁ ନୈବେଦ୍ୟ କରି ଅଜାଡ଼ି ଦେଇଛନ୍ତି ଆଞ୍ଜୁଳା ଆଞ୍ଜୁଳା ଅନ୍ତର ବେଦନା। କବି ଗାଇ ଉଠିଛନ୍ତି –

ହରି ହୋ, ଇନ୍ଦ୍ରଜାଲ ମାୟା କରୁକି ମୋତେ ?
ଏ ମାୟା କଲେ କି ଡରଇଁ ତୋତେ ?
ନାଥ ମୁଁ ତହୁଁ ନିର୍ଭୟ ଜାଣ
ମୋତେ ଦେଖାଇଣ ଲୋଡୁ ଯେ ଟାଣ।
ହରି ହୋ ତୋ ମାୟାକୁ ନ ଡରଇ ମୁହିଁ।
ଦାସ ବଳିଆ ତୋ ବୋଲେ ନ ଥାଇ।

ଏଠାରେ ଚିରାଚରିତ ଢ଼ଙ୍ଗରେ କାକୁତି ମିନତି କରି ନାହାନ୍ତି ଭକ୍ତ ବଳରାମ। ବଦଳି ଯାଇଛି ପ୍ରାର୍ଥନାର ସ୍ୱର। ଭକ୍ତ ପ୍ରତି ମହାପ୍ରଭୁଙ୍କର ଅବିଚାର ବିରୋଧରେ ସେ ଘୋଷଣା କରିଛନ୍ତି ବିଦ୍ରୋହ। ସେ ବିଦ୍ରୋହରେ ଅଛି ଭକ୍ତିର ଶକ୍ତି ଓ ବିଶ୍ୱାସର ବାସ୍ନା। ତାକୁ ଏଡି ପାରିନାହାନ୍ତି ଜଗନ୍ନାଥ। ନନ୍ଦିଗୋଷ ଛାଡି ବିଜେ କରିଛନ୍ତି ଭକ୍ତ ବଳରାମଙ୍କ ବାଲି ରଥ ଉପରେ। ଏହାଠାରୁ ବଳି ଆଉ କ'ଣ ହୋଇପାରେ ଭକ୍ତର ଟାଣପଣ ?

## ଭାଗବତର ଭୂମିକା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସର୍ବମାନ୍ୟତା ପ୍ରତିପାଦନ କରିବା କ୍ଷେତ୍ରରେ ଅତିବଡୀ ଜଗନ୍ନାଥ ଦାସଙ୍କ ଭାଗବତର ଭୂମିକା ସର୍ବାଧିକ। ଆମ ପୁରାଣ ଶାସ୍ତ୍ର ମଧ୍ୟରେ ଭାଗବତ ଶ୍ରେଷ୍ଠ। ସେଥିପାଇଁ ତାହା ମହାପୁରାଣ। ଏହି ମହାପୁରାଣ ସହିତ ମହାପ୍ରଭୁଙ୍କ ଲାବଣ୍ୟ ବିଗ୍ରହକୁ ସମନ୍ୱିତ କରି ଅତିବଡୀ ବସେଇ ଦେଲେ ଭାଗବତ ଟୁଙ୍ଗିରେ। ଯେଉଁଠି ସଂଜ ନଇଁଲେ ପୁରାଣ ଗୋସେଇଁଙ୍କ କଣ୍ଠରୁ ଭାସିଆସେ –

ନମସ୍ତେ ପ୍ରଭୁ ଜଗନ୍ନାଥ। ଅନାଥ ଦେବଙ୍କର ନାଥ॥
ନମସ୍ତେ ପ୍ରଭୁ ବାସୁଦେବ। ଭକତ ଜନଙ୍କ ବାନ୍ଧବ॥

କବି ଜଗନ୍ନାଥ ଦାସଙ୍କ ଲେଖନୀ ନିଃସୃତ ଭାଗବତର ପ୍ରତ୍ୟେକ ପଦ ଶୁଦ୍ଧ ଜୀବନଚର୍ଯ୍ୟା ତଥା ଆଧ୍ୟାତ୍ମିକ ଚେତନାର ଏକ ଏକ ମନ୍ତ୍ର। ସେ ମନ୍ତ୍ର ପ୍ରତି ଭକ୍ତି ଓ ଶ୍ରଦ୍ଧାଶୀଳ ଅନୁରକ୍ତି

ନେଇ ଜନତା ଯୋଡେ ଜଗନ୍ନାଥଙ୍କ ସହ ସମ୍ପର୍କ । ସାମାଜିକ ରୀତି ନୀତି, ଖାଦ୍ୟ ପେୟ, ପର୍ବପର୍ବାଣି ଓ ବିବାହ ବ୍ରତରେ ବି ଲୋଡା ହୁଏ ଭାଗବତର ଦାର୍ଶନିକ ବାଣୀ । ପ୍ରତିଷ୍ଠା ହୁଏ ଶ୍ରୀଜଗନ୍ନାଥଙ୍କ ସର୍ବମାନ୍ୟତା । କାରଣ ଏଥିରେ ସର୍ବତ୍ର ଶ୍ରୀକୃଷ୍ଣ ବା ବିଷ୍ଣୁଙ୍କର ପର୍ଯ୍ୟାୟବାଚୀ ଭାବରେ ଉଲ୍ଲେଖ କରହିଛି ଶ୍ରୀଜଗନ୍ନାଥଙ୍କ ନାମ । ଯଥା -

ଯେ ତୀର୍ଥମୟ ଜଗନ୍ନାଥ । ସକଳ ଦେଶ କାଳ ପାତ୍ର ॥
ଯେମନ୍ତେ ମୋର ମନରଥ । ପୂରଣ କରେ ଜଗନ୍ନାଥ ॥
ଗର୍ଭ ରଖିଲେ ଜଗନ୍ନାଥ । ଏବେ ହୋ ଶୁଣ ପରୀକ୍ଷିତ ॥
ତୁ ଦେବ ଦେବ ଜଗନ୍ନାଥ । ଆମ୍ଭେ ସମସ୍ତେ ତୋର ଭୃତ୍ୟ ॥
ଚିନ୍ତିବା ଦେଖି ଜଗନ୍ନାଥ । ଫଣାରେ ଢ଼ାଙ୍କିଲା ଅନନ୍ତ ॥
ନମସ୍ତେ ପ୍ରଭୁ ଜଗନ୍ନାଥ । ଯା'ର ଶରୀରୁ ଏ ଜଗତ ॥



ପଞ୍ଚସଖାଙ୍କ ମଧ୍ୟରେ ବହୁ ପ୍ରଚାରିତ କବି ଅଚ୍ୟୁତାନନ୍ଦ ଥିଲେ ଶୂନ୍ୟବାଦୀ ଉତ୍କଳୀୟ ବୈଷ୍ଣବଧର୍ମର ଜଣେ ସିଦ୍ଧ ସାଧକ ।

ପଞ୍ଚସଖାଙ୍କ ମଧ୍ୟରେ ବହୁ ପ୍ରଚାରିତ କବି ଅଚ୍ୟୁତାନନ୍ଦ ଥିଲେ ଶୂନ୍ୟବାଦୀ ଉତ୍କଳୀୟ ବୈଷ୍ଣବଧର୍ମର ଜଣେ ସିଦ୍ଧ ସାଧକ । ଅଚ୍ୟୁତାନନ୍ଦଙ୍କ ଦୃଷ୍ଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଲୀଳାମୟ ଶ୍ରୀକୃଷ୍ଣ ଏକ ଓ ଅଭିନ୍ନ । କବି ବହୁ ସଂହିତା, ଗୀତା, ମାଳିକା ଓ ଭଜନ ଜଣାଣ ଲେଖିଥିଲେ ବି ହରିବଂଶ ତାଙ୍କର ଶ୍ରେଷ୍ଠ କୃତି । ହରିବଂଶର ପଞ୍ଚମ ଖଣ୍ଡରେ କୃଷ୍ଣଙ୍କୁ ଜଗନ୍ନାଥ ଭାବେ ଗ୍ରହଣ କରି ଲେଖିଛନ୍ତି-

ଜଗନ୍ନାଥଙ୍କର ପାଦେ ସର୍ବେ କଲେ ପୂଜା
ଗରୁଡ ପିଠିରେ ବିଜେ ସେ ଦେବାଧିରାଜା
* * * *
ଜଗନ୍ନାଥ ପ୍ରଭୁଙ୍କ ପାଦପଦ୍ମ ସେବି
ମୁଁ ଦୀନ ଅଚ୍ୟୁତ ଦାସ ବୋଲଉଛି କବି ।

## ଯଶୋବନ୍ତ ଦାସ

ଉତ୍କଳୀୟ ବୈଷ୍ଣବ ଧର୍ମର ଯୋଗସାଧନା ପରମ୍ପରାକୁ ଆପଣା ରଚନାବଳୀ ମାଧ୍ୟମରେ ପରିପୁଷ୍ଟ କରିଛନ୍ତି ପଞ୍ଚସଖା ଯୁଗର ଅନ୍ୟତମ କବି ଯଶୋବନ୍ତ ଦାସ । ତାଙ୍କ ଭକ୍ତି ଚେତନାର ବ୍ୟାପ୍ତି ଭିତରୁ ଉଦ୍‌ଭାସିତ ହୁଏ କବି ଯୋଗୀପଣ । ପାଠକଙ୍କୁ ଅଭିଭୂତ କରିଦିଏ ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ରକୁ ନେଇ ଯଶୋବନ୍ତଙ୍କର ଭାବମୟ ବର୍ଣ୍ଣନା । ତାଙ୍କ ମତରେ ମହାପ୍ରଭୁ ମହାଭାବର ମହାନ ଦେବତା । ଜୀବନର ପରମ ରହସ୍ୟର ସେ ଗୋପନ ସୂତ୍ର । ଶ୍ରୀକ୍ଷେତ୍ରର ମହିମା ବର୍ଣ୍ଣନା କରିବାକୁ ଯାଇ ସେ କହନ୍ତି ତିନି ଭୁବନରେ ରହିଛି ସାଢ଼େ ତିନି କୋଟି ତୀର୍ଥ । ତନ୍ମଧ୍ୟରୁ ଶ୍ରୀପୁରୁଷୋତ୍ତମ ତୀର୍ଥ ସର୍ବଶ୍ରେଷ୍ଠ ।

ଦେଖ ଏ ଦିବ୍ୟ ନୀଳାଚଳ । ସକଳ ତୀର୍ଥଙ୍କର ଆଳ ॥
ଗୋପମଥୁରା ବୃନ୍ଦାବନ । ଦ୍ୱାରିକା ଆଦି ଯେତେ ସ୍ଥାନ ॥
କୋଟିଏ ତୀର୍ଥ ଏ କ୍ଷେତ୍ରରେ । ମହିମା କହିଲେ ନ ସରେ ॥

## ଶିଶୁ ଅନନ୍ତ ଦାସ

ପଞ୍ଚସଖା ଅନ୍ତର୍ଗତ ଶେଷ ସାଧକ ଶିଶୁ ଅନନ୍ତ ଦାସ ଉତ୍କଳୀୟ ବୈଷ୍ଣବ ଧର୍ମ ଓ ଦର୍ଶନର ଜଣେ ବିଶିଷ୍ଟ ଧର୍ମ ସାଧକ ଭାବରେ ପରିଚିତ । ଜଗନ୍ନାଥଙ୍କ ପ୍ରତି ଅନନ୍ତଙ୍କ ଅମାପ ଭକ୍ତିର ନିଦର୍ଶନ ହେଉଛି ତାଙ୍କ ଶ୍ରେଷ୍ଠ କୃତି "ହେତୁଦୟ ଭାଗବତ" । କବି ଶିଶୁ ଅନନ୍ତ ଦାସ ଦାରୁବ୍ରହ୍ମ ଚତୁର୍ଦ୍ଧା ମୂର୍ତ୍ତିକୁ ସାକାର ରୂପରେ କଳ୍ପନା କରିଛନ୍ତି ଏବଂ ସେ ରୂପରେ ଆରୋପ କରିଛନ୍ତି ଚାରି ବେଦର ବୈଶିଷ୍ଟ୍ୟ । କବିଙ୍କ ଭାଷାରେ -

ପରମ ପୁରୁଷ ଦେଉଳ, ନୀଳ ଚକ୍ରଯେ ଶୂନ୍ୟ ଠୁଳ ।
ନେତ ଯେ ବ୍ରହ୍ମା, ବିଷ୍ଣୁ, ହର ଉଡୁଣ ଅଛି ଚକ୍ରପର ।
ଦେଉଳ ବ୍ରାହ୍ମଣ ଗୋସାଇଁ ବୁଦ୍ଧ ସ୍ୱରୂପେ ବିହରଇ ।
ମାୟାକୁ ଦିଶଇ ସ୍ୱରୂପ, ସକଳ, ରୂପ ଯହିଁ ଗୋପ୍ୟ ।

ରୀତି ଯୁଗର ସାମାଜିକ ଜୀବନ ଓ କବିକର୍ମରେ ଭକ୍ତିଭାବନା ଥିଲା ଏକ ପ୍ରଧାନ ଅଙ୍ଗ । ରୀତି କବିମାନେ ରାମ ଓ କୃଷ୍ଣଙ୍କ ଲୀଳା ବର୍ଣ୍ଣନା କରିବା ମଧ୍ୟରେ ଆପଣା ଅନୁଭବ ପ୍ରତି ଆବିଷ୍ଟପଣ ଯୋଗୁ ବିଶ୍ୱସ୍ତ ଭାବେ ବିନ୍ୟସ୍ତ ଓ ବିସ୍ତାରିତ ହୋଇଛି ଜଗନ୍ନାଥ ଚେତନା । ଜଣେ ବୈଷ୍ଣବ ସାଧକ ଭାବରେ ଗୋପୀ ଭାବନେଇ ଶ୍ରୀକୃଷ୍ଣଙ୍କୁ ଲାଭ କରିବା ଥିଲା ରୀତି କବି ଦୀନକୃଷ୍ଣଙ୍କର କାମନା । ମାତ୍ର ତାଙ୍କୁ ଲାଭ କରିନପାରିବା ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବା କବିଚିତ୍ତକୁ ପରମ ତୃପ୍ତି

ଦେଇଥିଲା ଆକାରୀଭୂତ ଶ୍ରୀଜଗନ୍ନାଥଙ୍କ ସାନିଧ୍ୟ।

**ଦୀନକୃଷ୍ଣ**

ଜଗନ୍ନାଥଙ୍କୁ ପାଇ ସକଳ ଦୁଃଖ ଭୁଲିଯାଇଥିବା ଦୀନକୃଷ୍ଣ ଆନନ୍ଦରେ ନାଚି ନାଚି କହନ୍ତି-

କରି ସେହି ନାମ କୀର୍ତ୍ତନ, କରୁଥାଇ ଦୀନକୃଷ୍ଣ ସୁଖେ ନର୍ତ୍ତନ।

ମାତ୍ର ପରିସ୍ଥିତିର ତାଡ଼ନାରେ ଏତିକିମାତ୍ର ଆଧ୍ୟାତ୍ମିକ ସୁଖ ଲାଭରୁ ସେ ଯେତେବେଳେ ବଞ୍ଚିତ ହୋଇଛନ୍ତି, ତାଙ୍କ ପାଇଁ ଦୁଃଖ ହୋଇପଡ଼ିଛି ମର୍ମନ୍ତୁଦ। ବଞ୍ଚିବାର ଶେଷ ସମ୍ବଳ ଟିକକ ସେ ହରେଇ ବସିଥିବାରୁ ଦୁଃଖକୁ ମହାପ୍ରସାଦ କରି ଶ୍ରୀଜଗନ୍ନାଥଙ୍କ ନିକଟରେ ବାଢ଼ିଦେଇଛନ୍ତି ନିଜର ମନସ୍କାମନା।

"କରିଥିଲା ଆଶା ଶ୍ରୀକ୍ଷେତ୍ରେ ନିବାସ କରିବାକୁ ଦୀନକୃଷ୍ଣ

କି ଅଭାଗ୍ୟ ତହିଁ ନ ପାରିଲା

ରହି ପ୍ରଭୁ ନୋହିଲେ ସନ୍ତୁଷ୍ଟ।"

**ଉପେନ୍ଦ୍ର ଭଞ୍ଜ**

ବିପୁଳ କବି ଗୌରବର ଅଧିକାରୀ ଉପେନ୍ଦ୍ର ଭଞ୍ଜ ଥିଲେ ରୀତି ଯୁଗର ସର୍ବଶ୍ରେଷ୍ଠ କବି। ରାମ ତାରକ ମନ୍ତ୍ରର ସିଦ୍ଧ ସାଧକ ହେଲେ ବି ଜଣେ ଆଧ୍ୟାତ୍ମିକ ଉପାସକ ଭାବରେ ଦାରୁବିଗ୍ରହ ମଧ୍ୟରେ ସେ ଉପଲବ୍ଧି କରିଛନ୍ତି ଶ୍ରୀଜଗନ୍ନାଥଙ୍କର ମହିମା ମହତ୍ତ୍ୱ। ଭଞ୍ଜ କବି ତାଙ୍କର ଶ୍ରେଷ୍ଠ କାବ୍ୟ 'କୋଟି ବ୍ରହ୍ମାଣ ସୁନ୍ଦରୀ' କାବ୍ୟର ପ୍ରଥମ ଛାନ୍ଦ ପ୍ରାରମ୍ଭରେ ଗାଇଉଠିଛନ୍ତି,

ଶୁଣ କୋବିଦେ ଭାରତ ଖଣ୍ଡେ ପୁଣ୍ୟଧାମ

ଯେଣୁ ନାରାୟଣ ଦେହୀ ତେଣୁ ସେହି ନାମ।

'କୋଟିବ୍ରହ୍ମଣ୍ଡ ସୁନ୍ଦରୀ' କାବ୍ୟର ପ୍ରଥମ ଛାନ୍ଦ ପାଠ କଲେ ମନେ ହୁଏ ଏହା ଜଗନ୍ନାଥଙ୍କ ପ୍ରଶସ୍ତିର ଏକ ସଂକ୍ଷିପ୍ତ ସଂସ୍କରଣ। ଏଥିରେ ସେ ପ୍ରତିପାଦନ କରିଛନ୍ତି ପୁରୁଷୋତ୍ତମ କ୍ଷେତ୍ରର ମହାତ୍ମ୍ୟ, ଜଗନ୍ନାଥତତ୍ତ୍ୱ, ତୀର୍ଥର ରହସ୍ୟ ତଥା ସ୍ନାନ ଯାତ୍ରାର ମହତ୍ୱ। କବି ଜଗନ୍ନାଥଙ୍କୁ ପୂର୍ଣ୍ଣ ବ୍ରହ୍ମରୂପେ ଗ୍ରହଣ କରି ତାଙ୍କ ପୌରାଣିକ ବିବରଣୀ ଓ ମୂର୍ତ୍ତିତତ୍ତ୍ୱ ବଖାଣିଛନ୍ତି 'ପୁରୁଷୋତ୍ତମ ମାହାତ୍ମ୍ୟ' ଗ୍ରନ୍ଥରେ। 'ରସିକ ହାରାବଳୀ' କାବ୍ୟର ପ୍ରଥମ ଛାନ୍ଦରେ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ପରବ୍ରହ୍ମ ଜ୍ଞାନ କରି ଲେଖିଛନ୍ତି-

ଜୟ ଜୟ ଜଗନ୍ନାଥ ଦାରୁ ରୂପଧାରୀ।

ନୀଳଗିରୀଶ ଗିରୀଶ ବନ୍ଦନୀୟ ହରି॥

ମହାବଳ ମଳ ଅବରଦ ଭଦ୍ରାଗଜ

ଗରୁଡ଼ାସନ ପୂଜ୍ୟ ଚତୁର୍ଭୁଜ॥

କବିଙ୍କ ରଚିତ ସୁଭଦ୍ରା ପରିଣୟ, ପ୍ରେମ ସୁଧାନିଧି, ବୈଦେହୀଶ ବିଳାସ ଆଦି ଅନ୍ୟାନ୍ୟ କାବ୍ୟରେ ବି ରହିଛି ମହାପ୍ରଭୁଙ୍କ ମହାତ୍ମ୍ୟ ବର୍ଣ୍ଣନାର ବୈଭବ। ତେବେ ଭକ୍ତକବି ଉପେନ୍ଦ୍ର ଭଞ୍ଜଙ୍କ ସୃଷ୍ଟି ସାଗର ମଧ୍ୟରେ 'ଶ୍ରୀ ନୀଳଦ୍ରୀଶ ଚଉତିଶାର' ସ୍ଥାନ ସ୍ୱତନ୍ତ୍ର। ଚଉତିଶାର 'କ୍ଷ' ପଦରେ ଜଗନ୍ନାଥଙ୍କ ପାଦତଳେ ନିଜର ସମସ୍ତ ଖ୍ୟାତି, ସମ୍ମାନ ତଥା କବିକୃତିକୁ ନୈବେଦ୍ୟ କରି ମାଗିଛନ୍ତି ସଂସାର ଜଞ୍ଜାଳରୁ ମୁକ୍ତି।

"କ୍ଷୟତ ହେଲାଣି ଏ ପିଣ୍ଡ

କ୍ଷାଳ ଏ ଜଞ୍ଜାଳର ଦଣ୍ଡ

କ୍ଷାତି ଏ ଉପେନ୍ଦ୍ରର ଭଂଜକୁଳ ବେଭାର

ଚରଣତଳେ ହେଉ ରୁଣ୍ଡ, ହେ ନୀଳାଦ୍ରୀଶ"

**'କୋଟିବ୍ରହ୍ମଣ୍ଡ ସୁନ୍ଦରୀ' କାବ୍ୟର ପ୍ରଥମ ଛାନ୍ଦ ପାଠ କଲେ ମନେ ହୁଏ ଏହା ଜଗନ୍ନାଥଙ୍କ ପ୍ରଶସ୍ତିର ଏକ ସଂକ୍ଷିପ୍ତ ସଂସ୍କରଣ।**

**ସମର୍ପଣ ଭାବ**

ଏହି ଶବ୍ଦର ସୁକୃତିରେ ରହିଛି କବି ସମ୍ରାଟଙ୍କ ବିନମ୍ର ଓ ସମର୍ପଣ ଭାବ ତଥା ତାଙ୍କ ଭିତରେ ଚମକୁଥିବା ଜଗନ୍ନାଥପ୍ରାଣତାର ଯଥାର୍ଥ ପରିଚୟ। ରୀତିଯୁଗର ଅନ୍ୟତମ ଶ୍ରେଷ୍ଠ ସାଧକ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ଥିଲେ ଚୈତନ୍ୟ ପନ୍ଥୀ ବୈଷ୍ଣବ। ଶ୍ରୀ ଚୈତନ୍ୟ ଯେପରି ଶ୍ରୀକ୍ଷେତ୍ରକୁ ଆସି ଶ୍ରୀଜଗନ୍ନାଥଙ୍କ ଭିତରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଦେଖି ପ୍ରେମରେ ବିହ୍ୱଳ ହୋଇଉଠିଥିଲେ, ସେମିତି ବିଦଗ୍ଧ କବିଙ୍କୁ ବିଭୋର କରିଛି ଅନୁରୂପ ଦୃଶ୍ୟ। ସେଥିପାଇଁ ତାଙ୍କର ଶ୍ରେଷ୍ଠ କୃତି 'ବିଦଗ୍ଧ ଚିନ୍ତାମଣି'ର ମଙ୍ଗଳାଚରଣରେ ଶ୍ରୀଜଗନ୍ନାଥଙ୍କଠାରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିର ଆରୋପ କରି ବନ୍ଦନା କରିଛନ୍ତି,

"ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧାହରି

ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କର ଅବତରି ହେ।"

ବିଦଗ୍ଧ କବିଙ୍କ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ଚଉପଦି ଗୁଡିକୁ ଅନୁଧ୍ୟାନ କଲେ ଜଣାଯାଏ, ସେ ଥିଲେ ଜଗନ୍ନାଥଙ୍କର ଜଣେ ଶ୍ରେଷ୍ଠ ଉପାସକ। "ପ୍ରଭୁ ନଜଣାଇ କି କାହା ମନୋରଥ ହେ"

ଦୁଃଖ ଜଣାଣ ମୂଳକ କବିତାରେ କବି ଗଜ, ଶବରୀ, ମୃଗୁଣୀ, ସୁଦାମା ପ୍ରଭୃତି କେତୋଟି ପୌରାଣିକ ଆଖ୍ୟାୟିକା ମାଧ୍ୟମରେ ପ୍ରଭୁଙ୍କୁ ଶରଣ ଭିକ୍ଷା କରି ଲେଖିଛନ୍ତି -

“ପ୍ରଭୁ ନଜାଣ କି କାହା ମନୋରଥ ହେ ଜଗନ୍ନାଥ
ଅରକ୍ଷ ରକ୍ଷକ ହରି ସୁଗ୍ରୀସଂଗେ ମିତ୍ର କରି
ଉଚ୍ଛିଷ୍ଟ ଦେଲା ଶବରୀ
ତାହା ଦେଲ ଗ୍ରାସ କରି
ତାକୁ ଦେଖାଇଲ ସ୍ୱର୍ଗପୁରୀ ହେ ଜଗନ୍ନାଥ।”

**ଭକ୍ତର ଅଧିକାର**



ଆତ୍ମାକୁ ବାଧିଲେ ସେ କେତେବେଳେ ଆତ୍ମୀୟତା କାରଣରୁ ଅଭିମାନ କରିଛନ୍ତି ତ କେତେବେଳେ ଭକ୍ତର ଅଧିକାର ନେଇ ଭଗବାନଙ୍କ ବିରୁଦ୍ଧରେ ବାଢ଼ିଛନ୍ତି ଅଭିଯୋଗ। ସବୁଠି କିନ୍ତୁ ଲୁକ୍‌କାୟିତ ମହାପ୍ରଭୁଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାର ଅଭିପ୍ସା। ଶ୍ରୀଜଗନ୍ନାଥ ଚାରି ଯୁଗର ସଂକ୍ଷିପ୍ତ ଲୀଳା ବର୍ଣ୍ଣନା କରି “ଘେନ ଘେନ ବାରେ ଜଣାଣ” କବିତାରେ ଲେଖିଛନ୍ତି -

“ଏ କଳି ଯୁଗର ଶ୍ରୀନୀଳ କନ୍ଦର
ଜଗନ୍ନାଥ ନାମ ଧାରଣ
କରି ଖେଳା ଲୀଳା ଆହେ ଚକାଡୋଳା
ଭକ୍ତକୁ କରିଛ କାରଣ।
ଏହିପରି କେତେ ଯୁଗ ଅନୁସାରେ
ଲୀଳା କରିଅଛ ଆପଣ
ଭଣେ ଅଭିମନ୍ୟୁ ସାମନ୍ତ ସିଂହାର
ଶ୍ରୀରଂଗା ଚରଣେ ଶରଣ।”

ଜଗନ୍ନାଥଙ୍କ ଅପୂର୍ବ ରୂପକାନ୍ତି ଦର୍ଶନ କରି ଭକ୍ତ କେତେବେଳେ ଭାବ ବିହ୍ୱଳ ହୋଇଛି ତ କେତେବେଳେ ଅଭିମାନ କରିଛି ତାଙ୍କ କରୁଣାରୁ ବଞ୍ଚିତ ହୋଇ। ଏ ଉଭୟ ଭାବକୁ କାବ୍ୟ ରୂପ ଦେବାରେ କବି ଯଥେଷ୍ଟ ଅଙ୍ଗୀକାରବଦ୍ଧ। ସେଥିପାଇଁ ଜଗନ୍ନାଥଙ୍କୁ ପାଖରେ ପାଇ କବି ବନମାଳୀ ତନ୍ମୟ ହୋଇ ଗାଇ ଉଠନ୍ତି -

“ଜଗନ୍ନାଥ ହୋ ! କିଛି ମାଗୁ ନାହିଁ ତୋତେ
ଧନ ମାଗୁ ନାହିଁ ଜନ ମାଗୁ ନାହିଁ
ମାଗୁଛି ଶରଧା ବାଲିରୁ ହାତେ।”

ଜଗନ୍ନାଥ ଦର୍ଶନ ପାଇଁ ଅଧିର ହୋଇ ଉଠୁଥିବା କବି ଭକ୍ତ ଚରଣ ଦାସ ମନବୋଧ ଚଉତିଶାରେ ଗାଆନ୍ତି-

“କହଇ ମନ ଆରେ ମୋ ବୋଲ କର
କଳା ଶ୍ରୀମୁଖ ବାରେ ଦେଖବାଚାଲ।”

ଶ୍ରୀଜଗନ୍ନାଥଙ୍କ ଅପୂର୍ବ ଶ୍ରୀମଣ୍ଡିତ, ଲାବଣ୍ୟ ଝଟକିତ କାନ୍ତି ଦେଖି ଆଖି ଫେରେଇ ଆଣି ପାରି ନାହାନ୍ତି କବି ଯଦୁମଣି। ଆନନ୍ଦରେ ଆତ୍ମହରା ହୋଇ ଗାଇ ଉଠିଛନ୍ତି-

“ପ୍ରାଣ ମିତଣିରେ ଦେଖିଲେ ରହୁଛି ଲାଖି
ଭାଲୁଣୀ ପରାଏ କାଳିଆ ମୁହଁକୁ
ଚାଲୁଣି ପରାଏ ଆଖି।”

ଦୁଃଖରୁ ମୁକ୍ତି ଖୋଜୁଥିବା କବିସୂର୍ଯ୍ୟ ବଳଦେବ ରଥଙ୍କର ପ୍ରାର୍ଥନାର ସ୍ୱର କିନ୍ତୁ ନିଆରା। ସେ ଅତି ଶରଧାରେ, ଅତି ଅଭିମାନରେ ଶ୍ରୀଜଗନ୍ନାଥଙ୍କ ଉପରେ ଅଜାଡ଼ି ଦେଇଛନ୍ତି ମନଇଚ୍ଛା ଭର୍ତ୍ସନା।

“ବାଧିଲା ଜାଣି କ୍ଷମାକର ନୋହିଲେ ରମାରମଣ ଦଣ୍ଡେ ଦିଅ ଟାଳି
ତୁମ୍ଭଙ୍କୁ ଜଗନ୍ନାଥ ଆଜି ମୋ ମନୋରଥ ପୂର୍ଣ୍ଣ କରିବି ଦେଇ ଗାଳି।”

ମଧ୍ୟଯୁଗରେ ଆହୁରି ଅନେକ କବି ଜଗନ୍ନାଥ କୈନ୍ଦ୍ରିକ ଅମୂର୍ତ୍ତ ଅନୁଭବକୁ ଶବ୍ଦରେ ସଜେଇଛନ୍ତି ଆପଣା ବାଟରେ। ଜଗନ୍ନାଥଙ୍କୁ ନେଇ ବହି ଚାଲିଥିବା ସେ କାବ୍ୟିକ ସ୍ରୋତର ଅନ୍ତ ନାହିଁ। କାରଣ ଜଗନ୍ନାଥ କେବଳ ଆଧ୍ୟାତ୍ମିକ ଉପଲବ୍ଧିର ଦେବତା ନୁହନ୍ତି, ସେ ଏକ ସାହିତ୍ୟିକ ଅନୁଷ୍ଠାନ। ଜଗନ୍ନାଥଙ୍କୁ ବାଦ୍ ଦେଇ କଳ୍ପନା କରାଯାଇ ପାରିବ ନାହିଁ ଓଡ଼ିଆ କାବ୍ୟ କବିତାର ବ୍ୟାପ୍ତି।

□□

ଲେଖକଙ୍କ ଇ-ମେଲ ଠିକଣା:
pks88a1962@gmail.com

କବିତା

# ଦେହାନ୍ତର



ଜାନକୀ ବଲ୍ଲଭ ଦାଶ

ଏମିତି ବି ମନେ ହୁଏ
ବଞ୍ଚିବାର ମୋହ ମୋର
ଦିନୁଁଦିନ ହୋଇଯାଏ ଶୂନ୍ୟ।
ମାୟାର ବନ୍ଧନ ସବୁ
ହେଲାଣି ଶିଥିଳ
ସମୟ ଡେଣାରେ ବାନ୍ଧି
ବିଚ୍ଛେଦ ଶୃଙ୍ଖଳା
ଆକାଶ ନୀଳିମା ତୋଳି
ଡାକେ ଥରେ ଆ ଆ।
ତୁମକୁ ଭେଟିବା ପାଇଁ
ଖୋଜିବୁଲେ କେତେ
ଆଶା ନିରାଶାର
ବଳୟ ଭିତରେ।
ହଜିଯାଏ କେତେଯେ ଅତୀତ
ଭ୍ରମିତ ମନର ତଳେ
ଆଙ୍କିଦିଏ ସଂସ୍କୃତିର ଚିତ୍ର
ସମୁଦ୍ର ବେଳାରେ ଦେଖେ
କେତେ ପଦଚିହ୍ନ।



ଧୋଇଦିଏ ଢେଉମାନ
ମିଳେନି ତା ଚିହ୍ନବର୍ଣ୍ଣ ।
ବୟସର ବୋଝ ବୋହି
କ୍ଳାନ୍ତ ଶ୍ରାନ୍ତ ମଣିଷ
ଶୋଇଯାଏ କେଉଁ ଏକ
ନିଥର ମରୁରେ
ସ୍ୱର୍ଗଦ୍ୱାରର କେଇ ମୁଠା
ପାଉଁଶର ଅସ୍ତିତ୍ୱ ଭିତରେ।
ଏବେ ବି ଛାତିତଳର ଏକ
ନିଭୃତ କକ୍ଷରେ ତୁମ ଛବି
ରହିଚି ସାଇତା
ରିକ୍ତ ନୁହଁ ହୃଦ ସିଂହାସନ।
ତୃଷିତ କ୍ଳାନ୍ତ ପଥିକ ମୁଁ
ବହୁ ପଥ ଚାଲି ଚାଲି
ପଡିଛି ଘୁମାଇ
ପ୍ରଭାତର ପ୍ରତୀକ୍ଷାରେ।
ଅତୃପ୍ତ ଅଝଟ ଆଶାବରୀ ରାଗ
ବିଳପିତ କପୋତର
ନିଦାଘ ବିଳାସରେ
ଅଶ୍ରୁମୁଖୀ ପ୍ରାତିସ୍ୱିକ ମୁହୂର୍ତ୍ତମାନଙ୍କୁ
ଆହ୍ୱାନ କରେ
ଦେହରୁ ଦେହାନ୍ତର ପାଇଁ ?

□□

କବିଙ୍କ ଇ-ମେଲ ଠିକଣା:
janakiballavdash@gmail.com




ପ୍ରବନ୍ଧ

# ଭାରତୀୟ ଭାଷା ପରମ୍ପରା ଓ ଓଡ଼ିଆ ଭାଷା

ଡ.ବିଜୟଲକ୍ଷ୍ମୀ ମହାନ୍ତି

ଓଡ଼ିଆ ବ୍ୟାକରଣିକ ପରମ୍ପରା ସମ୍ବନ୍ଧରେ ବିଚାର ଆଲୋଚନା କରିବା ପୂର୍ବରୁ ଭାଷା ଓ ଭାଷାର ବ୍ୟାକରଣ ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ ପ୍ରାସଙ୍ଗିକ ହେବ। ସାମାଜିକ ଜୀବନ ପରିସର ଓ ସାମାଜିକ ବିଧି ବ୍ୟବସ୍ଥା ମଧ୍ୟରେ ଭାଷାର ଅସ୍ତିତ୍ୱ ନିହିତ। ସାମାଜିକ ଚଳଣି, ରୀତିନୀତି ଓ ସମାଜରେ ବସବାସ କରୁଥିବା ଗୋଷ୍ଠୀ ବିଶେଷଙ୍କ ସିଦ୍ଧାନ୍ତ ଉପରେ ଭାଷାର ବିକାଶ ଏବଂ ସ୍ଥାୟୀତ୍ୱ ନିର୍ଭରଶୀଳ। କୁହାଯାଇଥାଏ ଯେ ଭାଷା ଏକ ସାମାଜିକ ଚୁକ୍ତି। ଭାଷାର ଏକ ସ୍ୱୟଂସଂପୂର୍ଣ୍ଣ ସଂଜ୍ଞା ନିର୍ଦ୍ଧାରଣ ସମ୍ଭବ ନ ହେଲେ ମଧ୍ୟ ମଣିଷ ମୁହଁର କଥା ହିଁ ଭାଷା ଏବଂ ମଣିଷ ଚିନ୍ତାଶକ୍ତିର ପ୍ରକାଶ ପାଇଁ ଭାଷା ହିଁ ଏକମାତ୍ର ଅବଲମ୍ବନ। ଭାଷା ସୃଷ୍ଟିର କାରଣ ସ୍ୱରୂପ କୁହାଯାଇପାରେ ଯେ ଭାଷା ସଂକେତ ଧର୍ମୀ ଏକ ଶୃଙ୍ଖଳିତ ଜଟିଳ ପଦ୍ଧତି। ଏହା ସୃଷ୍ଟିକ୍ଷମ ଓ ପରିବର୍ତ୍ତନଶୀଳ। ଭାଷା ହିଁ ମଣିଷକୁ ମଣିଷ କରିଛି ଏବଂ ଏହା ସମସ୍ତଙ୍କର ଅନୁଭବର ବିଷୟ।



ସଭ୍ୟତାର ଉନ୍ମେଷ ପରଠାରୁ ଜ୍ଞାନର ବିକାଶ ଓ ବିସ୍ତାର ନିମନ୍ତେ ଭାଷା ହିଁ ଶକ୍ତିଶାଳୀ ମାଧ୍ୟମ ଓ ଅସରନ୍ତି ଭଣ୍ଡାର। ସମୟ ଥିଲା ପ୍ରାଚୀନ ଭାରତବର୍ଷରେ ଭାଷାର ବିକାଶ ଓ ବିସ୍ତାର ଘଟିଥିଲା ବିଭିନ୍ନ ପୁରାଣ, ଧର୍ମଗ୍ରନ୍ଥ ଓ ସାହିତ୍ୟ ରଚନାକୁ ମାଧ୍ୟମ କରି। ସାମାଜିକ ଅଭିବ୍ୟକ୍ତି, ଚିନ୍ତା ଚେତନା ଓ ସଂସ୍କୃତିର ପ୍ରତିଫଳନର ମାଧ୍ୟମ ମଧ୍ୟ ଥିଲା ଭାଷା। କାଳକ୍ରମେ ଜ୍ଞାନ ବିଜ୍ଞାନ ଓ ଜିଜ୍ଞାସାବାଦର ଅଗ୍ରଗତି ଓ ପ୍ରସାର ହେବା କାରଣରୁ ସାମାଜିକ ସ୍ଥିତିରେ ଦ୍ରୁତ ପରିବର୍ତ୍ତନ ସାଧିତ ହୋଇ ଭାଷା ମଣିଷର ଭାବନାରେ ନୂତନ ଦିଗନ୍ତ ସୃଷ୍ଟି କରିବାକୁ ସକ୍ଷମ ହେଲା। ଭାଷା କେବଳ ସାହିତ୍ୟ ଓ ସଂସ୍କୃତିର ବାହକ ନ ହୋଇ ସ୍ୱତନ୍ତ୍ର ବିଷୟବସ୍ତୁ ଭାବରେ ବୈଜ୍ଞାନିକ ବିଶ୍ଳେଷଣର ପରିସରଭୁକ୍ତ ହେଲା ଓ ଭାଷାଚର୍ଚ୍ଚାର ଗତିପଥ ବଦଳିବାରେ ଲାଗିଲା।

## ପ୍ରାଚୀନ କାଳର ଭାଷାଚର୍ଚ୍ଚା

ଭାଷାର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ, ପ୍ରାଚୀନ କାଳରେ ଭାଷାଚର୍ଚ୍ଚାର ସୂତ୍ରପାତ ହୋଇଥିଲା ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତରେ। ପ୍ରାଚୀନ କାଳରେ ପ୍ରାଚ୍ୟରେ ଭାରତବର୍ଷରେ ଭାଷା ସଂବନ୍ଧରେ ପ୍ରଥମ ସୂଚନା ମିଳିଥିଲା ବେଦରୁ। ବୈଦିକ ଯୁଗରେ ବେଦପାଠ ମାଧ୍ୟମରେ ବ୍ରହ୍ମଚାରୀ ତଥା ବିଦ୍ୟାର୍ଥୀମାନେ ଷଡ଼ବେଦାଙ୍ଗ ଅଧ୍ୟୟନ ସହିତ ଶୁଦ୍ଧ ଉଚ୍ଚାରଣ ଅଭ୍ୟାସ କରୁଥିଲେ ବିଦ୍ୟାପୀଠମାନଙ୍କରେ। ବେଦର ଷଡ଼ବେଦାଙ୍ଗ ମଧ୍ୟରେ ଅନ୍ତର୍ଭୁକ୍ତ ଛନ୍ଦ, ବ୍ୟାକରଣ ଓ ନିରୁକ୍ତ ଥିଲା ଭାଷା ସଂବନ୍ଧୀୟ ବିଷୟ। କିନ୍ତୁ କାଳକ୍ରମେ ବୈଦିକ ଭାଷାର ବିଲୟ ହେବା ପରେ ପରବର୍ତ୍ତୀ କାଳରେ ପ୍ରଚଳିତ ସଂସ୍କୃତ ଭାଷାର ଶୁଦ୍ଧତା ଓ ପବିତ୍ରତାର ସୁରକ୍ଷା ପାଇଁ ପ୍ରାଚ୍ୟ ଦାର୍ଶନିକ ଓ

ଭାଷାଭିଜ୍ଞ ବିଦ୍ୱାନ ପଣ୍ଡିତମାନେ ଯେଉଁ ପ୍ରୟାସ କରିଥିଲେ ତାହାର ପରିଣତି ସ୍ୱରୂପ ରଚିତ ହୋଇଥିଲା ବ୍ୟାକରଣକାର ପାଣିନିଙ୍କ କାଳଜୟୀ ସଂସ୍କୃତ ବ୍ୟାକରଣ ଅଷ୍ଟାଧ୍ୟାୟୀ । ପାଣିନିଙ୍କ ବ୍ୟାକରଣ ଅଷ୍ଟାଧ୍ୟାୟୀର ଉତ୍କର୍ଷତାକୁ ପାଶ୍ଚାତ୍ୟ ଭାଷାବିତ୍ ଲିଓନାର୍ଡ ବ୍ଲୁମ୍‌ଫିଲ୍ଡ 'ମଣିଷ ଜ୍ଞାନ ଓ ଚିନ୍ତାଶକ୍ତିର ଏକ ଅତୁଳନୀୟ କୀର୍ତ୍ତିସ୍ତମ୍ଭ' ବୋଲି କହିଛନ୍ତି । ଅଷ୍ଟାଧ୍ୟାୟୀର ପ୍ରଭାବ ଭାରତୀୟ ଭାଷାତତ୍ତ୍ୱର ଗୌରବମୟ ବ୍ୟାକରଣିକ ପରମ୍ପରାରେ ଆଜି ପର୍ଯ୍ୟନ୍ତ ଅବ୍ୟାହତ ରହିଥିବା ଲକ୍ଷ୍ୟ କରାଯାଏ ।

ପାଣିନିଙ୍କ ଅଷ୍ଟାଧ୍ୟାୟୀର ବୈଶିଷ୍ଟ୍ୟ ହେଉଛି ପ୍ରତ୍ୟୟ ପୂର୍ବସର୍ଗ ଓ ପରସର୍ଗ ସଂଯୋଗରେ ସଂସ୍କୃତ ଶବ୍ଦାବଳୀର ଉତ୍ପତ୍ତି ଓ ଗଠନ ପ୍ରକ୍ରିୟାର ଉପସ୍ଥାପନା । ଖ୍ରୀଷ୍ଟପୂର୍ବ ୪ର୍ଥରୁ ୫ମ ଶତାବ୍ଦୀ ମଧ୍ୟରେ ରଚିତ ପାଣିନିଙ୍କ ଅଷ୍ଟାଧ୍ୟାୟୀର ଜଣାଶୁଣା ଦୁଇଜଣ ଭାଷ୍ୟକାର ହେଲେ କାତ୍ୟାୟନ ଓ ପତଞ୍ଜଳି । ଅଷ୍ଟାଧ୍ୟାୟୀର ରଚୟିତା ପାଣିନି, ବାର୍ତ୍ତିକାକାର କାତ୍ୟାୟନ ଏବଂ ମହାଭାଷ୍ୟକାର ପତଞ୍ଜଳି ସଂସ୍କୃତ ବ୍ୟାକରଣ ରଚନା ପରମ୍ପରାରେ ତ୍ରିମୁନି ଭାବରେ ଖ୍ୟାତ ଏବଂ ପାଣିନୀୟ ଗୋଷ୍ଠୀର ତ୍ରିମୁନି ବୈଜ୍ଞାନିକ ପଦ୍ଧତିରେ ଯେଉଁ ବ୍ୟାକରଣ ଶାସ୍ତ୍ରର ନିୟମ ଓ ସୂତ୍ର ନିର୍ଦ୍ଧାରଣ କରିଥିଲେ ସେଥିରେ ସେମାନେ ସମକାଳୀନ ଚଳନ୍ତି ସଂସ୍କୃତ ଭାଷାକୁ ଗ୍ରହଣ କରିଥିଲେ । ପ୍ରାଚ୍ୟରେ ଭାରତୀୟ ବ୍ୟାକରଣ ଇତିହାସରେ ତ୍ରିମୁନିଙ୍କ ସହିତ ଖ୍ରୀଷ୍ଟାବ୍ଦ ୭ମ ଶତାବ୍ଦୀ ସମୟର ଉଲ୍ଲେଖନୀୟ ବ୍ୟାକରଣକାର ହେଉଛନ୍ତି ଭର୍ତ୍ତୃହରି । ଭର୍ତ୍ତୃହରି ରଚନା କରିଥିବା ଗ୍ରନ୍ଥର ନାମ ବାକ୍ୟପଦୀୟ । ୬୩୫ ଶ୍ଳୋକ ବିଶିଷ୍ଟ ଏହି ଗ୍ରନ୍ଥରେ ବର୍ଣ୍ଣିତ ୩ଟି କାଣ୍ଡ ହେଉଛି, ବ୍ରହ୍ମକାଣ୍ଡ ବା ଆଗମ କାଣ୍ଡ, ବାକ୍ୟ-କାଣ୍ଡ ଓ ପାଦ ବା ପ୍ରକୀର୍ଣ୍ଣ କାଣ୍ଡ । ଭର୍ତ୍ତୃହରି ତାଙ୍କ ରଚିତ ବାକ୍ୟପଦୀୟରେ ବର୍ଣ୍ଣିତ ବାକ୍ୟତତ୍ତ୍ୱରେ ବାକ୍ୟର ଅଖଣ୍ଡତ୍ୱରେ ହିଁ ଅର୍ଥାନ୍ତରୀକରଣ ସମ୍ଭବ ବୋଲି କହିଛନ୍ତି । ବାକ୍ୟରେ ବ୍ୟବହୃତ ବିଖଣ୍ଡିତ ଶବ୍ଦ ସମୂହରୁ ଅର୍ଥାଗମ ନ ହୋଇ ଅଖଣ୍ଡ ବାକ୍ୟରୁ ହିଁ ସମ୍ପୂର୍ଣ୍ଣ ଅର୍ଥ ପ୍ରକାଶ ପାଇବା ଉପରେ ଭର୍ତ୍ତୃହରି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆଧୁନିକ ଭାରତୀୟ ଭାଷାତତ୍ତ୍ୱର ପୃଷ୍ଠଭୂମିକୁ ଉଲ୍ଲେଖିତ ବ୍ୟାକରଣ ବ୍ୟତୀତ ଅନ୍ୟ ଯେଉଁ ବ୍ୟାକରଣକାରମାନେ ସେମାନଙ୍କ ବ୍ୟାକରଣିକ ଚିନ୍ତାଧାରା, ପ୍ରତିଭା ଓ ଅସଂଖ୍ୟ ଟୀକା ଟୀପ୍ପଣୀ ଦ୍ୱାରା ପୁଷ୍ଟ ଓ ବିକଶିତ କରିଛନ୍ତି, ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ବ୍ୟାକରଣ ବିଷୟରେ ଏଠାରେ ଉଲ୍ଲେଖ କରାଯାଇପାରେ, ସେହି ବ୍ୟାକରଣଗୁଡ଼ିକ ହେଉଛି, ଚନ୍ଦ୍ର ଗୋମିନଙ୍କ ଚାନ୍ଦ୍ର ବ୍ୟାକରଣ, ଦେବ ନନ୍ଦନଙ୍କ ଜୈନେନ୍ଦ୍ର ବ୍ୟାକରଣ, ହୈମଶବ୍ଦାନୁଶାସନ, ସର୍ବଦମନଙ୍କ କାତନ୍ତ୍ର ବ୍ୟାକରଣ, ଜୀବ ଗୋସ୍ୱାମୀଙ୍କ ହରିନାମାମୃତ ବ୍ୟାକରଣ, ବୋପଦେବଙ୍କ ମୁଗ୍ଧବୋଧ ବ୍ୟାକରଣ ପ୍ରଭୃତି । ପାଣିନିଙ୍କ ଅଷ୍ଟାଧ୍ୟାୟୀ ଆଦର୍ଶରେ ତାମିଲ ବ୍ୟାକରଣ ତୋଲକାପିୟମ ରଚିତ ହୋଇଥିଲା । ଭାରତୀୟ ବ୍ୟାକରଣ ପରମ୍ପରାକୁ ଏ ପ୍ରତ୍ୟେକ ବ୍ୟାକରଣର ବିଶେଷ ଅବଦାନ ରହିଛି । ତେବେ ପାଣିନିଙ୍କ ଅଷ୍ଟାଧ୍ୟାୟୀର ବର୍ଣ୍ଣିତ ରୀତି ହିଁ ଥିଲା ଭାରତୀୟ ବ୍ୟାକରଣ ପରମ୍ପରାର ଆଦର୍ଶ ଓ ମୂଳଭିତ୍ତି ଏବଂ ଆଧୁନିକ ଭାରତୀୟ ଭାଷାମାନଙ୍କର ସ୍ୱରୂପ ଗଠନର ମୂଳଉତ୍ସ ।


**ବାକ୍ୟରେ ବ୍ୟବହୃତ ବିଖଣ୍ଡିତ ଶବ୍ଦ ସମୂହରୁ ଅର୍ଥାଗମ ନ ହୋଇ ଅଖଣ୍ଡ ବାକ୍ୟରୁ ହିଁ ସମ୍ପୂର୍ଣ୍ଣ ଅର୍ଥ ପ୍ରକାଶ ପାଇବା ଉପରେ ଭର୍ତ୍ତୃହରି ଗୁରୁତ୍ୱ ପ୍ରଦାନ କରିଛନ୍ତି ।**

**ଜୁମର ବ୍ୟାକରଣ**

ପ୍ରସଙ୍ଗ କ୍ରମେ ସଂସ୍କୃତ ଭାଷାରେ ଜୁମର ବ୍ୟାକରଣ ନାମରେ ଏକ ପ୍ରାଚୀନ ସଂସ୍କୃତ ବ୍ୟାକରଣ ଗ୍ରନ୍ଥ ବିଶେଷ ରଚିତ ହୋଇଥିବାର ସୂଚନା ମିଳେ । ଏହି ବ୍ୟାକରଣ ଗ୍ରନ୍ଥ ବିଷୟରେ ଏକ ପ୍ରବଚନ ଓଡ଼ିଆ ଭାଷାରେ ପ୍ରଚଳିତ- 'ଅମର ଜୁମର ନିଠେଇ ଘୋଷ । ଆଉ ସବୁ ପାଠ ଚାଳରେ ଖୋସ ।' ଏହି ଗ୍ରନ୍ଥ ବିଷୟରେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ସୂଚନା ଅନୁସାରେ 'ଏହାର ଅନ୍ୟ ନାମ ସଂକ୍ଷିପ୍ତ ସାର ଓ ଜୁମର ନନ୍ଦୀ ଏହି ଗ୍ରନ୍ଥର ବୃତ୍ତ ରଚନା କରିଥିଲେ ବୋଲି ଏହାକୁ ଜୁମର ବ୍ୟାକରଣ କହନ୍ତି (୩ୟ ଖଣ୍ଡ, ପୃ- ୩୦୨୬) ।' କିନ୍ତୁ ଏହି ବ୍ୟାକରଣ ଗ୍ରନ୍ଥ ବର୍ତ୍ତମାନ ଦୁଷ୍ପ୍ରାପ୍ୟ ଏବଂ ଏହି ବ୍ୟାକରଣର ଗୁରୁତ୍ୱ ବୃଦ୍ଧି ପାଇଁ ହୁଏତ ପ୍ରବଚନଟି ଲୋକମୁଖରେ କେବଳ ପ୍ରଚଳିତ ।

ପ୍ରାଚ୍ୟରେ ଭାରତ ବର୍ଷରେ ସଂସ୍କୃତ ବ୍ୟାକରଣ ଚର୍ଚ୍ଚାର ଉତ୍କର୍ଷତା ଏକଦେଶଦର୍ଶିତାର ବଳୟ ମଧ୍ୟରେ ଆବଦ୍ଧ ହୋଇ ରହିଯାଇଥିବା ସମୟରେ କିନ୍ତୁ ପାଶ୍ଚାତ୍ୟରେ, ବିଶେଷ କରି ଗ୍ରୀସ ଓ ରୋମରେ ବିଭିନ୍ନ ଦିଗରୁ ଭାଷା ସଂବନ୍ଧୀୟ ଆଲୋଚନାମାନ ପ୍ରବର୍ତ୍ତିତ ହୋଇ ଭାଷା ବିଷୟକ ବହୁ

ମୂଲ୍ୟବାନ ତଥ୍ୟ ଲୋକଲୋଚନକୁ ଆସି ସାରିଥିଲା। ଗ୍ରୀସ ଓ ରୋମରେ ପ୍ଲାଟୋ ଏବଂ ଆରିଷ୍ଟଟଲ ପ୍ରଭୃତି ଦାର୍ଶନିକମାନେ ଧ୍ୱନି ବା ଉଚ୍ଚାରଣ, ଶବ୍ଦର ବ୍ୟୁତ୍ପତ୍ତି-ମୂଳକ ଗଠନ ତଥା ବ୍ୟାକରଣର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଚର୍ଚ୍ଚାକୁ ଆଣିଥିଲେ। ପରିଣାମ ସ୍ୱରୂପ ପ୍ରାଚ୍ୟର ସଂସ୍କୃତ ଓ ପାଶ୍ଚାତ୍ୟରେ ଗ୍ରୀସ ଓ ରୋମରେ ଗ୍ରୀକ୍ ଓ ଲାଟିନ ଭାଷାମାନଙ୍କର ଉତ୍କର୍ଷ ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀ ସମୟକୁ ଶୀର୍ଷ ସ୍ଥାନ ଅଧିକାର କରିଥିଲା ପରସ୍ପରର ଅଗୋଚରରେ। ଲିଖିତ ଭାଷାକୁ ଗୁରୁତ୍ୱ ଦେଇ ଗ୍ରୀକ ଓ ଲାଟିନ ଭାଷାରେ 'ଶବ୍ଦ'କୁ ଭାଷାର ମୂଳ ଭାବରେ ବିଚାର କରାଯାଇଥିଲା। ଗ୍ରୀକ ଭାଷାରେ ପ୍ଲାଟୋ 'ବାକ୍ୟ'କୁ 'ନାମ' ଓ 'କ୍ରିୟା' ଭାବରେ ଦୁଇଟି ଶବ୍ଦ ବିଭାଗରେ ବିଭକ୍ତ କରିଥିଲେ ଏବଂ ଆରିଷ୍ଟଟଲଙ୍କ ପାଇଁ 'ଶବ୍ଦ' ଥିଲା ବାକ୍ୟର ମୂଳ ଉପାଦାନ। ଭାଷାର ମୌଳିକ ଉପାଦାନକୁ ସୂଚାଇବା ପାଇଁ ସଂସ୍କୃତ, ଗ୍ରୀକ ଓ ଲାଟିନ ଭାଷାରେ 'ବାକ୍ୟ'କୁ 'ଏକକ' ଭାବରେ ଏବଂ ବାକ୍ୟରେ ବ୍ୟବହୃତ 'ଶବ୍ଦ'ର ଶୁଦ୍ଧ ଉଚ୍ଚାରଣ ଓ ଅର୍ଥ ପ୍ରୟୋଗକୁ ବିଶେଷ ଭାବରେ ପ୍ରାଧାନ୍ୟ ଦିଆଯାଇଥିଲା ସେହି ସମୟରେ। ସେତେବେଳର ଭାଷା ଚର୍ଚ୍ଚାରେ ମୁଖ୍ୟତଃ ବ୍ୟାକରଣ ଚର୍ଚ୍ଚା ହିଁ ବିଶେଷ ଭାବରେ ପ୍ରାଧାନ୍ୟ ପାଇଥିଲା।


A

SANSKRIT GRAMMAR,

INCLUDING BOTH THE CLASSICAL LANGUAGE, AND THE OLDER DIALECTS, OF VEDA AND BRAHMANA.

BY

WILLIAM DWIGHT WHITNEY,

LATE PROFESSOR OF SANSKRIT AND COMPARATIVE PHILOLOGY IN YALE COLLEGE, NEW-HAVEN.

THIRD EDITION.

THIS WORK IS COPYRIGHT.

ପ୍ରାଚ୍ୟ ଓ ପାଶ୍ଚାତ୍ୟରେ ସୁଦୂର ଦୁଇ ପ୍ରାନ୍ତରେ ବାହ୍ୟତଃ ପୃଥକ୍ ଓ ସ୍ୱତନ୍ତ୍ର ଭାବରେ ଭାଷାର ଚର୍ଚ୍ଚା ହେଉଥିଲେ ମଧ୍ୟ ସେଥିରେ ଯେ ଏକ ଅନ୍ତର୍ନିହିତ ଅବିଚ୍ଛିନ୍ନଧାରା ଓ ଗଠନ ମୂଳକ ସାଦୃଶ୍ୟ ସଂପର୍କ ରହିଛି, ତାହା ଜ୍ଞାତସାରକୁ ଆସିଥିଲା ପରବର୍ତ୍ତୀ ସମୟରେ। ସାର୍ ଉଇଲିୟମ୍ ଜୋନ୍ସ ୧୭୮୬ ମସିହାରେ କଲିକତା ରୟାଲ ଏସିୟାଟିକ ସୋସାଇଟିରେ ଯେଉଁ ସୂଚନା ଦେଇଥିଲେ ସେଥିରୁ ପ୍ରମାଣିତ ହୋଇଥିଲା ଯେ ଗ୍ରୀକ ଓ ଲାଟିନ ଭାଷା ସହିତ ସଂସ୍କୃତର ଆଶାତୀତ ସାଦୃଶ୍ୟ ଭାଷାମାନଙ୍କର ମୂଳଧାତୁ ତଥା ବ୍ୟାକରଣିକ ମୂଳଗଠନରେ ରହିଥିବା କାରଣରୁ ୩ଟି ଯାକ ଭାଷାର ଯେ ଏକ ମୂଳ ଅବିଭାଜିତ ଉତ୍ପତ୍ତି ସ୍ଥଳ ରହିଛି (ଯାହାକି ଆଜି ବିଲୁପ୍ତ) ତାହା ସ୍ୱୀକାର କରିବାକୁ ପଡ଼ିବ। ଏହି ପ୍ରାମାଣିକ ତଥ୍ୟକୁ ଆଧାର କରି ଊନବିଂଶ ଶତାବ୍ଦୀରେ ଇଉରୋପରେ ନବଜାଗରଣ କାଳରେ ଭାଷାମାନଙ୍କର ଐତିହାସିକ ଅନୁଶୀଳନ, ସମଗ୍ର ଭାବରେ ଭାଷାତତ୍ତ୍ୱ ପରମ୍ପରାକୁ ଥିଲା ସେହି ଶତାବ୍ଦୀର ବିଶିଷ୍ଟ ଅବଦାନ। ଏହି ସମୟରେ ଭାଷାମାନଙ୍କର ଐତିହାସିକ ଅନୁଶୀଳନ ମାଧ୍ୟମରେ ଏକ ମୂଳରୂପର କଳ୍ପନା ଓ ଭାଷାମାନଙ୍କରେ ରହିଥିବା ନିୟମିତ ସାଦୃଶ୍ୟ ଓ ନିୟମିତ ବୈସାଦୃଶ୍ୟ ଆଧାରରେ ଧ୍ୱନି ପ୍ରକ୍ରିୟା ଓ ବ୍ୟାକରଣିକ ଗଠନ ପ୍ରକ୍ରିୟା ଏବଂ ଏହି ପ୍ରକ୍ରିୟା ସହାୟତାରେ ପାରିବାରିକ ସଂପର୍କ ସ୍ଥାପନ ବ୍ୟବସ୍ଥା ଏବଂ ମୂଳରୂପ ନିର୍ଦ୍ଧାରଣରେ ପୁନର୍ଗଠିତ ତାରାଙ୍କିତ ରୂପର ଚିହ୍ନଟ ପ୍ରଭୃତି ତଥ୍ୟମାନ ଊନବିଂଶ ଶତାବ୍ଦୀର ନବଜାଗରଣ କାଳର ଭାଷା ଇତିହାସରେ ଲିପିବଦ୍ଧ।

**ଇଉରୋପରେ ସଂସ୍କୃତ ବ୍ୟାକରଣ**

ଇଉରୋପରେ ଊନବିଂଶ ଶତାବ୍ଦୀରେ ଭାଷାମାନଙ୍କର ତୁଳନାତ୍ମକ ଐତିହାସିକ ଆଲୋଚନା ପାଇଁ ସଂସ୍କୃତ ଭାଷାର ଆବିଷ୍କାର ହେବା ପୂର୍ବରୁ, ଇଉରୋପୀୟମାନଙ୍କ ଦ୍ୱାରା କେତେକ ସଂସ୍କୃତ ବ୍ୟାକରଣ ଲେଖାଯାଇଥିଲା। ଜର୍ମାନ ମିଶନାରୀ ହେନରିଚ ରଥ୍ ଲେଖିଥିବା ପ୍ରଥମ ସଂସ୍କୃତ ବ୍ୟାକରଣ ବର୍ତ୍ତମାନ ସୁଦ୍ଧା ପାଣ୍ଡୁଲିପି ଆକାରରେ ରୋମ୍‌ରେ ସଂରକ୍ଷିତ। ଲାଟିନ୍‌ରେ ପ୍ରଥମ ଇଉରୋପୀୟ ସଂସ୍କୃତ ବ୍ୟାକରଣ ଲେଖିଥିଲେ ବାର୍ଥଲୋମିଓ ୧୭୯୦ରେ ରୋମ୍‌ରେ। ବୈଜ୍ଞାନିକ ପଦ୍ଧତି ଅନୁସରଣ କରି ପ୍ରଥମ ସଂସ୍କୃତ ବ୍ୟାକରଣ ଲେଖିଥିଲେ କୋଲବ୍ରୁକ୍ ୧୮୦୫ ମସିହାରେ। ପରବର୍ତ୍ତୀ ସଂସ୍କୃତ ବ୍ୟାକରଣ ଇଂରାଜୀରେ ପ୍ରକାଶ ପାଇଥିଲା ଉଇଲିୟମ କେରୀଙ୍କର ୧୮୦୬ରେ। କୋଲବ୍ରୁକଙ୍କର ବ୍ୟାକରଣ

ପାଣିନିଙ୍କୁ ଅନୁସରଣ କରିଥିବା ବେଳେ କେରୀଙ୍କ ବ୍ୟାକରଣ ବୋପଦେବଙ୍କୁ ଅନୁସରଣ କରି ରଚିତ ହୋଇଥିଲା। ଇଉରୋପୀୟ ପଦ୍ଧତି ଅବଲମ୍ବନରେ ସଂସ୍କୃତ ବ୍ୟାକରଣ ଲେଖିଥିଲେ ଉଇଲକିନ୍‌ସନ୍ ୧୮୦୮ରେ। ଏମାନଙ୍କ ବ୍ୟତୀତ ଅନ୍ୟାନ୍ୟ କେତୋଟି ସଂସ୍କୃତ ବ୍ୟାକରଣ ରଚନା କରିଥିଲେ ବପ୍, ବେନଫେ, ହ୍ଵଟନେ, ମନିୟର ଉଇଲୟମସ୍, ମାକ୍‌ସମୁଲାର ଏବଂ ଆର୍ଥର ମାକଡ଼ୋନେଲ ପ୍ରଭୃତି ବିଦେଶୀଗଣ। ପାଶ୍ଚାତ୍ୟରେ ଛାତ୍ରମାନଙ୍କର ସଂସ୍କୃତ ବ୍ୟାକରଣ ଶିକ୍ଷା ଉଦ୍ଦେଶ୍ୟରେ ଏହି ବ୍ୟାକରଣ ସବୁ ରଚିତ ହୋଇଥିବା ଜଣାଯାଏ।

କାଳକ୍ରମେ ଅଷ୍ଟାଧ୍ୟାୟୀରେ ବର୍ଣ୍ଣିତ ସଂସ୍କୃତ ରୀତି ଭାରତୀୟ ସଂସ୍କୃତ ରୀତିରେ ପରିଣତ ହୋଇ ଭାରତୀୟ ବ୍ୟାକରଣିକ ପରମ୍ପରା ଭାବରେ ଗଢ଼ି ଉଠିଲା। ଆଧୁନିକ ଭାରତୀୟ ଭାଷା ସବୁ ପରବର୍ତ୍ତୀ ସମୟରେ ସଂସ୍କୃତ ଭାଷାରୁ ପରିବର୍ତ୍ତିତ ହୋଇ ନିଜର ସ୍ୱତନ୍ତ୍ର ସ୍ୱରୂପ ପ୍ରକାଶ କରିବା ବେଳେ ଜନ୍ମଗତ ଓ ବଂଶଗତ ସାଦୃଶ୍ୟ ସଂପର୍କ ଭିତ୍ତିରେ ସଂସ୍କୃତ ରୀତି ଦ୍ୱାରା ପ୍ରଭାବିତ ଓ ନିୟନ୍ତ୍ରିତ ହେଉଥିଲେ। ଭାଷା ପରିବର୍ତ୍ତନ ହିଁ ଥିଲା ଭାରତୀୟ ଭାଷାତତ୍ତ୍ୱ ସୃଷ୍ଟିର ମୂଳ କାରଣ। ଭାଷା ପରିବର୍ତ୍ତନକୁ ନିୟନ୍ତ୍ରିତ କରିବା ପାଇଁ ବୈଦିକ ସମୟରୁ ଚଳି ଆସୁଥିବା ଚଳନ୍ତି ସଂସ୍କୃତ ଭାଷାର ବିଶ୍ଳେଷଣ ମଧ୍ୟ ଆରମ୍ଭ ହୋଇଥିଲା।

> **ମଣିଷର ଜୀବନ, ସାମାଜିକ ଚଳଣି, ରୀତିନୀତି ଓ ସମୟର ଧାରା ସହିତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପ୍ରଭୃତି ସହିତ ବ୍ୟାକରଣିକ କାଳ ସଂପୃକ୍ତ।**

ପ୍ରାଚ୍ୟ ଓ ପାଶ୍ଚାତ୍ୟର ଭାଷାତତ୍ତ୍ୱ ଆଲୋଚନା ହିଁ ଓଡ଼ିଆ ଭାଷାତତ୍ତ୍ୱ ତଥା ବ୍ୟାକରଣିକ ଆଲୋଚନାର ଭିତ୍ତିଭୂମି। ମଣିଷର ଜୀବନ, ସାମାଜିକ ଚଳଣି, ରୀତିନୀତି ଓ ସମୟର ଧାରା ସହିତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପ୍ରଭୃତି ବ୍ୟାକରଣିକ କାଳ ସଂପୃକ୍ତ। ବୃହତ୍ ଇଣ୍ଡୋ-ଇଉରୋପୀୟ ପରିବାର ଅନ୍ତର୍ଗତ ଇଣ୍ଡୋ-ଆରୀୟାନ ବା ଭାରତୀୟ ଆର୍ଯ୍ୟଶାଖାର ପୂର୍ବ-ମାଗଧୀ ଅପଭ୍ରଂଶରୁ ଓଡ଼ିଆ ଭାଷା ବିବର୍ତ୍ତିତ। ଭାଷା ପରିବର୍ତ୍ତନ ପ୍ରକ୍ରିୟାକୁ ଆଧାର କରି ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷାରୁ ମଧ୍ୟ-ଭାରତୀୟ ଆର୍ଯ୍ୟ ଭାଷା ବାଟେ ଗତିକରି ଓଡ଼ିଆ ଆଧୁନିକ ଆର୍ଯ୍ୟ ଭାଷା ଭାବରେ ସ୍ୱରୂପ ଲାଭ କରିଛି। କୁହାଯାଇଛି ଯେ ଭାଷାର ସରଳୀକରଣ ପ୍ରକ୍ରିୟାରେ ବୈଦିକ ଯୁଗର କଥିତ ସଂସ୍କୃତରୁ ମଧ୍ୟ-ଯୁଗୀୟ ପ୍ରାକୃତ ବାଟେ ଓଡ଼ିଆ ଭାଷାର ସ୍ୱରୂପ ପ୍ରକାଶିତ। ଉଦାହରଣ ସ୍ୱରୂପ ସଂସ୍କୃତ 'ବୃଦ୍ଧ', ପ୍ରାକୃତ 'ବୁଡ୍‌ଢ଼' ଓଡ଼ିଆ 'ବୁଢ଼ା'ରେ ପରିଣତ ହୋଇଛି। ଏହି ପ୍ରକ୍ରିୟାକୁ ଲକ୍ଷ୍ୟ କଲେ ଦେଖାଯିବ ଯେ ସଂଯୁକ୍ତ ବ୍ୟଞ୍ଜନ 'ଦ୍ଧ', ସମୀକୃତ 'ଡ୍‌ଢ଼' ମଧ୍ୟ ଦେଇ ଏକକ ବ୍ୟଞ୍ଜନ 'ଢ଼'ରେ ପରିଣତ ହୋଇଛି (ଧଳ, ୧୯୭୬)। ଏହିପରି ଅସଂଖ୍ୟ ନମୁନା ରହିଛି।


ଓଡ଼ିଆ ଭାଷାର ବ୍ୟୁତ୍ପତ୍ତି ଭିତ୍ତିକ ଧାରାବାହିକ ବିବରଣୀ ଜନ ବିମସ୍‌ଙ୍କ 'କମ୍ପାରଟିଭ୍ ଗ୍ରାମାର ଅଫ ଦି ମଡର୍ଣ୍ଣ ଆରିୟାନ ଲାଙ୍ଗୁଏଜ୍‌ସ ଅଫ୍ ଇଣ୍ଡିଆ (୨ୟ ରିପ୍ରିଣ୍ଟ, ୧୯୭୦)', ଗୋପୀନାଥ ନନ୍ଦଶର୍ମାଙ୍କ ଓଡ଼ିଆ ଭାଷାତତ୍ତ୍ୱ (୧୯୨୭) ଏବଂ ସୁନୀତି କୁମାର ଚାଟାର୍ଜୀଙ୍କ 'ଅରିଜିନ ଆଣ୍ଡ ଡେଭଲପମେଣ୍ଟ ଅଫ୍ ବେଙ୍ଗଲୀ ଲାଙ୍ଗୁଏଜ୍' (ଓଡିବିଏଲ୍, ୧୯୨୬) ପ୍ରଭୃତି ଗ୍ରନ୍ଥରେ ପ୍ରାମାଣିକ ତଥ୍ୟ ସହିତ ଆଲୋଚିତ। ଓଡ଼ିଆ ଭାଷାର କ୍ରମବିବର୍ତ୍ତନ ସମ୍ବନ୍ଧରେ ଅଧିକ ନିର୍ଭରଯୋଗ୍ୟ ଓ ପ୍ରାମାଣିକ ଭାବରେ ମଧ୍ୟ ଓଡ଼ିଆ, ଅସମୀୟା, ବଙ୍ଗଳା ଓ ହିନ୍ଦୀ ଭାଷାମାନଙ୍କର କଥିତ ରୂପର ଧ୍ୱନି ପ୍ରୟୋଗର ତୁଳନାମୂଳକ ଆଲୋଚନା କରିଛନ୍ତି ଦେବୀ ପ୍ରସନ୍ନ ପଟ୍ଟନାୟକ ତାଙ୍କ 'କଣ୍ଟ୍ରୋଲ୍‌ଡ ହିଷ୍ଟୋରିକାଲ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଓଡିଆ, ଆସାମୀ, ବେଙ୍ଗଲୀ ଆଣ୍ଡ ହିନ୍ଦୀ' ପୁସ୍ତକରେ ଏବଂ ଏହି ଭାଷା ଚାରୋଟିର ଆଦି- ଧ୍ୱନି ରୂପକୁ ସେ ସେଥିରେ ଦର୍ଶାଇଛନ୍ତି। ନିରୂପିତ ଏହି ଆଦି-ରୂପକୁ ସେ ପ୍ରୋଟୋ-ଫୋନିମସ୍ ଏବଂ ନିର୍ଦ୍ଧାରିତ ଆଦି-ରୂପକୁ 'ପ୍ରୋଟୋ- କଲୋକ୍ୟୁଆଲ ଓ ଏ ବି ଏଚ' ନାମକରଣ କରିଛନ୍ତି। ତାଙ୍କ ମତରେ ଓଡ଼ିଆ ତାର ସହୋଦରୀ ଭାଷା ଅସମୀୟା ଓ ବଙ୍ଗଳା ତୁଳନାରେ ପ୍ରାଚୀନତର।

### ଶୀଳାଲେଖ ଓ ତାମ୍ରଲେଖ

ଲିଖିତ ଓଡ଼ିଆ ଭାଷାର ପ୍ରାଚୀନତମ ନିଦର୍ଶନ ପ୍ରାଚୀନ ଶିଳାଲେଖ ଓ ତାମ୍ରଲେଖରୁ ମିଳିଥାଏ। ଓଡ଼ିଶାରେ ଆର୍ଯ୍ୟବସତି ଖ୍ରୀ:ପୂ.୩ୟ ଶତାବ୍ଦୀ ସମୟକୁ ଆରମ୍ଭ ହୋଇଥିବାର ସୂଚନା ଅଶୋକଙ୍କ ଧଉଳି ଶିଳାଲେଖରୁ ଜଣାଯାଏ ଏବଂ ଖ୍ରୀ:ପୂ ୧ମ

ଶତାବ୍ଦୀର ଖାରବେଳଙ୍କ ଉଦୟଗିରିର ହାତୀ ଗୁମ୍ଫା ଶିଳାଲେଖରେ ସୂଚିତ 'ବାଟ', 'ପନ୍ଦର' ପ୍ରଭୃତି ଶବ୍ଦ ପ୍ରୟୋଗରୁ ଓଡ଼ିଆ ଭାଷାର ପ୍ରାଚୀନତମ ନମୁନା ମିଳିଛି। ଅଶୋକ ଓ ଖାରବେଳଙ୍କ ଶିଳାଲେଖଗୁଡ଼ିକ ବ୍ରାହ୍ମୀ ଲିପିରେ ଲିଖିତ। ବ୍ରାହ୍ମୀ ଲିପି ଭାରତର ଜାତୀୟ ଲିପି ଭାବରେ ସ୍ୱୀକୃତ ଏବଂ ଓଡ଼ିଆ ପାଇଁ ମଧ୍ୟ ବ୍ରାହ୍ମୀ ଲିପି ବ୍ୟବହୃତ ହୋଇଛି।

ଓଡ଼ିଆ ଅଭିଲେଖଗୁଡ଼ିକର ଭାଷା ମୁଖ୍ୟତଃ ଗଦ୍ୟଧର୍ମୀ। ଲିଖିତ ଗଦ୍ୟ ଭାଷାର ଅଭିଲେଖଗୁଡ଼ିକ ହେଉଛି ପ୍ରାଚୀନତମ ଭାଷା ନିଦର୍ଶନ ଏବଂ ଏଗୁଡ଼ିକ ୧୧ଶ ଶତାବ୍ଦୀରୁ କ୍ରମବିକଶିତ ହୋଇ ଆଜିର ଆଧୁନିକ ରୂପ ନେଇଛି। ଭାଷାତାତ୍ତ୍ୱିକ ବିଶ୍ଳେଷଣ ମାଧ୍ୟମରେ ଓଡ଼ିଆ ଗଦ୍ୟ ଭାଷାର ବିକାଶ କ୍ଷେତ୍ରରେ ଅଭିଲେଖଗୁଡ଼ିକର ବିଶେଷ ଅବଦାନ ରହିଛି। ଅଭିଲେଖ ବ୍ୟତୀତ ଓଡ଼ିଆରେ ଲିଖିତ ଗଦ୍ୟ ଭାଷାର ନିଦର୍ଶନ ସ୍ୱରୂପ ମାଦଳାପାଞ୍ଜିକୁ ଗ୍ରହଣ କରାଯାଇଛି। ମାଦଳା ପାଞ୍ଜିର ଭାଷା ମୁଖ୍ୟତଃ ବର୍ଣ୍ଣନାଧର୍ମୀ ଓ ଏଥିରେ ବର୍ଣ୍ଣିତ ବିଷୟବସ୍ତୁରେ ଲୋକ କାହାଣୀଠାରୁ ଆରମ୍ଭ କରି ଓଡ଼ିଶାର ସମକାଳୀନ ସାମାଜିକ, ରାଜନୈତିକ, ଐତିହାସିକ ଓ ସାଂସ୍କୃତିକ ଘଟଣାବଳୀ ସହିତ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପୂଜାବିଧି ସମସ୍ତ ସଂଗୃହୀତ। ମାଦଳା ପାଞ୍ଜିର କାଳ ନିର୍ଦ୍ଧାରଣରେ ମତ ଭେଦ ଥିଲେ ମଧ୍ୟ ଏହାର ଗଦ୍ୟ ଭାଷାର ଐତିହାସିକ ଓ ଭାଷାତାତ୍ତ୍ୱିକ ମୂଲ୍ୟକୁ ସ୍ୱୀକାର କରିବାକୁ ହୁଏ।




ଓଡ଼ିଆ ଭାଷାର ବିବର୍ତ୍ତନରେ ୮ମ ଓ ୯ମ ଶତାବ୍ଦୀରେ ରଚିତ ବୌଦ୍ଧଗାନ ଓ ଦୋହାରେ ଓଡ଼ିଆ ଭାଷାର ପ୍ରାଚୀନ ନମୂନା ଆବିଷ୍କୃତ ହେଲା ବିଂଶ ଶତାବ୍ଦୀର ଆରମ୍ଭ ସମୟ ବେଳକୁ। ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ନେପାଳରୁ ବୌଦ୍ଧଗାନ ଓ ଦୋହାର ପାଣ୍ଡୁଲିପିକୁ ୧୯୬୦ ମସିହାରେ ଆବିଷ୍କାର କରି ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ ନାମରେ ୧୯୧୬ ମସିହାରେ ଲୋକଲୋଚନକୁ ଆଣି ଏହାକୁ କେବଳ ବଙ୍ଗଳା ଭାଷାର ପ୍ରାଚୀନ ରୂପ ବୋଲି ଦର୍ଶାଇଲେ। ବିନୟ ତୋଷ ଭଟ୍ଟାଚାର୍ଯ୍ୟ, ସୁକୁମାର ସେନ, ସୁନୀତି କୁମାର ଚାଟାର୍ଜୀ ପ୍ରଭୃତି ବଙ୍ଗୀୟ ପଣ୍ଡିତମାନେ ମଧ୍ୟ ଏହାକୁ କେବଳ ବଙ୍ଗଳା ଭାଷାର ପ୍ରାଚୀନ ରୂପ ବୋଲି ଦାବୀ କରିଥିଲେ।

କିନ୍ତୁ ପ୍ରାମାଣିକ ଭାବରେ ଓଡ଼ିଆ, ଅସମୀୟା ଓ ବଙ୍ଗଳା ପ୍ରଭୃତି ପୂର୍ବାଞ୍ଚଳୀୟ ଭାଷାମାନଙ୍କର ପରସ୍ପର ଠାରୁ ବିଚ୍ଛିନ୍ନ ଓ ସ୍ୱତନ୍ତ୍ର ହେବା ପୂର୍ବର ଭାଷା ହେଉଛି ବୌଦ୍ଧଗାନ ଓ ଦୋହାର ଭାଷା। ବୌଦ୍ଧଗାନ ଓ ଦୋହାରୁ ପୂର୍ବୀ ଶାଖାର ଭାଷାଗୁଡ଼ିକ ରୂପାନ୍ତରିତ ହେବା ସମୟକୁ ଭାଷାଚର୍ଚ୍ଚା କ୍ଷେତ୍ରରେ ଏକ ମାଇଲ୍ ଖୁଣ୍ଟ ବୋଲି କୁହାଯାଏ ଏବଂ ବୌଦ୍ଧଗାନ ଓ ଦୋହା ଆର୍ଯ୍ୟଭାଷାର ସେହି ଅପଭ୍ରଂଶ ସ୍ତର ଯେଉଁଥିରୁ ଆଧୁନିକ ଆର୍ଯ୍ୟଭାଷା ଭାବରେ ଓଡ଼ିଆ ଭାଷା ସ୍ୱତନ୍ତ୍ର ରୂପ ନେଇଛି, ୧୪ଶ ଓ ୧୫ଶ ଶତାବ୍ଦୀ ସମୟକୁ। ଓଡ଼ିଆ। ଭାଷା ସ୍ୱତନ୍ତ୍ର ରୂପ ଲାଭ କରି ପରବର୍ତ୍ତୀ ସ୍ତରରେ ଗଦ୍ୟ ଓ ପଦ୍ୟ ଉଭୟ ଧାରାରେ ସମୃଦ୍ଧ ହେଲା। ପଦ୍ୟ ଧାରାରେ ଓଡ଼ିଆ ଭାଷାରେ ସାହିତ୍ୟିକ ସୃଷ୍ଟିର ସ୍ୱାକ୍ଷର ବହନ କରିଥିବା ବିଶାଳ ଗ୍ରନ୍ଥ ହେଉଛି ସାରଳା ମହାଭାରତ। ସାରଳା ମହାଭାରତ ପଞ୍ଚଦଶ ଶତାବ୍ଦୀର ଓଡ଼ିଆ ଭାଷା ସୃଷ୍ଟି ଓ ପ୍ରୟୋଗର ମହତ୍ତ୍ୱପୂର୍ଣ୍ଣ ପରିପ୍ରକାଶ। ପଞ୍ଚଦଶ ଶତାବ୍ଦୀରୁ ଆରମ୍ଭ କରି ଆଜିର ଆଧୁନିକ ସମୟ ମଧ୍ୟରେ ଓଡ଼ିଆ ଭାଷାର କ୍ରମବର୍ଦ୍ଧମାନ ରୂପକୁ ଅନୁଭବ କରିହୁଏ ବିଭିନ୍ନ ସାହିତ୍ୟିକ ସୃଷ୍ଟି ମାଧ୍ୟମରେ।

□□

ଲେଖିକାଙ୍କ ଇ-ମେଲ ଠିକଣା:
bijayalaxmimohanty16@gmail.com

ଗଳ୍ପ

# ଫିଟିଗଲା ଆଲୁଅ

ଦ୍ୱିତୀ ଚନ୍ଦ୍ର ସାହୁ



ହୁଡୁଚୁଲିଆ ଠାଏ କରି ମରିଗଲା। ରୋଗ ନାହିଁକି ଖଟିଆ ଧରିନି। ଖାଇଲା ପିଇଲା ଶୋଇଲା। ଆଉ ଉଠିଲାନି। ତାର ସଂସାର ଉଜୁଡ଼ିଗଲା। ହାତରେ ପଇସା ନାହିଁ। ଶବ ନେଇ ପୋଡ଼ିବା ଲାଗି ପଇସା ଲୋଡ଼ା। ମାଲବାହୀଙ୍କୁ ଖର୍ଚ୍ଚବାର୍ଚ୍ଚ ଦେବାକୁ ପଡ଼ିବ। ଏବେ ସବୁ କିଣା। ସବୁ ଉଧାର। କିଏ ଯାଚିଚି କି ଦେବନି। ଦେବାର ମୂଳ ଗଣିବାକୁ ପଡ଼ିବ। ଦୁଃଖ ଭିତରେ ଘରେ ଖୋଜା ଲୋଡ଼ା କଲା। ବାଉଁଶ ନଳକୁ ତଳ ମୁହାଁ କରି ଦି ଥର ପିଟିଲା। ଖସିଲା ବିଡ଼ି ପରି ଗୁଡ଼ା ହୋଇଥିବା କିଛି କାଗଜ ଟଙ୍କା। ମାଣ୍ଡିଆ ହାଣ୍ଡି ଭିତରେ ହାତ ପୁରେଇଲା। ଘାଂଟି ଦେଲା ହାତରେ। ହାତକୁ ଆସିଲା କନାରେ ବନ୍ଧା ହୋଇଥିବା ସାନ ପୁଟୁଳି। ଖୋଲିଲା ଗଣ୍ଠି। ସେଥିରେ ଥିଲା କିଛି ଲେବୁ (ଟଙ୍କା)। ସବୁ ମିଶି ଦି ହଜାର ହେଲା। ସେତକ ଗାଁ ମୁଖିଆ ହାତକୁ ବଢ଼େଇ ଦେଲା। ମୁଖିଆ ଗଣିଲା। ଭାରି ମନରେ କହିଲା – ହଉ ଚଳେଇଦେବା!

> **ଏମିତିରେ ସାଉକାରର ଲେଖା ଛିଣ୍ଡୁ ନଥିଲା। ସାଉକାରର ହିସାବ ଅଛିଣ୍ଡା। ଥରେ ସାଉକାର ପାଖକୁ ଗଲେ ଲେଖା ତୁଟିବା ଭାରି କଷ୍ଟ।**

ତାପରେ ମଶାଣିକୁ ମଡ଼ା ନେବା ପାଇଁ ସଜବାଜ ହେଲା। ମଡ଼ ଟେକି ନେଇଗଲେ ଲୋକେ। ବାକି ଲୋକ କାନ୍ଧରେ ଗୋଟେ ଗୋଟେ କାଠ ବୋହି ଚାଲିଲେ ମଶାଣି ଆଡ଼କୁ। ତିନି ଡବା ମଦ ଗଲା ଶୁଣ୍ଢି ସାଉକାର ଘରୁ। କାଠ ଥୋଇଲେ। ମଦ ଟିକେ ଟିକେ ପିଇଲେ। ନିଆଁ ଲଗେଇ ହୁଡୁଚୁଲିଆକୁ ପୁଡ଼େଇଲେ।

ଘରେ ଥିବା ଟଙ୍କାରେ ସିନା ହୁଡୁଚୁଲିଆ ମାଟିରେ ମିଶିଗଲା। ହେଲେ ଜାତି ଭୋଜି ଦେବାକୁ ହେବ। ଆମ୍ବ ପାଣି କରିବାକୁ ହେବ। ଦଶା ଭୋଜି ଦେବାକୁ ପଡ଼ିବ। ନହେଲେ ଜାତିରେ ମିଶିବେ କିପରି! ଆମ୍ବ ପାଣି ସିନା ସହଜ କଥା। ପେଜୁଣୀକୁ ଡାକି ଘର କୁଠାରେ ହଳଦୀ ଟିକେ ଆମ୍ବ ପତର ଓ ପାଣି ମିଶେଇ ମନ୍ତୁରା ପାଣି କରିଦେବ। ପେଜୁଣୀ ପାଣି ଛିଂଚି ଦେଇ ଶବ ପୋଡ଼ିବାକୁ ଯାଇଥିବା ଭାଇମାନଙ୍କୁ ଶୁଦ୍ଧ କରିଦେବ। ହେଲେ ସେମାନେ ଶୁଦ୍ଧ ହେବାକୁ ହେଲେ ଦଶା କରିବାକୁ ହେବ। ପେଜୁଣି ପୂଜା କରି ମରିବାର କାରଣ ଖୋଜିବ। ବନ୍ଧୁ କୁଟୁମ୍ବଙ୍କୁ ଲୁଗାପଟା ଓ ଭୋଜି ଦେବାକୁ ପଡ଼ିବ। ଲୋକ ଜିଇଁଥିଲେ କିଏ ପଚାରିବାର ନାହିଁ। ମଲା ପରେ କେତେ କଥା। ଏମିତି ସଂକଟବେଳେ ଭରସା ସାଉକାର।


ସିମନି କଥାରେ ପୁଅ ଲାମ୍ବରୁ ଧାଇଁଲା ସାଉକାର ପାଖକୁ। ଆଗରୁ ବନ୍ଧା ପଡ଼ିଛି ଜମି। ହୁଡୁଚୁଲିଆ ବନ୍ଧା ରଖିଦେଇଛି। ହାତ ପତେଇଲେ ମିଳିବକି ନାହିଁ ଜାଣିନି। ଗୋଟେ ଭରସାରେ ଗଲା। ଜମି ବନ୍ଧା ପକେଇଥିଲେ ବି ତାର ବାପା ସାଉକାରକୁ ତାର ଭାଗ ଦେଉଥିଲା। କେବେ ଠକୁ ନଥିଲା। ମୂଳ ଟଙ୍କା ବି ଦେଉଥିଲା। ଅବେଳରେ ପୁଣି କେବେ କେବେ କରଜ ଆଣୁଥିଲା। ଏମିତିରେ ସାଉକାରର ଲେଖା ଛିଣ୍ଡୁ ନଥିଲା। ସାଉକାରର ହିସାବ ଅଛିଣ୍ଡା। ଥରେ ସାଉକାର ପାଖକୁ ଗଲେ ଲେଖା ତୁଟିବା ଭାରି କଷ୍ଟ। ଆଗରେ ଟଙ୍କା ଦେଇ ମିଛସତ କହି ଜମି ନେଇଯାଉଥିଲେ ସାଉକାରମାନେ। ଏବେ ଟିକେ ତରିକା ବଦଳି ଯାଇଛି। ଆଦିବାସୀ ଜମି ନେଇ ସାଉକାର କଣ କରିବ! ପାହାଡ଼ ଇଲାକାରେ ଚାଷବାସ କରିବ କିଏ। ସୂତ୍ର ହେଲା ବାକି ଦେବ ସେ। ଜମି ଆଦିବାସୀ ପାଖରେ ରହିବ। ପଇସା ଲଗେଇବ ଓ କଷ୍ଟ ପଡ଼ିବ ଆଦିବାସୀ। ପାଚିଲେ ସାଉକାର ଅଧେ ନେବ। ଏପଟେ କରଜ ମଧ୍ୟ ଶୁଝିବାକୁ ପଡ଼ିବ। ସେମିତିରେ ରାଜି ହେଲେ ସାଉକାର ଷ୍ଟାମ୍ପ ପେପରରେ ଲେଖେଇ ଟଙ୍କା ଦେବ। କନ୍ଧ ଲୋକର ଜମି ଉପରେ ବ୍ୟାଙ୍କରେ ଋଣ ମିଳିବା ଏତେ ସହଜ ନାହିଁ। ବୁଲେଇ ବୁଲେଇ ବାୟା କରିଦେବେ ବ୍ୟାଙ୍କବାଲା। ତାଠୁ ଭଲ ସାଉକାର ବୋଲି

କନ୍ଧ ଭାବେ। ଗିଜିଗିଜି ହେବ ପଛେ ଅସୁବିଧାବେଳେ ଟଙ୍କା ଦେବ। କାନ୍ଦି କାନ୍ଦି ଲାମ୍ବରୁ କହିଲା ତାର ଅସୁବିଧା କଥା। ସାଉକାର କିଛି ନ କହି ତୁନି ରହିଲା। ହାତର ଇସାରାରେ ଖାଲି କହିଦେଲା - ପରେ ଆସେ ସବୁ କଥା ହେବା। ଲାମ୍ବରୁ ବୁଝିଗଲା। ତୁଚ୍ଛା ହାତରେ ଘରକୁ ଫେରିଲା।

କନ୍ଧ ଜାତିର ବିଶ୍ୱାସ ଦଶା ପୂଜାରେ ପେଜୁଣୀ ଭିତରକୁ ମରିଥିବା ଲୋକର ଆତ୍ମା ଆସେ। ତାର ବନ୍ଧୁ କୁଟୁମ୍ବକୁ ତାର ମରିବାର କାରଣ କହେ। ଭଲମନ୍ଦ କଥା ହୁଏ। ଏଇ ବିଶ୍ୱାସ ଭିତରେ କନ୍ଧ ଜିଇଁଛି। ଏଥିପାଇଁ କନ୍ଧ ଜାତିରେ ଗୁଣିଗାରେଡି ଉପରେ ଢେର ବିଶ୍ୱାସ। ଦଶା କାମରେ ପେଜୁଣୀ ଭିତରକୁ ଆସି ମରିବାର କାରଣ ପାଇଁ କାହା ନାମ ପ୍ରକାଶ କଲେ କଥା ସରିଲା। ତେଣିକି କନ୍ଧ ରାଇଜରେ ଚହଲ ପଡେ। ନାମ ଧରିଥିବା ଲୋକ ପ୍ରତି ସନ୍ଦେହ ବଢେ। ଗୁଣିଆ ସନ୍ଦେହରେ ଆରମ୍ଭ ହୁଏ ମରାପିଟା। ଏମିତିକି ସେ ଲୋକକୁ ସମସ୍ତେ ମିଶି ମାରି ଦିଅନ୍ତି ନହେଲେ ଲୋକଟି ଗାଁ ଛାଡି ଦୂରକୁ ଚାଲିଯିବାକୁ ବାଧ୍ୟ ହୁଏ।

ଲାମ୍ବରୁକୁ ଦେଖୁ ଦେଖୁ ସିମନି ପଚାରିଲା – କିସ ବୋଇଲା ସାଉକାର। ଦେଲା ନା ନାଇ ତୋତେ ଲେବୁ!

କିଛି କହିଲାନି! ପରେ ଆସିବାକୁ ଖାଲି ହାତ ଦେଖେଇ କହିଦେଲା। ଘାବରାରେ ଥିଲା ଭଳି ଲାଗୁଥିଲା।



ସିମନି ପାଟିରେ ଭାଷା ନଥିଲା ଆଉ। ହାତରେ କାଣି କଉଡି ବି ନାହିଁ। ଏତେବଡ ଦଶା କାମ କରିବ କେମିତି। ପିଲାଟାକୁ ହରଡଘଣାରେ ପକେଇ ପଳେଇଗଲା। କେତେ ଘାଂଟି ହେବ। ହାତକୁ ଦି ହାତ ବି ହେଇନି। ତା ମୁଣ୍ଡରେ ବୋଝ। କନ୍ଧ ରାଇଜରେ ବିଭା ଘରଠାରୁ ମଲାଘର ବେଭାର ବଡ ବିଜାର। ବିଭାରେ ଯାକୁ ଯେତେ ଖେଟିଲା। ସିଏ ସେତିକି ଭୋଜି କଲା। ମଲା ଘରେ ଆଉ ପାରିବା ନପାରିବାର କଥା ନାହିଁ। ଦଶା କରିବାକୁ ପଡିବ। ମାଉଁସ ଭୋଜି କରିବାକୁ ପଡିବ। ଜାତି ଭାଇକୁ ନ ହେଲେ ନାଇଁ କୁଣିଆମଇତ୍ର ଲୋକଙ୍କୁ ଲୁଗା ଖଣ୍ଡେ ଖଣ୍ଡେ ଦେବାକୁ ପଡିବ। ରାତି କଳା ଚାଦର ଟାଣି ଆଣି ଡଂଗର ସାରା ଘୋଡେଇଲା ପରି ତାର ଜୀବନ ଭିତରକୁ ଅନ୍ଧାର ଘୋଟି ଆସିଲା। ସିମନି ନିଜ ଭିତରେ ଘାଂଟି ଚକଟି ହେଉଥିଲା। ସେ କନ୍ଧ ସମାଜକୁ ଜାଣେ। ଅଂଟା ଭିଡି ହାଟବଜାରକୁ ବି ଯାଇଛି। ପଦେ ଅଧେ ବାହାର ଦୁନିଆ କଥା ମଧ୍ୟ ବୁଝିଛି। ପାରିବା ତିର୍ଲା। ସିମନି ଭାବିଲା ଧର୍ମ ଦେବତା କିଛି ଗୁଟେ ବାଟ ଦେଖେଇବ। ଇଷ୍ଟ ଆଲୁଅ ଫିଟେଇବ। ଚିନ୍ତା ଉଡିଯିବ। ସାମ୍ନାରେ ଆଂଠୁ ଭାଂଗି ବସିଥିବା ଲାମ୍ବରୁକୁ କିଛି କହିଲାନି।

କନ୍ଧର ଜାତି ଆଦିବାସୀ। ସିଏ ଯାହା କରେ ସେଇଟା ନିୟମ। ପାଳି ଆସୁଥିବା ନିୟମ ହେଉଛି ତାର ପରଂପରା। ବଣପାହାଡରେ ତାର ଘର। ପ୍ରକୃତି ତାର ଦେବତା। ତଳେ ଧରିତ୍ରୀ ମାତା। ଉପରେ ଧର୍ମ ଦେବତା। ଗାଁରେ ଠାକୁରାଣୀ। ଝାଙ୍କିରୀ ପୀଠ। ମଝିରେ ସେମାନେ। ମାଟି ମାଆକୁ ସେ ହତାଦର କରିନି। ଧର୍ମ ଦେବତା ଦେଖାଇଥିବା ବାଟରୁ ଅବାଟ ହେଇନି। ବର୍ଷ ବର୍ଷ ଧରି କନ୍ଧ ପାଳି ଆସୁଛି ନାନା ପରବ। ଦିଶାରୀ ଓ ପେଜୁଣୀର ବାଣୀ କନ୍ଧ ରାଇଜର ମନ୍ତ୍ର। ସେ ମନ୍ତ୍ର ଅକାଟ୍ୟ। ସିଧା ମାହାପ୍ରୁ କହିଥିବା କଥା। ମାହାପ୍ରୁ ପେଜୁଣୀ ଦ୍ୱାରା ଆସି କନ୍ଧ ରାଇଜରେ ଉଭା ହୁଅନ୍ତି। ଆତଯାତ ହୁଅନ୍ତି। ସେ ମନ୍ତ୍ରରେ ସମସ୍ତେ ଅଭିମନ୍ତ୍ରିତ। ନ ମାନିଲେ ଘୋର ବିପଦ ହେବ। ସବୁ ଅମଂଗଳ ହେବ। ଏଇ ବିଶ୍ୱାସରେ କନ୍ଧ କାଠ, ପଥର, ମାଟି, ପାଣି, ପବନ, ଗଛ, ପାହାଡ, ଫସଲ ସବୁକୁ ପୂଜା କରେ। ମାଳ ଅଂଚଳର ଶାନ୍ତି କାମନା କରେ। କନ୍ଧ ରାଇଜରେ ସବୁ ଏକ। ଦ୍ୱିମତ ନାହିଁ। ଗାଁର ମିଟିଂ ଚାଂଚଡା ପଥର ପିଣ୍ଡାରେ କଥା ଛିଣ୍ଡିଲା ମାନେ ସମସ୍ତେ ମାନିବେ।

ସିମନି ଦେଖିଛି ଦୁନିଆକୁ। ଏଗାଁର ବେଭାର ଜାଣିଛି। କିଏ କେମିତି ଲୋକ ହେଜିଯାଇଛି। ବେଳେବେଳେ ହୁଡୁଚୁଲିଆ ପିଲା ମାଇକିନାକୁ ବସେଇ ବହୁତ କଥା କହେ ଠିକ ଗୋଟେ ଦାର୍ଶନିକ ଭଳି। ସିମନିକୁ ଲାଗେ ତାର ଅଣ୍ଡରା

ବି ଗୋଟେ ଦିଶାରୀ। କେତେ କେତେ କଥା ଜାଣିଛି। ସେ କହେ କନ୍ଧ ରାଇଜର ନିୟମ। ପାଷ୍ଟୁରେ ଇମିତି କିଛି ନଥିଲା କାଳେ ! ଖାଲି ଧର୍ମ ଦେବତା ଥିଲା। ତାପରେ ମାଇ ଓ ଅଣ୍ଡରାକୁ ତିଆରି କଲା। ଅନ୍ଧାରରୁ ଆଲୋକ ହେଲା। ମାଟି କଲା। ପାଣି କଲା। ପାହାଡ, ଗଛପତ୍ର ସବୁ କଲା। ହେଲେ ମାଇ ଓ ଅଣ୍ଡରାକୁ ମାରି ଗୁଡେଇଲା ଡୁମ୍ବା। ଧର୍ମଦେବତା ତାଙ୍କୁ ଶିମିଳି ଗଛର ଡଂଗା ତିଆରି କରି ପାଣିରେ ଅଲଗା ଅଲଗା କରି ଭସେଇ ଦେଲା। ତାଙ୍କୁ ବୁଲେଇ ବୁଲେଇ କେତେ ବର୍ଷ ପରେ ପୁଣି ମିଶେଇଲା। ବିଭା ହେବାକୁ କହିବାରୁ ଦି ଜଣ ଚିହ୍ନି ହେଇଗଲେ। ବଡ ପରପାଟୁ ହୋଇଗଲା। ଏଥର ଧର୍ମ ଦେବତା ଝାଙ୍କିରୀ ମାଆକୁ କଇଲା ଗୁହାରୀ। ଝାଙ୍କିରୀ ମାଆ ବସନ୍ତ ହୋଇ ତାଙ୍କ ଦେହରେ ଚରି ଗଲା। ଆହୁରି ଅଲଗା କରିଦେଲା ଦି ଜଣଙ୍କୁ। କିଛି କାଳ ଉତାରୁ ସେମାନେ ମିଶିଲେ। କିଏ କାହାକୁ ଜାଣିପାରିଲେନି। ସେଠୁ ବଡଁଶ ବଢିଲା। ମଣିଷ ଜାତି ହେଲା। ବିଶ୍ୱାସ, ଏସବୁ ତା ମାହାପ୍ରୁ ଦେଲା। ଏ ମାଟି, ବଣ, ଡଂଗର, ଝୁଲା ଝରଣା, ଗଛବୁରୁଛ ତାର ସବୁ। ସିଠିରୁ ଯୋଉଟା ମିଳୁଛି ସିଟାମଣେ ବି ତାର କା! ସମସ୍ତେ ବାଂଟିକୁଂଟି ଖାଇବା କଥା। ସମସ୍ତଙ୍କର ହେଇ ଚଳୁଥିବା। ମିଳିଲେ ଖାଇବା। ନ ହେଲେ ଉପାସରେ ଶୋଇବା।

କେବେ ହୁଏତ ଇମିତି ଥିଲା କନ୍ଧର ଦୁନିଆ। ଏବେ ଜୀବନ ମନ୍ତ୍ରର ପରିଭାଷା ବଦଳି ଯାଇଛି। ନିଜେ ଜିଇଁ, ଅନ୍ୟକୁ ଜିଆଁଇବାର ପ୍ରେରଣା ନାହିଁ। ସମସ୍ତଙ୍କୁ ସାଥୀ କରି ଆଗେଇ ନେବାର ଉଦବିଘ୍ନତା ନାହିଁ। ସିମନି ଜାଣିଛି ବାହାର ଦୁନିଆ ଭଳି ଅସରନ୍ତି ଆଶା, ଅହଂକାର, ଇର୍ଷା ଓ ଦ୍ୱେଷ ଭରିରହିଛି କନ୍ଧ ଜାତି ଭିତରେ। କିଏ କାହାର ସୁଖକୁ ଦେଖି ପାରୁନି। ସଭ୍ୟ ସମାଜ ପରି ମାନବିକତାର ଦ୍ରୁତ ଅବକ୍ଷୟ କନ୍ଧ ଜାତିକୁ ଏକ ଭିନ୍ନଜଗତକୁ ଟାଣି ନେଇଛି। ସ୍ୱଭାବ ଅଛି। ଭାବ ନାହିଁ। ଜ୍ଞାନ ଅଛି। ଚେତନା ନାହିଁ। ହୃଦୟ ଅଛି। କରୁଣା ନାହିଁ। ମନ ଅଛି, ଅଥଚ ଅନ୍ୟ ପ୍ରତି ସମବେଦନା ନାହିଁ। ଏକଥାକୁ ହୃଦବୋଧ କରିଛି ସିମନି। ଏବେ ତାର ଜୀବନର କାନ୍ଥ ଭାଂଗିଗଲା ପରେ ତାକୁ ଲାଗିଲା ସେ କେଡେ ଅସହାୟ।

**ସମସ୍ତଙ୍କୁ ଜୁହାର ହେଉଛି। ଘରେ ଖାଇବାକୁ କିଛି ନାହିଁ। ବିଲ ବନ୍ଧା ପଡିଛି ସାଉକାର ପାଖରେ। ଆଗକୁ କିସ ଖାଇବୁ ଜାଣିନୁ।**

ଏତିକିବେଳେ ମୁଖିଆ ଆସି ଦୁଆର ମୁହଁରେ ଥିବା ଖଟରେ ବସିଲା। ତାର ସହିତ ଥିଲେ କିଛି ଗାଁ ଭାଇ। ଡାକ ଛାଡିଲା।

ବସିବା ଜାଗାରୁ ଉଠି ବାହାରକୁ ଗଲା ଲାମ୍ବରୁ। ପଛେ ପଛେ ବିଧବା ସିମନି।

ମୁଖିଆ ପଚାରିଲା - ଦଶା ପାଇଁ କିସ ଭାବୁଛୁ।

ଲାମ୍ବରୁ ମୁଣ୍ଡ ପାତି ତୁନି ରହିଲା।

ମୁଖିଆ କହିଲା – ଇମିତି ତୁନି ରହିଲେ ହେବ କି ! କିସ ଗୁଟେ କରି ଗାନ୍ଦିକା ଛିଡେଇବାକୁ ହେବ ତୋତେ। ସାନ ହେଉ କି ବଡ ହେଉ ଦଶା କଲେ ଶୁଦ୍ଧ ହେବ ତମେ।

ସିମନି ସାହସ କରି କହିଲା – ମୁଖିଆ ! ଆମର ବଳ ନାହିଁ। ତୁଇ କିସ ବୋଲୁଛୁ ବୋଲେ।

ମୁଖିଆ ଚମକିଗଲା। ଗାଁ ଭାଇମାନେ ଆଖି ବଡ ବଡ କଲେ। କିଏ କିଛି ଉତ୍ତର ଦେଲେନି।

ସିମନି ପୁଣି କହିଲା – ଗାଁ ଭାଇ ମିଶି ପୁଡେଇ ଦେଲ ସେଥିପାଇଁ ସମସ୍ତଙ୍କୁ ଜୁହାର ହେଉଛି। ଘରେ ଖାଇବାକୁ କିଛି ନାହିଁ। ବିଲ ବନ୍ଧା ପଡିଛି ସାଉକାର ପାଖରେ। ଆଗକୁ କିସ ଖାଇବୁ ଜାଣିନୁ। ଯିଏ ମଲା ସେ କିସ ବୁଝିବ ଏତେ କଥା। କିମିତି ମଲା ଆମର ଜାଣିବାର ନାହିଁ। ଆମ୍ଭ ପାଣି ସରିଗଲା। ଶୁଦ୍ଧ ହୋଇଗଲୁ। ଗାଁ ଲୋକ ଶୁଦ୍ଧ ହୋଇଗଲେ। କୁଣିଆକୁଟୁମ୍ବ ଆମର ଗତି ଜାଣିଛନ୍ତି। ମୋତେ କ୍ଷମା କରିଦେ ମୁଖିଆ ! ଇମିତିରେ ଦଶା ଘର ମୁଇଁ କରିପାରିବିନି।

ସିମନି ନିଜର ଗୁହାରି କରିନି। ବରଂ ସାହସ କରି ଗୋଟେ ବ୍ୟବସ୍ଥା ବିରୋଧରେ ଚାଲାକି କରି କହିଛି। ସେ ଜାଣିଛି ଏତେ ସହଜରେ ଛାଡିବେନି କେହି। ଲୋକଙ୍କୁ ମାଉଁସ ଭାତ, ମଦପାଣି, ଲୁଗାପଟା ଦେଇ ଜୀବନତମାମ ଋଣରେ ଘାଂଟି ହେବା ଠାରୁ ଇମିତିରେ ଲୋକଙ୍କ ସହ ଅପଡ ହୋଇଗଲେ ଯାଏ ଆସେ କେତେ ? ନିଆଁପାଣି ବାଛନ୍ଦ କଲେ ମାଆପୁଅ ଡଂଗରର କୁଡିଆ ଭିତରେ ବଂଚିଯିବେ। ଧର୍ମ ଦେବତା ଦେଖୁଛି। ଧରତି ମାଆ ଶୁଣୁଛି। କାଉ କୋଇଲି ଗଛବୃଛ ସବୁ ତରାଟି ଅନଉଛନ୍ତି। ଏମାନେ କା ସାକ୍ଷୀ। ସିମନି ମନରେ ମନରେ ଭାବି କହିଦେଲା ସବୁକିଛି ଟାଇଁ ଟାଇଁ ହୋଇ। ମୁଖିଆ ଓ ଗାଁ

ଲୋକଙ୍କ ଉତ୍ତରକୁ ଅପେକ୍ଷା କଲା ସେଠୁ ।

ଗାଁ ଲୋକ ତାତି ଗଲେ । ମନ ଇଚ୍ଛା କିସ କିସ କହୁଥିଲେ ସେସବୁ ଶୁଣିବାକୁ ସିମନିର ଆଗ୍ରହ ନଥିଲା । ମୁଖିଆ ପାଟିକୁ ଅନେଇଥିଲା ।

ସମସ୍ତଙ୍କୁ ଶାନ୍ତ କରି ଘଟଣାରେ ଗାର ଟାଣିବା ଲାଗି ଜବାବ ରଖିଲା ଗାଁ ମୁଖିଆ । ମୁଖିଆ ଭାବେ ଗାଁର ଭଲମନ୍ଦ ବୁଝିବା ତାର କାମ । ତାକୁ ହିଁ କିଛି ଗୁଟେ କରିବାକୁ ପଡିବ । ଏ କଥା ମୁଖିଆ ବୁଝିଯାଇଛି ।

> **ତାର ଦଶା ଶୁଦ୍ଧ ଘର ହେବରେ । ମୁଇ କରିବି ସବୁ ଖର୍ଚ୍ଚବାର୍ଚ୍ଚ ।**


ସମସ୍ତଙ୍କୁ ଚମକେଇ ଦେଇ ମୁଖିଆ କହିଲା – କି ପାଇଁରେ ଏତେ ହଟାପାଟି ହେଉଛ । ତମ କଥା ରହିବ । ତାର ଦଶା ଶୁଦ୍ଧ ଘର ହେବରେ । ମୁଇ କରିବି ସବୁ ଖର୍ଚ୍ଚବାର୍ଚ୍ଚ । ତାର ପାଖେ ଲେବୁ ନାଇଁ ବୋଲି ସେ କହିଦେଲା ଆମକୁ । ଗାଁ ଭାଇ ହୋଇ ଆମର ସେତିକି ପୁଚି ନାଇଁ କି ! ଦେବତା ତିଆରି କରିଥିବା ପରଂପରାକୁ ଆମେ ଇମିତିରେ ଭାଂଗି ଦେବା କି ? ଆମେ ପରା ଆଦିବାସୀ । ହୁଡୁଚୁଲିଆ ମିଶା ଥିଲା ଆମ ଜାତି ଭାଇ । ସିଏ ମରିଗଲା ବୋଲି ସରିଗଲା କି ! ତାର ପିଲାକୁଟୁମ୍ବର ବାଧା ଆମର ବାଧା ନାଇଁ କି !

ଗାଁ ଭାଇ ତୁନି ପଡିଗଲେ । କଥା ଛିଣ୍ଡେଇ ମୁଖିଆ ଉଠି ଚାଲିଗଲା । ଗାଁ ଲୋକ ବି ଚାଲିଗଲେ । ମୁଣ୍ଡିଆ ମାରି କୃତଜ୍ଞତା ଜଣାଇବାକୁ ବି ସୁଯୋଗ ଦେଲାନି ମୁଖିଆ । ତାଟକା ହୋଇଗଲା ସିମନି । ନିଜେ ପୁଚି ପଡିଗଲା ମୁଖିଆ ! ତାର ଉଦାର ହୃଦୟ ପାଇଁ ପଛରୁ ଜୁହାର ହେଲେ ମାଆ ଓ ପୁଅ । ଇଷ୍ଟ ପାଖରେ ମୁଣ୍ଡିଆ ମାରିଲା ସିମନି । ଦେବତା ଉପରେ ତାର ବିଶ୍ୱାସ ଥିଲା ଆଗରୁ । ଆଉ ସତକୁ ସତ ଇଷ୍ଟ ଆଲୁଅ ଫିଟେଇ ଦେଲା । ଧର୍ମ ଦେବତା ବାଟ ଦେଖେଇଲା । ଝରିଗଲା ମାଆ ଓ ପୁଅ ଆଖିରୁ ଲୁହ । ହୁଡୁଚୁଲିଆ ଉପରେ ଥାଇ ଦେଖୁଥିବ । ମଲା ପରେ ସେ ପରା ଦେବତା ହୋଇଯାଇଥିବ !

□□

ଲେଖକଙ୍କ ଇ-ମେଲ ଠିକଣା:
dwitisahu@gmail.com

ଧାରା ଶ୍ରୀରାଧା ଟ୍ରଷ୍ଟର ଏକ ଅନବଦ୍ୟ ପ୍ରକାଶନ




ଧାରା ଶ୍ରୀରାଧା

କବି – ମଙ୍ଗଳାପ୍ରସାଦ ପ୍ରଧାନ

DHARA SHREE RADHA TRUST Regd. No.: 41081705388 Bhubaneswar, Odisha

DHARA SHREE RADHA TRUST
(A Literary & Cultural Organisation)
Email - dharashreeradha2017@gmail.com

ଧାରାବାହିକ ପ୍ରବନ୍ଧ

# ମଧ୍ୟଯୁଗୀୟ କବି ନରସିଂହ ସେଣଙ୍କ କାବ୍ୟ ପ୍ରତିଭା



ଡ. ଅଶୋକ କୁମାର ପଣ୍ଡା

ସଂସ୍କୃତରେ ଗୋଟିଏ କଥା ଅଛି 'ନମ୍ରନ୍ତି ଫଳିନୋ ବୃକ୍ଷାଃ', ନମ୍ରନ୍ତି ଶୁଣିନୋ ଜନାଃ'। ଫଳର ପ୍ରାଚୁର୍ଯ୍ୟ ହେତୁ ବୃକ୍ଷ ନମ୍ର ହୋଇଯାଏ ଏବଂ ଗୁଣର ବାହୁଲ୍ୟ ହେତୁ ଲୋକ ନମ୍ର ହୁଏ। ସହନଶୀଳତା, ଗର୍ବଶୂନ୍ୟତା, ମହାନୁଭବତା ପ୍ରଭୃତି ସଦ୍‌ଗୁଣାବଳୀକୁ ଆୟତ୍ତ କରିବା କ୍ଷୁଦ୍ରବୁଦ୍ଧି ମାନବ ପକ୍ଷରେ ସମ୍ଭବପର ନୁହେଁ। ପାଣ୍ଡିତ୍ୟ, ପ୍ରତିଭା ଓ ବିଦ୍‌ବତ୍ତାର ସମୁଚ୍ଚ ଶିଖରକୁ ନ ଉଠିଲେ ମାନବ ଏସବୁ ଗୁଣର ଅଧିକାରୀ ହୋଇପାରେ ନାହିଁ। କବି ମାତ୍ରେ ହିଁ ପ୍ରତିଭାବାନ୍, ବହୁଶାସ୍ତ୍ରଦର୍ଶୀ, ଗୁଣଗ୍ରାହୀ, ରସିକ ଓ ପଣ୍ଡିତ। ତେଣୁ କବି ଧୀର ବିନମ୍ର ହେବା ସ୍ୱାଭାବିକ। ଏହି ନମ୍ରତା ଗୁଣକୁ କାବ୍ୟର ବିଷୟବସ୍ତୁ ଆରମ୍ଭ କରିବା ପୂର୍ବରୁ ପ୍ରଖ୍ୟାପନ କରିଥାଏ।




'ରାମବିଭା', 'କଳ୍ପଲତା'ର କବି ଅର୍ଜୁନ ଦାସ, 'ଚାଟ ଇଚ୍ଛାବତୀ'ର କବି ଦନାଇ ଦାସ, 'ଭାଷାଭିଳାଷ'ର କବି ଶିଶୁଶଙ୍କର ଦାସ, 'ରୁକ୍ମଣୀ ବିଭା'ର କବି କାର୍ତ୍ତିକ ଦାସ ଓ 'ଶଶିସେଣା'ର କବି ପ୍ରତାପ ରାୟ ପ୍ରଭୃତି କବି ନରସିଂହ ସେଣଙ୍କ ଜୀବନ କାଳ ମଧ୍ୟରେ ଆବିର୍ଭୂତ ହୋଇଥିଲେ ମଧ ଏହି ଗ୍ରନ୍ଥଗୁଡ଼ିକ ମଧ୍ୟରୁ କିଏ ଆଗ ଓ କିଏ ପଛରେ ରଚିତ ହୋଇଥିଲା ତାହା ନିର୍ଣ୍ଣିତ ହୋଇପାରିନାହିଁ। କିନ୍ତୁ ଉତ୍କଳର ଗୌରବମୟ ହିନ୍ଦୁ ରାଜତ୍ୱର ଅବସାନ (୧୫୬୮) ଖ୍ରୀଷ୍ଟାବ୍ଦ ପୂର୍ବରୁ ରଚିତ ଏ ସମସ୍ତ କାବ୍ୟ ମଧ୍ୟରେ କଥାବସ୍ତୁର ଚମତ୍କାରୀତା, ଉଦବୋଚ୍ଛ୍ୱାସ, ଭାଷାର ସରଳତା ଓ ଲାଳିତ୍ୟ, ରଚନା ଶୈଳୀର ବୈଶିଷ୍ଟ୍ୟ ଓ ବର୍ଣ୍ଣନା ଚାତୁରୀର ଚିତ୍ତାକର୍ଷକତା ଦୃଷ୍ଟିରୁ 'ପରିମଳା' କାବ୍ୟ ସର୍ବୋଚ୍ଚ ସ୍ଥାନ ଅଧିକାର କରିବା ପାଇଁ ଯୋଗ୍ୟ ହୋଇପାରିଛି।

କବି ନରସିଂହ ସେଣଙ୍କ 'ପରିମଳ' କାବ୍ୟ ଷୋଡ଼ଶ ଶତାବ୍ଦୀରେ ରଚିତ ଆଖ୍ୟାୟିକା କାବ୍ୟମାନଙ୍କ ମଧ୍ୟରେ ବୃହତ୍ତମ। ଚବିଶି ଛାନ୍ଦ ବିଶିଷ୍ଟ ଏହି ସୁଦୀର୍ଘ କାବ୍ୟଟି ଆଳଙ୍କାରିକ ବର୍ଣ୍ଣନା ଶୈଳୀରେ ରଚିତ ହୋଇଛି। କାବ୍ୟର ବିଂଶ ଛାନ୍ଦରେ କବି ପ୍ରକାଶ କରିଛନ୍ତି –

"ବଦସି ରମଣୀୟ ମିଷ୍ଟ ତପନସେଣ
ଭଣନ୍ତି ତାହା ପୁତ୍ର ନରସିଂହ ସେଣ।"

ଏଠାରେ କବିଙ୍କ କାଳ ନିରୂପଣ ସମ୍ଭବ ହୋଇପାରିଛି। 'ପରିମଳା' କାବ୍ୟର ଭୂମିକାରେ କେଦାରନାଥ ମହାପାତ୍ରଙ୍କ ଆଲୋଚନା ଅନୁଯାୟୀ, ତପନ ସେଣ, ସୂର୍ଯ୍ୟବଂଶୀ ସମ୍ରାଟ ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜସଭାରେ ଜଣେ ପ୍ରସିଦ୍ଧ କବି ଓ ବୈଦ୍ୟ ଥିଲେ। ଏହା ତାଙ୍କର ପୌତ୍ର ଆୟୁର୍ବେଦ ବିଶାରଦ ବିଶ୍ୱନାଥ ସେଣଙ୍କ "ପଥ୍ୟାପଥ୍ୟ ବିନିଶ୍ଚୟ" ଗ୍ରନ୍ଥରେ ସୂଚିତ ହୋଇଅଛି। ଯଥା–

"ବିଦ୍ୱଦ୍‌ଭର୍ତ୍ତୁରୁମାପତେଃ ପରିଲସତ୍‌କୀର୍ତ୍ତେଃ ପ୍ରପୌତ୍ରସ୍ତତଃ
ପୌତ୍ରଃ ଶ୍ରୀତପନସ୍ୟ ସତ୍‌କବିମଣେଃ ସଦ୍‌ବୈଦ୍ୟ ଚୂଡ଼ାମଣେଃ।
ଗୌରୀ ଶ୍ରୀନରସିଂହସେଣତନୟୋ ନିଃଶେଷତନ୍ତ୍ରୋଦ୍ଧୃତଂ
ପଥ୍ୟାପଥ୍ୟବିନିଶ୍ଚୟଂ ବ୍ୟତନୁତ ଶ୍ରୀବିଶ୍ୱନାଥଃ ସୁଧୀଃ।"

**କାଳନିର୍ଣ୍ଣୟ**

ଏଠାରେ ଉପରୋକ୍ତ ପଙ୍‌କ୍ତିରୁ ଜଣାଯାଏ ଯେ ବିଶ୍ୱନାଥ ସେଣ ଉମାପତି ସେଣଙ୍କ ପ୍ରପୌତ୍ର 'ସତ୍‌କବିମଣି' ଓ 'ସଦ୍‌ବେଦ୍ୟ ଚୂଡ଼ାମଣି' ତପନ ସେଣଙ୍କ ପୌତ୍ର ନରସିଂହ ସେଣଙ୍କ ପୁତ୍ର ଥିବା ସ୍ପଷ୍ଟ ସୂଚିତ ହୁଏ। ପ୍ରତାପ ସୂର୍ଯ୍ୟବଂଶର ଶେଷ ସମ୍ରାଟ ଓ ଖ୍ରୀ:ଅ: ୧୫୦୪ ରୁ ଖ୍ରୀ:ଅ; ୧୫୩୨ ପର୍ଯ୍ୟନ୍ତ ତାଙ୍କ ରାଜତ୍ୱକାଳ ଥିଲା। ବିଶ୍ୱନାଥଙ୍କ ପିତାମହ ତପନ

ସେଣ ପ୍ରତାପରୁଦ୍ରଙ୍କ ସମସାମୟିକ ଥିବାରୁ ତାଙ୍କ ପୁତ୍ର ନରସିଂହ ସେଣଙ୍କୁ ଷୋଡଶ ଶତାବ୍ଦୀର ତୃତୀୟ ପାଦର ବୋଲି ଧରି ନିଆଯାଇପାରେ।

କବି ନରସିଂହ ସେଣ ଏକ ସୁଖ୍ୟାତ ସଂସ୍କୃତ ପଣ୍ଡିତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ସ୍ୱପିତା ଓ ପୁତ୍ରଙ୍କ ପରି ସଂସ୍କୃତରେ ଗ୍ରନ୍ଥ ରଚନା ନ କରି ତାଙ୍କ ସମୟରେ ଦେଶ ଭାଷାରେ ଲିଖିତ ରଚନାବଳୀ ସମାଜରେ ପାଠକମାନଙ୍କ ନିକଟରେ ଆଦୃତ ଓ ଲୋକପ୍ରିୟତା ଲାଭ କରୁଥିବାରୁ ସେ ଦେଶୀୟ ଭାଷାରେ କାବ୍ୟ ରଚନା କରିବା ପାଇଁ ମନ ବଳାଇଥିଲେ। କବିଙ୍କ ଭାଷାରେ-

"ଦେଶ ଭାଷାରେ ମୁଁ ଗୀତ ରଞ୍ଜିଲଇଁ ସବୁଙ୍କର ବୁଝିବା ପାଇଁ,
ଯେଥକୁ ମନ୍ଦ ବୋଲି କେହି ନ ବୋଲିବ ଦୋଷ ମୋର କିଛି ନାହିଁ।
ଯେଥୁ ଭାବରସ ସୁଜନେ ଶୁଣିମ ଭାଷାରେ କାର୍ଯ୍ୟ କିସ
ପଣସ ଉପରେ କଣ୍ଟକ ଭିତରେ ପୂରିତ ଅମୃତ ରସ।"

(ସପ୍ତମ ଛାନ୍ଦ)

**ଏହି କାବ୍ୟରେ କବି ନିଜକୁ 'ରସିକବନ୍ଧୁ', ରସାମୋଦୀ ବା ରସଗ୍ରାହୀ ପାଠକମାନଙ୍କୁ 'ରସିକଧନ' ରୂପେ ମୁକ୍ତ କଣ୍ଠରେ ଘୋଷଣା କରିଛନ୍ତି।**

କବି ନରସିଂହ ସେଣଙ୍କ ପରିମଳା କାବ୍ୟ ପୂର୍ବରୁ କେତେକ ଆଖ୍ୟାୟିକା କାବ୍ୟ ରଚିତ ହୋଇଥିଲା। ସେହି କାବ୍ୟଗୁଡ଼ିକ ପରକୀୟା ତତ୍ତ୍ୱରୁ ମୁକ୍ତ ଥିବାରୁ ରସ ବା ଶୃଙ୍ଗାରର ଅଭିବ୍ୟକ୍ତି ସେଥିରେ ବିଶେଷ ଭାବରେ ପରିଲକ୍ଷିତ ହୁଏ ନାହିଁ। କାବ୍ୟରେ ରସ ବା ରସିକର ଆବାହନ ନାହିଁ। 'ପରିମଳା' କାବ୍ୟରେ ଆଦିରସ ବା ଶୃଙ୍ଗାର ରସର ବ୍ୟଂଜନା ଅବାରିତ। କାବ୍ୟରେ ଶୃଙ୍ଗାର ରସର ପ୍ରାବଲ୍ୟ ହେତୁ କାବ୍ୟରେ କବି ନିଜକୁ 'ରସିକବନ୍ଧୁ' ରସାମୋଦୀ ବା ରସଗ୍ରାହୀ ପାଠକମାନଙ୍କୁ 'ରସିକଧନ' ରୂପେ ମୁକ୍ତ କଣ୍ଠରେ ଘୋଷଣା କରିଛନ୍ତି। କବିଙ୍କ ରଚନାରେ -

ହୃଦୟ ଉଲ୍ଲାସ ନାମ ଯେ ଦଶମ ଛାନ୍ଦ,
ରସିକ ପୁରୁଷେ ଶୁଣି ହୋଇବେ ଆନନ୍ଦ ।୧୫୦।
ପୃଥ୍ୱୀରେ ହୋଇବେ ଯୋ ଶୁଣିଣ ହରଷ
ଭାବିଲେ ଭାବିବ ଜଣେ ଯେ ସାରରସ ।୧୫୧।
ଯେମନ୍ତ ଶୃଙ୍ଗାର ରସ ଜାଣଇ ସୁନ୍ଦର
ତାହାକୁ ସେ ବୋଲି ହାଦେ ସୁବୋଧ ନାଗର ।୧୫୨।
ଯେହୁ ଭାବ ନ ଜାଣଇ ପୁରୁଷ ଯେବତା
ସୁରତି କରାଇ ସେହୁ ଛାଗଳ ଯୋସନ ।୧୫୩।

(ଦଶମଛାନ୍ଦ)

## ଅପେକ୍ଷାକୃତ ଜଟିଳ

ପରିମଳା କାବ୍ୟର କାହାଣୀ ବା ଗଳ୍ପାଂଶ ପୂର୍ବୋକ୍ତ କାବ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଜଟିଳ। ଗନ୍ଧର୍ବ ଚିତ୍ରରଥ ଓ ରାଜପୁତ୍ର ମକର କେତୁ ଉଭୟଙ୍କ ସହିତ ପରିମଳାର ପ୍ରଣୟ। ପୁଣି ପରିମଳା ପାଇଁ ଚିତ୍ରରଥ ଓ ମକରକେତୁଙ୍କ ମଧ୍ୟରେ ପ୍ରତିଯୋଗିତା; ଦେବରାଜ ଇନ୍ଦ୍ରଙ୍କ କୁଟିଳ ଇଙ୍ଗିତରେ ପରିମଳା ଓ ମକରକେତୁ ମଧ୍ୟରେ ବିଚ୍ଛେଦ, ମକର କେତୁର ସିଂହଳଯାତ୍ରା, ସେଠାରେ ବାଳଗୋପାଳ ମନ୍ତ୍ରରେ ଶ୍ରୀକୃଷ୍ଣଙ୍କ ଠାରୁ ମନ୍ତ୍ରସିଦ୍ଧିଲାଭ। ସେହି ବିଭୂତି ବଳରେ ସ୍ୱର୍ଗରେ ପରିମଳା ସହିତ ମିଳନ ଓ ପରିଶେଷରେ ମକର କେତୁର ବୀଣାବାଦନରେ ତୁଷ୍ଟ ହୋଇ ଇନ୍ଦ୍ରଙ୍କ ଆଦେଶରେ ପରିମଳା ଓ ମକର କେତୁଙ୍କ ମର୍ତ୍ତ୍ୟ ପ୍ରତ୍ୟାବର୍ତ୍ତନ ଓ ଦାମ୍ପତ୍ୟମିଳନ ଏହି ଆଖ୍ୟାୟିକା କାବ୍ୟର ମୁଖ୍ୟ ବିଷୟବସ୍ତୁ।


କାବ୍ୟ ମଧ୍ୟରେ କବି ନିଜର ପାଣ୍ଡିତ୍ୟ ତଥା ପ୍ରତିଭା ବଳରେ କେତୋଟି ସ୍ୱତନ୍ତ୍ର ବୈଚିତ୍ର୍ୟ ପ୍ରଦାନ କରିଯାଇଛନ୍ତି। କାବ୍ୟରେ ୨୪ ଗୋଟି ଛାନ୍ଦରେ ବିଭିନ୍ନ ରାଗ, ଦଶ ଓ ବାଣୀର ପ୍ରୟୋଗ କରିଛନ୍ତି। ସେଗୁଡିକ ହେଲା- ମାଳବ, ମାଳବ ଗୌଡା, ଦାମୋଦର ବାଣୀ, ଭାଗଧନାଶ୍ରୀ ଭଜନ ବାଣୀ, ରାଗଦବିକ ସଙ୍ଗମ ତିଆରି ବାଣୀ, ଦଶମଙ୍ଗଳା ବାଡ ମୁନିବର ବାଣୀ, ବସନ୍ତ ଉତ୍ସବର ରାଗ, ଆଜି ବିଭିନ୍ନ ରାଗ ରାଗିଣୀ ଦିଗ ଓ ବାଣୀର ପ୍ରୟୋଗ କରିଛନ୍ତି। ଗଜପତି ପୁରୁଷୋତ୍ତମ ଦେବଙ୍କ (୧୪୬୬-୧୪୯୭) ଦ୍ୱାରା ରଚିତ 'ଅଭିନ ଗୀତ ଗୋବିନ୍ଦ ମହାକାବ୍ୟମ୍' ଏବଂ ତାଙ୍କର ସଭା କବି କବିଚନ୍ଦ୍ର ରାୟ ଦିବାକର ମିଶ୍ର କୃତ 'ଭାରତାମୃତ ମହାକାବ୍ୟମ୍'ର ପ୍ରତ୍ୟେକ ସର୍ଗ ଶେଷର ପୁଷ୍ପିକାରେ ସର୍ଗର ନାମ ରଚିତ ହୋଇଥିବାର ଦେଖାଯାଏ। ଏହି ଆଦର୍ଶ ଦ୍ୱାରା ପ୍ରଭାବିତ ହୋଇ ସ୍ୱୀୟ ବୁଦ୍ଧିମତ୍ତା ପରିଚୟ ହୋଇ ପ୍ରତିଛାନ୍ଦର ଶେଷରେ କବି ନାମ ସୂଚକ ପୁଷ୍ପିକା ନ ଦେଇ ପ୍ରଥମ ଛାନ୍ଦ ବ୍ୟତୀତ ଅନ୍ୟ ସମସ୍ତ ଛାନ୍ଦର ଶେଷ ପଦରେ ଏହାର ନାମ ଉଲ୍ଲେଖ କରିବା

ଦ୍ୱାରା ନିଜ ଗ୍ରନ୍ଥର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି। ଛାନ୍ଦର ନାମ ଯଥା- କନ୍ୟାଭଦେ, ପୁଷ୍ପବତୀ, ରସପୂରିତ, ରସରହସ୍ୟ, ରସଉଲ୍ଲାସ, ଆଶାବନ୍ଧ, ବିରହ ଆକୁଳ, ମଦନପୂଜା, ଅନଙ୍ଗ ଆତୁର ଆଦି ବିଭିନ୍ନ ନାମରେ ନାମିତ କରିଛନ୍ତି। କବିଙ୍କ ବର୍ଣ୍ଣନାରେ ତାହା-

"ପରିମଳା ବତୀର ଗୀତ କହୁ କନ୍ୟା ଭଦେ ବେନିଛାନ୍ଦ
ଶ୍ରୀକୃଷ୍ଣ ପରିଚାର ରଖିଲେ ଦୟାକର ବାଳ ମୁକୁନ୍ଦ।"।୭୧।
(ଦ୍ୱିତୀୟ ଛାନ୍ଦ)

"ରସ ସେ ପୂରିତ ଯେହୁ ଚତୁର୍ଥ ଛାନ୍ଦ
ରସିକ ଦନେ ଶୁରିଣ ହୋଇବ ଆନନ୍ଦ।" ।୮୮।
(ଚତୁର୍ଥ ଛାନ୍ଦ)

"ଶୁଣ ହେ ସୁଦନେ ବିଚାରି ହେ
ମନେ ନ ଧରିକ ମୋହର ଦୋଷ।
ପରିମଳା ରସ ରହସ୍ୟାଛାନ୍ଦ
ରସିକଜନ ସନ୍ତୋଷ।" ୫୪
(ନବମଛାନ୍ଦ)


ପରିମଳା

( ପ୍ରାଚୀନ ଓଡ଼ିଆ କାବ୍ୟ )

କବି-ନରସିଂହ ସେଣ

( ଅ. ୧୬୩୦-୧୬୮୦ ଖ୍ରୀଷ୍ଟାବ୍ଦ )

ସଂପାଦକ:—

ଶ୍ରୀ କେଦାରନାଥ ମହାପାତ୍ର ବ. ଏ. (ଅନର୍ସ) ଡ଼. ଲିଟ୍.

ସଂରକ୍ଷକ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ

କବି 'ଗୋପ ଯୁବତୀ ଜନ ମନୋହାରୀ' ଶ୍ରୀକୃଷ୍ଣଙ୍କ ସ୍ତୁତିଗାନ ପୂର୍ବକ ସେ ଗ୍ରନ୍ଥର ବିଷୟବସ୍ତୁ ଆରମ୍ଭ କରିଛନ୍ତି। ଏବଂ ଶ୍ରୀକୃଷ୍ଣଙ୍କ ପାଦ ପଦ୍ମରେ ପ୍ରଣାମ କରି କାବ୍ୟର ପ୍ରାୟ ଛାନ୍ଦ ଗୁଡ଼ିକୁ ଶେଷ କରିଛନ୍ତି। ସ୍ୱୀୟ ଗ୍ରନ୍ତର କେତେକ ଛାନ୍ଦର ଶେଷ ପଦରେ ଶ୍ରୀଜଗନ୍ନାଥଙ୍କୁ ଗୋପୀବଲ୍ଲଭ ଶ୍ରୀକୃଷ୍ଣ ରୂପରେ ପ୍ରାର୍ଥନା କରିଛନ୍ତି। ଯଥା-

"ନୀଳଗିରିପତି ଦେବ ହରିଚରଣେ
ନୃସିଂହ ସେଣ ସେ କୃଷ୍ଣ କରି ସ୍ମରଣେ।"
(ଚତୁର୍ଥ ସ୍ଥାନ / ୮୭)

## ଆଦିରସର ଉତ୍କଟତା

କାବ୍ୟର ତୃତୀୟ ଛାନ୍ଦରେ ନାୟିକା ପରିମଳାର ନବ ଯୌବନ ଲାଭ ବର୍ଣ୍ଣନା ଆଦି ରସର ଉତ୍କଟତାରେ ସମସ୍ତ ପରିମିତବୋଧ ଓ ସଂଯତ ସୀମା ଲଂଘନ କରିଅଛି। ସଂସ୍କୃତ କାବ୍ୟରୀତିର ପ୍ରଭାବ ଓ ଗୌଡୀୟ ବୈଷ୍ଣବ ରସତତ୍ତ୍ୱର ପରିଣତି ରୂପେ ଏହାକୁ ଗ୍ରହଣ କରାଯାଇପାରେ। ପ୍ରତ୍ୟେକ ସୌନ୍ଦର୍ଯ୍ୟ ପରି କାବ୍ୟ ସୁଷମା ମଧ୍ୟ ଆବ୍ରୁହୀନ ପରିପ୍ରକାଶ ମଧ୍ୟରେ ପ୍ରକାଶିତ ନ ହୋଇ ଇଙ୍ଗିତପୂର୍ଣ୍ଣ ରଚନା ମଧ୍ୟରେ ହିଁ ଅଧିକ ପ୍ରକାଶିତ ହୋଇଥାଏ। ଅପରପକ୍ଷରେ ଆଦିରସର ଅସଂଯତ ଓ ଉତ୍କଟତା ବିଭତ୍ସ ରସରେ ପର୍ଯ୍ୟବେଷିତ ହୋଇପଡେ। ଏହି ପରମ୍ପରା ପୂର୍ବୋକ୍ତ କାବ୍ୟମାନଙ୍କରେ ଦେଖିବାକୁ ମିଳେ ନାହିଁ। ସଂସ୍କୃତ ପରିବେଶ ମଧ୍ୟରେ କବି ନରସିଂହ ସେଣଙ୍କ 'ପରିମଳା' କାବ୍ୟରେ ତାହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ। କାବ୍ୟର ତୃତୀୟ ଛାନ୍ଦରେ ବର୍ଣ୍ଣିତ ନାୟିକା ପରିମଳା ପୁଷ୍ପବତୀ ହେବା ପ୍ରସଙ୍ଗରେ-

"ବେଢ଼ିଲେ ମଧୁକର ଯହୁଁ ବାସ ଫେଢ଼ିଣ ଦେଖିଲେ ତହୁଁ
ଭୃଙ୍ଗ ଭୟରେ ଦୈଡିଲା ବାସ ମତ୍ତ ହୋଇ କେତକୀ ଉଲ୍ଲାସ।"

କବିର ଲେଖନୀ କେବଳ 'ବାସ ଫେଢ଼ିବାରେ" ତୁଷ୍ଟ ନ ରହି ରଜୋବତୀ ପରିମଳାର ବସନରେ 'ରକ୍ତବୋଳା' ମଧ୍ୟ ବର୍ଣ୍ଣନା କରାଯାଇଅଛି। ଯଥା-

"ସର୍ବସଖୀ ଯେକ ହୋଇ,
ବେଢ଼ିଲେ କନ୍ୟାକୁ ଯାଇଂ।
କେବଣ ତହିଁ ତରୁଣୀ, ପରିହାସେ
ବୋଲେ ବାଣୀ।୧୭।
ତାହା ଶୁଣି ବୋଲେ ବାଳୀ, କିମ୍ପା
ତୁମ୍ଭେ ଭିଆଅ ମେଳି।
ମିଛେ ହେ ନକର ଗୋଳ, ଲାଗିଅଛି ତାମ୍ବୋଳ
ବୋଳ।୧୮।

ସଂସ୍କୃତ ଓ ପ୍ରାକୃତ କାବ୍ୟରୀତି ଅନୁସରଣରେ 'ପରିମଳା' କାବ୍ୟର ନାୟକ ଓ ନାୟିକାଙ୍କ ମଧ୍ୟରେ ଶୃଙ୍ଗାର ରସର ବାହୁଲ୍ୟ ପରିଦୃଷ୍ଟ ହୋଇଥାଏ। ଏହାର ଶାରୀରିକ ବର୍ଣ୍ଣନା କିନ୍ତୁ ଅନେକ ସ୍ଥାନରେ ଆଦିରସ ପରିବର୍ତ୍ତେ ବିଭତ୍ସ ରସର ଅବତାରଣା କରିଅଛି। କବିଙ୍କ ଭାଷାରେ-

"ବହନ ଲିଭିଲା ସେହୁ ନାଭିସର ତୀରେ
ନିତମ୍ବ ଚକ୍ର ଅଛି ତାହାର କିତିରେ ।୭୯।
X X X ଜଘନ ବେଦିରେ ତଳେ ସଙ୍ଗୁଳା ସାରି
ଥୋଇଅଛି ହେମପାତ୍ର ଊର୍ଦ୍ଧ୍ୱମୁଖ କରି ।୮୧।
(ଦଶମଛାନ୍ଦ)

ସାହିତ୍ୟ ମଧ୍ୟରେ ଜୀବନକୁ ବ୍ୟାଖ୍ୟା ଓ ବିଶ୍ଳେଷଣ

କରାଯାଇପାରେ। ସାମାଜିକ ଜୀବନରେ ଯୌନ ସଂପର୍କର ଆବଶ୍ୟକତା ରହିଛି। ସାହିତ୍ୟରେ ମଧ୍ୟ ନାୟକ ଓ ନାୟିକାଙ୍କ ପାଖରେ ଏହି ସଂପର୍କର ଅଲଂଘନୀୟ ସ୍ଥାନ ରହିଅଛି। ପ୍ରେମ ପାଶରେ ଆବଦ୍ଧ ରତିବନ୍ଧ ନାୟକ ନାୟିକାଙ୍କ ରୂପ କଳା କୁଶଳତାରେ ରସୋତ୍ତୀର୍ଣ୍ଣ ଅନାବିଳ ସୌନ୍ଦର୍ଯ୍ୟର ପ୍ରତିଲିପି ଦୃଷ୍ଟିଗୋଚର ହୁଏ। ମନ୍ଦିର ଗାତ୍ରରେ ଶାଳଭଞ୍ଜିକାର ଯେଉଁ ଅନାବରଣ ସ୍ତନ ଦର୍ଶକର ଚିତ୍ତଭୂମିରେ ଶାନ୍ତ ସୌନ୍ଦର୍ଯ୍ୟର ସୁଷମା ପ୍ରସାରିତ କରେ, ଅକୁଣ୍ଠିତ ସ୍ୱୈରିଣୀର ଉଲ୍ଲଙ୍ଗ ବକ୍ଷଦେଶ ସେହି ଦର୍ଶକର ଭାବନାକୁ ଅଶ୍ଳୀଳ କାମପ୍ରବଣତାରେ ପୀଡ଼ିତ ମଧ୍ୟ କରିପାରେ। ତେଣୁ ଆଦିରସ ଓ କାମ ଭାବନା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ବଳୟ ରହିବା ଆବଶ୍ୟକ। ଆଦିରସ ସମୟକ୍ରମେ ଉତ୍କଟ ଶୃଙ୍ଗାର ରସରେ ପରିଣତ ହୋଇ କାବ୍ୟରେ ପ୍ରତିଫଳିତ ହେଲା।

'ପରିମଳା' କାବ୍ୟ ରତି ବର୍ଣ୍ଣନାରେ ପରିପୂର୍ଣ୍ଣ। ରତି ବର୍ଣ୍ଣନା ଏପରି ମାତ୍ରାରେ ହୋଇଛି ଯେ ତାହା କାବ୍ୟିକ ସୌନ୍ଦର୍ଯ୍ୟକୁ ସମୃଦ୍ଧ କରିନାହିଁ। କାବ୍ୟରେ ଆଦି ରସର ରସାଭାସ ପରିବେର୍ତ୍ତ ମୈଥୁନର ଅଶ୍ଳୀଳ ବିଭତ୍ସ ରସ ସୃଷ୍ଟି ସୃଷ୍ଟି କରିଅଛି। ଏପରି ବର୍ଣ୍ଣନା କବିଙ୍କ ରଚନାରେ–

"ହୁଙ୍କାର ଶବଦ ବାଳୀ ଛାଡେ ଘନ ଘନ
ମଦନ ମୋହରେ ପଡି ବୁଡିଲା ଜ୍ଞାନ। ।୧୧୨।
ଅପ୍ରମିତ ଶ୍ରମ କରି ମୁଖୁ ଝାଳ ଜାତ
କୁମର ହୃଦୟରେ ଆସି ପଡ଼ିଲା ତୁରିତ । ।୧୧୩।
ମକ୍ରକେତୁ ହୃଦୟରେ ଯେ କାମ ଅଗ୍ନିଥିଲା
ସ୍ୱେଦ ପଡ଼ିବା ମାତ୍ରକେ ବେଗେ ଜଳିଗଲା। ।୧୧୪।
ରୋମାଞ୍ଚିତ ମୁଖ ଖର ନିଶୁଆସ ବାଳା
ହୁଂ ହୁଂ ହୁଂ ହୁଂ ବୋଲି ବକ୍ଷ ସ୍ଥଳରେ ପଡିଲା।
(ଦଶମ ଛାନ୍ଦ)

## କାବ୍ୟରେ ପ୍ରକୃତି ବର୍ଣ୍ଣନା

କବି ନରସିଂହ ସେଣଙ୍କ ପୂର୍ବ କବିମାନେ କାବ୍ୟରେ ପ୍ରକୃତି ବର୍ଣ୍ଣନା ବିଶେଷ ଭାବରେ କରିନାହାନ୍ତି। ଅନନ୍ତ ସୁଷମାର ଭଣ୍ଡାର ପ୍ରକୃତି ରାଜ୍ୟରେ ଥିଲେ ମଧ୍ୟ ପ୍ରଥମ ଥର ପାଇଁ 'ପରିମଳା' କାବ୍ୟରେ କବି ଓ ପାଠକର ଦୃଷ୍ଟି କାବ୍ୟ ଲକ୍ଷ୍ମୀଙ୍କ କମଳବନ ପ୍ରତି ଆକୃଷ୍ଟ ହୋଇଥିଲା। କାବ୍ୟରେ ପ୍ରକୃତି ସଙ୍ଗୀତମୟୀ, ରୂପମୟୀ ଓ ଭାବମୟୀ ହୋଇ ଉଠିଥିଲା। ପରିମଳା କାବ୍ୟରେ କବିଙ୍କ କବିତ୍ୱ ଓ ପ୍ରତିଭା ବର୍ଣ୍ଣନା ବାସ୍ତବରେ ଯଥାର୍ଥ ହୋଇପାରିଛି। ଆଦିରସର ମାଧୁର୍ଯ୍ୟ ଅପେକ୍ଷା ଶାନ୍ତ ରସର ଐଶ୍ୱର୍ଯ୍ୟ ପରିମଳା କାବ୍ୟକୁ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଏକ ବିଶିଷ୍ଟ ସ୍ଥାନ ପ୍ରଦାନ କରିଅଛି। କାବ୍ୟରେ ଆଦିରସ ମାଧୁର୍ଯ୍ୟମୟ ଓ କବିତ୍ୱ ସଂପନ୍ନ। କାବ୍ୟରେ ଗ୍ରୀଷ୍ମ, ବର୍ଷା, ଶରତ, ହିମ ଶୀତ ଓ ବସନ୍ତ ଋତୁର ବର୍ଣ୍ଣନା ନାୟକ ନାୟିକାଙ୍କ ବିରହବିଧୂର ଉତ୍କଣ୍ଠା ରସୋତ୍ତୀର୍ଣ୍ଣ ଭାବରେ ବର୍ଣ୍ଣିତ ହୋଇଅଛି। କବିଙ୍କ କବିତ୍ୱ ତଥା ପାଣ୍ଡିତ୍ୟର ସୂଚନା ବିଭିନ୍ନ ଋତୁ ବର୍ଣ୍ଣନାରୁ କେତେକ ଉଦ୍ଧୃତି ନିମ୍ନରେ ଦିଆଗଲା। ଶରତ ଋତୁ ବର୍ଣ୍ଣନାରେ –

> **ପ୍ରଥମ ଥର ପାଇଁ 'ପରିମଳା' କାବ୍ୟରେ କବି ଓ ପାଠକର ଦୃଷ୍ଟି କାବ୍ୟ ଲକ୍ଷ୍ମୀଙ୍କ କମଳବନ ପ୍ରତି ଆକୃଷ୍ଟ ହୋଇଥିଲା।**

"ନଦୀତୀରେ ସୁକୋମଳ ପୁଲିନ ଦିଶିଲେ
ଘନ ଜଘନୀ ଜଘନ କାନ୍ତିରେ ବସିଲେ।
କେତକୀମାଳ ଫୁଟିଲେ ହୋଇଣ ପାଣ୍ଡୁର
ବିରହୀ ସୁମୁଖୀ ତନୁ ବର୍ଣ୍ଣନା ଆକାର।
ବରଷାରେ ଧୋଇ ହୋଇ ସୁନ୍ଦର କୁଧର
ନବ ଯଉବନୀ ସ୍ତନ ମଣ୍ଡଳ ଆକାର।
ବହଳ ଚନ୍ଦ୍ର କିରଣ ଉଜ୍ଜ୍ୱଳ ଯାମେନୀ
ନାୟକ ସହ ରସରେ ଯେସନେ କାମିନୀ।"
(ଷୋଡ଼ଶ ଛାନ୍ଦ)

ଆଙ୍ଗିକ ଦୃଷ୍ଟିରୁ 'ପରିମଳା' କାବ୍ୟରେ ସଂସ୍କୃତ ଓ ପ୍ରାକୃତ କାବ୍ୟ ରୀତିର ପ୍ରଭାବ ପରିଲକ୍ଷିତ ହୋଇଥାଏ। ବିଭିନ୍ନ ଛାନ୍ଦର ନାମକରଣରୁ ଏହା ଜାଣି ହୁଏ। କାବ୍ୟରେ କବିଙ୍କ ପାଣ୍ଡିତ୍ୟ ଓ ପ୍ରତିଭାର ବଡ ପରିଚୟ ସର୍ବତ୍ର ପରିଲକ୍ଷିତ ହୋଇଥାଏ। ଏ ଦୃଷ୍ଟିରୁ ପରିମଳା କାବ୍ୟ ରସୋତ୍ତୀର୍ଣ୍ଣ ହୋଇପାରିଛି।

କଥାବସ୍ତୁର ଚମତ୍କାରିତା ଓ ଚିତ୍ତାକର୍ଷକତା ବୃଦ୍ଧି ନିମିତ୍ତ କବି ଅଲୌକିକତାର ଅବତାରଣା କରିଛନ୍ତି। ମର୍ତ୍ତ୍ୟରେ ମାନବ ଅସାଧ୍ୟ ସାଧନ କଲେ ସ୍ୱର୍ଗର ଅପସରାକୁ ମଧ୍ୟ ନିଜର ପରୀ ରୂପେ ଲାଭ କରିପାରିବ, ଏହା ହିଁ କାବ୍ୟର ପ୍ରତିପାଦିତ ବିଷୟ।

□□


ଲେଖକଙ୍କ ଇ-ମେଲ ଠିକଣା:
akpanda382@gmail.com

ସାକ୍ଷାତକାର

# ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସହ ଏକ ବାର୍ତ୍ତାଳାପ

*ବର୍ଷୀୟାନ ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟ ଓଡିଶା ସାହିତ୍ୟ ଜଗତର ଜଣେ ଯଶସ୍ୱୀ ସାଧକ। ୧୯୩୩ ମସିହାରେ ଜନ୍ମଗ୍ରହଣ କରିଥିବା ଏହି ପ୍ରବୀଣ ସାହିତ୍ୟକାର ଓଡ଼ିଆ ଗଳ୍ପ, ଉପନ୍ୟାସ ତଥା ଶିଶୁସାହିତ୍ୟକୁ ନିଜର ବହୁ ଉଚ୍ଚକୋଟୀର ରଚନାବଳୀରେ ସମୃଦ୍ଧ କରିଛନ୍ତି। ୧୯୫୮ ମସିହାରେ ଜଣେ ରସାୟନ ବିଭାଗର ଅଧ୍ୟାପକ ଭାବରେ ଯୋଗଦେଇ ସେ ଶିକ୍ଷା ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସେବା ପ୍ରଦାନ କରିବା ପରେ ୧୯୯୨ ମସିହାରେ ଅବସର ଗ୍ରହଣ କରିଥିଲେ। ସେ ଅତିବଡୀ ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ ଶାରଳା ପୁରସ୍କାର ଭଳି ମର୍ଯ୍ୟାଦାଜନକ ସମ୍ମାନମାନଙ୍କରେ ବି ଭୂଷିତ। ତା'ଙ୍କ ସହିତ ବିବିଧ ସାରସ୍ୱତ ପ୍ରସଙ୍ଗରେ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ।*

**ସାହିତ୍ୟ ଚର୍ଚ୍ଚା:** ଖୁବ୍ ନିକଟରେ ପ୍ରକାଶ ପାଇଛି, ଆପଣ ନିଜ ବାଲ୍ୟବସ୍ଥାରେ ଲେଖିଥିବା ଏକ କବିତା ସଂକଳନ 'ମନ୍ଦାକିନୀ'। ଏଥିରୁ ଜାଣିବାକୁ ପାଇଲୁ ଯେ ଆପଣ ଜୀବନର ପ୍ରଥମ କବିତାଟି ଲେଖିଥିଲେ ମାତ୍ର ୧୧ ବର୍ଷ ବୟସରେ। କ'ଣ ଥିଲା ଏହି କବିତା ପଛର ପ୍ରେରଣା?




**ଶାନ୍ତନୁ କୁମାର ଆଚାର୍ଯ୍ୟ:** ଏଥିପାଇଁ ମଣିଷର ପ୍ରେରଣା ଦୁଇଟି ସ୍ରୋତରୁ ଆସେ, ଗୋଟିଏ ହେଲା ଶୋକ ଏବଂ ଅନ୍ୟଟି ହେଲା ଏକ୍ସଟାସିଆ ବା ଆନନ୍ଦ। ଏ ଦୁଇଟି ଯାକ ମୋ କବିତାର ପୃଷ୍ଠଭୂମିରେ ଥିଲା। ପ୍ରଥମଟି ହେଉଛି ମାତୃ ବିଚ୍ଛେଦ, ଏବଂ ଦ୍ୱିତୀୟଟି ହେଉଛି ଯେ ମୁଁ ସେ ସମୟରେ ବାଙ୍କି ସୁବର୍ଣ୍ଣପୁର ଏମ୍.ଇ ସ୍କୁଲରେ ପଢୁଥିଲି। ସ୍କୁଲ ସାମନାରେ ଦିନେ ପ୍ରଭାତରେ ମହାନଦୀ ଗର୍ଭରେ ସୂର୍ଯ୍ୟୋଦୟର ଦୃଶ୍ୟ ଦେଖିଲି। ସେହି ସ୍ୱର୍ଗୀୟ ପରିବେଶ ଓ ଦୃଶ୍ୟ ମୋତେ ଅଭିଭୂତ କରିଦେଲା। ଏହାରି ପ୍ରଭାବରେ ଲେଖିଲି ମୋର ପ୍ରଥମ କବିତାଟି, 'ପ୍ରଭାତ'।

**ସାହିତ୍ୟ ଚର୍ଚ୍ଚା:** 'ପ୍ରଭାତ' କବିତାରେ ଆପଣ ଯେଉଁ ପ୍ରକୃତି ବର୍ଣ୍ଣନା ଦେଇଛନ୍ତି, ତାହା ନୈସର୍ଗିକ ପରିଦୃଶ୍ୟର ଏକ ଉପରଠାଉଣିଆ ଚିତ୍ରଣ ନୁହେଁ, ବରଂ ତାହା ପ୍ରକୃତି ପ୍ରତି ଏକ ନିବିଡ଼ ଅନ୍ତର୍ଦୃଷ୍ଟି। ମାତ୍ର ଏଗାର କିମ୍ବା ବାର ବର୍ଷ ବୟସରେ ଏଭଳି ଏକ ଅନନ୍ୟ ସମ୍ବେଦନଶୀଳତା ଆପଣଙ୍କର ଆସିଲା କେମିତି?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ସେତେବେଳେ ମୋ'ର ମାତୃ ବିଚ୍ଛେଦ ଜନିତ କିଛି ଭାବନା ମନକୁ ଆନ୍ଦୋଳିତ କରୁଥିଲା। ଭାବିଲି, ବଂଚିଥିବା ମଣିଷଟିଏ ଗଲା କୁଆଡେ? ବାଲୁତ

ମନରେ ସ୍ଥିର କଲି ଯେ ସେ ପ୍ରକୃତି ଭିତରେ ହିଁ ଲୀନ ହୋଇଗଲା। ପ୍ରକୃତି ତାହେଲେ କ'ଣ? ଏହା ଜାଣିବା ପାଇଁ ଏକାକୀ ଯାଇ ନଦୀ କୂଳରେ ବସେ। ସୂର୍ଯ୍ୟୋଦୟର ଆଲୋକରେ ମୁଁ ତନ୍ମୟ ହୋଇ ଦେଖିଲି ଯେ ନଦୀରେ ଅସଂଖ୍ୟ ତରଙ୍ଗ, ଏବଂ ସେଠାରେ ନିରନ୍ତର ଭଙ୍ଗା ଓ ଗଢା ଚାଲିଛି। ଅନୁଭବ କଲି ଯେମିତି ଏ ବିସ୍ମୟକର ଜଗତ ପ୍ରଚ୍ଛନ୍ନ ଭାବରେ ଚାଲିଛି। ଏହା ମୋତେ ପ୍ରେରିତ କଲା କବିତାଟି ଲେଖିବାପାଇଁ।

**ସାହିତ୍ୟ ଚର୍ଚ୍ଚା:** ସେହି ଏଗାର ବର୍ଷ ବୟସରେ କେବଳ ଏହି ଗୋଟିକ ନୁହେଁ, ବରଂ ଆପଣ ଏମିତି ୫୪ଟି କବିତା ଲେଖିପକାଇଥିଲେ। କିନ୍ତୁ ତାହା ପ୍ରକାଶିତ ହେଲା ବର୍ତ୍ତମାନ, ଅର୍ଥାତ୍ ଯେତେବେଳେ ଆପଣଙ୍କୁ ୮୯ ବର୍ଷ ବୟସ। ଏହାର ରହସ୍ୟ କ'ଣ?




**ଶାନ୍ତନୁ କୁମାର ଆଚାର୍ଯ୍ୟ:** ରହସ୍ୟ କିଛି ନୁହେଁ। ସେତେବେଳେ ପ୍ରକାଶନର କୌଣସି ପନ୍ଥା ନଥିଲା। ମୁଁ ଅଳ୍ପ ବୟସରେ ଯେଉଁ କବିତାଗୁଡିକ ଲେଖିଥିଲି ସେସବୁକୁ ଏକାଠି କରି 'ମନ୍ଦାକିନୀ' ନାମକ ଏକ ହାତଲେଖା ବହିର ରୂପ ଦେଇଥିଲି, ଏବଂ ବାପାଙ୍କୁ ସେଇଟି ଉପହାର ଦେଇଥିଲି। ବାପା ତା'କୁ ନେଇ ଆମ ପ୍ରଧାନ ଶିକ୍ଷକ ଓ ଅନ୍ୟମାନଙ୍କୁ ଦେଖାଇଲେ। ଏଇଟି ପଢି ସମସ୍ତେ ଖୁସି ହେଲେ ଏବଂ ମୋତେ କବିର ପରିଚୟ ମିଳିଲା।

**ସାହିତ୍ୟ ଚର୍ଚ୍ଚା:** ତା'ପରେ ଲେଖିଲେ କି ଆହୁରି କିଛି!

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ପରବର୍ତ୍ତୀ ସମୟରେ ଅର୍ଥାତ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ମୋ'ର ଚିନ୍ତାଧାରା ଟିକିଏ ଭିନ୍ନ ମୋଡ଼ ନେଲା, ଏବଂ ମନ ଟିକିଏ ବିଜ୍ଞାନ ଧର୍ମୀ ହୋଇଗଲା। ମୁଁ ଆଉ ସଂସାରର ବାସ୍ତବିକତାଗୁଡ଼ିକୁ ପ୍ରକୃତି ମଧ୍ୟରେ ଅନ୍ୱେଷଣ ନକରି ମଣିଷ ସମାଜ ମଧ୍ୟରେ ତାହାକୁ ଖୋଜିବାକୁ ଚେଷ୍ଟା କଲି।

**ସାହିତ୍ୟ ଚର୍ଚ୍ଚା:** ତେବେ ଏହି ବିଜ୍ଞାନ ସୁଲଭ ହେତୁବାଦ ପ୍ରତି ଢ଼ଳିବା ପରେ ବୋଧହୁଏ ଆପଣ ନିଜର ଅଳ୍ପ ବୟସରେ ରଚିତ ସେହି ପ୍ରକୃତି ଆଧାରିତ କବିତା ପ୍ରତି ବିଶେଷ ନଜର ଦେଲେନାହିଁ।

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ମୁଁ ଭାବିଲି ଯେ ସେ ଧରଣର କବିତାରେ ଆମେ ପ୍ରକୃତିକୁ କେବଳ ବର୍ଣ୍ଣନା ହିଁ କରୁଛୁ। ଏଇଟା ମୋତେ କେମିତି ଅପୂର୍ଣ୍ଣ ଲାଗିଲା।

**ସାହିତ୍ୟ ଚର୍ଚ୍ଚା:** ସେହେତୁ ଆପଣ ଏହି 'ମନ୍ଦାକିନୀ'ରେ ସଂକଳିତ କବିତାଗୁଡିକ ପ୍ରତି ବୋଧହୁଏ ଆଶ୍ୱସ୍ତ ନଥିଲେ।

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ସେ ଆଶ୍ୱସ୍ତି ଆଉ ଏକ ପ୍ରକାରେ ପ୍ରକାଶ ପାଇଲା। କବି-ଭାବ ଯେତେବେଳେ 'ରିଜନିଂ' ଆଡ଼କୁ ଚାଲିଯାଏ ସେତେବେଳେ ଆଉ ଏକ ପ୍ରକାରର ମନୋସ୍ଥିତି ଆସିଯାଏ, ଯାହା ହୋଇପାରେ ମଡ଼ର୍ଣ୍ଣ ସାଇକୋଲୋଜି। ସେତେବେଳକୁ ଆମେ ହାଇସ୍କୁଲ ଓ କଲେଜ ମାଡ଼ି ଲୁଣି; ଯୁକ୍ତିସିଦ୍ଧ ନହେଲେ କୌଣସି କଥା ସହଜରେ ଗ୍ରହଣ କରିହେଉନଥିଲା। 'ମନ୍ଦାକିନୀ'ର କବିତାଗୁଡିକ ଯେମିତି ଥିଲା ମୋ'ର ପୂର୍ବ ଜନ୍ମର ସଂସ୍କାର। ପରବର୍ତ୍ତୀ ସମୟରେ ମୋ ମନରେ ସେଇ ଧରାବନ୍ଧା ମୂଲ୍ୟବୋଧ ପ୍ରତି ଅବିଶ୍ୱାସ ଆସିଥିଲା।

**ସାହିତ୍ୟ ଚର୍ଚ୍ଚା:** ସେଇଥିପାଇଁ ବୋଧହୁଏ 'ମନ୍ଦାକିନୀ'କୁ ଏତେକାଳ ଗୁରୁତ୍ୱ ଦେଇନଥିଲେ।

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ଗୁରୁତ୍ୱ ନଦେବା କଥା ନାହିଁ। ପ୍ରତ୍ୟେକ ଜୀବନର ଏକ 'ଫେଜ୍' ଅଛି। ପ୍ରତି ମଣିଷ ବିଭିନ୍ନ ବୟସରେ, ବିବିଧ ରୂପରେ ଆବିର୍ଭୂତ ହୁଏ।

**ସାହିତ୍ୟ ଚର୍ଚ୍ଚା:** ତେବେ ୭୮ ବର୍ଷ ଗୋଟିଏ ଦୀର୍ଘ ସମୟର ବ୍ୟବଧାନ ନୁହେଁ କି, ଆପଣ କବିତା ସଂକଳନଟିକୁ ଲେଖିବା, ଏବଂ ତାହାକୁ ପ୍ରକାଶ କରିବା ମଧ୍ୟରେ?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** କଥା ହେଲା, ମୁଁ ଭାବିନଥିଲି ଯେ ପରବର୍ତ୍ତୀ କାଳର ଆଧୁନିକ କବିତାର ପରିବେଶ ଭିତରେ ସେ ଧରଣର କବିତା ଗ୍ରହଣୀୟ ହେବ।

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣ ଟିକିଏ ଦୋଦୋପାଞ୍ଚ ଥିଲେ

ଯେ ତାହା ଗ୍ରହଣୀୟ ହେବ କି ନାହିଁ। କିନ୍ତୁ ଆପଣ ଯେତେବେଳେ ସେହି କବିତାଗୁଡିକ ଲେଖିଥିଲେ, ଏବଂ ଆଜିର ପରିବେଶ - ଏହା ଭିତରେ କବିତାର ସ୍ୱରୂପ ବଦଳିଯାଇଛି।

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ପୁନରାୟ ସେହି ପୂର୍ବାବସ୍ଥା ଫେରିଆସୁଛି।

**ସାହିତ୍ୟ ଚର୍ଚ୍ଚା:** କବିତାକୁ ଯେ ଛନ୍ଦ ଓ ଗୀତିମୟତା ଫେରିଆସୁଛି, ଏହା ସହିତ ଆପଣ ଏକମତ କି?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ହଁ, ନିଶ୍ଚୟ

**ସାହିତ୍ୟ ଚର୍ଚ୍ଚା:** ଅନ୍ୟ ଅନେକ ଲେଖକଙ୍କ ଭଳି ଆପଣ ସାହିତ୍ୟ ଜଗତରେ ପାଦ ଥାପିଥିଲେ କବିତାକୁ ନେଇ। ତେବେ ପୁଣି ଗଦ୍ୟ ରାଜ୍ୟରେ ପ୍ରବେଶ କଲେ କେବେ?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ମୁଁ ଗଦ୍ୟରେ ପ୍ରବେଶ କଲି ସେତେବେଳେ ଯେବେ ମୋ'ର ଉପନ୍ୟାସ 'ନର କିନ୍ନର' ପ୍ରକାଶିତ ହେଲା ୧୯୬୨ ମସିହାରେ। ଅବଶ୍ୟ ଏହା ଲେଖିବା ଆରମ୍ଭ କରିଥିଲି ୧୯୫୯ ମସିହାରୁ।

**ସାହିତ୍ୟ ଚର୍ଚ୍ଚା:** ସେହି ୧୯୫୯ ବେଳକୁ ଆପଣଙ୍କ ଗଳ୍ପ 'ମନ ମର୍ମର' ମଧ୍ୟ ପ୍ରକାଶିତ ହୋଇଥିଲା। ତେଣୁ ସେଇଟି ବୋଧହୁଏ ଆପଣଙ୍କ ପ୍ରଥମ ଗଦ୍ୟ ରଚନା।

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ଉପନ୍ୟାସ ଲେଖା ଚାଲିଥିବା ସମୟରେ ଲେଖିଥିଲି ଏହି ଗଳ୍ପଟି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ପ୍ରଥମ ଗଳ୍ପ 'ମନ ମର୍ମର'ରେ ପିଲାମାନେ ଖେଳୁଥିବା ବେଳେ ଦୁର୍ଘଟଣାର ଶୀକାର ହୋଇଥିବାର ଏକ ମାର୍ମିକ ଆଲେଖ୍ୟ ରୂପ ପାଇଛି। ଗୋଟିଏ ବାସ୍ତବ ଅନୁଭୂତିର ପୃଷ୍ଠଭୂମି ନଥିଲେ କୌଣସି ଘଟଣାକ୍ରମର ଏଭଳି ଜୀବନ୍ତ ବର୍ଣ୍ଣନା ସମ୍ଭବ ନୁହେଁ। ଏଇଟି ତେଣୁ ସେଭଳି କିଛି ବାସ୍ତବ ଘଟଣା ଉପରେ ଆଧାରିତ ଥିଲା କି?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ପିଲାଦିନେ ମୁଁ ମୋ ବଡ଼ ଭଉଣୀ ସହ ଖେଳୁଥିଲି। ଏମିତି ଖେଳୁଥିବା ବେଳେ ତା'କୁ ମୁଁ ଅନେକ ସମୟରେ ଠେଲିଦିଏ। ଯେମିତି ସାଧାରଣତଃ ପିଲାମାନେ କରନ୍ତି, ମୁଁ ଅଜାଣତରେ କରୁଥିଲି ଏହା। କିନ୍ତୁ ପରେ ମୋ'ର ହୃଦବୋଧ ହେଲା ଯେ ମୁଁ ଅଜାଣତରେ ତାହା କରୁନଥିଲି। ବରଂ ଏହା ପଛରେ ଥିଲା ମୋ'ର ଈର୍ଷା। ଯେତେବେଳେ ଏକଥା ମନ ଭିତରେ ପ୍ରବେଶ କଲା, ସେତେବେଳେ ଲାଗିଲା ଯେ ମୁଁ ଦୋଷୀ। ଏହା ମୋ'ର ଭାବ ଜଗତରେ ଜଡିତ ହୋଇ ଗଳ୍ପର ରୂପ ନେଲା।

**ଯେମିତି ସାଧାରଣତଃ ପିଲାମାନେ କରନ୍ତି, ମୁଁ ଅଜାଣତରେ କରୁଥିଲି ଏହା। କିନ୍ତୁ ପରେ ମୋ'ର ହୃଦବୋଧ ହେଲା ଯେ ମୁଁ ଅଜାଣତରେ ତାହା କରୁନଥିଲି।**

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ପ୍ରଥମ ଉପନ୍ୟାସ 'ନର କିନ୍ନର'ରେ ମଣିଷର ଆତ୍ମ-ଅନୁସନ୍ଧାନର ଏକ ନୂଆ ଦିଗକୁ ଛୁଇଁଛନ୍ତି ଆପଣ।

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ହଁ, ଏଥିରେ 'ମଣିଷ କିଏ?' - ଏ ପ୍ରଶ୍ନର ପୁରାତନ ଓ ଆଧୁନିକ, ଉଭୟ ପ୍ରେକ୍ଷାପଟରେ ଆଲୋଚନା ହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟର ବିଚାରଧାରାଗତ ଦ୍ୱନ୍ଦ୍ୱରୁ ଏହି ପ୍ରଶ୍ନର ସୃଷ୍ଟି।

**ସାହିତ୍ୟ ଚର୍ଚ୍ଚା:** ଏହି ଦ୍ୱନ୍ଦ୍ୱର ମୂଳ ବିନ୍ଦୁ କ'ଣ ଥିଲା?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ମୋତେ ୧୯ ବର୍ଷ ବୟସ ହୋଇଥିଲା ବେଳେ ମୋ ମନରେ ଏକ ଆତ୍ମସଂଘାତ ହେଲା ଯେ, ଭଗବାନ ଯଦି ଅଛନ୍ତି ତେବେ ବିଜ୍ଞାନର ଅର୍ଥ କ'ଣ? 'ନରକିନ୍ନର'ର ପୃଷ୍ଠଭୂମି ହେଉଛି, ଈଶ୍ୱରଙ୍କୁ ଚ୍ୟାଲେଂଜ୍ କରିବା। ମୁଁ ଯୁକ୍ତିର ମାଧ୍ୟମ ଦେଇ ବ୍ୟବସ୍ଥାକୁ ଦେଖିଲି। ମୋ'ର ପ୍ରକୃତି ହେଉଛି ଦସ୍ତୋଭସ୍କିଆନ୍, ଟଲଷ୍ଟୟାନ୍ ନୁହେଁ।

**ସାହିତ୍ୟ ଚର୍ଚ୍ଚା:** ଏ ଦୃଷ୍ଟିରୁ ଏହି ଉପନ୍ୟାସଟି ଏକ ମେଟାଫିଜିକାଲ୍ ଦ୍ୱନ୍ଦ୍ୱ ଉପରେ ଆଧାରିତ।

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ହଁ, ଏହା ମେଟାଫିଜିକାଲ୍ ଉପନ୍ୟାସଟିଏ ବୋଲି କୁହାଯାଇପାରେ।

**ସାହିତ୍ୟ ଚର୍ଚ୍ଚା:** ଆପଣ ତ ବୃତ୍ତିଗତ ଜୀବନରେ ପ୍ରଥମେ ଥିଲେ ଘରୋଇ ଉଦ୍ୟୋଗରେ ଜଣେ କେମିଷ୍ଟ। ତାପରେ ହେଲେ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ। ତେବେ ବିଜ୍ଞାନ ଆଧାରିତ ବୃତ୍ତି ସହିତ ଏକ ସାହିତ୍ୟିକ ପ୍ରବୃତ୍ତିର ସହାବସ୍ଥାନ କେମିତି ସମ୍ଭବ ହେଲା?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ସମ୍ଭବ ହେଲାନାହିଁ, ତେଣୁ ତ କମ୍ପାନୀର ଚାକିରୀ ଛାଡିଦେଲି।

**ସାହିତ୍ୟ ଚର୍ଚ୍ଚା:** ଶ୍ରୀ ଅରବିନ୍ଦଙ୍କ ଦର୍ଶନର କିଛି ପ୍ରଭାବ ପଡ଼ିଛି କି ଆପଣଙ୍କ ରଚନାରେ ?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ନା, ସେମିତି କିଛି ହୋଇଛି ବୋଲି ମୁଁ ଭାବୁନାହିଁ। ଅନ୍ୟ କାହାର ପ୍ରଭାବ ବି ପଡିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଆତ୍ମଜୀବନୀ, 'ମୋ ଜୀବନ - ଅନ୍ୟ ଏକ ଉପନ୍ୟାସ' ପ୍ରକାଶ ପାଇଥିଲା ୨୦୧୩ ରେ। ଏହାର ପରବର୍ତ୍ତୀ ସମୟର ଜୀବନାନୁଭୂତିକୁ ନେଇ ଦ୍ୱିତୀୟ ଭାଗ ଲେଖିବାର ଯୋଜନା ଅଛି କି ?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ପରବର୍ତ୍ତୀ ଘଟଣାବଳୀ ମୋ'ର 'ଆମେରିକା ଭ୍ରମଣ' ପୁସ୍ତକରେ ଉପଲବ୍ଧ ଅଛି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଲେଖକୀୟ ଜୀବନରେ ଶିଶୁ ସାହିତ୍ୟ ପ୍ରତି ବିଶେଷ ଅବଦାନ ରହିଛି। ଆପଣଙ୍କର ପ୍ରାୟ ଦଶଗୋଟି ଶିଶୁ ସାହିତ୍ୟମୂଳକ ପୁସ୍ତକ ପ୍ରକାଶ ପାଇସାରିଛି। ଏଗୁଡିକ ଶିଶୁସାହିତ୍ୟରେ ଏକ ନୂଆ ଧାରା ଆଣିବାର ପ୍ରୟାସ ଥିଲା କି ?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ଶିଶୁ ସାହିତ୍ୟ କେବଳ ଶିଶୁମାନଙ୍କ ପାଇଁ ଲେଖା ହେଉନଥିଲା। ଏହା ଥିଲା ସର୍ବସାଧାରଣ ସାହିତ୍ୟ। ଯେମିତି ରାମାୟଣ; ଏହା ଶିଶୁମାନଙ୍କ ପାଇଁ ଯେତିକି ଉପଯୋଗୀ, ସେତିକି ବୟସ୍କଙ୍କ ପାଇଁ ବି ସେତିକି।

**ସାହିତ୍ୟ ଚର୍ଚ୍ଚା:** ଆମର ସାମ୍ପ୍ରତିକ ସାହିତ୍ୟରେ ସବୁଠାରୁ ଉଦ୍‌ବେଗଜନକ ସମସ୍ୟାଟି କ'ଣ ବୋଲି ଆପଣ ଭାବନ୍ତି ?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** କଥା ହେଉଛି ଅଧିକାଂଶ ଲେଖକ ଘଟୁଥିବା ଘଟଣାମାନଙ୍କର ସାମ୍ବାଦିକତା ସୁଲଭ ଉପସ୍ଥାପନା କରୁଛନ୍ତି।

**ସାହିତ୍ୟ ଚର୍ଚ୍ଚା:** ସେମାନଙ୍କଠାରେ ସମ୍ବେଦନଶୀଳ ଦୃଷ୍ଟିକୋଣ ଏବଂ ସୃଜନଶୀଳତାର ଅଭାବ ରହୁଛି କି ?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ସାମ୍ବାଦିକତା ହେଲା, ଘଟିଯାଇଥିବା ଘଟଣାର ଆଲୋଚନା। ସାହିତ୍ୟ ଅଘଟିତ ଓ ସମ୍ଭାବ୍ୟ ଘଟଣାର ଆତ୍ମପ୍ରକାଶ। ଆଜିର ସାହିତ୍ୟରେ କିନ୍ତୁ ଏହି ଦିଗଟି ବିଶେଷ ଦୃଷ୍ଟିଗୋଚର ହେଉନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆଗାମୀ ଦିନମାନଙ୍କରେ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ଆପଣ କିଭଳି ଦେଖନ୍ତି ?

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ଯଦି ଆମେ ଏମିତି ତଳକୁ ଖସି ଖସି ଚାଲିଥିବା ତେବେ ତ ଭବିଷ୍ୟତ ଉଦ୍‌ବେଗଜନକ। ଗତକାଲି କଟକରୁ ଭୁବନେଶ୍ୱର ଆସୁଥିବା ବେଳେ ଲକ୍ଷ୍ୟ କଲି ଯେ ରାସ୍ତାକଡର ସାଇନବୋର୍ଡ଼ଗୁଡିକରେ ଓଡ଼ିଆ ଭାଷାର ସ୍ଥାନ ନାହିଁ। ମନେହେଲା ଯେମିତି ଓଡ଼ିଆମାନେ ନିଜର ଭାଷା ଓ ନିଜର ସଂସ୍କୃତିକୁ ନେଇ ଆଉ ଗର୍ବିତ ନୁହନ୍ତି।

**ଓଡ଼ିଆ ଭାଷା ଯେତେବେଳେ ଦୁର୍ବଳ ହୋଇଯିବ, ତା'କୁ ଆଉ କେହି ପଢିବେନାହିଁ।**

**ସାହିତ୍ୟ ଚର୍ଚ୍ଚା:** ତେବେ ଆପଣ କହିବାର କଥା ଯେ ଓଡ଼ିଆ ଭାଷାର ଏହି ବିପର୍ଯ୍ୟୟ ସହ ସମତାଳ ଦେଇ ଓଡ଼ିଆ ସାହିତ୍ୟ ମଧ୍ୟ ବିପତ୍ତିର ସମ୍ମୁଖୀନ !

**ଶାନ୍ତନୁ କୁମାର ଆଚାର୍ଯ୍ୟ:** ନିଶ୍ଚିତ ଭାବରେ। ଓଡ଼ିଆ ଭାଷା ଯେତେବେଳେ ଦୁର୍ବଳ ହୋଇଯିବ, ତା'କୁ ଆଉ କେହି ପଢିବେନାହିଁ। ଚିନ୍ତାଶୀଳ ଲୋକ ସେଥିରେ ଲେଖିବା ପାଇଁ ଆଉ କାହିଁକି ପ୍ରବୃତ୍ତ ହେବେ ?

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ଉପଯୋଗୀ ବାର୍ତ୍ତାଳାପଟି ପାଇଁ ଆପଣଙ୍କୁ ଅନେକ ଧନ୍ୟବାଦ।

□□

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

**Search 'Sahitya Charcha' in Google Play Books.**

ପ୍ରତି ସଂଖ୍ୟାର ମୂଲ୍ୟ- ଟ.୧୧.୮୦ (ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books

କବିତା





# କେଇପଦ ସମ୍ବଲପୁରୀ

ପ୍ରଫୁଲ୍ଲ କୁମାର ତ୍ରିପାଠୀ

**ସମ୍ବଲପୁରୀ:**

## ଏଭର୍ ସାହିତ୍ୟ

ଲାଇବ୍ରେରି'ନ ବିଚ୍ରା ବହିମାନେ
ଥାଇ ଦେଖୁଛନ୍ ବାଟ୍
କେଭେଁ ଘାଏ ତ ପାଠକ୍ ଆସି
ଖୁଲ୍ତା ଆଲ୍ମାରି କବାଟ୍

ଫୋନ୍ ଆରୁ କଂପ୍ୟୁଟର୍ ହେଲେ'ନ
ଭାଷାର୍ ରକ୍ଷାକର୍ତ୍ତା
ଏତ୍କି ବୁଝ୍ଲେଁ ଲେଖକ୍, ପାଠକ୍
ନାଇଁକର୍ତେ ଚିଂତା

ଲେଖି ଲେଖି କେଭେଁ ଲେଖକ୍ମାନ୍କୁଁ
ନାଇଁଲାଗ୍ତା ଅଥା
ପାଠକ୍ମାନେ ଭିଲ୍ ପଢ଼ି, ପଢ଼ି
ନାଇଁହେତେ ବିତ୍ବିତା


ସାହିତ୍ୟ ଏଭେଁ ଯେ ବହି ନାଇଁହେଇ
ପାର୍ଲା'ନ ଅଏନ୍ ରହି
ଇ କଥା ଇନର୍ ବହିପ୍ରେମୀ ଲୋକ୍?
ନାଇଁପାର୍ବାର୍ ସହି



ପଥର୍, ପତର୍, କାଗଜ୍ ସବୁଠାନେ
ଅକ୍ଷର୍ ହେଇଛେ ଲେଖା
ଗୁଟାରଂଗେ ସେହି ଅକ୍ଷର୍ ଏଭେଁ
ପର୍ଦ୍ଦା'ନ ଦଉଛେ ଦେଖା

ଗୁଟେ ଫୋନ୍ ଭିତ୍ରେ ଗୁର୍ଦୁ ବହି
ଅଏନ୍ ରକ୍ମେ ଥାଇ
ସମ୍କୁଁ ଇଛେନ୍ ଦେଖେଇ ଦେଲେ'ନ
ଅକ୍ଷରର୍ ଅଂତ୍ ନାଇଁ

ଅକ୍ଷର୍ କୀର୍ତି ଅକ୍ଷୟ୍ ହେଇ
ଯୁଗ୍ ଯୁଗ୍ ରହେସି ଜିଇଁ



**ଓଡ଼ିଆ ଭାଷାନ୍ତର:**

## ଏବର ସାହିତ୍ୟ

ଲାଇବ୍ରେରିରେ ବିଚରା ବହିମାନେ
ଥାଇ ଦେଖୁଛଂତି ବାଟ
କେବେ ଥରେ ତ ପାଠକ ଆସି
ଖୋଲୁ ଆଲ୍ମାରି କବାଟ

ଫୋନ୍, କଂପ୍ୟୁଟର୍ ହେଲେଣି ଏବେ
ଭାଷାର ରକ୍ଷାକର୍ତ୍ତା
ଏତିକି ବୁଝିଲେ ଲେଖକ, ପାଠକ
କରଂତେନି ବେଶି ଚିଂତା

ଲେଖି ଲେଖି କେବେ ଲେଖକଗଣ
ପଡ଼ଂତେନାହିଁ ଥକି
ପାଠକକୁଳ ବି ପଢ଼ି ପଢ଼ି ଆଉ
ରହଂତେନାହିଁ ଅଟକି

ସାହିତ୍ୟ ଏବେ ଯେ ବହି ନ ହୋଇ
ପାରୁଛି ଅନ୍ୟଠିଁ ରହି
ଏ କଥା ଏଠି ବହିପ୍ରେମୀ ଲୋକେ
ପାରୁନାହାଂତି ସହି

ପଥର, ପତର, କାଗଜ ସବୁଠି
ଅକ୍ଷର ହୋଇଛି ଲେଖା
ଅନୁରୂପ ସେହି ଅକ୍ଷର ଏବେ
ପର୍ଦ୍ଦାରେ ଦେଉଛି ଦେଖା

ଗୋଟିଏ ଫୋନ୍‌ରେ ଅନେକ ବହି
ବିଭିନ୍ନ ରୂପରେ ଥାଇ
ସଭିଂକୁ ଏବେ ଦେଖାଇ ଦେଲେଣି
ଅକ୍ଷରର ଅଂତ ନାହିଁ

ଅକ୍ଷର କୀର୍ତି ଅକ୍ଷୟ ହୋଇ
ଯୁଗେ ଯୁଗେ ରହେ ଜିଇଁ

ପ୍ରବନ୍ଧ

# ପ୍ରାଚୀନ ତଥା ଆଧୁନିକ ଯୁଗର ଭଜନରେ ଶ୍ରୀଜଗନ୍ନାଥ



କୃଷ୍ଣ ଚନ୍ଦ୍ର ରଥ

ଉତ୍କଳୀୟ ମାନଙ୍କ ସାମାଜିକ, ସାଂସ୍କୃତିକ ଆଧ୍ୟାତ୍ମିକ ଜନଜୀବନକୁ ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ଦର୍ଶନ କାଳ କାଳ ଧରି ପ୍ରଭାବିତ କରି ଆସିଛି। ଓଡ଼ିଆ ପଦ୍ୟ ସାହିତ୍ୟରେ ଜଗନ୍ନାଥଙ୍କୁ ନେଇ ଅନେକ ଜଣାଣ, ଭଜନ, ସ୍ତୁତି, ଇତ୍ୟାଦି ପ୍ରାଚୀନକାଳରୁ ରଚନା କରାଯାଇଛି। ସେଥିରେ ଶ୍ରୀକ୍ଷେତ୍ରର ମହିମା, ମହାତ୍ମ୍ୟ, ଯାନିଯାତ୍ରା ବର୍ଣ୍ଣନା କରାଯାଇ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରାଯାଇଛି। କହିବାକୁ ଗଲେ ଜଗନ୍ନାଥ ସଂସ୍କୃତି ହିଁ ଉତ୍କଳୀୟ ସଂସ୍କୃତିର ସମିଶ୍ରଣ।




ଭକ୍ତି ରସାତ୍ମକ କବିତାରୁ ହିଁ ଜଣାଣ, ଭଜନର ସୃଷ୍ଟି। ଏହି ଭକ୍ତି କବିତାରେ ଥିବା ଧର୍ମ ବିଶ୍ୱାସ, ଦାର୍ଶନିକ ତତ୍ତ୍ୱ, ବର୍ଣ୍ଣନା ଶୈଳୀ, ବୌଦ୍ଧିକ ମୂଲ୍ୟବୋଧ, ଭାଷାଭାବର ଚାତୁରୀ, ଶବ୍ଦ, ଅଲଙ୍କାର ଓ ରୂପ କଳ୍ପର ପ୍ରୟୋଗ କବିମାନଙ୍କ କବିତାକୁ ସମୃଦ୍ଧ କରିପାରିଛି। ସେହି କବି ମାନଙ୍କର କବିତାର ପଦ୍ୟାବଳୀରେ ଥିବା ଭଜନ ଓ ଜଣାଣ ସଂପର୍କରେ ଏକ ସଂକ୍ଷିପ୍ତ ଆଲୋଚନା କରିବା ଏହି ପ୍ରବନ୍ଧର ଲକ୍ଷ୍ୟ।

ଶ୍ରୀଜଗନ୍ନାଥଙ୍କୁ ନେଇ ଆଦି କବି ସାରଳା ଦାସ ମହାଭାରତରେ ଯାହା ବର୍ଣ୍ଣନା କରିଛନ୍ତି – "ଜୟ ନୀଳାଚଳ ନାଥ, ଜୟ ନୀଳାଚଳ ନାଥ ଅଗତି ତାରଣ / ଜୟ ରମାପତି ପ୍ରଭୁ ମାନ ଉଦ୍ଧାର, ଆହେ କଳାକାର ମୁଖ, ପାଣ୍ଡବ ରକ୍ଷକ / ସେ ମୁଖ ଦର୍ଶନେ ପାପ ନ ରହଇ ପାଖ ..... ବାଟ ଖରଚକୁ ମୋର କିଛି ନାହିଁ ଧନ / ତୁମ୍ଭେ ହିଁ ସମ୍ବଳ ମୋର ରଙ୍କର ରତନ / ଅଣଚାଶ ବେଳକୁ ଭରସା କେହି ନାହିଁ / ତୁମ୍ଭେ ଉଦ୍ଧାରକ ଅଟ ପ୍ରଭୁ ଭାବଗ୍ରାହୀ।"

ପଞ୍ଚସଖା ଯୁଗର କବି ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସଙ୍କ ଜଣାଣ ଭଜନର ଉଦାହରଣ :- "ମୁଖେ ଉଦ ରାମ କୃଷ୍ଣ ହରି ଲୋ ସାରି / ମାରି ନେବେକି କ୍ରୋଧ – ମଞ୍ଜାରୀ ଲୋ ସାରି .... ତ୍ରିଗୁଣ ଦଉଡ଼ି କଷି ବାନ୍ଧିଥିଲି / ଛିଣ୍ଡାର ପଳାଇଗଲା ଲୋ ସାରି।" (ବଳରାମ ଦାସ)

ଜଗନ୍ନାଥ ଦାସଙ୍କ ଭଜନ ଓ ଜଣାଣ – (୧) "ନମସ୍ତେ ପ୍ରଭୁ ଜଗନ୍ନାଥ / ଅନାଥ ଲୋକଙ୍କର ନାଥ / ନମସ୍ତେ ପ୍ରଭୁ ବାସୁଦେବ / ଭକତ ଜନଙ୍କ ବାନ୍ଧବ..... ତୁ ବ୍ରହ୍ମା ବିଷ୍ଣୁ, ରୁଦ୍ର ତୁହି / ତୋ ବିନୁ ଅନ୍ୟ ଗତି ନାହିଁ... ଦୁଷ୍ଟ ନିବାରି ସନ୍ଥ ପାଳୁ / ତୁ ନାଥ ପରମ ଦୟାଳୁ।" (ଓଡ଼ିଆ ଭାଗବତ)

(୨) "ନୁଆ ମନ ଭୁଲୁ କାହିଁକି ? ଉଡୁଛ କାଳ ଛଞ୍ଚାଣ ମନେ କାହିଁକି ?" ଅଚ୍ୟୁତାନନ୍ଦ ଦାସଙ୍କ ଭଜନ ଓ ଜଣାଣରେ – "ତୁଳସୀର ବଟ ତୁଳସୀ ମୁକୁଟ, ତୁଳସୀ ଭୂଷଣ ହୋଇ / ତୁଳସୀ ଚଉଁରା ପାଶେ ଅନାଇଁଲେ ନୀଳଚକ୍ର ଦିଶୁଥାଇଁ।" ଯଶୋବନ୍ତ ଦାସ ବର୍ଣ୍ଣନା ଅନୁସାରେ- "କୋଟି କୋଟି ପତିତପାବନ ହେବ ହରି / ତ୍ରିଭୁବନର ନାଥ ନୀଳାଦ୍ରିବିହାରୀ।"

## ରୀତିଯୁଗରେ ଜଗନ୍ନାଥଙ୍କ ମହିମା

ରୀତିଯୁଗର କବିମାନେ ମଧ୍ୟ ବହୁ କାବ୍ୟ କବିତା ରଚନା କରି ଜଗନ୍ନାଥଙ୍କ ମହିମା ପ୍ରତିପାଦନ କରିଛନ୍ତି। ସେମାନଙ୍କ ମଧ୍ୟରେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଅନ୍ୟତମ କବି। ସେ ଜଗନ୍ନାଥଙ୍କ ସ୍ନାନଯାତ୍ରାରେ ମହାପ୍ରଭୁଙ୍କୁ ଦର୍ଶନ କରି ଆତ୍ମ ବିଭୋର ହୋଇଉଠିଛନ୍ତି ଓ ବର୍ଣ୍ଣନା କରିଛନ୍ତି – "କୋଟି କନ୍ଦର୍ପ ଲାବଣ୍ୟ ମୂର୍ତ୍ତି ଦରଶନ / ଦେବାକୁ ସୁବେଶ ବିଜେ

ରତ୍ନସିଂହାସନ।" (କୋଟି ବ୍ରହ୍ମଣ୍ଡ ସୁନ୍ଦରୀ) ନୀଳାଦ୍ରିଶ ଚଉତିଶାରେ - "ମାନ ଉଦ୍ଧାରଣ କର ହେ କାରଣ / ଶରଣ ମୁଁ ତୁମ୍ଭ ପାଦ ତଳେ।"

କବି ରସପୂର୍ଣ୍ଣ ପଦ୍ୟାବଳୀ ରଚନା କରିଥିବା କେତେଜଣ ଶ୍ରେଷ୍ଠ କବିଙ୍କ କବିତାର ଉଦାହରଣ ଏଠାରେ ଉପସ୍ଥାପିତ କରିବା ସମୀଚିତ ହେବ।

ବନମାଳୀଙ୍କ ରଚନା - (୧) "ଜଗନ୍ନାଥ ହୋ କିଛି ମାଗୁ ନାହିଁ ତୋତେ / ଧନ ମାଗୁ ନାହିଁ, ଜନ ମାଗୁ ନାହିଁ / ମାଗୁଛି ଶରଧା ବାଲିରୁ ହାତେ।" (୨) "ଏହି ଅଳି ଶ୍ରୀଛାମୁରେ ହେ ଦୀନବନ୍ଧୁ ! ଏହି ଅଳି ଶ୍ରୀଛାମୁରେ / ଶ୍ରୀରଙ୍ଗା ଚରଣ ସେବାରେ ମୋ ମନ ରହିଥାଉ ନିରନ୍ତରେ।" (୩) "ଦୀନବନ୍ଧୁ ଦଇତାରି ଦୁଃଖ ନ ଗଲା ମୋହରି / ହେଲ କି ନିଷ୍ଠୁର ଚିତ୍ତ ନୀଳାଚଳେ ବିଜେ କରି।"

ଗୋପାଳକୃଷ୍ଣଙ୍କ ରଚନା :- "ଅନୁସରିତ ! କାଳ ଯାକ ଗଲା ସରିତ / କଣ ବିତରଣ କଲେ, କେତେ ଊଣା ହୁଅନ୍ତା କରୁଣା ସରିତ।" (୧) "ଜୟ ନୀଳାଦ୍ରି ବିହାରୀ ହେ / ଦୀନବନ୍ଧୁ ଜୟ ନୀଳାଦ୍ରିବିହାରୀ।" (୨) ଭକତଙ୍କ ହିତେ ନାମ ବହି ଅଛ / କରେ ଶଙ୍ଖ ଚକ୍ର ଧରି।" (୩) "ଭୁଜ ତଳେ ମତେ ରଖ ମହାବାହୁ / ବାହୁ ତଳେ ମତେ ରଖ।"

କବିସୂର୍ଯ୍ୟ ବଳଦେବ ରଥଙ୍କ ଭାଷାରେ ଭକ୍ତି କବିତା ଏପରି - (୧) "କେହି ସରିକି, ପ୍ରଭୁ ପଣେ, ନୀଳାଦ୍ରି କେଶରୀ କି / ଯା ଠାରେ ପୁରିଛି ଦୁଃଖ / ଜନ ଦୟା, ନଖ ଠାରୁ ଶିଖା ସରିକି।" (୨) "ବାଧିଲା ଜାଣି କ୍ଷମା ମନରେ ନୋହିଲେ ରମା ରମଣ ଦଣ୍ଡ ଦିଅଟାଳି / ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ ଭରଚି କରି ଦେବି ଗାଳି ହେ। କୃପାନିଧି ! କରୁଣା ସିନ୍ଧୁ ବୋଲି କରି କହନ୍ତି ବୁଧେ ଡରିମରି / କାଳସର୍ପ ଆପଣ, କବଳ କର ପ୍ରାଣ-ପାବନମାନଙ୍କୁ ସବୁରି ହେ କୃପା ନିଧି !"

ଦୀନବନ୍ଧୁ ଦାସଙ୍କ ଭକ୍ତି କବିତା ଗୁଡିକ ଉଚ୍ଚକୋଟିର ଓ ଭାବ ଗର୍ଭକ। (୧) "କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ, କରନ୍ତି ପୂର୍ଣ୍ଣ ଜନ-ମନୋରଥ / କଳି ମୁଁ ଏହି ଘେନି ଅଭିମତ, କରିବାକୁ ରସ କଲ୍ଲୋଳ ଗୀତ / କହିଲେ ସେ ଯେଣୁ, କରେ ମାତ୍ର ଲେଖିଲି ମୁଁ ତେଣୁ।" (୨) ଜୟ ଜଗବନ୍ଧୁ ହେ ଯଦୁ ନନ୍ଦନ / ବ୍ରଜବାଳୀ ହୃଦତଟ ଚନ୍ଦନ / ଜୟ ଜୟ ଜଗନ୍ନାଥ ନୀଳଗିରି ପତି / ଅଭିନବ ଜଳଧର ସୁନ୍ଦର ମୁରତି ହେ।"

**ଭିକାରୀ ବଳଙ୍କ ଜଣାଣ**

ଭିକାରୀଙ୍କ ଜଣାଣରେ - "ନଗଲୁ ମନ କ୍ଷେତ୍ରସ୍ଥଳକୁ / ଧନ, ଦାରା ସୁତ ଆବୋରି ବସିଛୁ / କେହି ନୋହେଁ ସଂଗ ଗଲା ବେଳକୁ।" ଗଜପତି ବୀରକେଶର ଦେବ ଭକ୍ତି ଭାବରେ ଜଗନ୍ନାଥଙ୍କୁ ଭଣତି କରି ଲେଖିଛନ୍ତି- (୧) "ପତିତପାବନ ବାନା ଆଉ କେତେ ବେଳକୁ / ଭାସିଗଲି ଭବଜଳେ ନାବ ଦିଅ କୂଳକୁ / ରୋପିବାର ବୃକ୍ଷଗୋଟି, କାଟୁ ଅଛ ମୂଳକୁ / ତିନିପୁରେ ଅପକୀର୍ତ୍ତି ହେବ ଆଦି ମୂଳକୁ।" (୨) "ଭୁଜ ତଳେ ମୋତେ ରଖ ମହାବାହୁ / ବାହୁତଳେ ମୋତେ ରଖ / ବିପୁଳ ଭୁଜ ବିସ୍ତାରି ଦେଲେ ଛାର, କି କରି ପାରିବ ଦୁଃଖ।"

> **"ଭୁଜ ତଳେ ମୋତେ ରଖ ମହାବାହୁ**
> **ବାହୁତଳେ ମୋତେ ରଖ**
> **ବିପୁଳ ଭୁଜ ବିସ୍ତାରି ଦେଲେ ଛାର**
> **କି କରି ପାରିବ ଦୁଃଖ।"**

ଅଭିମନ୍ୟୁ ସାମନ୍ତସିଂହାର ମହାପ୍ରଭୁଙ୍କ ଜଣାଣରେ ଲେଖିଛନ୍ତି- "ଜୟ ଜୟ ଜଗନ୍ନାଥ ଚଢ଼ି ନନ୍ଦି ଘୋଷ ରଥ, ଅନ୍ତର୍ଯ୍ୟାମୀ ! ଅନ୍ତର୍ଗତ ବାରତା ଜାଣି / ଦୁଃଖ ଜଣାଇଲେ ଦୁଃଖ କେବେ ହେଁ ନୁହଁ ବିମୁଖ, ଦୁଃଖ ଏଡି ସୁଖ ତାକୁ ଦିଅ ପ୍ରମାଣ, ସେହି ପ୍ରଭୁ ନୁହଁ କି ତୁମ୍ଭେ ? / ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ।"

ଚଣ୍ଡିଦାସଙ୍କ ଲେଖନୀରୁ ନିସୃତ ଜଣାଣ ଏହିପରି - "ଭଜମନ ଜଗନ୍ନାଥ, ନୀଳଚଳ ବାସୀ ଦାରୁବ୍ରହ୍ମଙ୍କୁ / ରତ୍ନ ସିଂହାସନେ ବିଜେ କରିଛନ୍ତି / ଧ୍ୟାନ କର ତାଙ୍କୁ ତରି ଯିବାକୁ।"

**ଆଧୁନିକ ଯୁଗ**

ଆଧୁନିକ ସମୟର କବି ମାନେ ମଧ୍ୟ ଜଗନ୍ନାଥଙ୍କୁ ନେଇ ବହୁ ଜଣାଣ ଓ ଭଜନ ରଚନା କରି ଓଡ଼ିଆ ଆଧ୍ୟାତ୍ମିକ ସାହିତ୍ୟକୁ ସୁସମୃଦ୍ଧ କରିଛନ୍ତି। ସେମାନଙ୍କ ମଧ୍ୟରେ କବି ନାଟ୍ୟକାର ବୈଷ୍ଣବ ପାଣି, କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ, କବି ଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଆର୍ତ୍ତବନ୍ଧୁ ଦାସ, ଲୋକନାଥ ପଟ୍ଟନାୟକ, ନଗେନ୍ଦ୍ର ମହାପାତ୍ର, କ୍ଷୀରୋଦ ଚନ୍ଦ୍ର ଗୋଥାଳ, ନନ୍ଦ କିଶୋର ସିଂହ, ଅଲେଖ ବିଶ୍ୱାଳ, ବିନୋଦିନୀ ଦେବୀ, ପ୍ରମିଳା ସାମଲ, ଅନ୍ତର୍ଯ୍ୟାମୀ ମିଶ୍ର, ରଘୁନାଥ ରାଉତ, ଗୌରହରି ଦଳାଇ, ଶରତ ଚନ୍ଦ୍ର ରଥ,

ବ୍ରହ୍ମୋତ୍ରୀ ଦେବୀ, ବନଜ ଦେବୀ, ମନୋରମା ମହାପାତ୍ର, ଇତ୍ୟାଦି ବହୁ କବି ରହିଛନ୍ତି। ସେମାନଙ୍କ ରଚନାରୁ କିଛି ଏଠାରେ ଉଲ୍ଲେଖ କରିବା ଦରକାର।

"କୋଠ ଭୋଗ ଖିଆ ମୋ ଚକା ଆଖିଆ / ଉଠ ହେ ପହଡ ଭାଙ୍ଗି।" (କ୍ଷୀରୋଦ ଚନ୍ଦ୍ର ପୋଥାଳ)। ନନ୍ଦ କିଶୋର ସିଂହଙ୍କ - "ବଡ଼ ଦାଣ୍ଡେ ଚାଲେ ତବ ନନ୍ଦିଘୋଷ ରଥ / ମନ ବଡ଼ ଦାଣ୍ଡେ ବାରେ ଆସ ଜଗନ୍ନାଥ।" କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜଣାଣ - "ସବୁଥିରୁ ବଞ୍ଚିତ କରି କେଉଁ ଯଶ ବାନା ଉଡାଇବ ହେ / ଯାହା ଦେଇଥିଲ ସବୁ ତ ନେଲଣି, ଆଉ କିସ କହ ଛଡାଇବ ହେ।"

ଅଲେଖ ବିଶ୍ୱାଳଙ୍କ ଭକ୍ତି ରସପୂର୍ଣ୍ଣ କବିତା - "ଆସିଥିଲି କାଳିଆ ତୋ ଦରଶନ ପାଇଁ ରେ / ତୋତେ ଛାଡ଼ି ଯିବାକୁ ମୋ ମନ ବଳୁ ନାହିଁରେ।" ଗୌରହରି ଦଳାଇଙ୍କ ଲେଖାରେ - "ଏମିତି ଏ ବଡଦାଣ୍ଡେ ହାତପାତି ରହିଥିବି / ପତିତପାବନ ପତାକାକୁ ଚାହିଁ / ତୋର ନାମ ଗାଉଥିବି।"

**କବିମାନେ ଜଗନ୍ନାଥଙ୍କ ମହିମାରେ ଆନନ୍ଦିତ ହେବା ସହିତ ଆତ୍ମିକ ହୃଦୟରେ ଜଗନ୍ନାଥଙ୍କୁ ଗାଳି ଦେବାକୁ ଭୁଲି ନାହାନ୍ତି।**

ସ୍ନେହଲତା ସାମଲଙ୍କ ଲେଖନୀରୁ - "ଭକତ ନ ଥିଲେ କିଏ ସେ ପୂଜନ୍ତା / ମନ୍ଦିର ଦୁଆର ଖୋଲି / ଅପୂଜା ରୁହନ୍ତ ଆହେ ଜଗନ୍ନାଥ / କେ କହନ୍ତା ପ୍ରଭୁ ବୋଲି।"

ରଘୁନାଥ ରାଉତଙ୍କ କବିତାରେ - "ଚକା ଆଖି ତୋତେ ଡାକି ମୁଁ ପାରୁନି / ମୁକତି ଦେବାକୁ ମୋତେ / ଏଇ ଦୁନିଆକୁ ବୈକୁଣ୍ଠ କରି ଦେ / ସ୍ନେହ ମମତାରେ ସଭିଙ୍କୁ ବାନ୍ଧିଦେ / ଏମିତି ମାଗୁଛି ତୋତେ।"

କୃଷ୍ଣଚନ୍ଦ୍ରଙ୍କ ଲେଖନୀରୁ - "ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ମନ୍ଦିରେ ପଡୁଛି ହୁରି / ଦାରୁ ବ୍ରହ୍ମ ରୂପେ ରତ୍ନସିଂହାସନେ ବସି ଶୁଣୁଛ ଭକ୍ତଙ୍କ ଗୁହାରୀ / କେଉଁ ରୂପେ ପ୍ରଭୁ ପାଖେ ପହଞ୍ଚି ଦେଉଛ ଖେଚଡି ଖିରୀ / କାହାକୁ ଦେଉଛ ତୁଳସୀ ପ୍ରସାଦ, ପାଇ ସେ ଯାଉଛିତରି।"

### ଶବ୍ଦାୟିତ ଭକ୍ତି ରସ

ଆଧୁନିକ କବି ମାନେ ଜଗନ୍ନାଥଙ୍କ ମାନବୀୟ ଲୀଳାକୁ ଦେଖି, ରଥ ଦାଣ୍ଡରେ ପତିତପାବନ ନେତକୁ ଚାହିଁ, ନନ୍ଦିଘୋଷ ରଥର ଘର ଘର ଶବ୍ଦରେ ଶବ୍ଦାୟିତ ହୋଇ ଯେଉଁ ଭକ୍ତି ରସର ଗୀତି କବିତାମାନ ରଚନା କରିଛନ୍ତି, ତାହା ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ହୃଦୟଗ୍ରାହୀ। କବିମାନେ ଜଗନ୍ନାଥଙ୍କ ମହିମାରେ ଆନନ୍ଦିତ ହେବା ସହିତ ଆତ୍ମିକ ହୃଦୟରେ ଜଗନ୍ନାଥଙ୍କୁ ଗାଳି ଦେବାକୁ ଭୁଲି ନାହାନ୍ତି। ଏପରି କବି ହେଲେ ଗୁରୁକୃଷ୍ଣ ଗୋସ୍ୱାମୀ, ରସ ରାଜ ନାରାୟଣ ପ୍ରସାଦ ସିଂହ, ଡକ୍ଟର ଖଗେଶ୍ୱର ମଲ୍ଲିକ, ମୀନାକ୍ଷୀ ଦେବୀ, ବୀର କିଶୋର ନାୟକ, ଦୁର୍ଗାଚରଣ ପଟ୍ଟନାୟକ ଯାହା ଏହି କ୍ଷୁଦ୍ର ପ୍ରବନ୍ଧରେ ଆଲୋଚନା କରିବା ସମ୍ଭବ ନୁହେଁ।

ଏବେ କିଛି ଅନୁଷ୍ଠାନ ଦ୍ୱାରା ଜଗନ୍ନାଥଙ୍କ ଗୀତିକବିତାମାନ ପ୍ରକାଶିତ ହେବାରେ ଲାଗିଛି। ପୂର୍ଣ୍ଣଚନ୍ଦ୍ର ଫାଉଣ୍ଡେସନ, ପୁରୀ ଦ୍ୱାରା ପ୍ରକାଶିତ ଗୀତି କବିତା "ଦୁଣ୍ଡରେ ମୋ ଜଗନ୍ନାଥ।" ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ, ପୁରୀ ଦ୍ୱାରା "ନୀଳାଚଳେ, ବିଜେ ଜଗତ ସାଇଁ", ଦୟାନିଧି ତ୍ରିପାଠୀଙ୍କ "ଭକ୍ତି ନନ୍ଦିଘୋଷ", ଘନଶ୍ୟାମ ସାହୁଙ୍କର "ହରି ଭରସା", ଦୁର୍ଗା ପ୍ରସାଦ ମହାପାତ୍ରଙ୍କ "ସଜତୁଳସୀ", ରାମଚନ୍ଦ୍ର ସାହୁଙ୍କର "ଉପାସନା", ନିରୁପମା ମହାପାତ୍ରଙ୍କ "ଭକ୍ତି କୁସୁମ ମାଳା", ତୃପ୍ତି ପଣ୍ଡାଙ୍କ "ଭାବବ୍ରହ୍ମ", କୁଞ୍ଜବିହାରୀ ମଲ୍ଲିକଙ୍କ "ଭକ୍ତି ସୁମନ", ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କର "ଭକ୍ତି ପୁଷ୍ପ", ସୁଷମା ଲେଙ୍କାଙ୍କ "ଶ୍ରୀକ୍ଷେତ୍ର ମହିମା ଭଜନ ମାଳା", ତ୍ରିନାଥ ଦାସଙ୍କ "ଲୋକ କଥାରେ ଭଗବାନ", ରାଜ କିଶୋର କେଇଙ୍କ "ଭକ୍ତି ଅଭଡା", ସୁଧାଂଶୁବାଳା ପଟ୍ଟନାୟକଙ୍କ "ଭକ୍ତି ନୈବେଦ୍ୟ", ଭରତ ଓଝାଙ୍କ "ଜଗନ୍ନାଥ ଭଜନ" ପ୍ରକାଶିତ ହୋଇ ଅଧିକାଂଶରେ ଜଗନ୍ନାଥଙ୍କୁ ନେଇ ଗୀତି କବିତାମାନ ରଚନା କରାଯାଇଛି। ଏହାଦ୍ୱାରା ଓଡ଼ିଆ ଭକ୍ତି କବିତା ସମୃଦ୍ଧ ହୋଇ ପାରିଛି।

ବର୍ତ୍ତମାନ ସମୟର କବିମାନେ ଜଗନ୍ନାଥଙ୍କ ଚକାଚକା ଆଖି ରଙ୍ଗ ଅଧରର ମନ୍ଦ ମନ୍ଦ ହସ, ତ୍ରିଭଙ୍ଗ ଠାଣି, ବାଙ୍କ ଚାହାଣୀ ଦେଖି ବିସ୍ମୟ ହୋଇ କବିତାମାନ ରଚନା କରୁଛନ୍ତି, ଯାହା ପ୍ରାଚୀନ କବି ମାନଙ୍କ ରଚନା ଠାରୁ କୌଣସି ଗୁଣରେ କମ ନୁହେଁ। ଜଗନ୍ନାଥଙ୍କ ପ୍ରେମରେ ଏକ କବିମାନେ ଶ୍ରଦ୍ଧା, ଭକ୍ତି, ବିଶ୍ୱାସକୁ ନେଇ ଉନ୍ନତ ରୁଚିପୂର୍ଣ୍ଣ ଭଜନ, ଜଣାଣ ମାନ ରଚନା କରୁଛନ୍ତି। ଯାହା ପାଠକୀୟ ଆଦୃତି ଲାଭ କରି ପାରୁଛି।

□□

ଲେଖକଙ୍କ ଇ-ମେଲ ଠିକଣା:
krushchandrarath@gmail.com

ଗଳ୍ପ

# ହଜିଯାଇଥିବା ମାନଚିତ୍ର

ଚୌଧୁରୀ ବରଦାପ୍ରସନ୍ନ ଦାସ



ନିଦ ମଳମଳ ଆଖିରେ ତରବରରେ ପ୍ଲାଟଫର୍ମକୁ ଓହ୍ଲେଇପଡି ଲତିଫ୍ ଦେଖିଲେ ଯେ ଷ୍ଟେସନର ନାଁ ଭୁବନେଶ୍ୱର। ଗତ ରାତିରେ ସେ କଲିକତାରୁ ପୁରୀ ଏକ୍ସପ୍ରେସ ଟ୍ରେନ୍‌ରେ ବସିଥିଲେ ଭଦ୍ରକରେ ଓହ୍ଲାଇବା ପାଇଁ। କିଛି ସମୟ ଉନ୍ନିଦ୍ର ରହିବା ପରେ କେତେବେଳେ ଗଭୀର ନିଦ ତାଙ୍କୁ ମାଡିବସିଛି ସେ ଜାଣିପାରିନାହାନ୍ତି। ଶାନ୍ତିର ନିଦଟା ଭାଙ୍ଗିଗଲା ବେଳକୁ ଦେଖୁଛନ୍ତି ଭୁବନେଶ୍ୱର। ଗନ୍ତବ୍ୟସ୍ଥଳ ଭଦ୍ରକ ରହିଗଲାଣି ପାଖାପାଖି ଦେଢ ଦୁଇଶହ କିଲୋମିଟର ପଛରେ। ହେଲେ ଏଇ ଦୂରତାଟା ବେଳକୁ ବେଳ ଅଧିକ ଲମ୍ବା ହୋଇଗଲା, ଯେତେବେଳେ ସେ ବାହାରକୁ ଆସି ଦେଖିଲେ ସବୁ ଶୂନଶାନ୍, ଗାଡିମଟର ଚଳାଚଳ ନାହିଁ। ଏପରିକି ଦୋକାନ ବଜାର ବନ୍ଦ। ଷ୍ଟେସନରୁ ଶୁଣିଲେ ଗାଡି ଚଳାଚଳ ବି ବନ୍ଦ ହୋଇଯାଇଛି। ଚାରିଆଡ଼େ କର୍ଫ୍ୟୁପରି ଶୁନ୍‌ଶାନ୍।




କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ଆଜି ସମଗ୍ର ମାନବଜାତି ଆତ୍ମଗୋପନ କରିଛି। ସାମାଜିକ ଦୂରତ୍ୱ ରକ୍ଷା କରିବା ପାଇଁ ସରକାର କଠୋର ନିୟମ କରିଛନ୍ତି, ଚିରମୁକ୍ତିକାମୀ ଅମାନିଆ ମଣିଷମାନଙ୍କ ପାଇଁ। ଚାରିଆଡ ଅନ୍ଧାର ଲାଗିଲା ତାଙ୍କୁ।

ବଙ୍ଗଳାଦେଶରେ ତାଙ୍କର ଘର। ବୟସ ସତୁରୀରୁ ଢେର ଅଧିକ। ନିଜର ଚିକିତ୍ସା ପାଇଁ ବାହାରିଥିଲେ ଭଦ୍ରକର ଏକ ନର୍ସିଂହୋମକୁ। ବହୁଆଡୁ ନିରାଶ ହେଲାପରେ ଶୁଣିଲେ ଯେ ଓଡିଶାର ଭଦ୍ରକରେ ଜଣେ ଖ୍ୟାତନାମା ଡାକ୍ତର ଅଛନ୍ତି। ତାଙ୍କରି ପାଖରେ ଭଲହେବାର ଆଶାକରି ସେ ବଙ୍ଗଳାଦେଶ ଛାଡିଥିଲେ। ଶୁଣିଥିଲେ ଯେ ଭଦ୍ରକରେ ତାଙ୍କର ବହୁ ଆତ୍ମୀୟ ସ୍ୱଜନ ଅଛନ୍ତି। କିନ୍ତୁ ଆଜି ସେ ଭୁବନେଶ୍ୱର ପ୍ଲାଟଫର୍ମରେ ବନ୍ଦୀ।

ନିରାଶାରେ କିଛିଦିନ ରହିବା ପରେ ଭାବିଲେ ସେ ପୋଲିସର ସାହାଯ୍ୟ ନେବେ। ହେଲେ ମନରେ ବହୁ ପ୍ରଶ୍ନ ଆସିଲା। ପୋଲିସ ତାଙ୍କୁ ବିଶ୍ୱାସ କରିବ କେମିତି? କେହି ମୁସଲମାନ ବୋଲି ଘୃଣା କରିବେ ନାହିଁ ତ। କାଳେ କେହି ନେଇ ହାଜତରେ ଠୁଙ୍କିଦବକି କୋଉ ଦେଶଦ୍ରୋହୀ ଭାବି ଗୁଡେଇତୁଡେଇ ପ୍ରଶ୍ନ କରିବ? ଆହୁରି ଭୟ ଲାଗିଲା କାଳେ କିଛି କଥା ଆଦାୟ କରିବାକୁ ଶାରିରୀକ ଅତ୍ୟାଚାର କରିବ? ଆଶଙ୍କା ଭିତରେ ଆଣ୍ଠୁରେ ମୁହଁମାଡି ଘୁମେଇ ପଡିଥିଲାବେଳେ କାହାର ସ୍ୱରରେ ମୁଣ୍ଡ ଉଠେଇ ଯାହାକୁ ଦେଖିଲେ ସେ ଥିଲେ ଜଣେ ପୋଲିସ। ହଡବଡେଇ ଯାଇ ନିଜ ବ୍ୟାଗରେ ହାତ ମାରିଲେ, ନିଜକୁ ଚିହ୍ନେଇବାକୁ କାଗଜପତ୍ର ସବୁ ଅଛି ନା ନାହିଁ।

'ମଉସା କୋଉଠିକି ଯିବେ?' ସ୍ୱରଟା ଥିଲା ମଧୁର ଆଉ ଆଶ୍ୱାସନା ପ୍ରଦାୟିନୀ। ଠିକ୍ ଭାବରେ ଶୁଣୁଥିଲେ ବି ସହଜରେ ବିଶ୍ୱାସ କରିପାରୁନଥିଲେ। ପ୍ରଶ୍ନକର୍ତ୍ତାଙ୍କ ଦେହର ବର୍ଦ୍ଦିକୁ ଦେଖି ସେ ଅଲଗା ପ୍ରକାର ପ୍ରଶ୍ନ ଆଶା କରୁଥିଲେ। ସେ ପଚାରିଥାଆନ୍ତେ 'ହେ ବୁଢା କୋଉଠିକି ଯିବୁ?' ପୁଣି ତା ସହ ବାଡିରେ ଟିକେ କେଞ୍ଚିଦେଇଥାଆନ୍ତେ। ମନରେ ଭୟ ଆସୁଥିଲା। ସେ ମୁସଲମାନ ବୋଲି ମୁହଁର ଦାଢୀ ଆଉ ଦେହର ପୋଷାକରୁ ସଫା ବାରିହୋଇ ପଡୁଛନ୍ତି।

ଥମଥମ ହୋଇ ସବୁକଥା ବଖାଣିଲେ। ବ୍ୟାଗରୁ ବାହାରକରି କାଗଜ ବି ଦେଖେଇଲେ। ବଙ୍ଗଳାଭାଷାରେ ଟିକିଏ ଧୀର କରି ବୁଝେଇଲେ। ଭାବିଥିଲେ ସବୁ ବୁଝି ପୁଲିସ

ଚାଲିଗଲେ ସେ ନିରୋଳାରେ ବସି କଣ କରିବେ ସେ କଥା ଚିନ୍ତା କରିବେ। ଅନେକ ସମୟ ଧରି କିଛି ଖାଇନାହାନ୍ତି। ପାଖରେ ବି କିଛି ମିଳୁନି। ପୋଲିସର ପ୍ରଶ୍ନର ଧାରା ବଦଳିଗଲା।

"କିଛି ଖାଇଛନ୍ତି ?" ଆଶ୍ଚର୍ଯ୍ୟରେ ଚାହିଁଲେ ଏଇ ବଙ୍ଗଳାଦେଶୀ। କିଛି ନକହି ତାଙ୍କର ଥମଥମ ଭାବ ଦେଖି ପୋଲିସ ବର୍ଦ୍ଦିରେ ଥିବା ଝିଅଟି ଦୁଇଟା ଚକୋଲେଟ ବାହାର କରି କହିଲା "ପ୍ରତ୍ୟେକ ବୟସ୍କ ଲୋକ ଖାଲିପେଟରେ ଅନେକ ସମୟ ରହିଲେ ସୁଗାର କମିଯାଇ ସମସ୍ୟା ହେବାର ଆଶାଥାଏ। ଆପଣ ଆଗ ଚକୋଲେଟ ଦିଇଟା ପାଟିରେ ପକେଇ ଦିଅନ୍ତୁ।"

ପଛକୁ ଫେରି ଚାହିଁଲେ ଲତିଫ୍। ଏ ଯେ ଅମୀନାର ସ୍ୱର। ଢାକା ୟୁନିଭରସିଟିର ସମାଜବିଜ୍ଞାନର ଅଧ୍ୟାପିକା ତାଙ୍କର କନ୍ୟା ଅମୀନା। ଆସିଲାବେଳେ କହୁଥିଲା 'ବାପା ସବୁବେଳେ ଚକୋଲେଟ ଦିଇଟା ପାଖରେ ରଖିଥିବ। କାଳେ କେତେବେଳେ ସୁଗାର କମିଯିବ।' କାଇଁ ଅମୀନା କୋଉଠି ତ ନାହିଁ। ସାମନାରେ କେବଳ ପୋଲିସ ବର୍ଦ୍ଦି ପିନ୍ଧା ଝିଅଟି। ତାଙ୍କୁ ଚକୋଲେଟ ନବାର ଡେରି ଦେଖି ଆଦେଶ ଆଉ ସୋହାଗର ଏକ ମିଶ୍ରିତ ସ୍ୱରରେ ଆଖି ବଡ ବଡ କରି କହିଲା ଝିଅଟା 'କହିଲି ପରା ଖାଇଦିଅନ୍ତୁ।' ଟପଟପ ହୋଇ ଆଖିରୁ ଲୁହ ଆପେ ଆପେ ଗଡି ପଡିଲା ତାଙ୍କର। ଅମୀନା ଠିକ୍ ଏମିତି କହେ।

**ଆଗକୁ ଇଦ୍‌ପର୍ବ। ବିକଳରେ ଆଶ୍ରୟଗୃହର ଝରିକାନ୍ଥକୁ ଚାହିଁଲେ ସେ।**

ତାପର ଘଟଣା ବୃଦ୍ଧଙ୍କୁ ଆହୁରି ଆଶ୍ଚର୍ଯ୍ୟ କଲା। ଭ୍ୟାନ୍‌ରେ ବସାଇ ସହରର ଡିସିପିଙ୍କ ଅଫିସକୁ ତାଙ୍କୁ ନେଇଗଲେ ଏଇ ମହିଳା ଅଫିସର। ପହଞ୍ଚୁ ପହଞ୍ଚୁ ତାଙ୍କୁ ଘେରିଗଲେ କିଛି କର୍ମଚାରୀ। ରାସ୍ତାରେ ପରିତ୍ୟକ୍ତ ଅବସ୍ଥାରେ ବୁଲୁଥିବା ମଣିଷଟି ହଠାତ୍ କୁଣିଆଁ ପାଲଟି ଗଲା। ପ୍ରଖର ବନ୍ୟାଜଳର ଭଉଁରୀ ଭିତରୁ ବାହାରି ସତେ ଯେମିତି ସେ କୂଳରେ ଛିଡା ହୋଇଗଲେ। ଲାଗୁଥିଲା ଯେମିତି ସେ ଭଉଁରୀଟା ଗୋଟାଏ ପ୍ରଳୟର ଚକ୍ର ନୁହେଁ ବରଂ ଗୋଟାଏ ଆଲୋକିତ ଉପତ୍ୟକାର ଦ୍ୱାର।

ସାରାବିଶ୍ୱ କୋଭିଡ୍ ରାକ୍ଷସ ହାତରେ ପାଲଟିଯାଇଛି କଣ୍ଢେଇଟିଏ। ଯୁକ୍ତରାଷ୍ଟ୍ର ଆମେରିକାର ବର୍ଣ୍ଣାଢ୍ୟ ପ୍ୟାଲେସ ହେଉ କି କେଉଁ ସହରତଳି ବସ୍ତିହେଉ, ସମସ୍ତେ ଆତଙ୍କିତ। ଏମିତି ଭାବୁଭାବୁ ଲତିଫଙ୍କୁ ପୋଲିସମାନେ ନେଇଗଲେ ଗୋଟାଏ ଆଶ୍ରୟଗୃହକୁ। ସରକାରଙ୍କ ତରଫରୁ ଖାଇବା ରହିବା ବ୍ୟବସ୍ଥା।

ଆଗକୁ ଇଦ୍‌ପର୍ବ। ବିକଳରେ ଆଶ୍ରୟଗୃହର ଝରିକାନ୍ଥକୁ ଚାହିଁଲେ ସେ। ତଥାପି ସେ ଆଜି ତା'ରି ଭିତରେ ବନ୍ଦୀ। ନିଜ ସହରରେ ସବୁ ପରିବାର ଆଉ ପଡୋଶୀମାନେ ବହୁ ଧୁମ୍‌ଧାମରେ ପାଳିବେ ଏଇ ମିଳନ ଭାଇଚାରା ଆଉ ତ୍ୟାଗର ପର୍ବ। କେତେବର୍ଷ ହେଲା ଝିଅଟା ବଡ଼ ହେଲା ଦିନୁ ପ୍ରତିଇଦ୍‌ରେ ନୂଆ କପଡା ଆଣେ। ପାଠ ପଢୁଥିବା ବେଳେ ନିଜ ହାତ ଖର୍ଚ୍ଚଟଙ୍କାରୁ ସଂଚିରଖି ଲୁଗା ଆଣୁଥିଲା। ଆଉ ଏବେ ନିଜେ ଚାକିରି କଲାଣି। ନିଜ ହାତରୁ ଖର୍ଚ୍ଚକରିପାରୁଚି। ମନରେ ତାଙ୍କର ବିଷାଦ ଛାଇ ହୋଇଗଲା। ଯେତେବେଳେ ଏ ବର୍ଷ ଇଦ୍‌ରେ ସେ ଏକଲା ରହିବେ ଆଉ ସାଥୀରେ ଆଣିଥିବା ସେଇ ପୁରଣା କପଡା ପିନ୍ଧିବେ। ସେପଟେ ଝିଅଟା ପ୍ରାୟ ତା ଆଣିଥିବା ନୂଆଁ କପଡାକୁ ନଖୋଲି ସେମିତି ରଖିଥିବା ଘରେ ଇଦ୍‌ଟା ନିଶ୍ଚୟ ଫିକା ହୋଇଯିବ।

ଇଦ୍ ପୂର୍ବରାତିରେ ଏମିତି ଭାବିଭାବି ଯେତେ ଶୋଇବାକୁ ଚେଷ୍ଟାକଲେ ବି ନିଦ ଆସୁନଥିଲା। ପିଲାବେଳେ ମା ବହୁତ ସରାଗରେ ତାଙ୍କ ମା' ପାଇଁ ନୂଆ ଲୁଗା ଆଣୁଥିଲା। ମା ଚାଲିଗଲା ପରେ ସେ ପୁଣି ଝିଅରୂପରେ ପ୍ରାୟ ଫେରିଆସିଛି। ହେଲେ ଏବର୍ଷ ଇଦରେ କାହାକୁ ଅପେକ୍ଷା କରିବାର ନାହିଁ। ଭାବିଭାବି ପାହାନ୍ତିଆକୁ ଟିକିଏ ନିଦ ଲାଗିଗଲା।

ସକାଳୁ ଯାହାର କବାଟ ଠକ୍ ଠକ୍ ଶୁଣି ସେ ଉଠିଲେ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କୁ ଏଠି ରଖାଇଥିବା ପୋଲିସ ଝିଅଟା। ଯେତେ ଯାହାହେଲେବି ସାମନାରେ ପୋଲିସକୁ ଦେଖିଲେ ମଣିଷ ଭିତରେ ଟିକିଏ ଚମକି ପଡେ। କିନ୍ତୁ ତାଙ୍କୁ ଆଶ୍ଚର୍ଯ୍ୟକରି ଝିଅଟି ଯେତେବେଳେ ଆଣିଥିବା ପ୍ୟାକେଟକୁ ଖୋଲିଦେଲା। ସେ ପୁଣି ଚମକି ପଡି ପୋଲିସ ଝିଅଟିର ମୁହଁକୁ ଚାହିଁ ଭାବିଲେ ସେ ଠିକ୍ ଦେଖୁଛନ୍ତି ଏ ଅମୀନା ନୁହେଁ। କିନ୍ତୁ ....

ହସି ହସି ନୂଆ ଲୁଗା ପ୍ୟାକେଟଟି ଦେଇ ସେ ଝିଅଟି କହିଲା ଆଜି ଇଦ୍‌ରେ ପିନ୍ଧିବେ। ଡିସିପି ସାର ବି କହିଛନ୍ତି ଆପଣ ଆମର ଅତିଥି। ଧାର ଧାର ହୋଇ ଲୁହ ଗଡିଗଲା ତାଙ୍କ ଆଖିରୁ। ଦୁଃଖରେ ନୁହେଁ ଆନନ୍ଦରେ। ମହାଭାରତୀୟ ନାରୀର ଅନ୍ତରରେ ବହୁଛି

ମମତାର ଫଲ୍‌ଗୁ। କାନ୍ଧାହାରରୁ ଖୁଲଣା। କ୍ଷମତା ଯୁଦ୍ଧରେ ସେ ଆଜି ବଳି ପଶୁ। ଲତିଫ୍ ଭାବିଲେ ତାଙ୍କ ଘରିପାଖ ଏବେ କୋଳାହଳପୂର୍ଣ୍ଣ। ପରିବାରର ସମସ୍ତେ ଯେମିତି ପାଖରେ। ଆଶ୍ରୟସ୍ଥଳୀର ଅନେକ ଅନ୍ତେବାସୀ ପହଁଚି ଥାଆନ୍ତି ତାଙ୍କ ଦୁଆର ପାଖରେ। ସମସ୍ତେ ହାତ ଉଠେଇ ପ୍ରଣାମ କରୁଥିଲେ ମହାପୁରୁଷଙ୍କୁ। ସତେ ଯେମିତି ସମସ୍ତେ ମୁସଲମାନ। ମସଜିଦରୁ ପ୍ରାର୍ଥନାର ଶବ୍ଦ ଶୁଭୁଛି। ପୁଣି ପାଖ ମନ୍ଦିରରୁ ଘଣ୍ଟଘଣ୍ଟା ଶୁଭୁଛି। ଇସଲାମ୍‌ରେ ପ୍ରାର୍ଥନାର ସ୍ୱର ହେଲା ସମର୍ପଣର ସ୍ୱର। ସବୁଧର୍ମରେ ମଧ୍ୟ।

ଏଥିଲା ଲତିଫଙ୍କର ପ୍ରଥମ ଭାରତ ଆସିବା। ନା, ତାଙ୍କର ଜନ୍ମ ସମୟରେ ଦେଶର ମାନଚିତ୍ର ଥିଲା ଅଲଗା। କ୍ଷମତା ଯୁଦ୍ଧରେ ଧର୍ମ ନାମରେ ସେଇଟା ପରେ ଚିରିଗଲା। ଲାଗିଲା ସେମିତି କରୋନା ମହାମାରୀ ତାଙ୍କୁ ଏକଲା କରିନି ବରଂ ଗୋଟାଏ ମିଳନର ସେତୁରେ ଚଳିବା ଶିଖେଇଛି। ଏ ଯାବତ୍ ଶିକ୍ଷାବ୍ୟବସ୍ଥା ତାଙ୍କୁ ଘୃଣାକରିବା ଶିଖେଇଥିଲା, ହେଲେ ପ୍ରକୃତି ଆଜି ମଣିଷକୁ ଭଲପାଇବା ଶିଖେଇଛି। ମନରେ ତାଙ୍କର ଲୁଚି ରହିଥିବା ମହାଭାରତୀୟ ଚେତନା ଗୁଂଜରି ଉଠୁଥିଲା। ସତରେ, ଧର୍ମ ଗୋଟାଏ ପାଚେରି ନୁହେଁ ବରଂ ଚିର ମିଳନର ସେତୁ। ସେଦିନଠୁଁ ମନ୍ଦିର, ମସଜିଦ୍ ଗୀର୍ଜା ଯେଉଁଠୁ ବି ପ୍ରାର୍ଥନା ଶୁଣିଲେ ତାଙ୍କର ଆଖି ବୁଜି ହୋଇଯାଏ, ଆପେ ହାତ ଯୋଡି ହୋଇଯାଏ।




ଲକ୍‌ଡାଉନ୍ କୋହଳ ହେବା ପରେ ନିଜେ ଡିସିପି ସାହାଯ୍ୟକରି ତାଙ୍କର ଫେରିବାର କାଗଜପତ୍ର କରାଇଲେ। ଲତିଫ୍ ଭାବୁଥିଲେ, ଏଇ ମହାମାନବୀୟ ଚେତନାର ମାନଚିତ୍ରକୁ ଚିରିଦେଇ କିଏ କଣ ପାଇଲା। କେହି କଣ ପାଇଲେବି, ସାଧାରଣ ମଣିଷ ନା ଈଶ୍ୱର ନା ଆଲ୍ଲାଙ୍କୁ ପାଇଛି। ମନଭିତରୁ କିଏ ହସିଦେଲା ଆଉ କହିଲା ତାଙ୍କୁ ପାଇବୁ ବା କେଉଁଠି? ସେ ପରା ତୋର ଜୀବନ ରସ। ହୃଦୟରେ ନିତ୍ୟ ବିରାଜିତ।

ଆସିଲା ଦିନ ଭୋ ଭୋ ହୋଇ କାନ୍ଦି ଉଠିଥିଲେ ସେ। ସ୍ୱତଃ ବି କାନ୍ଦି ଉଠିଥିଲେ ସମସ୍ତ ଅନ୍ତେବାସୀ। ଶାସକର ସ୍ୱର ଏଠି ମହାମାନବୀୟ, ବସୁଧା ତାଙ୍କ ପାଇଁ ଗୋଟିଏ କୁଟୁମ୍ବ। ଫେରିବା ବେଳେ ବାଟରେ ଖାଇବା ପାଇଁ ଆଶ୍ରୟସ୍ଥଳ ତରଫରୁ ଖାଇବା ପ୍ୟାକେଟଟିଏ ଦିଆଯାଇଥିଲା।

ଘରେ ପହଁଚିଲା ପରେ ସମସ୍ତଙ୍କ ପ୍ରଶ୍ନ ଚକିତ କରିଥିଲା ଲତିଫଙ୍କୁ। "ସତରେ ତମେ କଣ ଭଲରେ ଥିଲ। ଆମକୁ ଲାଗୁଥିଲା ଯେମିତି ପୋଲିସ କି ଫୌଜ ନାଲିଆଖି ଦେଖେଇ ଏପରି ମନଗଢା କାହାଣୀ କୁହାଉଛନ୍ତି। ଇଦ୍‌ରେ ସତରେ ତୁମେ କଲ କଣ?"

ଏତେ ସବୁ ଅବିଶ୍ୱାସଭରା ପ୍ରଶ୍ନରେ ବିବ୍ରତ ହୋଇ ଲତିଫ୍ ଦୌଡିଗଲେ ବାପାଙ୍କ ଶୋଇଲା ଘରକୁ। ପିଲାବେଳେ ଏଇଠି ଗୋଟିଏ ମାନଚିତ୍ର ଥିଲା। ଆଉ ନୀଳଗାର ସୂଚେଇ ଦେଉଥିଲା ସତ୍‌ଲେଜ, ଗଙ୍ଗା, ଯମୁନା, କୃଷ୍ଣା, ବ୍ରହ୍ମପୁତ୍ର ପୁଣି ପଦ୍ମାର ଜଳଧାରାକୁ। ବାପା ଥିଲା ପର୍ଯ୍ୟନ୍ତ ବେଳେବେଳେ ଦେଖୁଥିଲେ ସେଇ ମାନଚିତ୍ରକୁ। କିଛି କୁହନ୍ତି ନି। ନିରବରେ ଅନେକ ସମୟରେ ଚାହାଁନ୍ତି। ଗୁଣୁ ଗୁଣୁ ହୋଇ ବେଳେବେଳେ ରବୀନ୍ଦ୍ର କି ନଜରୁଲଙ୍କର ଗୀତ ପଦେପଦେ ବୋଲନ୍ତି। ଦେଶର ସ୍ୱାଧୀନତା କାଳରେ ସେ କେତେଥର ଜେଲ ଯାଇଛନ୍ତି ମାଡବି ଖାଇଛନ୍ତି। ସେ କ'ଣ ଭାବିଥିଲେ ଅଭିନ୍ନ ହୃଦୟଟା ଖଣ୍ଡ ଖଣ୍ଡ ହୋଇଯାଉ?

ପରିବାର ଲୋକଙ୍କର ପ୍ରଶ୍ନ ସରିଲାନି। ପ୍ରଶ୍ନପରେ ପ୍ରଶ୍ନ ଅଜାଡି ହୋଇ ପଡୁଥାଏ। ବିକଳରେ ଅମୀନାକୁ କୋଳେଇ ନେଲେ ଲତିଫ୍। ଲାଗିଲା ସେମିତି ଅମୀନା ଭିତରେ ହଜିଯାଇଛି ସେଇ ହିନ୍ଦୁ ପୋଲିସ୍ ଝିଅଟି। ପୁଣି ମାନଚିତ୍ର ଭିତରେ ହଜିଯାଇଛି ହୃଦୟର ଆବେଗ ଆଉ ମାନବୀୟ ସଂପର୍କର ସ୍ୱର।

(ଏକ ବାସ୍ତବ ଘଟଣାର ଛାୟାରେ ରଚିତ।)

□□

ଲେଖକଙ୍କ ଇ-ମେଲ ଠିକଣା:
barada.das@gmail.com

ଶିଶୁ ଗଳ୍ପ



# ଶିକାରୀ ବୁଢ଼ା ବଦଳିଗଲା

ପ୍ରେମାନନ୍ଦ ନାୟକ

ବହୁତ ଚେଷ୍ଟା କଲେ ଜାଲରୁ ମୁକୁଳି ପାରିଲେନି ଚାରିଟା କପୋତ। ଶିକାରୀ ବୁଢ଼ା ଜାଲ ସହ କପୋତ ଚାରିଟାକୁ କାନ୍ଧରେ ପକେଇ ଘରକୁ ଫେରିଲା। କପୋତମାନେ କାନ୍ଦି କାନ୍ଦି ଡାକିଲେ- ଆମକୁ ଶିକାରୀ କବଳରୁ ବଞ୍ଚାଅ। ମୂଷାଭାଇ... ମୂଷାଭାଇ... । ତୁ କୋଉଠି ଅଛୁ ଶୀଘ୍ର ଆସି ଆମକୁ ବଞ୍ଚଇ ଦେ...।

ଶିକାରୀ ବୁଢ଼ାକୁ ଶୋଷ ଲାଗିଲା। ଝରଣାକୂଳେ ଜାଲ ରଖିଦେଇ ପାଣି ପିଇବାକୁ ଗଲା। ଇସ୍... ଝରଣା ପାଣିରେ ଏତେ ପୋକ! ଏ ପାଣି ପିଇଲେ ରୋଗ ମାଡିବସିବ। କ'ଣ ଏବେ କରିବି। କପୋତଟିଏ ପଚାରିଲା- ଝରଣା ପିଇବା ପାଇଁ ନାହିଁ ନା? ଆଖ ପାଖରେ କୋଉଠି ପିଇବା ପାଣି ଅଛି ମୁଁ ଜାଣିଛି। ଆମକୁ ଛାଡି ଦେ, ମୁଁ ତୋତେ ଦେଖେଇ ଦେବି ପିଇବା ପାଣି କୋଉଠି ଅଛି। ଶିକାରୀ ବୁଢ଼ା କହିଲା- ମୋତେ ବୋକା ଭାବିଲୁ କି? ତୁମକୁ ଛାଡ଼ିଦେବି? ତା'ପରେ ତମେମାନେ ଫୁର୍‌କିନା ଉଡି ପଳେଇବ। କପୋତ କହିଲା- ହଉ, ତମେ ଆମକୁ ନ ଛାଡ଼ିଲେ ନାହିଁ, ପାଣି କୋଉଠି ଅଛି ଶୁଣ।

ପେଟେ ପାଣି ପିଇଲା ଶିକାରୀ ବୁଢ଼ା। ମୁହଁ, ହାତ ଧୋଇଲା। ଏହି ସମୟରେ ଧଳା ମୂଷାଟିଏ ଆସି ଦେଖିଲା କପୋତ ଚାରିଟା ଜାଲରେ ଛନ୍ଦି ହେଇ କଷ୍ଟ ପାଉଛନ୍ତି। ସାଙ୍ଗେ ସାଙ୍ଗେ ସେ ଜାଲ କାଟିବା ଆରମ୍ଭ କରିଦେଲା। ଜାଲ କଟା ସରିନି ଶିକାରୀ ବୁଢ଼ା କାନ୍ଧରେ ଜାଲ ପକେଇ ଚାଲିଲା। ଧଳାମୂଷା କହିଲା- ମୁଁ ଜାଲ କାଟୁଛି, ତମେମାନେ ଜଣକ ପରେ ଜଣେ ଖସିଯାଅ। କପୋତମାନେ ଜାଲରୁ ଖସିଗଲେ। ହେଲେ ଧଳାମୂଷା ମୁହଁ ଜାଲରେ ଏମିତି ଛନ୍ଦି ହେଇଗଲା ଯେ, ସେ ଯେତେ ଚେଷ୍ଟା କଲା ଜାଲରୁ ମୁକୁଳି ପାରିଲାନି। କପୋତମାନେ ଦେଖିଲେ ମୂଷା ଜାଲରେ ଛନ୍ଦି ହେଇ ଛଟପଟ ହଉଛି। ସେହି ଜାଲକୁ ବୋହି ନେଇ ଶକାରୀ ବୁଢ଼ା ଚାଲିଛି, ସେମାନେ ଶିକାରୀବୁଢ଼ା ପଛେ ପଛେ ଉଡି ଉଡି ଗଲେ।



ଶିକାରୀ ବୁଢ଼ା ଘରେ ପହଞ୍ଚିଲା। ଦେଖିଲା ଜାଲରେ କପୋତ ନାହାଁନ୍ତି, ଧଳା ମୂଷାଟିଏ ଛନ୍ଦି ହେଇ ଛଟପଟ ହଉଛି। ରାଗରେ ବୁଢ଼ା ପାଚିଗଲା। ଦାନ୍ତ କଡମଡ କଲା। କହିଲା- 'ତୁ ଜାଲ କାଟିଲୁ ବୋଲି କପୋତ ଚାରିଟା ଖସିଗଲେ। ତୁ ଧରା ପଡିଯାଇଛୁ ତ, ରହ ରହ ତୋତେ ଦଉଚି ପାନେ, କୁଆଡ଼େ ଗଲା ମୋ ପିଟ୍‌ଣା। ଗୋଟାଏ ପାହାର ଦେବି, ଚଟଣି ହେଇଯିବୁ।' ଏହି ସମୟରେ କପୋତ ଚାରିଟା ଆସି ଶିକାରୀବୁଢ଼ା ଆଗରେ ଛିଡା ହେଲେ। କହିଲେ- 'ମଉସା, ଆମ ପାଇଁ ମୂଷା ଭାଇ କାହିଁକି ଦଣ୍ଡ ପାଇବ? ତାକୁ ଛାଡିଦିଅ। ଆମକୁ ନେଇ କ'ଣ କରିବା କଥା କର।' ମୂଷା କହିଲା- 'ନାଇଁ କପୋତମାନଙ୍କୁ ଧରନା। ସେ ଚାରିଜଣ ପାଇଁ ମୁଁ ଦଣ୍ଡ ପାଇବାକୁ ରାଜି। ପିଟଣା ଆଣ, ମତେ ଚଟଣି କରିଦିଅ।'

କପୋତଟିଏ କହିଲା- 'ମୂଷାଭାଇ, ଆମକୁ

ବଂଚେଇବାକୁ ଆସି ତୁ ଧରା ପଡିଗଲୁ।' ମୂଷା କହିଲା- 'ତୁମେ ଚାରିଜଣ ବିପଦରେ ପଡ଼ିଥିଲ। ତମମାନଙ୍କୁ ବଞ୍ଚେଇବା ମୋର ଧର୍ମ। ତମମାନଙ୍କୁ ବଞ୍ଚେଇବାକୁ ଯାଇ ଯଦି ନିଜେ ବିପଦରେ ପଡ଼ିଗଲି, ମନ ଦୁଃଖ କରିବ କାହିଁକି ? ମୁଁ ମୂଷା ଜନ୍ମ ପାଇଚି କ'ଣ ଖାଲି ଖାଇ ପିଇ ବଂଚିବାକୁ? ଅନ୍ୟକୁ ବିପଦମୁହଁରୁ ବଂଚେଇବା ପରା ଗୋଟେ ଭଲ କାମ। ଭଲ କାମ କଲେ ଆନନ୍ଦ ମିଳେ। ମୁଁ ଏବେ ବହୁତ ଖୁସି। ଶିକାରୀ ମଉସା, ପିଟଣା ଆଣ ମତେ ଚଟଣି କରିଦିଅ।'

ଶିକାରୀ ବୁଢ଼ା ଗାଲରେ ହାତ ଦେଇ ମୂଷା ଆଉ କପୋତଙ୍କର କଥା ଶୁଣୁଥିଲା। କହିଲା- 'ହଇରେ ମୂଷା, କପୋତ! ଖସିଯିବା ପାଇଁ ମତେ ଭେଳିକି ଦେଖଉନତ ?' ମୂଷା, କପୋତ ଏକ ସ୍ୱରରେ କହିଲେ- 'ଆମ ସମସ୍ତଙ୍କୁ ତମେ ମାରିଦିଅ।' ଏକଥା ଶୁଣି ବୁଢ଼ା ଆଖି ଲୁହ ଛଳ ଛଳ ହେଇଗଲା। କହିଲା- 'ଆରେ, ଜଣକ ପ୍ରତି ଆଉ ଜଣଙ୍କର ଏତେ ଭଲ ପାଇବା! ମୁଣ୍ଡ ବାଳ ଧଳା ହେଇଗଲା, ଏମିତି କଥା କେବେ ଶୁଣି ନ ଥିଲି। ମୁଁ ତମ ସମସ୍ତଙ୍କୁ ଛାଡିଦେଉଛି। ଆଉ ଶପଥ କରୁଛି, ବଂଚିଥିବା ପର୍ଯ୍ୟନ୍ତ କୋଉ ଜୀବଜନ୍ତୁଙ୍କୁ ଧରିବିନି।'

**'ଏ ଜଙ୍ଗଲ, ଜୀବଜନ୍ତୁ, ମଣିଷ ସମସ୍ତଙ୍କ ପାଇଁ ଭାତ ହାଣ୍ଡି। ଭାତହାଣ୍ଡି ଭାଙ୍ଗିଗଲେ ଆଉ କୋଉଠୁ ଭାତ ମିଳିବ?**

କପୋତଟିଏ କହିଲା- 'ମଉସା, ଯଦି ତମେ ମନ ବଦଳେଇ ଦେଲ, ତେବେ ଆଉ ଗୋଟେ ଭଲ କାମ କର।' ବୁଢ଼ା ପଚାରିଲା 'ଆଉ କୋଉ ଭଲ କାମ ?' କପୋତ କହିଲା- 'ଏ ଜଙ୍ଗଲ, ଜୀବଜନ୍ତୁ, ମଣିଷ ସମସ୍ତଙ୍କ ପାଇଁ ଭାତ ହାଣ୍ଡି। ଭାତହାଣ୍ଡି ଭାଙ୍ଗିଗଲେ ଆଉ କୋଉଠୁ ଭାତ ମିଳିବ? ଏବେ ଜଙ୍ଗଲରେ ଗଛବୃକ୍ଷ ନାହିଁ ବୋଲି ଠିକ୍-ଠାକ୍‌ରେ ବରଷା ହଉନି। ଦେଖିଲ ତ, ଝରଣାରେ ମୁନ୍ଦେ ପିଇବା ପାଣି ନାହିଁ। ଆମେ ଛ' ଜଣ ଥରୁଟେ ଚେଷ୍ଟା କରିବା ନୂଆ ଜଙ୍ଗଲଟେ ତିଆରି କରିବା ପାଇଁ।'


ମୂଷା କହିଲା- 'ମୁଁ ଗାତ ଖୋଳିବି।' କପୋତମାନେ କହିଲେ- 'ଆମେ ଚାରା ଗଛ ଆଣିଦେବୁ।' ଶିକାରୀ ବୁଢ଼ା କହିଲା- 'ମୁଁ ଚାରା ଗଛରେ ପାଣି ଦେଇ ବଞ୍ଚେଇବି।' ଏଥର ତମେମାନେ ଖୁସି ତ....!

□□

ଲେଖକଙ୍କ ଇ-ମେଲ ଠିକଣା:
prema.nayak1959@gmail.com



**ପୁସ୍ତକ ସମୀକ୍ଷା**




# ଦିବ୍ୟ ଅନୁଭୂତି

**ଲେଖକ : ଜୟନ୍ତ ନାରାୟଣ ପଣ୍ଡା**

**ପ୍ରକାଶକ: ମହାବୀର ପ୍ରକାଶନ, ଭୁବନେଶ୍ୱର**

**ପୃଷ୍ଠା: ୧୬୦, ମୂଲ୍ୟ: ଟ. ୮୦**

ଲେଖକ ନିଜର ବାସ୍ତବ ଜୀବନରେ ଅନୁଭବିଥିବା ଶ୍ରୀ ଜଗନ୍ନାଥଙ୍କର ଦିବ୍ୟ ଅନୁଭୂତି ସମୂହକୁ ନେଇ ରଚନା କରିଛନ୍ତି ଆଲୋଚ୍ୟ ପୁସ୍ତକଟି। ଓଡ଼ିଶା ପ୍ରଶାସନିକ ସେବାର ଜଣେ ଅଧିକାରୀ ଭାବରେ ତାଙ୍କୁ ଏକଦା ପୁରୀ ଶ୍ରୀନ୍ଦିରର କାର୍ଯ୍ୟାଳୟରେ ସେବା ପ୍ରଦାନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା। ସେହି ସମୟରେ ସେ ଅଙ୍ଗେ ନିଭାଇଥିବା କେତେକ ଚମତ୍କାରୀ ଘଟଣାରୁ ବଡ଼ଦିଅଁଙ୍କର ଅପରୂପ ମହିମାର ନିଦର୍ଶନ ମିଳିପାରିଥିଲା। ଏହି ଘଟଣାମାନଙ୍କୁ ଏଠାରେ ନିତାନ୍ତ ସରଳ ଶୈଳୀରେ ଉପସ୍ଥାପନା କରିଛନ୍ତି ଲେଖକ। ପୁସ୍ତକଟିର ପ୍ରଥମ ସଂସ୍କରଣଟି ପୂର୍ବରୁ ପ୍ରକାଶ ପାଇ ପାଠକମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ହେବାପରେ ଏବେ ଏହାର ଦ୍ୱିତୀୟ ସଂସ୍କରଣ ମୁକ୍ତିଲାଭ କରିଛି।

ନିଜର ବାଲ୍ୟକାଳରେ ପ୍ରାପ୍ତ ହୋଇଥିବା ଅଲୌକିକ ବିଭୁ କୃପାର ଦୃଷ୍ଟାନ୍ତଠାରୁ ଆରମ୍ଭ କରି ଚାକିରୀରୁ ଅବସର ନେବାର ପରବର୍ତ୍ତୀ ସମୟର କେତେକ ଘଟଣାକୁ ଏଥିରେ ସନ୍ନିବିଷ୍ଟ ଅଧ୍ୟାୟଗୁଡ଼ିକରେ ଏକ ହୃଦୟଗ୍ରାହୀ ସ୍ୱରୂପ ଦେଇଛନ୍ତି ସ୍ୱର୍ଗତ ପଣ୍ଡା। ତେବେ ଏଥିମଧ୍ୟରୁ ଅଧିକାଂଶ ରଚନା ସେ ଶ୍ରୀମନ୍ଦିରରେ ନିୟୋଜିତ ଥିବା ସମୟର ଅନୁଭବ ଉପରେ ଆଧାରିତ।

ପୁସ୍ତକଟିରେ ବର୍ଣ୍ଣିତ କେତେକ ପ୍ରକରଣ ମଧ୍ୟରୁ କେଇଟି ଆମର ବିଶେଷ ଭାବରେ ଦୃଷ୍ଟି ଆକର୍ଷଣ କରେ ୧୯୯୬ ମସିହାର ଗୋଟିଏ ଘଟଣା। ସେତେବେଳେ ରଥ ଉପରେ ବୋଲାଯାଉଥିବା ଡାହୁକ ଗୀତର ପ୍ରତିବାଦ କରି ଲେଖକ ଏକ ଦୃଢ଼ ନିଷ୍ପତ୍ତି ନେଇଥିଲେ ଯେ ଯେତେଦିନ ପର୍ଯ୍ୟନ୍ତ ଏହି ପ୍ରଥା ବନ୍ଦ ନହୋଇଛି ସେହି ପର୍ଯ୍ୟନ୍ତ ସେ ପୁରୀ ଯିବେନାହିଁ। ଏହି ମର୍ମରେ ସେ 'ରଥଯାତ୍ରା ମୁଁ ଯିବିନି' ଶୀର୍ଷକରେ ଏକ କବିତା ମଧ୍ୟ ଲେଖିପକାଇଥିଲେ। କିନ୍ତୁ ଶ୍ରୀ ଜଗନ୍ନାଥଙ୍କ ବିଧାନ ଥିଲା ବିଚିତ୍ର। ଦୁଇବର୍ଷ ପରେ ତାଙ୍କର ବଦଳି ଆଦେଶ ଆସିଲା ଶ୍ରୀ ମନ୍ଦିରକୁ, ଏବଂ ସଂଯୋଗ ବଶତଃ ସେ ପୁରୀରେ ନିଜ ଦାୟିତ୍ୱରେ ଯୋଗ ଦେବା ପୂର୍ବରୁ ହିଁ ସରକାର ରଥଯାତ୍ରାରେ ଡାହୁକ ଗୀତର ପ୍ରଥା ବନ୍ଦ କରିବା ପାଇଁ ଏକ ଆଦେଶନାମା ଜାରି କରିଥିଲେ। ଏହି ଅନୁଭୂତିଟିକୁ ବର୍ଣ୍ଣନା କରିବାକୁ ଯାଇ ଲେଖକ କହିଛନ୍ତି-"ମନେ ପଡିଗଲା - 'ରଥଯାତ୍ରା ମୁଁ ଯିବିନି' - କବିତାର ଦାମ୍ଭିକତା। ମୋ ଦମ୍ଭକୁ ଭାଙ୍ଗି ଦେଇଥିଲେ ପ୍ରଭୋ ଜଗନ୍ନାଥ।"

ସେହିପରି ସେ ଶ୍ରୀ ମନ୍ଦିର କାର୍ଯ୍ୟାଳୟର ଦାୟିତ୍ୱରେ ଥିବାବଳେ ଏକଦା ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ଆୟୋଜନ ପାଇଁ ମନ୍ଦିର ପାଣ୍ଠିରେ ଆବଶ୍ୟକ ମୁତାବକ ଅର୍ଥ ଉପଲବ୍ଧ ନଥିବାରୁ ଗୁରୁତର ସଂକଟ ସୃଷ୍ଟି ହୋଇଥିଲା। ଏହି ପରିସ୍ଥିତିରୁ ମୁକୁଳିବା ପାଇଁ କେତେକେ ତା'ଙ୍କୁ ବ୍ୟାଙ୍କରୁ ଋଣ ଆଣିବା ପାଇଁ ପ୍ରସ୍ତାବ ଦେଇଥିଲେ। ମନ୍ଦିରକୁ ବ୍ୟାଙ୍କରୁ ଋଣ ନେବା ଭଳି ବିଡ଼ମ୍ବନାରୁ ମୁକୁଳାଇବା ପାଇଁ ଚିନ୍ତାଗ୍ରସ୍ତ ହୋଇ ସେ ବଡ଼ ଦେଉଳ ଭିତରକୁ ଯାଇ ଦିଅଁଙ୍କ ପାଖରେ ହାତଯୋଡି ମାଗୁଣି କରିଥିଲେ। ବିସ୍ମୟକର ଭାବରେ ସେହିଦିନ ହିଁ ଅଳ୍ପ ସମୟ ଭିତରେ ଦୁଇଜଣ ଭଦ୍ର ଲୋକ ଅପ୍ରତ୍ୟାଶିତ ଭାବରେ ମନ୍ଦିର କାର୍ଯ୍ୟାଳୟକୁ ଆସି ଜଗନ୍ନାଥଙ୍କ ନାମରେ ଥିବା ଜମିର ନିଲାମ ବାବଦ ଅର୍ଥ ପଇଠ କରିବାପାଇଁ ହାଇକୋର୍ଟର ନିର୍ଦ୍ଦେଶ ମୁତାବକ ଛବିଶ ଲକ୍ଷ ଟଙ୍କା ଜମା କରିଥିଲେ।

ଏହିଭଳି ଅନେକ ଅନନ୍ୟ ଅନୁଭୂତିରେ ଗରିମାମୟ ହୋଇଛି ପୁସ୍ତକଟି। ଏଥିରେ ସ୍ଥାନୀତ ଶ୍ରୀ ପତିତପାବନଙ୍କ ମହିମାର ବାସ୍ତବ ନିଦର୍ଶନମାନ ଏକୁଁ ଆରେକ ବଳି ବିହ୍ୱଳ କରିଦିଏ ପାଠକର ମନକୁ।

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଆଲୋଚନା ଚକ୍ର




କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଜୁନ୍ ୧୯ ତାରିଖ ଦିନ ଭର୍ଚୁଆଲ୍ ମାଧ୍ୟମରେ ଏକ ମନୋଜ୍ଞ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହୀ କାର୍ଯ୍ୟକ୍ରମର ଆୟୋଜକ ଥିଲେ 'ଆମେ ଓଡ଼ିଆ – ଆମ ଓଡିଶା' ଅନୁଷ୍ଠାନ ଏବଂ 'କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ'।

ଏହି ଅବସରରେ ସୁରେନ୍ଦ୍ର ମହାନ୍ତିଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱ ସଂପର୍କରେ ନିଜର ବକ୍ତବ୍ୟ ଉପସ୍ଥାପିତ କରି ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର କହିଲେ ଯେ ସ୍ୱର୍ଗତ ମହାନ୍ତି ଏକ ସୌଖୀନ ବ୍ୟକ୍ତିତ୍ୱର ଅଧିକାରୀ ହେବା ସହ, ଏକାଧାରରେ ମଧ୍ୟ ଥିଲେ ଜଣେ ସଂବେଦନଶୀଳ, ନିର୍ଭୀକ, ସତ୍ୟଶୀଳ ଏବଂ ସ୍ୱାଭିମାନୀ ପୁରୁଷ। ଏହି ଅବସରରେ ସୁରେନ୍ଦ୍ର ମହାନ୍ତିଙ୍କ ସଂପାଦନା, ସାମ୍ବାଦିକତା ଓ ସ୍ତମ୍ଭକାର ଜୀବନ ସଂପର୍କରେ ଆଲୋଚନା କରି 'ପୌରୁଷ'ର ସଂପାଦକ ଅସିତ ମହାନ୍ତି 'ସମ୍ବାଦ'ର ସାହିତ୍ୟ ପୃଷ୍ଠାରେ ସ୍ୱର୍ଗତ ମହାନ୍ତିଙ୍କ ଦ୍ୱାରା ସୃଜିତ 'ଶେଷ ସ୍ତମ୍ଭ'ର ବିବିଧ ଦିଗ ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ। ସୁବକ୍ତା ଗୁରୁପ୍ରସାଦ ମହାପାତ୍ର ସୁରେନ୍ଦ୍ର ସାହିତ୍ୟରେ ନୀଳଶୈଳ ଓ ଶ୍ରୀ ଜଗନ୍ନାଥ ତତ୍ତ୍ୱ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। 'କଥାକାର ଅଡିଓ ବୁକ୍ସ'ର ପ୍ରତିଷ୍ଠାତା ସୁଖେନ୍ଦୁ ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତିଙ୍କ କଥା ସମ୍ଭାରକୁ ନେଇ ଅଡିଓ ବୁକ୍ ପ୍ରସ୍ତୁତି ସଂପର୍କରେ ନିଜର ଅନୁଭବ ଜଣାଇଥିଲେ। ଅବଶେଷରେ ଲୋପାମୁଦ୍ରା ମହାନ୍ତି ପିତୃ ଦିବସ ଅବସରରେ ନିଜର ଯଶସ୍ୱୀ ପିତା ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ତରଙ୍ଗ ସ୍ମୃତିଚାରଣ କରିଥିଲେ।

## ଭୁବନେଶ୍ୱରରେ ସ୍ୱାଧୀନତୋତ୍ତର ସଂସ୍କୃତ ସାହିତ୍ୟ ସମ୍ପର୍କରେ ସେମିନାର




ଉତ୍କଳ ବିଶ୍ୱବିଦ୍ୟାଳୟ, ସଂସ୍କୃତ ବିଭାଗର ଆନୁକୂଲ୍ୟରେ ମଇ ୩୧ ତାରିଖ ଦିନ 'ସ୍ୱାଧୀନତୋତ୍ତର ଯୁଗର ସୃଜନାତ୍ମକ ସଂସ୍କୃତ ସାହିତ୍ୟ' ବିଷୟରେ ଏକ ଦୁଇ-ଦିନିଆ ଜାତୀୟ ସେମିନାର୍ ଅନୁଷ୍ଠିତ ହୋଇଯାଇଛି।

ଏହି ଆଲୋଚନା-ଚକ୍ରକୁ ଉଦ୍ଘାଟନ କରି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଥିଲେ ଯେ ଏବେକାର ସଂସ୍କୃତ ଭାଷାର ଲେଖକମାନେ ଆଧୁନିକ ଯୁଗର ସର୍ଜନାତ୍ମକ ଆବଶ୍ୟକତାଗୁଡ଼ିକର ମୁକାବିଲା ପାଇଁ ଆଗେଇ ଆସିବା ଉଚିତ। ପାଟନା ସ୍ଥିତ ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ନିଜ ବକ୍ତବ୍ୟରେ ସ୍ୱାଧୀନୋତ୍ତର ସଂସ୍କୃତ ସାହିତ୍ୟରେ ନାରୀବାଦୀ ଚେତନାର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଭାଷାବିତ ପଣ୍ଡିତ ଡ଼. ଅନ୍ତର୍ଯ୍ୟାମୀ ମିଶ୍ର ସ୍ୱାଧୀନତା ପରବର୍ତ୍ତୀ ସଂସ୍କୃତ ସାହିତ୍ୟକୁ ସମୃଦ୍ଧ କରିବାରେ ଓଡ଼ିଶାର ଅନେକ ସୃଜନଶୀଳ ସ୍ରଷ୍ଟାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। କିସ୍ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ସଂସ୍କୃତ ସାହିତ୍ୟରେ ଆଧୁନିକ ଭାବଧାରାର ପ୍ରବର୍ତ୍ତକ ଭାବରେ ଶ୍ରୀ ଜୟଦେବଙ୍କୁ ଶ୍ରେୟ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମଟିର ପ୍ରାରମ୍ଭରେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ବିଭାଗାଧ୍ୟକ୍ଷ ପ୍ରଫେସର ସୁବାସ ଚନ୍ଦ୍ର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

# ଶେଷ ପୃଷ୍ଠା



ପ୍ରଶାନ୍ତ ଭୂଷଣ

# କୁମ୍ଭିଳକ *

"ଘେନାଇ ଯେତେ ଆମ୍ଭେ କହିଲୁ ରେ।"
ପିଲାଟି ଦିନରୁ ବେତାର ଯନ୍ତ୍ରରୁ ଶୁଣି ଆସିଥିବା ଏଇ କେତେ ପଦ ଏବେ ଅଙ୍ଗେ ନିଭେଇବାରେ ଲାଗିଛି। ଏଇ ପଦିକ ବୋଲିଲା ବେଳେ କବିସୂର୍ଯ୍ୟଙ୍କୁ ଝୁରୁଛି। କିସ ସମଝି ସେହି ଯୋଗଜନ୍ମା ଏଇ ସବୁ ଲେଖି ଯାଇଥିଲେ। ଏବେ ମୋତେ ଆମ ଓଡ଼ିଆ କବି କୋବିଦଙ୍କୁ ଏଇ କଥା ସମଝାଇବାରେ ଲାଗିଛି। ହେଲେ ଶୁଣୁଛି କିଏ; ବୁଝୁଛି କିଏ। ଜଗତେ କେବଳ !

ଆଜ୍ଞା; ନେଇ ଆଣି ଥୋଇ ଜାଣିଲେ ଚୋରି ବିଦ୍ୟା ଭଲ; ଅଲ୍‌ବତ୍ ଭଲ। ହେଲେ ଯେଉଁମନ୍ତେ କହିଥିଲି ଯେ; ଲେଖିବା ଲୋକ ତ ନିଜର କିଛି ପ୍ରସଙ୍ଗକୁ ନେଇ ଏଇ କଥା ଲେଖିଦେଇ ପରପାରିକୁ ଚାଲିଗଲେ। ହେଲେ, 'ମଲୁ ଲୋଡୁଥିଲା କାକର ପାଣି, ବଇଦ ବୋଇଲା ଦେ ତୋରାଣୀ', ପ୍ରାୟେକ, ଏଇ କଥାକୁ କିଛି କାଣ୍ଡୁଆ, ଅଜ୍ଞ, ଭକୁଆ, ବାଇଲ, ଜଡ଼ଭରତ, ଜନମବାଉଳା, ନିର୍ଗ୍ରନ୍ଥ, ହାବା, ଅକା, ଅତିଗବ, ଅପାଣ୍ଡୁକ, ଆଉଡ଼ା, ଓଲୁ, ପ୍ରଭୃତି... ନିଜନିଜର କାମରେ ଲଗାଇ ଚାଲିଲେ।

ହେ ମୋର ଅତିପଣ୍ଡିତଗଣ...!

ମୁଁ ଶୁଣିବାରେ; ଡାହୁକ ବୋଲି ରଥଯାତ୍ରା ବେଳେ ଶୁଣିବାକୁ ମିଳେ, ନିତିପ୍ରତି ପ୍ରଭାତ ବନ୍ଦନା ଅଥବା ସନ୍ଧ୍ୟା ଆଳତୀ ବେଳେ ନୁହେଁ। କାମସୂତ୍ର ଏକ ବିଜ୍ଞାନ ହେଲେ ଏହାକୁ ବିଦ୍ୟାଳୟର ପାଠାଗାରରେ ସାଇତି ରଖା ହୁଏ ନାହିଁ। ଆଜିର ଏଇ 'କୁମ୍ଭିଳକ' ପ୍ରସଙ୍ଗରେ ଲେଖିଲା ବେଳକୁ ମନଟା ସିଂଘାରିବାକୁ ଯାଉନି, କିନ୍ତୁ ଆପଣା ଭାଷାଭାଷୀ ସାହିତ୍ୟିକ ସମାଜର ଯେଉଁମାନେ ଏଥିରେ ମଗ୍ନ ଅଛନ୍ତି ସେମାନଙ୍କ କଥା ଭାବି ମନରେ ପୀଡ଼ା ହେଉଛି। ଶବ୍ଦଚୌର୍ଯ୍ୟଙ୍କ ଉତ୍ପାତ ଏବକାର କଥା ନୁହଁ ଓଡ଼ିଆ ସାହିତ୍ୟ ସଂସାରରେ; ଏହା ସଂକ୍ରମିତ ଅନେକ ବର୍ଷରୁ। ଅନେକ ଆଗଧାଡ଼ିଆ ମଧ୍ୟ ଏଥିରେ କୌତୁକ ଅନୁଭବ କରୁଛନ୍ତି ଓ ସମ୍ମାନ ଲୁଟୁଛନ୍ତି।

ଆଖିପାଣି ଆଖିରେ ମରିଛି ଏଥିପାଇଁ ଯେ, ପ୍ରକାଶନ ଓ ସଞ୍ଚାର (ଫେସ୍‌ବୁକ୍, ଟ୍ୱିଟର୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟ୍‌ସ୍‌ଆପ୍, ସମ୍ବାଦପତ୍ର, ପ୍ରଭୃତି) ମାଧ୍ୟମରେ ଶବ୍ଦଚୌର୍ଯ୍ୟଙ୍କ ଦୌରାତ୍ମ୍ୟ ନିତିଦିନିଆ। ଅନ୍ୟ ସଞ୍ଚାର ମାଧ୍ୟମ, ଭାଷା, ଲିପିବଦ୍ଧ ସଂଗ୍ରହରୁ ଉତାରି ଆଣି ସେଥିରେ ନୂଆ ଆବରଣ ଓ ଅଳଙ୍କରଣ ଦେଇ ନିଜ ନାମରେ ଛାପିବାରେ ଲାଗିଛନ୍ତି। ଏଇମାନଙ୍କ ଲେଖା ପ୍ରକାଶ କଲାବେଳେ ସମ୍ପାଦକ ଓ ସଂଗ୍ରହକର୍ତ୍ତା ଲେଖା ବଦଳରେ ସେମାନଙ୍କ ମୁହଁକୁ ଦେଖି ମୋହଗ୍ରସ୍ତ ହୋଇ ଛାପିବାରେ ଅକାର୍ପଣ୍ୟ ହୁଅନ୍ତି।

ଏବେ ସେଥିରେ ସହାୟକ ହେଉଛି ଗୁଗୁଲ୍‌ର ଲିପି ନ୍ୟାସ ପ୍ରକ୍ରିୟା। ଏଇ କୁମ୍ଭିଳକ ଗୋଷ୍ଠୀ ପୃଥିବୀର ବିଭିନ୍ନ ଭାଷାଭାଷୀ ପୁରାତନ ସାହିତ୍ୟ ସଂଗ୍ରହକୁ ପ୍ରଥମେ ଲିପ୍ୟନ୍ତରଣ ପ୍ରକ୍ରିୟାରେ ଇଂରାଜୀକୁ ଓ ତାପରେ ଓଡ଼ିଆକୁ ବଦଳାଇ; ସେଥିରେ ଅକ୍ଷରଚଣ ଭାବବୋଧ ନେଇ ତାହା ନିଜର ଆଲେଖ୍ୟ ବୋଲି ପ୍ରଚାର ଓ ପ୍ରସାର କରିବାରେ ହିଁ ସାହିତ୍ୟ ସାଧନା ବୋଲି ମାନି ନେଇଛନ୍ତି।

ଦଶ ପନ୍ଦର ବର୍ଷ ହେଲା ସାହିତ୍ୟ ତ୍ରିଭୁଜର ଶୀର୍ଷବିନ୍ଦୁରେ ଥିବା ଅନେକ ଲେଖକ, ପ୍ରକାଶକ ଓ ପାଠକ ତଥା କେନ୍ଦ୍ରସ୍ଥ ସମୀକ୍ଷକଗଣଙ୍କୁ ଲେଖି, ବୁଝାଇ, ଶୁଣାଇ ଚାଲିଛି ଏଇ ଅଠର ଭାରତ କଥା; ହେଲେ ଆମ ଅନୁରୋଧର ଖାତିର୍ ନଦାରଦ। ଏଣୁ ଆମ ଭାଷା ଓ ଅକ୍ଷରକୁ ଏଇ ଶବ୍ଦଚୌର୍ଯ୍ୟ କୁମ୍ଭିଳକଗଣଙ୍କ ଠାରୁ ବଞ୍ଚାଇବାର ଏକ ଅଭିଯାନରେ ଆମ୍ଭେ ଅହରହ ସଂଗ୍ରାମରତ; ଯଦି ଆପଣ ଆମ୍ଭର ଏହି ଆଶୟାର୍ଥ ସମଝି ପାରୁଛନ୍ତି ତେବେ ଆସନ୍ତୁ, ଗୂଢ଼ପଥରେ।
ଅଳମତିବିସ୍ତରେଣ।

-ପ୍ରଭୂ

* **କୁମ୍ଭିଳକ** – ଶ୍ଳୋକାର୍ଥ ଚୌର, ଯେଉଁ ବ୍ୟକ୍ତି ପର ରଚିତ ଭାବ ବା ଶ୍ଳୋକାଂଶକୁ ଚୋରି କରି ଶ୍ଳୋକରଚନା କରେ।












# GUNJAN Cards

NEAR PLATFORM #6 BBSR

**WE HAVE NO BRANCH**

www.gunjancards.in
gunjancards@gmail.com

421, Old Station Bazar, Bhubaneswar-751006, Tel: +91 9337125300

Jugaad Corner





Jugaad Corner deals with supplies of raw bases for art and craft purposes for artists and Crafters PAN India.





www.jugaadcorner.com
www.facebook.com/jugaadcorner
www.instagram.com/jugaadcorner



We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers
deals with art and craft finished products and orders even accepted on çustomizations.



www.blessedfingers.com
www.facebook.com/theblessedfingers
www.instagram.com/theblessedfingers





Blessed Fingers




Printed & Published by Nihar Ranjan Satpathy on behalf of Nihar Ranjan Satpathy and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019. Editor : Nihar Ranjan Satpathy